# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨୯/୨୦୨୦ (୨୦ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 29/2020 | ★★★★★★

୪୬ଶ ଭାଗ ୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ମାଗାଜିନ୍ ପାଇଁ ସୋନାକ୍ଷୀଙ୍କ ଫଟୋଶୁଟ୍

ବଲିଉଡ୍ ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ପିକକ୍ ମାଗାଜିନ ପାଇଁ ଫଟୋଶୁଟ୍ କରିବା ପରେ ଏହାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ତାଙ୍କ ଗ୍ଲାମରସ ଲୁକ୍ ଦେଖିବାକୁ ମିଳିଛି।

୧୪

୧୮

## ମନୀଷାଙ୍କୁ ସ୍ୱର୍ଣ୍ଣ ପଦକ

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି ସମ୍ବଲପୁର ବିଶ୍ୱବିଦ୍ୟାଳୟର ମନୀଷା ମେରେଲ।





ଭବ୍ୟ ଭୋଜନ: ନବୀନ ନିବାସରେ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଓଡ଼ିଆ ସୁସ୍ୱାଦୁ ଖାଦ୍ୟ ଦେଇ ଆପ୍ୟାୟିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। **(ରିପୋର୍ଟ: ପୃଷ୍ଠା-୫)**

# 'ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ମାନ୍ୟତା ଦିଅ'

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ମାନ୍ୟତା ଦେବାକୁ ଶୁକ୍ରବାର ଲୋକସେବା ଭବନଠାରେ ଅନୁଷ୍ଠିତ ୨୪ ତମ ପୂର୍ବାଞ୍ଚଳ ଜୋନ ବୈଠକରେ ଦାବି କରିଛନ୍ତି। ଓଡ଼ିଶା ସବୁ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହେଉଛି। ପ୍ରାକୃତିକ ବିପତ୍ତି ପ୍ରବଣ ମାନଦଣ୍ଡ(କ୍ରାଇଟେରିଆ)କୁ ନେଇ ଓଡ଼ିଶାକୁ ସ୍ପେଶାଲ ଫୋକସ ରାଜ୍ୟ ମାନ୍ୟତା ଦେବା ନେଇ ବିଚାର କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଆଗରେ ଦାବି ଉପସ୍ଥାପନ କରିଛନ୍ତି । ବୈଠକ ଆରମ୍ଭରେ ସ୍ୱାଗତ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଗତ ଫନୀ ବାତ୍ୟା ବେଳେ ସହଯୋଗ ପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ରେଳ ପ୍ରକଳ୍ପକୁ ନେଇ ନିଜର ଉଦ୍‌ବେଗ କେନ୍ଦ୍ରକୁ ଜଣାଇଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର ରେଳ ପ୍ରକଳ୍ପ ପାଇଁ ମାଗଣାରେ ଜମିଦେବା ସହ ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ ଅର୍ଥ ଦେବାକୁ ରାଜି ହୋଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁ ନାହିଁ। ଧାନ ସହାୟତା ରାଶି ମିଳୁ ନ ଥିବାରୁ ଚାଷୀମାନଙ୍କ ପାଇଁ ବଡ ସମସ୍ୟା ସୃଷ୍ଟି ହୋଇଛି। ଟେଲିଯୋଗାଯୋଗକୁ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯଦି ସମଗ୍ର ଦେଶକୁ ଧରାଯାଏ ତେବେ କେନ୍ଦ୍ର ତାଲିକାରେ ପୂର୍ବାଞ୍ଚଳ ଟେଲିଭିତ୍ତିଭୂମି, ବ୍ୟାଙ୍କ, ରେଳ ଏବଂ ରାସ୍ତା ଆଦିର ସାନ୍ଦ୍ରତା କ୍ଷେତ୍ରରେ ବହୁ ପଛରେ ରହିଛି। ଏହି ଅଞ୍ଚଳ ପାଇଁ କେନ୍ଦ୍ରୀୟ ଅନୁଦାନ ଦୁଇଗୁଣା ହେବା ଦରକାର। ଦେଶକୁ ପ୍ରଚୁର ଖଣିଜ ସମ୍ପଦ, ଶକ୍ତି ସୁରକ୍ଷା ଯୋଗାଇବାରେ ପୂର୍ବାଞ୍ଚଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛି। ଏହାର ଫଳ ଏହି ଅଞ୍ଚଳ ଏବଂ ଲୋକମାନଙ୍କର ଆର୍ଥିକ ଅଭିବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇପାରିବ। ୨୦୧୨ରୁ କୋଇଲା ରୟାଲ୍‌ଟି ସଂଶୋଧନ କରାଯାଇ ନାହିଁ। ତୁରନ୍ତ କୋଇଲା ରୟାଲ୍‌ଟି ବୃଦ୍ଧି କରିବାକୁ ନବୀନ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ଏଥିସହିତ କ୍ଲିନ ଏନର୍ଜି ସେସ୍ ରାଜ୍ୟକୁ ଦେବା ଲାଗି ଦାବି କରିଛନ୍ତି। ପୂର୍ବାଞ୍ଚଳ ରାଜ୍ୟଗୁଡିକ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିବା ଉପରେ ନବୀନ ଜୋର ଦେଇଥିଲେ। ଆମ ରାଜ୍ୟ ଆଦିବାସୀ ବହୁଳ ହୋଇଥିବାରୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ହୋ, ଭୂମିଜ ଏବଂ ମୁଣ୍ଡାରୀ ଆଦିବାସୀ ଭାଷାକୁ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ଦାବି କରିଛନ୍ତି। ରାଜ୍ୟ-ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଉତ୍ତମ ସମ୍ପର୍କ ଏବଂ ଜାତୀୟ ସଂହତି ବଜାୟ ରଖିବା ହେଉଛି ଏହି ବୈଠକର ମୂଳ ଲକ୍ଷ୍ୟ। ଆର୍ଥିକ, ଭିତ୍ତିଭୂମି, ବୈଷୟିକ ସଂହତି ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଆବେଗପୂର୍ଣ୍ଣ ସଂହତିକୁ ମଜଭୁତ କରିଥାଏ ବୋଲି ନବୀନ କହିଛନ୍ତି।

ବୈଠକରେ ଅଧ୍ୟକ୍ଷତା କରି ଶାହା ପରିଷଦର ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହ କେନ୍ଦ୍ର-ରାଜ୍ୟ ଓ ଆନ୍ତଃରାଜ୍ୟ ପ୍ରସଙ୍ଗର ସହମତି ଭିତ୍ତିରେ ସମାଧାନ ଦିଗରେ ଏହି ବୈଠକ ଫଳପ୍ରଦ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଙ୍କଳ୍ପ ଆଧାରରେ ବ୍ୟାପକ ବିଚାର ଆଲୋଚନା ପରେ ସହମତି ଭିତ୍ତିରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେବା ଉଚିତ। ଏହାଦ୍ୱାରା ଦେଶର ସଂଘୀୟ ଢାଞ୍ଚା ଆହୁରି ସୁଦୃଢ଼ ହୋଇପାରିବ। ଆଞ୍ଚଳିକ ପରିଷଦ ବ୍ୟବସ୍ଥା ☞ପୃଷ୍ଠା-୪

### ପୂର୍ବାଞ୍ଚଳ ଜୋନ୍ ପରିଷଦ ବୈଠକ

- କୋଇଲା ରୟାଲ୍‌ଟି ସଂଶୋଧନ, କ୍ଲିନ୍ ଏନର୍ଜି ସେସ୍ ପ୍ରସଙ୍ଗ ଉଠାଇଲେ ନବୀନ
- କେନ୍ଦ୍ର-ରାଜ୍ୟ ଓ ଆନ୍ତଃରାଜ୍ୟ ପ୍ରସଙ୍ଗ ସହମତି ଭିତ୍ତିରେ ସମାଧାନ ହେବ: ଶାହା
- ଏନ୍‌ଆର୍‌ସି, ଏନ୍‌ପିଆର୍ ଏଜେଣ୍ଡାରେ ନ ଥିଲା: ମମତା

## ହୋମଗାର୍ଡଙ୍କୁ ଦୈନିକ ମଜୁରି ୫ଶହ ଟଙ୍କା ଦିଅ: ହାଇକୋର୍ଟ | ପୃଷ୍ଠା ୪

# ଏଥର ରେକର୍ଡ ଭାଙ୍ଗିବ ତାତି

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ଚଳିତ ବର୍ଷ ରାଜ୍ୟରେ ପ୍ରଚଣ୍ଡ ଖରା ହେବ। କେବଳ ଓଡ଼ିଶା ନୁହେଁ, ଦେଶର କୋର୍ ହିଟ୍ ୱେଭ୍ ଜୋନ୍‌ରେ ଆସୁଥିବା ବିଭିନ୍ନ ରାଜ୍ୟରେ ଏହା ଅନୁଭବ ହେବ। ମାର୍ଚ୍ଚ, ଏପ୍ରିଲ୍ ଓ ମେ'ରେ ପୂର୍ବରୁ ଯେତେ ସବୁ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଛି ତାହା ଚଳିତବର୍ଷ ଟପିଯିବ ବୋଲି କୁହାଯାଉଛି। ଉଭୟ ଭୂ-ବିଜ୍ଞାନ ମନ୍ତ୍ରଣାଳୟ ଓ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଏହି ପୂର୍ବାନୁମାନ କରିଛନ୍ତି। କୋର ହିଟ୍ ୱେଭ୍ ଜୋନ୍‌ରେ ଆସୁଥିବା ରାଜ୍ୟଗୁଡ଼ିକ ହେଲା ରାଜସ୍ଥାନ, ଦିଲ୍ଲୀ, ଗୁଜରାଟ, ଉତ୍ତରପ୍ରଦେଶ, ହରିୟାଣା, ଛତିଶଗଡ଼, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ☞ପୃଷ୍ଠା-୪

### ଭୂ-ବିଜ୍ଞାନ ମନ୍ତ୍ରଣାଳୟ, ଆଇଏମ୍‌ଡିର ପୂର୍ବାନୁମାନ

- ପଶ୍ଚିମ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ହେବ ପ୍ରବଳ ଖରା
- ଉପକୂଳ ଓଡ଼ିଶାରେ ଖରା ସାଙ୍ଗକୁ ଗୁଳୁଗୁଳି

# ଦିଲ୍ଲୀ ଦଙ୍ଗା: ମୃତ୍ୟୁସଂଖ୍ୟା ୪୩

ନୂଆଦିଲ୍ଲୀ,୨୮।୨(ପି.ଟି.)

କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦିଲ୍ଲୀରେ ଚାଲିଥିବା ସଂଘର୍ଷରେ ମୃତ୍ୟୁସଂଖ୍ୟା ୪୩ ଛୁଇଁଛି। ଗୁରୁବାର ସୁଦ୍ଧା ୩୮ ଜଣଙ୍କ ଜୀବନ ଯାଇଥିବାବେଳେ ଶୁକ୍ରବାର ଗୁରୁ ତେଗ୍ ବାହାଦୁର (ଜିଟିବି) ହସ୍ପିଟାଲରେ ଆଉ ୫ ଜଣଙ୍କ ମୃତ୍ୟୁ ଘଟିଛି। ଜାଫରାବାଦ, ମୌଜପୁର, ଚାନ୍ଦବାଗ, ଖୁରେଜି ଖାସ ଓ ଭଜନପୁରା ଅଞ୍ଚଳରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗାରେ ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଲୋକନାୟକ ଜୟପ୍ରକାଶ ହସ୍ପିଟାଲ ଓ ଜଗ୍ ପ୍ରବେଶ ଚନ୍ଦ୍ର ହସ୍ପିଟାଲରେ ଆହୁରି ଅନେକ ଗୁଳିବିଦ୍ଧ ପୀଡ଼ିତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆଗକୁ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଶୁକ୍ରବାର ଉତ୍ତର-ପୂର୍ବ ଦିଲ୍ଲୀର ଜାଫରାବାଦର ଦଙ୍ଗାଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ମହିଳାମାନଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ରେଖା କହିଛନ୍ତି, ସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। କିନ୍ତୁ ଅନେକ ସ୍ଥାନରେ ଉତ୍ତେଜନା ପ୍ରଶମିତ ହୋଇନାହିଁ। ସେ ଶନିବାର ମଧ୍ୟ ଆଉ କେତେକ ଅଞ୍ଚଳକୁ ଯାଇ ସ୍ଥିତି ସମୀକ୍ଷା କରିବେ ବୋଲି କହିଛନ୍ତି। ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜାଲ ମଧ୍ୟ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଅନ୍ୟପକ୍ଷରେ ସାମ୍ପ୍ରଦାୟିକ ଦଙ୍ଗାରେ ୪୩ ଜଣଙ୍କ ଜୀବନ ଚାଲିଯିବା ପରେ ମଧ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସାଧାରଣରେ ଏହାକୁ ନେଇ କୌଣସି ବକ୍ତବ୍ୟ ରଖି ନ ଥିବାରୁ ଏନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ।


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ବିଜ୍ଞାପନ

ଏତଦ୍‌ଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ଅସ୍ଥାୟୀ ପରମିଟ୍ ପ୍ରାପ୍ତି ନିମନ୍ତେ ବସ୍ ମାଲିକମାନେ ପ୍ରସ୍ତାବିତ ସମୟ ସହ ଦରଖାସ୍ତ କରିଅଛନ୍ତି । ଉକ୍ତ ବସ୍‌ଗୁଡିକର ରେଜିଷ୍ଟ୍ରେସନ୍ ନମ୍ବର, ମାଲିକଙ୍କ ନାମ, ଆବେଦନ କରିଥିବା route ଏବଂ timing ପରିବହନ କମିଶନରଙ୍କର Website : www.odishatransport.gov.in / orissatransport.nic.in ରେ ଉପଲବ୍ଧ । ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହେଲେ Odisha Permit Management System (OPMS) ରେ ବସ୍ ମାଲିକମାନେ ଆପତି ଦାଖଲ କରିପାରିବେ । ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ ।

ଉପରୋକ୍ତ ଦରଖାସ୍ତଗୁଡିକର ଶୁଣାଣୀ ପରିବହନ କମିଶନରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ୭ମ ମହଲା, ରାଜସ୍ୱପର୍ଷଦ ଭବନ, କଟକ ଠାରେ ନିମ୍ନମତେ କରାଯିବ ।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ ରୁ ୧୦୦ | ୦୬.୦୩.୨୦୨୦ | ୧ ରୁ ୫୦ – ୧୧ ଘଟିକା<br>୫୧ରୁ ୧୦୦ – ୩ ଘଟିକା |
| ୧୦୧ ରୁ ୨୦୦ | ୦୭.୦୩.୨୦୨୦ | ୧୦୧ ରୁ ୧୫୦ – ୧୧ ଘଟିକା<br>୧୫୧ ରୁ ୨୦୦ – ୩ ଘଟିକା |
| ୨୦୧ ରୁ ୩୦୦ | ୧୬.୦୩.୨୦୨୦ | ୨୦୧ ରୁ ୨୫୦ – ୧୧ ଘଟିକା<br>୨୫୧ରୁ ୩୦୦ – ୩ ଘଟିକା |
| ୩୦୧ ରୁ ୩୮୭ | ୧୭.୦୩.୨୦୨୦ | ଦିବା ୧୧ ଘଟିକା |

ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ଦ୍ୱାରା ଆୟୋଜିତ ୨୮୭ ତମ ବୈଠକର ନିଷ୍ପତି ଅନୁଯାୟୀ ନିର୍ଦ୍ଦିଷ୍ଟ ଆନ୍ତଃଜିଲ୍ଲା ମାର୍ଗ ସବିରାମ ଯାତ୍ରୀବାହୀ ଯାନ ଅସ୍ଥାୟୀ ଅନୁମତି ପତ୍ର ନିମନ୍ତେ ପ୍ରଥମ ଦରଖାସ୍ତ ଦାଖଲ ହେବା ଦିନଠାରୁ ୩ ମାସ ମଧ୍ୟରେ ଦାଖଲ ହୋଇଥିବା ଆବେଦନ ପତ୍ରଗୁଡିକୁ କିମ୍ବା ଶୁଣାଣୀ ଦିବସ ଧାର୍ଯ୍ୟ ଦିନ ପର୍ଯ୍ୟନ୍ତ ପାଇଥିବା (ଯେଉଁଟି ଆଗ) ଆବେଦନ ପତ୍ରଗୁଡିକ ଏକ ସଙ୍ଗେ ବିଚାରକୁ ନିଆଯିବ । ଉକ୍ତ ଦିବସ ପରେ ଦାଖଲ ହୋଇଥିବା ଦରଖାସ୍ତ ଏକ ସଙ୍ଗେ ବିଚାରକୁ ନିଆଯିବ ନାହିଁ ।

ଏଥି ନିମନ୍ତେ ଦରଖାସ୍ତ ଏବଂ ଆପତି କରିଥିବା ବସ୍‌ମାଲିକମାନେ ଉକ୍ତ ଦିନ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିଜର ପକ୍ଷ ଲିଖିତ ଭାବେ ଏବଂ ମୌଖିକ ଭାବେ ରଖିପାରିବେ । ଦରଖାସ୍ତ କରିଥିବା ବସ୍‌ର Operational Staus ପ୍ରମାଣପତ୍ର, ଦରଖାସ୍ତ ଏବଂ ଆପତି କରିଥିବା ବ୍ୟକ୍ତି ଏବଂ କ୍ଷମତାପ୍ରାପ୍ତ ବ୍ୟକ୍ତି ନିଜର ମୂଳ ପରିଚୟପତ୍ର ଏବଂ କ୍ଷମତା ପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ।

ସଚିବ,
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ


### ସିଏଏ ସପକ୍ଷରେ ଭାଜପାର ଜନସମାବେଶ

## ବଦଳିଲା ଶାହାଙ୍କ ସ୍ୱର



୯

### ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

## ସମ୍ପର୍କର ଫାଇଦା


Vencobb Fresh Chicken — Taste the difference!

28.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 38 | 77 | 87 |
| DKL | 39 | 79 | 89 |
| BDK | 40 | 80 | 90 |
| BLS | 42 | 83 | 93 |
| ANG | 40 | 80 | 90 |
| BMP | 37 | 76 | 86 |

*Conditions Apply

Issued in the Interest of Consumers






ଯନ୍ତରମନ୍ତରରେ ବିକ୍ଷୋଭ ଚାଲିଥିବାବେଳେ ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଓ ଅନ୍ୟମାନେ ଉପସ୍ଥିତ।


ଦିଲ୍ଲୀର ଚାନ୍ଦବାଗରେ ସ୍ୱାଭାବିକ ହେଉଛି ଜୀବନଯାତ୍ରା।


ଏକ ମାର୍କେଟ ଏରିଆ ଜନଶୂନ୍ୟ ହୋଇଯାଇଥିବାବେଳେ ସେଠାରେ ଜାତୀୟ ପତାକା ଉଡୁଛି।


ମୁସ୍ତାଫା ଅଞ୍ଚଳରେ ଦଙ୍ଗା ପ୍ରଭାବିତଙ୍କ ପାଇଁ ଚା ତିଆରି କରୁଛନ୍ତି ସ୍ୱେଚ୍ଛାସେବୀ।

# ଟ୍ରାକ୍‌କୁ ଫେରୁଛି ରାଜଧାନୀ

ନୂଆଦିଲ୍ଲୀ,୨୮।୨

ପାଞ୍ଚଦିନ ପରେ ଦିଲ୍ଲୀବାସୀଙ୍କୁ ମିଳିଛି ସାମାନ୍ୟ ଆଶ୍ୱସ୍ତି। ସାମ୍ପ୍ରଦାୟିକ ଦଙ୍ଗାରେ ୪୩ ଜଣଙ୍କ ଜୀବନ ଚାଲିଯିବା ଉତ୍ତାରୁ କେତେକ ଅଞ୍ଚଳରେ ଧୀରେ ଧୀରେ ଶାନ୍ତି ଫେରୁଥିବା ପରିଲକ୍ଷିତ ହୋଇଛି। ସମୟ ଗଡ଼ିଚାଲିବା ସହ ଟ୍ରାକ୍‌କୁ ଫେରୁଛି ଜାତୀୟ ରାଜଧାନୀ। ଲୋକେ ନିଜ ନିଜ କର୍ମକ୍ଷେତ୍ରକୁ ବାହାରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ରାସ୍ତାଘାଟରେ ଦେଖିବାକୁ ମିଳୁଛି ଧ୍ୱଂସର ବିଭୀଷିକା। ଦଙ୍ଗାକାରୀମାନେ କେଉଁଠି ଘର, ସ୍କୁଲ ଓ ଯାନବାହାନ ଆଦି ପୋଡ଼ି ଦେଇଥିବାବେଳେ ଆଉ କେଉଁ ସ୍ଥାନରେ ଦଙ୍ଗାରେ ବ୍ୟବହାର ପାଇଁ ରଖାଯାଇଥିବା ଟେକାପଥର, ପେଟ୍ରୋଲ ବୋମା ଓ ଅନ୍ୟ ମାରଣାସ୍ତ୍ର ଦେଖିବାକୁ ମିଳିଛି। ସିସିଟିଭି ଓ ଡ୍ରୋନ୍ କ୍ୟାମେରାରୁ ସଂଗୃହୀତ ଦୃଶ୍ୟର ଫୁଟେଜକୁ ଛାନଭିନ କରାଯାଉଛି। ଦଙ୍ଗା ପୀଡ଼ିତମାନେ କାନ୍ଦି କାନ୍ଦି ନିଜ ନିଜ ଦୁଃଖର କାହାଣୀ ବଖାଣୁଥିବାବେଳେ ବିଗତ ୬୦ ଘଣ୍ଟା ମଧ୍ୟରେ କେଉଁଠି ବି ହିଂସା ଘଟି ନ ଥିବା ଦାବି କରିଛି ଦିଲ୍ଲୀ ପୋଲିସ। ବର୍ତ୍ତମାନ ଦିଲ୍ଲୀକୁ ପୂର୍ବ ଭଳି ଶାନ୍ତ କରିବା ଓ ଦଙ୍ଗା ପ୍ରଭାବିତ ଲୋକଙ୍କ ପୁନର୍ବାସ ଓ ଥଇଥାନ ପୋଲିସ ପ୍ରଶାସନ ପାଇଁ ପାଲଟିଛି ସବୁଠୁ ବଡ଼ ଚ୍ୟାଲେଞ୍ଜ।

ରାଜଧାନୀ ଦିଲ୍ଲୀରେ ଏପରି ଦଙ୍ଗା ୩ ଦଶନ୍ଧି ମଧ୍ୟରେ ଦେଖିବାକୁ ମିଳି ନ ଥିଲା। ଦୁଇ ସମ୍ପ୍ରଦାୟ ମଧ୍ୟରେ ଘଟିଥିବା ସଂଘର୍ଷ, ହିଂସା ଓ ଜଳାପୋଡ଼ାରେ କେତେ କ୍ଷୟକ୍ଷତି ହୋଇଛି ତା' ଉପରୁ କ୍ରମଶଃ ଧୂଆଁର ବାଦଲ ଉଠୁଛି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ବୁଲି ମସ୍‌ଜିଦଗୁଡ଼ିକର ଇମାମ ଓ ମୌଲବୀମାନଙ୍କୁ ଭେଟୁଛନ୍ତି। ଶୁକ୍ରବାର ମସ୍‌ଜିଦଗୁଡ଼ିକରେ ପ୍ରାର୍ଥନା ଅବସରରେ କଡ଼ା ନଜର ରଖାଯାଇଛି। ସେମାନେ ଖୁବ୍‌ଶୀଘ୍ର ଶାନ୍ତି ଫେରାଇ ଆଣିବାର ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି। ଇତିମଧ୍ୟରେ ପ୍ରାୟ ୧୫୦ ମାମଲା ରୁଜୁ କରାଯାଇଥିବାବେଳେ ୬୩୦ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି କିମ୍ବା ଅଟକ ରଖାଯାଇଛି। ବରିଷ୍ଠ ଆଇପିଏସ୍ ଅଫିସର ଏସ୍.ଏନ୍. ଶ୍ରୀବାସ୍ତବଙ୍କୁ ଦିଲ୍ଲୀ ପୋଲିସର ନୂଆ କମିଶନର ଭାବେ ଦାୟିତ୍ୱ ଦିଆଯାଉଛି। ଅବସର ନେବାକୁ ଯାଉଥିବା ବରିଷ୍ଠ ଓଡ଼ିଆ ଆଇପିଏସ୍ ଅଧିକାରୀ ଅମୂଲ୍ୟ ପଟ୍ଟନାୟକଙ୍କ ସ୍ଥାନରେ ତାଙ୍କୁ ଅବସ୍ଥାପିତ କରାଯାଇଛି। ଶ୍ରୀବାସ୍ତବ ପୋଲିସ କମିଶନର ସହ ସ୍ୱତନ୍ତ୍ର ସିପି ଭାବେ ଅତିରିକ୍ତ ଦାୟିତ୍ୱ ବହନ କରିବାକୁ ଯାଉଛନ୍ତି। କେତେକ ସ୍ଥାନରେ ଦୋକାନ ବଜାର ଖୋଲିଥିବାବେଳେ ରାସ୍ତାରେ ଅଟୋ ଓ ରିକ୍ସା ଗଡ଼ିଛି। ମସ୍‌ଜିଦଗୁଡ଼ିକ ପକ୍ଷରୁ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍ଭାବନା ଲାଗି ଗୁଜବକୁ ବିଶ୍ୱାସ ନ କରିବା ପାଇଁ ଲୋକଙ୍କୁ ଅନୁରୋଧ କରାଯାଇଛି। କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ଲାଗି ଉତ୍ତର-ପୂର୍ବ ଦିଲ୍ଲୀ, ପୂର୍ବ ଦିଲ୍ଲୀ ଓ ଶାହଦରା ଅଞ୍ଚଳରେ ୭ ହଜାର ଅର୍ଦ୍ଧସାମରିକ ବଳ ଯବାନଙ୍କୁ ମୁତୟନ କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତ ପୂର୍ବରୁ ଗୁରୁବାର ରାତିରେ ଏକ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ।

ସେହିପରି ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜାଲ ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ସେ ମୌଜପୁର, ଜାଫରାବାଦ ଓ ଗୋକୁଲପୁରୀ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ସହ ଭାବ ବିନିମୟ କରିଛନ୍ତି। ଏହି ୩ ସ୍ଥାନ ସହ ଚାନ୍ଦବାଗ, ଖୁଜେରି ଓ ଭଜନପୁରା ସବୁଠୁ ବେଶି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ସରକାର ଦଙ୍ଗା ପ୍ରଭାବିତ ଲୋକଙ୍କ ରହିବା ଖାଇବା ପାଇଁ ସବୁ ବ୍ୟବସ୍ଥା କରିଛନ୍ତି। ୯ଟି ଆଶ୍ରୟସ୍ଥଳୀ ଓ ସ୍ଥାନୀୟ କମ୍ୟୁନିଟି ସେଣ୍ଟର ଖୋଲାଯାଇଛି। ଯେଉଁମାନଙ୍କ ଘରଦ୍ୱାର ସମ୍ପୂର୍ଣ୍ଣ ଭାଙ୍ଗିରୁଜି କିମ୍ବା ପୋଡ଼ିଯାଇଛି, ସେମାନେ ଏହି ଅସ୍ଥାୟୀ ଶିବିରରେ ଆଶ୍ରୟ ନେଇପାରିବେ। ଅନେକ ସ୍ଥାନରେ ଲୋକଙ୍କ ପାଇଁ ଖାଦ୍ୟ ବଣ୍ଟନ ଚାଲିଛି ବୋଲି କେଜ୍‌ରିୱାଲ ସୂଚନା ଦେଇଛନ୍ତି। ସେପଟେ ଦଙ୍ଗା ଅଞ୍ଚଳ ପରିଦର୍ଶନ ପାଇଁ କଂଗ୍ରେସ ପକ୍ଷରୁ ଏକ ୫ ଜଣିଆ ପ୍ରତିନିଧି ଦଳ ଗଠନ କରାଯାଇଛି। ଏଥିରେ ବରିଷ୍ଠ ନେତା ମୁକୁଲ ୱାସ୍‌ନିକ, ତାରିକ୍ ଅନ୍‌ୱର, ସୁସ୍ମିତା ଦେବ, ଶକ୍ତିସିଂ ଗୋହିଲ ଓ କୁମାରୀ ସେଲ୍‌ଜା ସାମିଲ ଅଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ତଥା ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଘୃଣା ମନ୍ତବ୍ୟ ଦେଇଥିବାରୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିଶନ ଦାଏର ହୋଇଛି। ହାଇକୋର୍ଟ ଏନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଓ ଦିଲ୍ଲୀର ଏଏପି ସରକାରଙ୍କୁ ଜବାବ ମାଗିଛନ୍ତି।



୨୪ ତାରିଖରୁ ନିଖୋଜ ଥିବା ଦିଲଶାଦ୍‌ଙ୍କ ସନ୍ଧାନରେ ୬ ବର୍ଷୀୟା ଝିଅ ଆଦିବା ।

**ଦଙ୍ଗା ମୃତ୍ୟୁସଂଖ୍ୟା ୪୩**
- ସବୁଠି ଛାରଖାର, ଧ୍ୱଂସର ଦୃଶ୍ୟ
- ପୋଲିସ-ପ୍ରଶାସନ ପାଇଁ ଥଇଥାନ ବଡ଼ ଚ୍ୟାଲେଞ୍ଜ
- ଗୁଜବ ବିଶ୍ୱାସ ନ କରିବାକୁ ମସ୍‌ଜିଦର ଆହ୍ୱାନ
- ଦଙ୍ଗା ଅଞ୍ଚଳ ବୁଲିଲେ ଉପରାଜ୍ୟପାଳ ବୈଜାଲ
- ପୀଡ଼ିତଙ୍କ ପାଇଁ ଖୋଲାଗଲା କମ୍ୟୁନିଟି ସେଣ୍ଟର


ବ୍ରଜପୁରୀର ଏକ ମସ୍‌ଜିଦ ଛାତ ଉପରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ପ୍ରାର୍ଥନା।

## ଗାନ୍ଧିଜୀଙ୍କ ବିଚାରଧାରା ଆବଶ୍ୟକ

ଜାତିସଂଘ୨୮।୨(ପି.ଟି.)

ଦିଲ୍ଲୀ ଦଙ୍ଗା ଘଟଣାରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଦୁଃଖ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ବାସ୍ତବ ସାମ୍ପ୍ରଦାୟିକ ସଦ୍ଭାବ ଫେରାଇ ଆଣିବାରେ ମହାତ୍ମା ଗାନ୍ଧୀଙ୍କ ବିଚାରଧାରାର ଅଧିକ ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି। ହିଂସାରୁ ଦୂରେଇ ରହିବା ଲାଗି ସର୍ବାଧିକ ଧୈର୍ଯ୍ୟ ରଖିବା ଲାଗି ଗୁଟେରେସ୍ ଦିଲ୍ଲୀବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

**ଦିଲ୍ଲୀ ହିଂସାକୁ ନେଇ ଦୁଃଖପ୍ରକାଶ କଲେ ଜାତିସଂଘ ମୁଖ୍ୟ**


ଆଣ୍ଟୋନିଓ ଗୁଟେରେସ୍

## ପୋଲିସ କମିଶନର ଭାବେ ଶ୍ରୀବାସ୍ତବଙ୍କୁ ଅତିରିକ୍ତ ଦାୟିତ୍ୱ



ନୂଆଦିଲ୍ଲୀ,୨୮।୨(ପି.ଟି.)

ଦିଲ୍ଲୀ ପୋଲିସରେ ସ୍ୱତନ୍ତ୍ର ପୋଲିସ କମିଶନର(ଆଇନ ଶୃଙ୍ଖଳା) ଭାବେ ଗତ ସପ୍ତାହରେ ନିଯୁକ୍ତି ପାଇଥିବା ବରିଷ୍ଠ ଆଇପିଏସ୍ ଅଫିସର ଏସ୍.ଏନ୍. ଶ୍ରୀବାସ୍ତବ ରବିବାର ଦିଲ୍ଲୀ ପୋଲିସ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୋଲିସ କମିଶନର ପଦରୁ ଶନିବାର ଅବସର ଗ୍ରହଣ କରିବାକୁ ଥିବା ଅମୂଲ୍ୟ ପଟ୍ଟନାୟକଙ୍କଠାରୁ ୧୯୮୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ଶ୍ରୀବାସ୍ତବ ଦାୟିତ୍ୱ ଗ୍ରହଣ କରିବେ। ସିଏଏକୁ ନେଇ ଦିଲ୍ଲୀରେ ସୃଷ୍ଟ ସାମ୍ପ୍ରଦାୟିକ ଦଙ୍ଗା ନିୟନ୍ତ୍ରଣ ପାଇଁ ଶ୍ରୀବାସ୍ତବଙ୍କୁ ଗତ ସୋମବାର ଦିଲ୍ଲୀ ପୋଲିସରେ ସ୍ୱତନ୍ତ୍ର କମିଶନର ଭାବେ ନିଯୁକ୍ତି ଦିଆଯାଇଥିଲା। ପୂର୍ବରୁ ସେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସରେ କାର୍ଯ୍ୟରତ ଥିଲେ।

## ପୁଲ୍‌ୱାମା ଆକ୍ରମଣ: ଜଣେ ଗିରଫ

ପୁଲ୍‌ୱାମା,୨୮।୨(ପି.ଟି.)

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଶୁକ୍ରବାର ପ୍ରଥମ ବଡ଼ ସଫଳତା ମିଳିଛି। ଗତବର୍ଷ ଫେବୃୟାରୀ ୧୪ରେ ହୋଇଥିବା ଏହି ଆତ୍ମଘାତୀ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହି ମାମଲାରେ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ଜଣେ ସମର୍ଥକ (ଓଭରଗ୍ରାଉଣ୍ଡ ୱାର୍କର)ଙ୍କୁ ଗିରଫ କରାଯାଇଛି। ଶାକିର ବଶିର ମାଗ୍ରେ ନାମକ ଏହି ଅଭିଯୁକ୍ତଙ୍କ ଘର ପୁଲ୍‌ୱାମା ଜିଲାର କାକପୋରା ଅନ୍ତର୍ଗତ ହାଜିବାଲରେ। ସେ ଆତ୍ମଘାତୀ ଆଦିଲ ଅହମଦ ଦର୍‌ଙ୍କୁ ଆଶ୍ରୟ ଦେବା ସହ ଅନ୍ୟାନ୍ୟ ସହାୟତା ଯୋଗାଇଦେଇଥିଲେ। ୨୦୧୮ ମଧ୍ୟଭାଗରେ ଶାକିରଙ୍କର ଆଦିଲଙ୍କ ସହ ପରିଚୟ ହୋଇଥିଲା। ପୁଲ୍‌ୱାମା ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କ ସମେତ ଅନ୍ୟମାନଙ୍କୁ ସେ ବିଭିନ୍ନ ସମୟରେ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ଟଙ୍କା ଓ ବିସ୍ଫୋରକ ସାମଗ୍ରୀ ଯୋଗାଇଦେଉଥିଲେ ବୋଲି ଜେରା ବେଳେ ସ୍ୱୀକାର କରିଛନ୍ତି। ସେ ପାକିସ୍ତାନୀ ଆତଙ୍କବାଦୀ ମହମ୍ମଦ ଉମର ଫାରୁକ୍‌ଙ୍କୁ ମଧ୍ୟ ନିଜ ଘରେ ଆଶ୍ରୟ ଦେବା ସହ ଆଇଇଡି ପ୍ରସ୍ତୁତିରେ ସହାୟତା କରିଥିଲେ। ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ସିଆର୍‌ପିଏଫ୍ ଗାଡ଼ି ଚଳାଚଳ ଉପରେ ନଜର ରଖି ଏ ସମ୍ପର୍କରେ ଉମର ଓ ଆଦିଲଙ୍କୁ ସୂଚନା ଦେଉଥିଲେ। ବିସ୍ଫୋରଣ ପୂର୍ବରୁ ମାରୁତି ଇକୋ କାର୍‌ରେ ଆଇଇଡି ଖଞ୍ଜିବାରେ ମଧ୍ୟ ସେ ସହାୟତା କରିଥିଲେ ବୋଲି ଜେରା ବେଳେ କହିଛନ୍ତି।

**ଏନ୍‌ଆଇଏକୁ ପ୍ରଥମ ସଫଳତା**


ଶାକିର ବଶିର ମାଗ୍ରେ

**କିଏ ଚଳାଉଛନ୍ତି ଦିଲ୍ଲୀ**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ହାତରେ ଦିଲ୍ଲୀ ପୋଲିସର ନିୟନ୍ତ୍ରଣ ଥିବାବେଳେ ଅରବିନ୍ଦ କେଜ୍‌ରିୱାଲ ହେଉଛନ୍ତି ଏହି କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ। କଂଗ୍ରେସ କହୁଛି ଦଙ୍ଗା ବେଳେ ଶାହାଙ୍କ ଦେଖା ମିଳିନାହିଁ। କେଜ୍‌ରିୱାଲ ଏକାଧିକ ଥର ପ୍ରେସ୍ ମିଟରେ ଶାନ୍ତି ପାଇଁ ଆହ୍ୱାନ ଦେଇଥିବାବେଳେ ତାଙ୍କ କଥା ମଧ୍ୟ କେହି ଶୁଣିଥିବା ଭଳି ମନେହେଉ ନାହିଁ। ଦଙ୍ଗା ପ୍ରଭାବିତ କେତେକ ସ୍ଥାନରେ ତ୍ରିରଙ୍ଗା ଉଡୁଥିବାବେଳେ ଆଉ କେଉଁଠି ଗୈରିକ ପତାକା ମଧ୍ୟ ଦେଖିବାକୁ ମିଳିଛି। ତେଣୁ ଦିଲ୍ଲୀକୁ ପ୍ରକୃତରେ ଶାହା କି କେଜ୍‌ରିୱାଲ କିଏ ଚଳାଉଛନ୍ତି। ନା ଭଗବାନ ଭରସାରେ ରାଜଧାନୀ ଚାଲିଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

- ଯଦି ୩ ଦିନ ମଧ୍ୟରେ ପୋଲିସ ବ୍ୟାରିକେଡ୍ ନ ହଟାଉଛି ତେବେ ଏହି କଥା ଆମେ ନିଜେ ବୁଝିବୁ ବୋଲି ଫେବୃୟାରୀ ୨୩ରେ ଭାଜପା ନେତା କପିଲ ମିଶ୍ରା ସିଏଏ ବିରୋଧୀ ବିକ୍ଷୋଭକୁ ନେଇ ଧମକ ଦେଇଥିଲେ। ଏ ସମ୍ପର୍କରେ ଗୋଇନ୍ଦା ବିଭାଗ ଅବଗତ କରାଇବା ସତ୍ତ୍ୱେ ପୋଲିସ ପ୍ରତିକାରମୂଳକ ପଦକ୍ଷେପ ନେଇ ନ ଥିବା ଏବେ ଜଣାପଡ଼ିଛି।
- ଦିଲ୍ଲୀର ଜାଫରାବାଦ ଓ ମୌଜପୁରରେ ରବିବାର ରାତିରେ ହିଂସା ଆରମ୍ଭ ହୋଇଥିଲା। ଏହା କେତେବେଳେ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଲା ପୋଲିସ କିପରି ଜାଣିପାରିଲା ନାହିଁ।
- କାହିଁକି ତତ୍କାଳ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଗଲା ନାହିଁ। ସାମ୍ପ୍ରଦାୟିକ ଦଙ୍ଗା ଘଟିବାକୁ କାହିଁକି ଦିଆଗଲା।
- ସ୍ୱରାଷ୍ଟ୍ରମନ୍ତ୍ରୀ କାହିଁକି ସାମ୍ନାକୁ ଆସିଲେ ନାହିଁ। ସାଧାରଣରେ ସେ କ'ଣ ପାଇଁ ହିଂସା ସମ୍ପର୍କରେ ପଦୁଟିଏ କହିଲେ ନାହିଁ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

## ଆମକୁ ପଢ଼ାଅନି ରାଜଧର୍ମ ପାଠ

ନୂଆଦିଲ୍ଲୀ, ୨୮।୨

ଦିଲ୍ଲୀ ହିଂସାକୁ ନେଇ ଭାଜପା ରାଜଧର୍ମ ପାଳନ କରୁ ବୋଲି କଂଗ୍ରେସ କହିବା ପରେ ଏହାର ଜବାବ ଦେଇଛି ଶାସକ ଦଳ। ଆମକୁ ରାଜଧର୍ମ ପାଠ ପଢ଼ାଅନି ବୋଲି ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଟାର୍ଗେଟ କରି କହିଛନ୍ତି। କଂଗ୍ରେସ ପ୍ରତିନିଧିଦଳ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ରାଜଧର୍ମ ପାଳନ କରିବାକୁ ସରକାରଙ୍କୁ ପରାମର୍ଶ ଦେବାକୁ କହିଥିଲେ। ଇନ୍ଦିରା ଗାନ୍ଧୀ ଉଗାଣ୍ଡାରୁ ଆସିଥିବା ଲୋକଙ୍କୁ ସହଯୋଗ କରିଥିଲେ। ଶ୍ରୀଲଙ୍କା ତାମିଲଙ୍କୁ ରାଜୀବ ଗାନ୍ଧୀ ସହଯୋଗ କରିଥିଲେ। ମନମୋହନ ସିଂ, ତରୁଣ ଗୋଗୋଇ, ଅଶୋକ ଗେହଲଟ ନାଗରିକତା ପ୍ରଦାନ ଲାଗି ସେମାନଙ୍କ ସ୍ୱର ଶାଣିତ କରିଛନ୍ତି। ତେବେ କଂଗ୍ରେସ କାହାକୁ ରାଜଧର୍ମ କହୁଛି ବୋଲି ପ୍ରସାଦ ସୋନିଆଙ୍କୁ ପ୍ରଶ୍ନ କରିଛନ୍ତି। ସିଏଏ ବିରୋଧୀ ରାଲିରେ 'ଏପଟେ ନ ହେଲେ ସେପଟେ' ବୋଲି ସୋନିଆ କହିବା ହିଂସାକାଣ୍ଡକୁ ବଢ଼ାଇବା ଲାଗି ଉଦ୍ଦିଷ୍ଟ। ପାର୍ଲାମେଣ୍ଟରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରାଯାଇଥିବା ବେଳେ ଦଙ୍ଗା ସୃଷ୍ଟି ଲାଗି ଏମିତି ଉସୁକାଯିବାର ମାନେ କ'ଣ ବୋଲି ରବିଶଙ୍କର କହିଛନ୍ତି। ୨୦୧୦ ମାର୍ଚ୍ଚ ୧୫ରେ ୟୁପିଏ ସରକାର ଏନ୍‌ପିଆର୍ ଲାଗି ବିଜ୍ଞପ୍ତି ଜାରି କରିଥିଲା। ଏବେ କଂଗ୍ରେସ ଏହାକୁ ବିରୋଧ କରୁଛି। ଦିଲ୍ଲୀ ଦଙ୍ଗାକୁ ରାଜନୈତିକ ରୂପ ଦେଉଥିବା କଂଗ୍ରେସର ପ୍ରୟାସକୁ ଭାଜପା ନିନ୍ଦା କରୁଥିବା ସେ ପ୍ରକାଶ କରିଛନ୍ତି।

**କଂଗ୍ରେସକୁ ଭାଜପାର ଜବାବ**


ସୋନିଆ ଗାନ୍ଧୀ   ରବିଶଙ୍କର ପ୍ରସାଦ

## ପ୍ରଭାବିତ ଅଞ୍ଚଳ ବୁଲିବ କଂଗ୍ରେସ

**୫ ଜଣିଆ ଟିମ୍ ଗଠିତ**

କଂଗ୍ରେସ ଦିଲ୍ଲୀର ଦଙ୍ଗା ପ୍ରଭାବିତ ୩ ଜିଲା ପରିଦର୍ଶନ କରିବ। ଏଥିପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶୁକ୍ରବାର ଏକ ୫ ଜଣିଆ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ଏଆଇସିସି ସାଧାରଣ ସମ୍ପାଦକ ମୁକୁଲ ୱାସ୍‌ନିକ, ଦିଲ୍ଲୀ ପ୍ରଭାରୀ ଶକ୍ତିସିଂ ଗୋହିଲ, ହରିୟାଣା କଂଗ୍ରେସ ମୁଖ୍ୟ କୁମାରୀ ସେଲ୍‌ଜା, ପୂର୍ବତନ ଏମ୍‌ପି ତାରିକ୍ ଅନ୍‌ୱର ଓ ମହିଳା କଂଗ୍ରେସ ମୁଖ୍ୟ ସୁସ୍ମିତା ଦେବ ସାମିଲ ଅଛନ୍ତି। ଏମାନେ ଦଙ୍ଗା ଅଞ୍ଚଳ ବୁଲି ଲୋକଙ୍କୁ ଭେଟିବେ। ସ୍ଥିତି ଅନୁଧ୍ୟାନ ପରେ ସେମାନେ କଂଗ୍ରେସ ଅଧ୍ୟକ୍ଷାଙ୍କୁ ତୁରନ୍ତ ଏକ ରିପୋର୍ଟ ପ୍ରଦାନ କରିବେ।

## କେନ୍ଦ୍ରକୁ ଜବାବ ମାଗିଲେ ହାଇକୋର୍ଟ

ନୂଆଦିଲ୍ଲୀ,୨୮।୨(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଦଳର କେତେଜଣ ନେତା ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଉଥିବାରୁ ସେମାନଙ୍କ ବିରୋଧରେ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେବାକୁ ଦିଲ୍ଲୀ ହାଇକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଶୁକ୍ରବାର ଅଦାଲତ ଏହାର ଶୁଣାଣି କରି କେନ୍ଦ୍ର, ଦିଲ୍ଲୀ ସରକାର ଏବଂ ପୋଲିସକୁ ଜବାବ ମାଗିଛନ୍ତି। କଂଗ୍ରେସ ନେତାଙ୍କ ବ୍ୟତୀତ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ, ଆମ୍ ଆଦ୍‌ମୀ ପାର୍ଟି ବିଧାୟକ ଅମାନତୁଲ୍ଲା ଖାନ୍, ଏଆଇଏମ୍‌ଆଇଏମ୍ ନେତା ଆକବରୁଦ୍ଦିନ ଓୱାଇସି ଏବଂ ଦଳର ପୂର୍ବତନ ବିଧାୟକ ୱାରିସ ପଠାନ୍‌ଙ୍କ ବିରୋଧରେ ମଧ୍ୟ ଏତଲା ଦାଏର ପାଇଁ ଆଇନଜୀବୀମାନଙ୍କ ସଂଗଠନ 'ଲୟର୍ସ ଭଏସ୍' ପକ୍ଷରୁ ଆବେଦନ କରାଯାଇଥିଲା। ଉତ୍ତେଜନାପୂର୍ଣ୍ଣ ଭାଷଣର ତଦନ୍ତ ଲାଗି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ଲାଗି ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଥିଲା। ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ, ଜଷ୍ଟିସ ସି. ହରିଶଙ୍କରଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର, ଦିଲ୍ଲୀ ସରକାର ଓ ପୋଲିସକୁ ନୋଟିସ ଜାରି କରିଛନ୍ତି।

**ଉତ୍ତେଜନାପୂର୍ଣ୍ଣ ଭାଷଣ**
**ସୋନିଆ, ରାହୁଲଙ୍କ ବିରୋଧରେ ଏତଲା ପାଇଁ ଆବେଦନ**

## ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରୁ ପାକ୍

ଜେନେଭା,୨୮।୨(ପି.ଟି.)

ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାକିସ୍ତାନ ପାଣ୍ଠି ଯୋଗାଣ ବନ୍ଦ କରୁ। ଏଥିସହିତ ସେଠାରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିବା ପାଇଁ ଜାତିସଂଘରେ ପାକିସ୍ତାନର ଶୀର୍ଷ ନେତୃତ୍ୱକୁ ଭାରତ ପରାମର୍ଶ ଦେଇଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାରେ ବିଫଳ ହୋଇଥିବା ଇସ୍‌ଲାମାବାଦକୁ ଗତ ସପ୍ତାହରେ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଧୂସର ତାଲିକାରେ ରଖିବା ସହ ୪ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲା।

ଜାତିସଂଘ ମାନବାଧିକାର ପରିଷଦର ୪୩ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ପାକିସ୍ତାନ କହିଥିଲା ଜମ୍ମୁ-କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ହେଉଛି। ଉତ୍ତର ରଖିବା ଅଧିକାର ବଳରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ବିମର୍ଶ ଆର୍ଯ୍ୟନ୍ ଉପରୋକ୍ତ ମତ ରଖିଛନ୍ତି। ଭାରତକୁ ନିନ୍ଦିତ କରିବା ଲାଗି ପାକିସ୍ତାନ ସମସ୍ତ ଅନ୍ତର୍ଜାତୀୟ ଫୋରମରେ ଉତ୍ତେଜନାପୂର୍ଣ୍ଣ ବିବୃତି ରଖୁଛି। ଏଭଳି ମନ୍ତବ୍ୟ ରଖି ଅନ୍ତର୍ଜାତୀୟ ସମୁଦାୟକୁ ବିଭ୍ରାନ୍ତ କରାଯାଇପାରିବ ନାହିଁ ବୋଲି ଆର୍ଯ୍ୟନ୍ କହିଛନ୍ତି। ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାକିସ୍ତାନର ସମର୍ଥନ ମାଧ୍ୟମରେ ଜମ୍ମୁ-କଶ୍ମୀରର ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଲାଗି ପାକିସ୍ତାନ ଉଦ୍ୟମ ଜାରି ରଖିଛି। ଏହା ସତ୍ତ୍ୱେ ସେଠାରେ ଦ୍ରୁତଗତିରେ ସ୍ୱାଭାବିକ ଅବସ୍ଥା ଫେରୁଥିବା ଆର୍ଯ୍ୟନ୍ କହିଛନ୍ତି। ପାକିସ୍ତାନକୁ ୧୦ ସୂତ୍ରୀ ପରାମର୍ଶ ତାଲିକା ଦେଇ ଭାରତୀୟ କୂଟନୀତିଜ୍ଞ କହିଛନ୍ତି, ଇସ୍‌ଲାମାବାଦ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ସହ ସେଠାରେ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକୁ ଲଗାମ ଦେଉ। ଆତଙ୍କବାଦକୁ ସମର୍ଥନ ବନ୍ଦ କରିବା ଲାଗି ଭାରତ ଆହ୍ୱାନ ଦେଇଛି।

**ଜାତିସଂଘରେ ଭାରତର ଦାବି**


ବିମର୍ଶ ଆର୍ଯ୍ୟନ୍

# Reliance fresh

Reliance Growth is Life

@RelianceFreshOfficial @RelianceFreshIN @RelianceFreshOfficial

## ପ୍ରତି ମାସରେ ବୋନସ୍

ମାସିକିଆ ସଉଦା ରେ ସଞ୍ଚୟ ଏମିତି, ବୋନସ୍ ଯେମିତି

ପ୍ରତି ମାସର 10 ତାରିଖ ପର୍ଯ୍ୟନ୍ତ

ଗୋଲ୍ଡ ୱିନର୍ ରିଫାଇନଡ଼ ସନ୍‌ଫ୍ଲାୱାର୍ ଅଏଲ୍ 5 ℓ + ଇଣ୍ଡିଆ ଗେଟ୍ ରୋଜାନା ବାସମତୀ ଚାଉଳ 5 kg + ଗୁଡ୍ ଲାଇଫ୍ ସୁଗାର୍ 2 kg — ସମ୍ମିଳିତ MRP ₹1205 ₹939 ସଞ୍ଚନ୍ତୁ ₹266

ଡବଲ୍ ହିରନ୍ ସୋରିଷ ତେଲ 1 ℓ — ଆମ ମୂଲ୍ୟ ₹117 MRP ₹130 ସଞ୍ଚନ୍ତୁ ₹13

ଏଚ୍‌ଏମ୍‌ଟି କୋଲମ୍ ରାଇସ୍ 10 kg — ଆମ ମୂଲ୍ୟ ₹455 MRP ₹550 ସଞ୍ଚନ୍ତୁ ₹95

ଓମ୍‌ଫେଡ୍ ଘିଅ 1 ℓ — ଆମ ମୂଲ୍ୟ ₹535 MRP ₹570 ସଞ୍ଚନ୍ତୁ ₹35

ପାର୍ଲେ ଜି ଗୋଲ୍ଡ 1 kg / ଗୁଡ୍‌ଡେ କ୍ୟାଶ୍ୟୁ 600 g / ହାଇଡ୍ ଆଣ୍ଡ ସୀକ୍ ଚକୋଲେଟ୍ 350 g — ସଞ୍ଚନ୍ତୁ ₹25 MRP ₹100 ତେଣିକି ଆମ ମୂଲ୍ୟ ₹75 ତେଣିକି

ରେଡ୍ ଲେବଲ୍ ନାଚୁରାଲ୍‌କେଆର୍ ଲୀଫ୍ 500 g — ସଞ୍ଚନ୍ତୁ ₹40 MRP ₹240 ଆମ ମୂଲ୍ୟ ₹200

ଡଭ୍ କ୍ରୀମ୍ ବାଦିଙ୍ଗ ବାର୍‌ସ 100 g x 3 ୟୁନିଟ / ପେଅର୍‌ସ ପ୍ୟୋର୍ ଆଣ୍ଡ ଜେଣ୍ଟଲ୍ ସୋପ୍ 125 g x 3 ୟୁନିଟ — ସଞ୍ଚନ୍ତୁ ₹25 MRP ₹155 ତେଣିକି ଆମ ମୂଲ୍ୟ ₹130 ତେଣିକି (ଉପରେ ଅଫର୍)

କ୍ଲିନିକ୍ ପ୍ଲସ୍ / ସନ୍‌ସିଲ୍କ ଶାମ୍ପୁ 650 ml (ବଛା ବଛା ପ୍ରକାର) — BUY1 GET1 FREE MRP ₹385 ତେଣିକି

ଖୋଲା ଚିନି 1 kg — ବଜାର ମୂଲ୍ୟ ₹41.50 ଆମ ମୂଲ୍ୟ ₹39.50

ଖୋଲା ହରଡ଼ ଡାଲି ଭାଲ୍ୟୁ 1 kg — ବଜାର ମୂଲ୍ୟ ₹92 ଆମ ମୂଲ୍ୟ ₹89

ଖୋଲା ଚଣା ଡାଲି 1 kg — ବଜାର ମୂଲ୍ୟ ₹68 ଆମ ମୂଲ୍ୟ ₹65

ଖୋଲା ମୁଗ ଡାଲି 1 kg — ବଜାର ମୂଲ୍ୟ ₹106 ଆମ ମୂଲ୍ୟ ₹103

ଖୋଲା ମିନିକେଟ୍ ପ୍ରିମିଅମ ରାଇସ୍ 1 kg — ବଜାର ମୂଲ୍ୟ ₹39 ଆମ ମୂଲ୍ୟ ₹37

ଇଣ୍ଡିଆ ଗେଟ୍ ରୋଜାନା ବାସମତୀ ଚାଉଳ 1 kg — MRP ₹104 ଆମ ମୂଲ୍ୟ ₹89 ସଞ୍ଚନ୍ତୁ ₹15

ଚକ୍କି ଫ୍ରେଶ୍ ଅଟା 5 kg — MRP ₹225 ଆମ ମୂଲ୍ୟ ₹161 ସଞ୍ଚନ୍ତୁ ₹64

ବେସନ / ସୁଜି / ମଇଦା 500 g / 1 kg/ ଗୁଡ୍ ଲାଇଫ୍ ସୋୟା ଚଙ୍କସ 200 g — MRP ₹40 ତେଣିକି BUY1 GET1 FREE ସଞ୍ଚନ୍ତୁ ₹40 ତେଣିକି

ଗୁଡ୍ ଲାଇଫ୍ ଆଲମଣ୍ଡ / କାଜୁ (W320) 500 g — MRP ₹461 / ₹575 ଆମ ମୂଲ୍ୟ ₹385/ ₹429 ସଞ୍ଚନ୍ତୁ ₹76 / ₹146

ମିଲ୍କୀ ମୁ ମିଲ୍କ 1 ℓ — MRP ₹45 ଆମ ମୂଲ୍ୟ ₹43

ପାର୍ଲେ ରସ୍କ 273 g — MRP ₹40 ହଟ୍ ଅଫର୍ 25% ଛାଡ଼

ଭିଖାରାମ ଚାଣ୍ଡମାଲ ନମକୀନ୍ 400 g (ବଛା ବଛା ପ୍ରକାର) — MRP ₹105 ତେଣିକି BUY1 GET1 FREE ସଞ୍ଚନ୍ତୁ ₹105 ତେଣିକି

ୟିପ୍ପି ମ୍ୟାଡ୍ ମସଲା / ଟପ୍ ରାମେନ୍ ଫିଅରୀ ଚିଲି ନୁଡଲ୍‌ସ 280 g — MRP ପ୍ରତ୍ୟେକ ସକାଶେ ₹55 ତେଣିକି BUY2 GET1 FREE ସଞ୍ଚନ୍ତୁ ₹55 ତେଣିକି

କେଲଗ୍‌ସ 750 g ତେଣିକି (ନଟ୍ ଡିଲାଇଟ୍/ ଫ୍ରୁଟ୍ ଆଣ୍ଡ ନଟ୍ ମୁସେଲୀ/ ଚୋକୋସ୍/ ଚୋକୋସ୍ ମୁନ୍ ଆଣ୍ଡ ଷ୍ଟାର୍ସ / କର୍ଣ୍ଣ ଫ୍ଲେକ୍‌ସ) — MRP ₹415 ତେଣିକି ଆମ ମୂଲ୍ୟ ₹345 ତେଣିକି ସଞ୍ଚନ୍ତୁ ₹100

ଟ୍ୟାଙ୍ଗ 500 ml (ମ୍ୟାଙ୍ଗୋ/ଅରେଞ୍ଜ/ଲେମନ୍) — MRP ₹135 ଆମ ମୂଲ୍ୟ ₹110 ସଞ୍ଚନ୍ତୁ ₹25

ହର୍ଲିକ୍ସ 1 kg — MRP ₹444 ତେଣିକି ଆମ ମୂଲ୍ୟ ₹379 ତେଣିକି ସଞ୍ଚନ୍ତୁ ₹65

ଥମ୍‌ସଅପ୍ /ଲିମ୍କା / ଫାଣ୍ଟା / ସ୍ପ୍ରାଇଟ୍ /କୋକା-କୋଲା 600 ml / 750 ml — MRP ପ୍ରତ୍ୟେକ ସକାଶେ ₹38 ତେଣିକି BUY3 GET1 FREE ସଞ୍ଚନ୍ତୁ ₹38 ତେଣିକି

ମାଇନ୍ୟୁଟ୍ ମେଡ୍ ଜୁସ୍ / ବି ନାଚୁରାଲ୍‌କେଆର୍ ଜୁସ୍ 1 ℓ (ବଛା ବଛା ପ୍ରକାର) — MRP ₹99 ତେଣିକି BUY1 GET1 FREE ସଞ୍ଚନ୍ତୁ ₹99 ତେଣିକି

କଲଗେଟ୍ ଡେଣ୍ଟାଲ୍ କ୍ରୀମ୍ 500 g — MRP ₹209 ଆମ ମୂଲ୍ୟ ₹164 ସଞ୍ଚନ୍ତୁ ₹45 (ଉପରେ ଅଫର୍)

ଡ଼ିଓ 120 ml ତେଣିକି (କାମସୂତ୍ର / ପାର୍କ ଏଭେନ୍ୟୁ / ଫଗ୍ / ଏନଗେଜ୍ / ଆକ୍ସ / ସେଟ୍ ୱେଟ୍ / ୱାଇଲ୍ଡ ଷ୍ଟୋନ୍ /ଓ୍ୱାଇଲ୍ଡ ଷ୍ଟୋନ୍) (ବଛା ବଛା ପ୍ରକାର) — MRP ₹190 ତେଣିକି BUY1 GET1 FREE ସଞ୍ଚନ୍ତୁ ₹190 ତେଣିକି

ଡେଟଲ୍ / ସାଭଲନ୍ / ପ୍ରୋଟେକ୍ଟ / ସେଫ୍ ଲାଇଫ୍ ହ୍ୟାଣ୍ଡୱାଶ୍ 725 ml ତେଣିକି (ବଛା ବଛା ପ୍ରକାର) — MRP ₹115 ତେଣିକି BUY1 GET1 FREE ସଞ୍ଚନ୍ତୁ ₹115 ତେଣିକି (ଉପରେ ଅଫର୍)

ପଣ୍ଡ'ସ ଡ୍ରିମ୍ ଫ୍ଲାୱାର ଟାଲ୍କ 400 g (ବଛା ବଛା ପ୍ରକାର) — MRP ₹249 ତେଣିକି ଆମ ମୂଲ୍ୟ ₹169 ତେଣିକି ସଞ୍ଚନ୍ତୁ ₹80

ରିନ୍ ଡିଟର୍ଜେଣ୍ଟ ପାଉଡର 4 kg (ବଛା ବଛା ପ୍ରକାର) — MRP ₹338 ଆମ ମୂଲ୍ୟ ₹258 ସଞ୍ଚନ୍ତୁ ₹80

ହାର୍ପିକ୍ ଟଏଲେଟ୍ କ୍ଲିନର୍ 1 ℓ / ଲାଇଜଲ୍ ଫ୍ଲୋର୍ କ୍ଲିନର୍ 975 ml (ବଛା ବଛା ପ୍ରକାର) — MRP ₹168 ତେଣିକି ଆମ ମୂଲ୍ୟ ₹143 ତେଣିକି ପ୍ୟାକ୍ ହାର୍ପିକ୍ ଟଏଲେଟ୍ / ବାଥରୁମ୍ କ୍ଲିନର୍ 200 ml ସଞ୍ଚନ୍ତୁ ₹25 (ଭିତରେ ଦିଆଯାଇଥିବା ଅଫର୍)

Pay using Paytm. Get up to ₹400 Paytm CASHBACK
T&C Apply. Offer valid till 31st March 2020 on min payment of ₹599

MobiKwik SAVE 15%
*T&C Apply: Max SuperCash ₹250 | On min.transaction of ₹499 | Valid once per month

10% Cashback freecharge
T&C Apply: Offer valid on minimum bill of ₹250 Maximum cashback upto ₹50, Valid on 1st & 3rd transaction

5% Cashback HDFC BANK We understand your world
On Min. Shopping of ₹2000 Max. Cashback upto ₹500 per card with HDFC Credit Cards
Valid till 8th March 2020

ଟୋଲ୍ ଫ୍ରି ନମ୍ବର 1800-103-2022

**ଆଜିର ମନ୍ତବ୍ୟ**
"ବେରୋଜଗାରି ଭାରତର ସବୁଠୁ ବଡ଼ ସମସ୍ୟା। ଏଥିରୁ ଧ୍ୟାନ ହଟାଇବାକୁ ଉଦ୍ୟମ କରୁଥିବା ଲୋକେ ଦେଶର ବଡ଼ ଶତ୍ରୁ। -ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ

**କିଛି ତଥ୍ୟ**
ଜାନୁୟାରୀ ଶେଷ ସୁଦ୍ଧା ଦେଶର ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୨୮.୫% ଛୁଇଁଛି।
– କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସୁନ୍ଦର ମୋହନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ହୋମଗାର୍ଡଙ୍କୁ ଦୈନିକ ମଜୁରି ୫ଶହ ଟଙ୍କା ଦିଅ: ହାଇକୋର୍ଟ

## ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ

- **ଜାନୁୟାରୀରୁ ପିଛିଲା ଭାବେ ଦିଆଯିବ**
- **୩ମାସ ଭିତରେ ସପ୍ତମ ବେତନ କମିଶନ ଲାଗୁ ହେବ**

କଟକ ଅଫିସ,୨୮।୨

ଓଡ଼ିଶା ପୋଲିସ ବିଭାଗରେ କାର୍ଯ୍ୟ କରୁଥିବା ହୋମଗାର୍ଡମାନଙ୍କ ପାଇଁ ଖୁସି ଖବର। ଏଣିକି ହୋମଗାର୍ଡମାନଙ୍କୁ ଦୈନିକ ୫୦୦ ଟଙ୍କା ମଜୁରି ମିଳିବ। ଶୁକ୍ରବାର ରାଜ୍ୟ ସରକାରଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ଜଷ୍ଟିସ୍ ବିଶ୍ୱନାଥ ରଥ ଏ ସମ୍ପର୍କିତ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବର୍ଦ୍ଧିତ ମଜୁରି ଗତ ଜାନୁୟାରୀଠାରୁ ପିଛିଲା ଭାବେ ପ୍ରଦାନ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି। ଏତଦ୍‌ବ୍ୟତୀତ ଆସନ୍ତା ତିନି ମାସ ଭିତରେ ହୋମଗାର୍ଡମାନଙ୍କ କ୍ଷେତ୍ରରେ ସପ୍ତମ ବେତନ କମିଶନ ଲାଗୁ କରିବାକୁ ବିଚାରପତି ରାୟରେ ଜଣାଇଛନ୍ତି। ଏହି ନିର୍ଦ୍ଦେଶର ଲାଭ ରାଜ୍ୟରେ କାର୍ଯ୍ୟରତ ୧୭, ୬୭୫ଜଣ ହୋମଗାର୍ଡ଼ ପାଇପାରିବେ।

ଆବେଦନକାରୀ ପ୍ରକାଶ କୁମାର ଜେନା ଏବଂ ଅନ୍ୟ ଦୁଇଜଣଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ବେଳେ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ଜଷ୍ଟିସ୍ ରଥ। ଆବେଦନରେ ଦର୍ଶାଯାଇଥିଲା, ହୋମଗାର୍ଡମାନେ ଅନ୍ୟ ପୋଲିସ କର୍ମଚାରୀଙ୍କ ଭଳି କାର୍ଯ୍ୟ କରୁଛନ୍ତି। ଏପରି କି ହୋମଗାର୍ଡମାନଙ୍କ ବିନା କୌଣସି କାମ ହୋଇପାରୁନି। ହେଲେ ଅନ୍ୟ ପୋଲିସ କର୍ମଚାରୀଙ୍କ ଭଳି ହୋମଗାର୍ଡମାନଙ୍କୁ ଦରମା ଦିଆଯାଉନି। ସେମାନେ ଜଣେ ଦିନମଜୁରିଆଙ୍କ ଠାରୁ ମଧ କମ୍ ଦରମା ପାଉଛନ୍ତି। ପୂର୍ବରୁ ହୋମ୍‌ଗାର୍ଡଙ୍କୁ କନଷ୍ଟେବଲଙ୍କ ଭଳି ଦରମା ଦେବାକୁ ସୁପ୍ରିମ୍‌କୋର୍ଟ ୨୦୧୬ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ୮ଟି ରାଜ୍ୟ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରି କରିଥିବାବେଳେ ଓଡ଼ିଶାରେ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏପରି କି ଓଡ଼ିଶା ଅଗ୍ନିଶମ ଏବଂ ହୋମ୍‌ଗାର୍ଡ ଡିଜି ଏନେଇ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ତଥାପି ଏହାକୁ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏଣୁ ହୋମଗାର୍ଡ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।



ଲୋକସେବା ଭବନଠାରେ ଅନୁଷ୍ଠିତ ୨୪ ତମ ପୂର୍ବାଞ୍ଚଳ ଜୋନ୍ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଗଣ।

## ପ୍ରଥମ ପୃଷ୍ଠାରୁ...

### 'ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ...

ଫଳପ୍ରଦ ହୋଇଥିବାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ନିକଟରେ ଅନୁଷ୍ଠିତ ଆଞ୍ଚଳିକ ପରିଷଦ ବୈଠକଗୁଡ଼ିକରେ ୭୦% ପ୍ରସଙ୍ଗର ସମାଧାନ କରାଯାଇଛି ଏବଂ ଅନ୍ୟ ପ୍ରସଙ୍ଗଗୁଡ଼ିକ ସମାଧାନ ପ୍ରକ୍ରିୟାରେ ଅଛି ବୋଲି ଶାହା ସୂଚନା ଦେଇଥିଲେ।

ପୂର୍ବାଞ୍ଚଳ ଜୋନ୍ ବୈଠକ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଆଇନ ଓ କାନୁନ୍ ବିଷୟରେ କୌଣସି ଆଲୋଚନା ହୋଇନାହିଁ। ଏନ୍‌ଆରସି କିମ୍ବା ଏନ୍‌ପିଆର ଏଜେଣ୍ଡାରେ ନ ଥିବାରୁ ବୈଠକରେ ଆଲୋଚନା ହୋଇନାହିଁ। ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବାବଦ ଅର୍ଥ ଠିକ୍ ଭାବେ ମିଳୁ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାସହ ତିତ୍‌ଲି, ଫନୀ ବାବଦ ଅର୍ଥ ପଶ୍ଚିମବଙ୍ଗଙ୍କୁ ମିଳି ନ ଥିବା ସେ ପ୍ରକାଶ କରିଛନ୍ତି। ଏହି ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଅଧ୍ୟକ୍ଷତା କରିଥିବାବେଳେ ନବୀନ ସ୍ୱାଗତ ଭାଷଣ ଦେବା ସହ ଓଡ଼ିଶାର ଦାବି ଉପସ୍ଥାପନ କରିଥିଲେ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମେତ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ନିଜ ନିଜ ରାଜ୍ୟ ପକ୍ଷରୁ ଦାବି ଉପସ୍ଥାପନ କରିଛନ୍ତି।

### ଏଥର ରେକର୍ଡ ..

ଗୋଆ ଏବଂ ଓଡ଼ିଶା। ଏହି ସବୁ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ଗତଥର ଅପେକ୍ଷା ଏବର୍ଷ ଆହୁରି ୦.୫ରୁ ୧ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବା ସମ୍ଭାବନା ରହିଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଯଦି ଏହିଭଳି ଖରା ହୁଏ ତେବେ ପଶ୍ଚିମ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶା ପ୍ରଚଣ୍ଡ ତାତିରେ ସିଝିବ। ଆଉ ଉପକୂଳ ଓଡ଼ିଶାରେ ମୁଣ୍ଡଫଟା ଖରା ସାଙ୍ଗକୁ ଅସମ୍ଭାଳ ଗୁଳୁଗୁଳି ହେବ। ସୂଚନାଯୋଗ୍ୟ, ୨୦୦୩ ଜୁନ୍ ୩ରେ ଓଡ଼ିଶାର ଟିଟିଲାଗଡ଼ ଓ ୨୦୧୯ ଜୁନ୍ ପହିଲାରେ ରାଜସ୍ଥାନର ଚୁରୁରେ ୫୦ ଡିଗ୍ରୀ ତାପମାତ୍ରା ସହ ତାତିରେ ରେକର୍ଡ କରିଥିଲେ। ଗତବର୍ଷ ମେ' ମାସ ୨୬ରେ ଟିଟିଲାଗଡ଼ ୪୬.୫ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ରହିଥିଲା। ଏବର୍ଷ ଏଠାରେ ତାପମାତ୍ରା ଆହୁରି ୧ ଡିଗ୍ରୀ ବଢ଼ିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏଥିସହ ଦେଶର ୪୩ ପ୍ରତିଶତ ଅଞ୍ଚଳ କୋର୍ ହିଟ୍ ୱେଭ୍ ଜୋନ୍‌ରେ ଗଣାଯିବ।

ଅନ୍ୟପଟେ ରାଜ୍ୟରେ କିଛିଦିନ ତଳେ ବର୍ଷା ହୋଇଥିବାରୁ ସେଭଳି ଗରମ ଅନୁଭବ ହୋଇନାହିଁ। ଶୁକ୍ରବାର ମାଲକାନଗିରିରେ ସର୍ବାଧିକ ୩୫ଡିଗ୍ରୀ ତାପମାତ୍ର ରେକର୍ଡ କରାଯାଇଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ଜିଲାରେ ଘନକୁହୁଡ଼ି ପରିଲକ୍ଷିତ ହୋଇଥିଲା। ଭଦ୍ରକ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଅନୁଗୋଳ, ବଲାଙ୍ଗୀର, କଳାହାଣ୍ଡି ଆଦି ସ୍ଥାନରେ ସକାଳୁ ସକାଳୁ ପ୍ରବଳ କୁହୁଡ଼ି ଦେଖାଯାଇଥିଲା। ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ କୁହୁଡ଼ି ରହିଥିଲା। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଉପକୂଳ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ କୁହୁଡ଼ି ଦେଖାଯିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ଆସନ୍ତା ୨ତାରିଖରୁ ପୁଣି ବର୍ଷା ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୨ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି ଓ ବାଲେଶ୍ୱରର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବା ସହିତ କୋହଲା ପବନ ବହିବ। ସେହିଦିନ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି ଓ ବାଲେଶ୍ୱରରେ ବଜ୍ରପାତ ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ବଜ୍ରପାତ ସମ୍ପର୍କରେ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୩ ତାରିଖ ଦିନ ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ାର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହେବ ବୋଲି ପୂର୍ବାନୁମାନେ କରାଯାଇଛି। ଆସନ୍ତା ୪ଦିନ ପର୍ଯ୍ୟନ୍ତ ସାରା ରାଜ୍ୟରେ ଦିନର ତାପମାତ୍ରା ୨ରୁ ୪ଡିଗ୍ରୀ ବଢ଼ିବା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମାଦରପ ସ୍ୱଗୃହୀ ଯୋଗୁ ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନ ହୋଇପାରିବା ଯୋଗୁ ମନ ପ୍ରଫୁଲ୍ଲିତ ରହିବ। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ପ୍ରବୃତ୍ତ ହୁଅନ୍ତୁ ଅବଶ୍ୟ ସଫଳତା ପାଇବେ। ପାଖ ପଡ଼ୋଶୀଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ଶାରୀରିକ କ୍ଳାନ୍ତି ଓ ଅବସନ୍ନତା ଅନୁଭବ କରିପାରନ୍ତି।

**ବୃଷ**
ଧନାଧିପଙ୍କ ଶୁଭଦୃଷ୍ଟିରୁ ଅଭାବ ପୂରଣ ଦିଗରେ ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସାହାଯ୍ୟ କାମକୁ ଆସିବ। ଉପରିସ୍ଥ କର୍ମଚାରୀମାନଙ୍କ ଅନୁକମ୍ପାରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପିଲାମାନଙ୍କ ପଢ଼ା ସମସ୍ୟା, ପରିବହନରେ ଝଗଡ଼ା, ସଭାସମିତିରେ ବିତର୍କ ଜନିତ ସାମୟିକ ଅସ୍ଥିରତାର ସୂଚନା ମଧ୍ୟ ରହିଛି।

**ମିଥୁନ**
ଏକାଦଶସ୍ଥ ଗ୍ରହ ପ୍ରଭାବରୁ ଆଜିର ପ୍ରତ୍ୟୁଷ ଯାତ୍ରା ଦୀର୍ଘ ଦିନର ଆଶା ଓ ଅଭିଳାଷକୁ ସାକାର କରାଇବ। ସ୍ୱାସ୍ଥ୍ୟରେ ଉନ୍ନତି, ଗୃହ, ଜମିଜମା, ବ୍ୟବସାୟ, ପରିବହନରୁ ସୁଫଳ ପାଇବେ। ସଭାସମିତି ଓ ପାରିବାରିକ ଦିଗରୁ ଦିନଟି ମନ୍ଦ ହେବନି। କିନ୍ତୁ ମାଲିମକଦ୍ଦମା ଆଲୋଚନା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କର୍କଟ**
କର୍ମଭାବସ୍ଥ ଶୁକ୍ର ଓ ଚନ୍ଦ୍ର ପ୍ରଭାବରେ କୌଣସି ଏକ ନୂତନ ପରିବେଶରେ ଭିନ୍ନ ପ୍ରକାର ସ୍ୱାଦର ଅନୁଭୂତି ଲାଭ କରିବେ। ଭ୍ରମଣ ସୁଯୋଗ, ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସି ରହିବ। ପୁଷ୍ୟା ନକ୍ଷତ୍ରର ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ଅପରାହ୍ଣଟି କଟାଇବେ।

**ସିଂହ**
ପକ୍ଷପାତିତା ଓ ଦାୟିତ୍ୱହୀନତାକୁ କେନ୍ଦ୍ରକରି ପାରିବାରିକ ସମସ୍ୟା ବୃଦ୍ଧିପାଇବ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା ସହ ସଦାବେଳେ ହାତ ଖାଲି ରହିବା କାରଣରୁ ମନରେ ସରସତା ରହିବ ନାହିଁ। ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**କନ୍ୟା**
ପାରସ୍ପରିକ ସହଯୋଗର ଅଭାବ ଏବଂ ପାରିବେଶିକ ବ୍ୟତିକ୍ରମ କର୍ମକ୍ଷେତ୍ରର ଯୋଜନାକୁ ବଦଳାଇ ଦେଇପାରେ। ହଠାତ୍ ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ତଥାପି ମନରେ ଶାନ୍ତି ଆସିବ ନାହିଁ। ଶିଳ୍ପ, ବ୍ୟବସାୟ ଓ ଯାତ୍ରା କ୍ଷେତ୍ରରେ ଆଂଶିକ ସଫଳତାର ଆଶା ରହିଛି।

**ତୁଳା**
ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବା ସହ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ମନୋବଳ ସମସ୍ୟା ସମାଧାନରେ ସହାୟକ ହେବ।

**ବିଛା**
ପରିବାର କିମ୍ବା ବନ୍ଧୁବର୍ଗରେ କଥାଭାଷାର କଠୋରତା ସମ୍ପର୍କକୁ ହ୍ରାସ କରାଇବ। ଏହିଭଳି ପରିସ୍ଥିତିର ସମ୍ମୁଖୀନ ହେବେ ଯେପରିକି କେତେକ କ୍ଷେତ୍ରରେ କିଛି କହିପାରିବେ ନାହିଁ। ବ୍ୟବସାୟ, ପରିବହନାଦିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ନିର୍ମାଣ, ପ୍ଲଟିଂ ବ୍ୟବସାୟ କ୍ଷେତ୍ରରେ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**
ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ଶୁଭଙ୍କରୀ ରହିବ ଏବଂ ହାତକୁ ନେଇଥିବା କାମରେ ଅଗ୍ରଗତି ଘଟିବ। ବ୍ୟବସାୟ, ଆଲୋଚନା, ଯାତ୍ରା କ୍ଷେତ୍ରରେ ଠିକ୍ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେଲେ ସମସ୍ୟାକୁ ନିମନ୍ତ୍ରଣ କରିବା ପରି ହୋଇପାରେ।

**ମକର**
ସତର୍କତା ଅଭାବରୁ ଧନହାନି, କଳହ କିମ୍ବା ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନର ଆଶା ରହିଛି। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**କୁମ୍ଭ**
ଶୁକ୍ରଙ୍କ ଶୁଭ ପ୍ରଭାବରୁ ବିଭିନ୍ନ ପ୍ରକାର ସୁଖ ସମ୍ଭୋଗ ଓ ବିଳାସବ୍ୟସନ ଦିଗକୁ ମନ ଚାହିଁବ। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଶତଭିଷା ନକ୍ଷତ୍ରର ଆର୍ଥିକ ସମସ୍ୟା, ମାମଲା, ଜମିଜମା ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ମୀନ**
କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଉତରଭାଦ୍ରପଦ୍ ନକ୍ଷତ୍ରର ସାମୟିକ ସ୍ୱାସ୍ଥ୍ୟହାନୀ ଓ ପ୍ରିୟଜନଙ୍କ ବିଚ୍ଛେଦାତ୍ମକ ଖବର ମନକୁ ଶୋକାକୁଳ କରାଇପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ଶନିବାର, ଫେବୃୟାରୀ ୨୯ ତାରିଖ, ରାଶି ନକ୍ଷତ୍ର–ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ଷଷ୍ଠୀରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦ ।୦୩ମି. ଗତେ ଘ୧୧୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭ ।୩୭ମି. ଗତେ ଘ୯ ।୦୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୯ ।୦୫ମି. ଗତେ ଘ୧୦ ।୩୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## SALE

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft. 650/-. 7008045582, 9692003948. D-16940

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar. Mob: 9938466916. D-16918

Gharabari Stthitiban land 3k.m. from Hanspal (Rasulgarh). Call: 9937816565, 9937568585. D-69227

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

30'road boundary, gharabari fully developed plot Gudiapokhari (KEC) 9937166932. D-68599

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

Under construction 2BHK flat 3rd floor for sale at Jharpada, Bhubaneswar. 7978751719. D-67541

ଭୁବନେଶ୍ୱର ବାଲକାଟି ବଜାରରୁ **2km sqft.-550/-,** (ଘରବାରି) ଜଟଣୀଗେଟ୍‌ଠାରେ **sqft.-200/-,** କଟକ ତ୍ରିଶୁଳିଆରୁ **4km sqft.-300/-** ପ୍ଲଟ୍ ମିଳୁଅଛି। **7978939440, 9178004547.** D-68489

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

Plot for sale near AIIMS Hospital, Bhubaneswar, yellow zone, gharabari & other. Contact: 9348721088, 9938670164. D-69228

3900 sqft. boundary wall gharabari plot sale near 2nd Infosys Road, Janla, Bhubaneswar. Contact only owner 9238699541. D-53648

ସୁନ୍ଦରପଦା **Hitech Plaza** ପାଖରେ **30'**ରାସ୍ତା, ଘରବାରି, **boundary,** ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। **6370292040.** D-68495

Gharabari plot sale Sundarpada near Hi-Tec Plaza sqft-920/.9337766961, 9439364818. D-16939

1600 sqft. gharabari residential plot for sale near Rabi Talkies,Tankapani Road, Bhubaneswar. Price- 51 lakh. Contact: 7504392698. D-69231

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68791

ଦୋକାନ ଘର ସହିତ **commercial** ପ୍ଲଟ୍ ବିକ୍ରି ହେବ **Jankia** ଥାନା ସମ୍ମୁଖରେ **NH** କୁ ଲାଗି। **9437041063, 9938499755.** D-16924

Residential plot & duplex available near Puri Canal, Hanspal. Mob: 9438296153. D-16942

ଭୁବନେଶ୍ୱର **Tamando**ରେ **30'**ରାସ୍ତା ଥାଇ/ ପିତାପଲ୍ଲି **NH**କୁ ଲାଗି ପ୍ଲଟ୍ କିଣନ୍ତୁ। **9348767829.** D-68499

2BHK simplex 35,00,000/- finishing Hanspal, low cost plot Atala- 6370140491. D-68673

1000 sqft. gharabari residential with semi commercial land for sale at Mahadev Nagar, Jharapara, Bhubaneswar. Price 33 lakh. Contact: 7504392698. D-69229

Book a 3BHK duplex having land area 1400 sqft. and construction area 2100 sqft. at Nandan Vihar, Patia, Bhubaneswar. Price-77 lakhs, 7504392698. D-69230

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Construction residential, commercial for 450/- & 850/-. 8018961216.** D-16856

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719




2BHK flat with parking at Lingipur rent family. Contact: 7894381416. D-59945

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893




Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608




Ayurvedic full body massage by ladies, gents therapist. 7008773793 D-60873

Newly open full body massage by ladies, gents therapist. 8018656899 D-60872

Sai herbal spa refresh your body with smart, expert therapist. 7608062524. D-69222

Ayurvedic refreshment massage therapy refresh mind and body. Appointment: 7894855541. D-68598

## LOST

I Prahallad Rai Agrawal, S/o. Late Balmukund Agrawal, residing At- Thikadarpara, PO- Titilagarh, Dist.- Bolangir (Odisha) do hereby declare that I am residing in my own building plot no. 1225, khata no. 463/235. That the original R.O.R. copy of the said building was missed somewhere. D-16941

## AFFIDAVIT

By virtue of an affidavits before Executive Magistrate Nimapara, I have changed my Name from Sunil Parida to Jyotiranjan Parida on dated 28.02.2020 for all purposes. D-16946

By an affidavit sworn before the Notary, Sundargarh I Libnus Kujur, R/o. Village/ PO- Deogoan, Dist. Sundargarh (Odisha) declare that I am working under General Reserve Engineer Force, HQ-32 BRTF (GREF) C/o. 56APO, Srinagar. In service record the surname of my wife is entered as Minz i.e Salomi Minz instead of Salomi Kujur and date of birth of my wife is entered as 29.12.2070 instead of 20.12.1970. I am swearing this affidavit before the concerned authority for necessary correction. D-16945

Affidavit before Executive Magistrate, Cuttack Sadar, I Mohan Lal Dharewa, S/o- Late Budhmal Dharewa of Jhola Sahi, Buxibazar, Dist.- Cuttack- 753001, Odisha changed my surname from Jain to Dharewa. Henceforth I shall be known as Mohan Lal Dharewa for all purposes. D-16944

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# କିଚେନ୍ ଗାର୍ଡେନ୍ ବୁଲିଲେ ବିଦେଶୀ ନାଗରିକ


ବିଦେଶୀ ନାଗରିକମାନେ କିଚେନ୍ ଗାର୍ଡେନ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର, ୨୮।୨ (ବ୍ୟୁରୋ):** ୭ ଦେଶ ଫ୍ରାନ୍ସ, କେନିଆ, ଇକ୍ୱାଡାର, ଇଟାଲୀ, ସ୍ପେନ୍, ପର୍ତ୍ତୁଗାଲ୍ ଏବଂ ପୋଲାଣ୍ଡରୁ ୭ ଜଣ ବିଦେଶୀ ନାଗରିକ ଆସି ଶୁକ୍ରବାର ଭୁବନେଶ୍ୱରସ୍ଥ କିଚେନ୍ ଗାର୍ଡେନ ପରିଦର୍ଶନ କରିଛନ୍ତି। କିଚେନ୍ ଗାର୍ଡେନ ଏବେ ପ୍ରାକୃତିକ ଚାଷ ସଂକ୍ରାନ୍ତ ପ୍ରଶିକ୍ଷଣ ତଥା ପ୍ରଦର୍ଶନୀ ହବ୍ ପାଲଟିଥିବା ବେଳେ ସହରୀ ବଗିଚା, ଭୂମିଶଯ୍ୟା, ମୃତ୍ତିକା ଏବଂ କୀଟନାଶକ ପରିଚାଳନା, ଘରୋଇ ବର୍ଜ୍ୟବସ୍ତୁର କମ୍ପୋଷ୍ଟିଂ, ମୃତ ଜଳ ପ୍ରସ୍ତୁତି ସହ ଜଳ ସଫେଇ, ମତ୍ସ୍ୟ ଟ୍ୟାଙ୍କର ବିଭିନ୍ନ ଡେମୋକୁ ବିଦେଶୀ ନାଗରିକମାନେ ବୁଲି ଦେଖିଛନ୍ତି। ଏହି ଅବସରରେ ଅନୁଷ୍ଠିତ ପାରସ୍ପରିକ ଅଧିବେଶନରେ ସମସ୍ତ ବିଦେଶୀ ନାଗରିକ ସେମାନଙ୍କ ଦେଶରେ ସହରୀ ଚାଷ ସ୍ଥିତି ବିଷୟରେ ବଖାଣିଥିଲେ। ଆମ ଦେଶରେ ସହରୀ ଚାଷରେ ସଫଳତା ପାଇଥିବା କୃଷକ ଦୁଷ୍ମନ୍ତ ଦାସ ସେମାନଙ୍କ ସହ ଭାବ ବିନିମୟ କରିଥିଲେ। ଡ. ମନୋରଞ୍ଜନ ମିଶ୍ର, ଡ. ଆଦିତ୍ୟ ମହାନ୍ତି, ମାମୁନି ମହାନ୍ତି, ପ୍ରଦୀପ୍ତ ମହାରଣା, ମହେଶ୍ୱର ଖିଲାର, ପ୍ରିୟରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ବିଦେଶୀ ନାଗରିକଙ୍କୁ ବିଭିନ୍ନ ମଡେଲ ଦେଖାଇଥିଲେ। ବର୍ଜ୍ୟବସ୍ତୁକୁ ବ୍ୟବହାର କରିବା ସହ ସେଗୁଡ଼ିକୁ କାର୍ଯ୍ୟରେ ଉପଯୋଗ କରୁଥିବାରୁ ବିଦେଶୀ ନାଗରିକମାନେ କିଚେନ୍ ଗାର୍ଡେନର୍ସ ଆସୋସିଏଶନ୍‌କୁ ପ୍ରଶଂସା କରିଥିଲେ।

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

ଭାରତର ସବୁଠାରୁ ବଡ଼ ଓ ସବୁଠାରୁ ଭରସାଯୋଗ୍ୟ ଜୀବନ ବୀମା ପ୍ରଦାନକାରୀ
**ଭାରତୀୟ ଜୀବନ ବୀମା ନିଗମ**
ଉତ୍ସାହୀ ଏବଂ କର୍ମଠ ଯୁବ ସ୍ନାତକମାନଙ୍କଠାରୁ ନିମ୍ନଲିଖିତ ପଦବୀରେ ଯୋଗ ଦେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି
**ସହକାରୀ ଯନ୍ତ୍ରୀ**
(ସିଭିଲ/ଇଲେକ୍ଟ୍ରିକାଲ/ଷ୍ଟ୍ରକ୍‌ଚରାଲ/ଏମ୍‌ଇପି/ଆର୍କିଟେକ୍ଟ)
ଏବଂ
**ସହକାରୀ ପ୍ରଶାସନିକ ଅଧିକାରୀ (ଏଏଓ)**
(ଚାର୍ଟାର୍ଡ ଆକାଉଣ୍ଟାଣ୍ଟ/ ଆକ୍ଚୁଆରିଆଲ/ ଲିଗାଲ/ ରାଜଭାଷା/ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି)
**ମୋଟ ଖାଲି ପଦବୀ ସଂଖ୍ୟା: ୨୧୮**
ମନୋନୀତ ପ୍ରାର୍ଥୀମାନେ ଦେଶର ସବୁଠାରୁ ବଡ଼ ଜୀବନ ବୀମା ପ୍ରଦାନକାରୀ ତଥା ଅନ୍ୟତମ ସୁଦୃଢ଼ ଆର୍ଥିକ ଅନୁଷ୍ଠାନ ଏଲ୍‌ଆଇସି ସହିତ ଅଭିବୃଦ୍ଧି ଓ ଶିକ୍ଷାଲାଭର ଅତୁଳନୀୟ ମାର୍ଗ ପାଇବେ ।
**ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆର୍ଥିକ ସଂସ୍ଥାମାନଙ୍କ ପରି ପ୍ରଯୁଜ୍ୟ ଦରମା ଓ ଅନ୍ୟାନ୍ୟ ସୁବିଧା ରହିଛି ।**
କାର୍ଯ୍ୟକ୍ରମର ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| | |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ/ ଦେୟ ପୈଠ | ତା୨୫।୦୨।୨୦୨୦ରୁ ୧୫।୦୩।୨୦୨୦ରିଖ |
| ଅନ୍‌ଲାଇନ୍ ପ୍ରିଲିମିନାରୀ ପରୀକ୍ଷାର ସମ୍ଭାବ୍ୟ ତାରିଖ | ୪ ଏପ୍ରିଲ, ୨୦୨୦ |

ବିସ୍ତୃତ କର୍ମନିଯୁକ୍ତି ଅଧିସୂଚନା ଆମ ୱେବ୍‌ସାଇଟ୍ www.licindia.inରେ "କ୍ୟାରିୟର୍ସ" ଅଧୀନରେ ଉପଲବ୍ଧ ।
ତାରିଖ: ୨୬।୦୨।୨୦୨୦
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କାର୍ମିକ)

# ଗ୍ରାମପଞ୍ଚାୟତ, ବ୍ଲକକୁ ଅଧିକ କ୍ଷମତା ଦେବାକୁ ନିଷ୍ପତ୍ତି

**ଭୁବନେଶ୍ୱର,୨୮।୨(ବ୍ୟୁରୋ):** ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପୂର୍ବାପେକ୍ଷା ଅଧିକ କ୍ରିୟାଶୀଳ କରାଯିବ। ସେଥିପାଇଁ ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଆଦି ଭିତ୍ତିଭୂମି କ୍ଷେତ୍ରରେ କେତେକ ଦାୟିତ୍ୱ ପଞ୍ଚାୟତ ଏବଂ ପଞ୍ଚାୟତସମିତି(ବ୍ଲକ)କୁ ଦାୟିତ୍ୱ ଦିଆଯିବ। ଏନେଇ ନୀତିଗତ ନିଷ୍ପତ୍ତି ହୋଇ ସାରିଛି। ଶୁକ୍ରବାର ଲୋକସେବା ଭବନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା, ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ନିଷ୍ପତ୍ତି ଅନୁଯାୟୀ, ପଞ୍ଚାୟତରେ ଥିବା ସମସ୍ତ ସରକାରୀ ପ୍ରାଥମିକ/ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡ଼ି ଓ ପ୍ରାଣୀଚିକିତ୍ସା କେନ୍ଦ୍ର, ଏଏନ୍‌ଏମ କେନ୍ଦ୍ରର ମରାମତି ଓ ରକ୍ଷଣାବେକ୍ଷଣ ଏବଂ ଶୌଚାଳୟ, ଖେଳପଡ଼ିଆ, ଶିଶୁ ଉଦ୍ୟାନ କାର୍ଯ୍ୟ ପଞ୍ଚାୟତ କରିବ। ସେହିପରି ହାଇସ୍କୁଲ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜନସ୍ୱାସ୍ଥ୍ୟ କେନ୍ଦ୍ର ରକ୍ଷଣାବେକ୍ଷଣ କାର୍ଯ୍ୟ ପଞ୍ଚାୟତସମିତି ତଥା ବ୍ଲକ କରିବ। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ଷଣାବେକ୍ଷଣ ପିଡବ୍ଲ୍ୟୁଡି ଅଧୀନରେ ରହିବ।

# ଓଡ଼ିଶା ରେରା ଅଧ୍ୟକ୍ଷଙ୍କ ଇସ୍ତଫା

**ଭୁବନେଶ୍ୱର, ୨୮।୨ (ବ୍ୟୁରୋ)**

ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲାଟୋରି ଅଥରିଟି (ରେରା) ଅଧ୍ୟକ୍ଷ ଅମିୟ ମହାପାତ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ଏଭଳି ପଦକ୍ଷେପ ନେଇଥିବା ଦର୍ଶାଇ ସେ ଇସ୍ତଫା ପତ୍ରକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଥିଲେ। ତାହାକୁ ରାଜ୍ୟ ସରକାର ଗ୍ରହଣ କରିନେଇଛନ୍ତି। ୨୦୧୭ରେ ଓଡ଼ିଶାରେ ରେରା ଆରମ୍ଭ ହେବା ପରେ ଅମିୟ ଅଧ୍ୟକ୍ଷ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ପୂର୍ବରୁ ସେ ଜଣେ ପିସିସିଏଫ୍ ଭାବେ କାର୍ଯ୍ୟ କରୁଥିଲେ।

ରେରା ନିୟମକୁ ଉଲ୍ଲଂଘନ କରୁଥିବା ବିଲ୍‌ଡରମାନଙ୍କୁ ସେ ନୋଟିସ କରିଥିଲେ। କେତେଜଣ ବିଲ୍‌ଡରଙ୍କ ଉପରେ ମୋଟା ଅଙ୍କର ଜରିମାନା ମଧ୍ୟ କରିଥିଲେ। ଡିସେମ୍ବର ୨୦୨୧ରେ ତାଙ୍କର କାର୍ଯ୍ୟକାଳ ସରିଥାନ୍ତା। ହେଲେ ତା'ର ଯଥେଷ୍ଟ ଆଗରୁ ତାଙ୍କ ଇସ୍ତଫା ଓ ତାହାକୁ ନଗର ଉନ୍ନୟନ ବିଭାଗ ତୁରନ୍ତ ଗ୍ରହଣ କରିନେବା ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଛି। ଅମିୟଙ୍କ ସହ ରେରାର ଅନ୍ୟ ସଦସ୍ୟମାନଙ୍କର ପଟୁ ନ ଥିବା କଥା ଏବେ କର୍ମଚାରୀଙ୍କ ମହଲରେ ଆଲୋଚନା ହେଉଛି। ସେହିପରି କୁହାଯାଉଛି ଯେ, ଶତାଧିକ ବିଲଡର ସଂସ୍ଥାର ଆବେଦନକୁ ସେ ଅଗ୍ରାହ୍ୟ କରିଦେଇଥିଲେ। ତାହାକୁ ନେଇ ବହୁ ବିଲଡର ସଂସ୍ଥା ଅସନ୍ତୋଷ ପ୍ରକାଶ କରିଥିଲେ। କେତେଜଣ ବିଲଡରଙ୍କ ଉପରେ ଅଙ୍କୁଶ ଯୋଗୁ ତାଙ୍କ ଉପରେ ଇସ୍ତଫା ପାଇଁ ଚାପ ପଡ଼ିଥିବା କୁହାଯାଉଛି। ଅନ୍ୟପକ୍ଷରେ ଗତ ଜାନୁୟାରୀ ୧୦ରେ ନଗର ଉନ୍ନୟନ ବିଭାଗ 'ମୋ ସରକାର' ଅଧୀନକୁ ଆସିଲା। ସାଧାରଣ ଲୋକଙ୍କୁ ଉନ୍ନତମାନର ସେବା ଯୋଗାଇବା, କେଉଁଠି ବି ବ୍ୟତିକ୍ରମକୁ ବରଦାସ୍ତ କରା ନ ଯିବା, ସବୁ କଥାରେ ସ୍ୱଚ୍ଛତା ରଖିବା ଉଦ୍ଦେଶ୍ୟରେ ବିଭାଗକୁ ସାମିଲ କରାଯାଇଥିଲା। ପୂର୍ବରୁ କେତେଜଣ ଲୋକ ବିଲ୍‌ଡରଙ୍କ ଦ୍ୱାରା ଠକେଇର ଶିକାର ହୋଇ ରେରାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କୁ ନ୍ୟାୟ ମିଳିପାରି ନ ଥିଲା। ଏହିସବୁ କାରଣ ପାଇଁ ଅମିୟଙ୍କ ଉପରେ ଚାପ ପଡ଼ିଥାଇପାରେ ବୋଲି କୁହାଯାଉଛି। ହେଉଥିବା ଚର୍ଚ୍ଚା ଓ ଇସ୍ତଫା ସମ୍ପର୍କରେ ମତାମତ ପାଇଁ ଅମିୟଙ୍କୁ ତାଙ୍କ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ ଉଠାଇ ନ ଥିଲେ।

**୨୦୨୧ ଡିସେମ୍ବରରେ ସରୁଥିଲା କାର୍ଯ୍ୟକାଳ**

# ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାୟିତ୍ୱରୁ ଅନ୍ତର

**ପରଜଙ୍ଗ, ୨୮।୨ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁଆଁଳୋସ୍ଥିତ ଅଷ୍ଟଶମ୍ଭୁ ବିଦ୍ୟାନିକେତନ ମାଟ୍ରିକ ପରୀକ୍ଷା କେନ୍ଦ୍ରରୁ ଏକ ମୋବାଇଲ ଜବତ ହେବା ଘଟଣାରେ ଜିଲା ଶିକ୍ଷା ଅଧିକାରୀ ଶୁକ୍ରବାର ଉକ୍ତ ବିଦ୍ୟାନିକେତନର ସୁପରିଣ୍ଟେଣ୍ଡେଣ୍ଟ ମହେଶ ଚନ୍ଦ୍ର ନାୟକଙ୍କୁ କାର୍ଯ୍ୟରୁ ଅନ୍ତର କରିବା ସହ କୈଫିୟତ ତଲବ କରିଛନ୍ତି। ଏଥିସହ ତାଙ୍କ ସ୍ଥାନରେ ବଡ଼ଝରା ହାଇସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ପ୍ରଦାନ କରିଥିବା ନେଇ ବିଇଓ ହରିହର ଦେହୁରୀ ସୂଚନା ଦେଇଛନ୍ତି। ଶୁକ୍ରବାର ପରୀକ୍ଷା ଆରମ୍ଭରୁ ପରଜଙ୍ଗ ତହସିଲଦାର ଜୟନ୍ତ କୁମାର ଜୟ ସିଂ ଉକ୍ତ କେନ୍ଦ୍ରରେ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ସରିଥିବା ବିଇଓ ସୂଚନା ଦେଇଛନ୍ତି।

**ପରୀକ୍ଷା ହଲରୁ ମୋବାଇଲ ଜବତ ଘଟଣା**

# ନିଆଁରେ ପୋଡ଼ି ଗୁରୁତର ମହିଳାଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ,୨୮।୨(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଅଧୀନ ବଣସାହି ଗ୍ରାମର ମିତା ଜେନା ନାମ୍ନୀ ଜଣେ ମହିଳା ନିଆଁରେ ପୋଡ଼ିଯାଇ ଗୁରୁତର ହୋଇଥିଲେ। କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗତ ୨୩ ତାରିଖ ରାତିରେ ମିତା ପିଲାଙ୍କୁ ଖାଇବାକୁ ଦେବା ପାଇଁ ବାଡୁଥିବାବେଳେ ଡିବିରି ଆଲୁଅରୁ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା।



ୟୁରୋପୀୟ ସମାଜର ସୁନ୍ଦର ବାହ୍ୟ ସଭ୍ୟତା ତଳେ, ଏକ ଗଭୀର ନୈତିକ ରୋଗ ତା'ର ପ୍ରାଣକୁ ଗ୍ରାସ କରୁଛି – ଯାହାର ସହସ୍ର ସହସ୍ର ଲକ୍ଷଣ ଆମ ଆଖିରେ ପଡୁଛି। ଭାରତ ଯଦି ତା'ର ରାଜନୈତିକ ଆଦର୍ଶ, ସାମାଜିକ ପ୍ରଣାଳୀ ଓ ଆର୍ଥିକ ନିୟମକୁ ଗ୍ରହଣ କରେ– ତେବେ ସେ ମଧ୍ୟ ସେ ସବୁ ରୋଗ ଦ୍ୱାରା ଆକ୍ରାନ୍ତ ହେବ। –ଶ୍ରୀଅରବିନ୍ଦ



# ସମ୍ପର୍କର ଫାଇଦା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗତମାସରେ କ୍ଷମତା ଅଳିନ୍ଦରେ ଦେଖିବା ଭଳି ଏକ କାର୍ଯ୍ୟ ନଜରକୁ ଆସିଥିଲା। ଜଣେ ବାବୁ ତାଙ୍କ ଝିଅ ପାଇଁ ମୁଣ୍ଡନ ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଅନେକ କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ଅନେକ ସଚିବ ତଥା ବିଭିନ୍ନ ବିଭାଗର ପୂର୍ବତନ ମନ୍ତ୍ରୀମାନେ ଯୋଗଦେଇଥିଲେ। ବାସ୍ତବରେ ଅତିଥି ତାଲିକାରେ ରାଜଧାନୀର କ୍ଷମତାଶାଳୀ ତଥା ମାଣ୍ୟଗଣ୍ୟ ବ୍ୟକ୍ତିମାନେ ହିଁ ଥିଲେ। ସେମାନଙ୍କ ଉପସ୍ଥିତି ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। କିନ୍ତୁ ଦିବାକରନାଥ ମିଶ୍ର କୌଣସି ସାଧାରଣ ଯୁଗ୍ମ ସଚିବ ନୁହନ୍ତି। ସେ ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ଏ.କେ. ମିଶ୍ରଙ୍କ ଭ୍ରାଇଁ ଏବଂ ଏହି ପାର୍ଟି ବିଚାରପତିଙ୍କ ଘରେ ଆୟୋଜିତ ହୋଇଥିଲା। ଏଭଳି ଏକ ସଂଯୋଗରୁ ଅତିଥିମାନଙ୍କର ଅଭୂତପୂର୍ବ ଉପସ୍ଥିତି ବୁଝାପଡେ। ମିଶ୍ର ହେଉଛନ୍ତି ୨୦୦୦ ବ୍ୟାଚ୍ ଆସାମ-ମେଘାଳୟ କ୍ୟାଡର୍‌ର ଜଣେ ଆଇଏଏସ୍ ଅଧିକାରୀ ଏବଂ ଏବକାର କାର୍ଯ୍ୟଭାର ପୂର୍ବରୁ ସେ ପେଟ୍ରୋଲିୟମ୍ ମନ୍ତ୍ରଣାଳୟରେ କାର୍ଯ୍ୟ କରିଥିଲେ। ସେ ମଧ୍ୟ ତୈଳ ଉଦ୍ୟୋଗ ବିକାଶ ପରିଷଦର ସଚିବ ଥିଲେ। କିନ୍ତୁ ଏବେ ବାଣିଜ୍ୟ ମନ୍ତ୍ରଣାଳୟରେ କାର୍ଯ୍ୟରତ ମିଶ୍ର କେବଳ ଉଚ୍ଚ ମହଲରେ ଭଲ ସମ୍ପର୍କ ଥିବା ଏକମାତ୍ର ଭ୍ରାଇଁ ନୁହନ୍ତି। ଆଉ ଜଣେ ଶ୍ୟାମଳ ମିଶ୍ର ଅଛନ୍ତି ଯେ କି ନୃପେନ୍ଦ୍ର ମିଶ୍ରଙ୍କ ଭ୍ରାଇଁ। ନୃପେନ୍ଦ୍ର ମିଶ୍ର ଏକଦା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଭାବେ ସବୁଠୁ କ୍ଷମତାଶାଳୀ ଥିଲେ।

### କାହାକୁ ଯିବାକୁ ଦିଆଯାଉନି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ ବା ପିଏମ୍‌ଓ ହେଉଛି ଏପରି ଏକ କାର୍ଯ୍ୟାଳୟ, ଯାହାକୁ ଜଣେ ଯେତେବେଳେ ଚାହିଁବ ଛାଡ଼ିପାରିବ, କିନ୍ତୁ କେବେ ଛାଡ଼ିବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଭାବେ କାର୍ଯ୍ୟକାଳ ଶେଷ ହେବା ପରେ ପିଏମ୍‌ଓ ଛାଡିବା ସତ୍ତ୍ୱେ ନୃପେନ୍ଦ୍ର ମିଶ୍ର ମୋଦିଙ୍କର ଜଣେ ପ୍ରିୟଲୋକ ହୋଇ ରହିଛନ୍ତି। ମୋଦି ସରକାରଙ୍କ ପ୍ରଥମ ପାଳି ଶେଷରେ ସେ ଯେତେବେଳେ ପିଏମ୍‌ଓ ଛାଡିଲେ ସେତେବେଳେ ଭାଙ୍ଗିପଡି ନ ଥିଲେ। କିଛିମାସ ପରେ ପ୍ରଧାନମନ୍ତ୍ରୀ ମିଶ୍ରଙ୍କୁ ସମ୍ମାନଜନକ ନେହେରୁ ସ୍ମାରକୀ ସଂଗ୍ରହାଳୟ ଏବଂ ପୁସ୍ତକାଳୟର କାର୍ଯ୍ୟନିର୍ବାହୀ ପରିଷଦର ମୁଖ୍ୟ ଭାବେ ନିଯୁକ୍ତି ଦେଇଥିଲେ। ଏବେ ତାଙ୍କୁ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିବାକୁ ଗଠିତ ହୋଇଥିବା କମିଟିର ମୁଖ୍ୟ କରାଯାଇଛି। ନିଃସନ୍ଦେହ, ଉତ୍ତରପ୍ରଦେଶରେ ପ୍ରଶାସକଭାବେ ମିଶ୍ରଙ୍କର ଦୀର୍ଘ ଅଭିଜ୍ଞତା ରହିଛି ଏବଂ ସେ ମୋଦିଙ୍କ ବିଶ୍ୱାସଭାଜନ ହୋଇ ଯେଉଁ ଅନୁଭୂତି ହାସଲ କରିଛନ୍ତି ତାହା ଏ କ୍ଷେତ୍ରରେ କାମରେ ଆସିବ। ସେହିପରି ଆଉ ଜଣେ ପୂର୍ବତନ ପିଏମ୍‌ଓ ବାବୁ ତଥା ୧୯୮୩ ବ୍ୟାଚ୍ ପଶ୍ଚିମବଙ୍ଗ କ୍ୟାଡର ଆଇଏଏସ୍ ଅଧିକାରୀ ଭାସ୍କର ଖୁଲ୍‌ବେ ପ୍ରଧାନମନ୍ତ୍ରୀଙ୍କ ସଚିବ ପଦରୁ ଅବସର ନେବା ପରେ ପୁଣି ପିଏମ୍‌ଓକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ସଚିବସ୍ତରୀୟ ପାହ୍ୟା ଓ ବେତନ ପାଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମୋଦିଙ୍କର ଏବେ ଦୁଇଜଣ ପରାମର୍ଶଦାତା ହେଲେ। ଦ୍ୱିତୀୟ ଜଣକ ହେଉଛନ୍ତି ଖୁଲ୍‌ବେଙ୍କ ବ୍ୟାଚ୍‌ମେଟ ତଥା ବିହାର କ୍ୟାଡର୍‌ର ଅମରଜିତ୍ ସିହ୍ନା, ଯିଏ କି ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ପଦରୁ ଅବସର ନେଇଛନ୍ତି। ବର୍ତ୍ତମାନ ଉଭୟେ ପିଏମ୍‌ଓର ସ୍ଥାୟୀ ସମ୍ପ୍ରସାରଣ ମଧ୍ୟରେ ରହିବେ। ଏବେ ପିଏମ୍‌ଓରେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ପି.କେ. ସିହ୍ନା ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚଳାଉଥିବା ଅନ୍ୟ ୪୮ ଜଣ ବରିଷ୍ଠ ଅଧିକାରୀ। ମୋଦିଙ୍କ ଆନୁଗତ୍ୟ ଓ ବିଶ୍ୱାସସମ୍ପନ୍ନ ବାବୁମାନଙ୍କୁ ପିଏମ୍‌ଓରେ ନିଯୁକ୍ତି ଦେବାକୁ ମୋଦି କେତେ ଭଲ ପାଆନ୍ତି ତାହା ଏଥିରୁ ସ୍ପଷ୍ଟ ବୁଝାପଡୁଛି।

### କେବଳ ପାରିଭାଷିକ ନା ଆଉ କିଛି

ଅର୍ଦ୍ଧସାମରିକ ବଳକୁ ପ୍ରଶାସନିକ ସେବା ମର୍ଯ୍ୟାଦା ଦିଆଯାଇ ପାରେ କି? 'ହଁ' ବୋଲି ଦୃଢ଼ତାର ସହ ଏହାର ଉତ୍ତର ଦେଇଛନ୍ତି ମୋଦି ସରକାର। ସରକାର ସବୁ କେନ୍ଦ୍ରୀୟ ସଶସ୍ତ୍ର ଆରକ୍ଷୀ ବଳକୁ ଗୋଟିଏ ଭାରତୀୟ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ସେବା (ଆଇସିଏପିଏସ୍) ଅଧୀନକୁ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ପୁଣି ଅର୍ଦ୍ଧସାମରିକ ବଳ ପାଇଁ ନିଯୁକ୍ତି କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ସଂଚାଳିତ ପ୍ରଶାସନିକ ସେବା ପରୀକ୍ଷା ମାଧ୍ୟମରେ କରାଯିବ। ସୂଚନା ଅନୁସାରେ, ଏହି ନାମ ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି ଏହାଦ୍ୱାରା କେନ୍ଦ୍ରୀୟ ଆରକ୍ଷୀ ବଳର ଷ୍ଟାଟସ୍‌ରେ ପରିବର୍ତ୍ତନ କରି ଏହାକୁ ଅନ୍ୟ ପ୍ରଶାସନିକ ସେବା ସହ ସମାନ କରିବା। ଗତବର୍ଷ ଡିସେମ୍ବରରେ ଏଭଳି ପରିବର୍ତ୍ତନ କରିବା ଲାଗି ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ସୀମା ପରିଚାଳନା ସଚିବଙ୍କ ନେତୃତ୍ୱରେ ଗଠିତ କମିଟି ସୁପାରିସ କରିଥିଲା ଏବଂ ମନ୍ତ୍ରଣାଳୟ ୨୦୧୭ରେ ୟୁପିଏସ୍‌ସିଠାରୁ ଏଭଳି ପ୍ରସ୍ତାବ ପାଇଥିଲା। ପ୍ରଶାସନିକ ଅଧିକାରୀ ଓ କେନ୍ଦ୍ରୀୟ ପୋଲିସ ଅଧିକାରୀମାନଙ୍କ ମଧ୍ୟରେ ଥିବା ତାରତମ୍ୟ ଦୂର କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ତେବେ କେତେଜଣ ଆଇପିଏସ୍ ଅଧିକାରୀ ମତ ଦେଇଛନ୍ତି ଯେ, ଏହି ନାମ ପରିବର୍ତ୍ତନ କେବଳ ପାରିଭାଷିକ ଏବଂ ଯେପର୍ଯ୍ୟନ୍ତ ପ୍ରସ୍ତାବିତ ଆଇସିଏପିଏସ୍ କ୍ୟାଡର୍‌ରେ ଅନ୍ତର୍ବଦଳି ବ୍ୟବସ୍ଥା ଲାଗୁ ନ ହୋଇଛି, ଅର୍ଥାତ୍ ଗୋଟିଏ ଅର୍ଦ୍ଧସାମରିକ ବଳରୁ ଆଉ ଏକ ବଳକୁ ବଦଳି ହେବାର ବ୍ୟବସ୍ଥା ନ ହୋଇଛି ସେତେବେଳ ଯାଏ ଏଥିରେ ବିଶେଷ କିଛି ଫରକ ପଡିବ ନାହିଁ।

Email: dilipcherian@gmail.com

# ଜୀବନର ସାୟାହ୍ନରେ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

୨୦୧୯ ମସିହାରେ ରସାୟନ ବିଜ୍ଞାନରେ ଯେଉଁ ତିନିଜଣ ନୋବେଲ ବିଜୟୀ ହୋଇଥିଲେ, ସେମାନଙ୍କ ମଧ୍ୟରେ ଅଛନ୍ତି ଜନ୍ ଗୁଡ୍‌ଏନଫ୍, ଷ୍ଟାନ୍‌ଲେ ହ୍ୱିଟିଙ୍ଗହମ୍ ଓ ଆକିରା ୟାସିନୋ। ଲିଥିୟମ-ଆୟନ-ବ୍ୟାଟେରି କ୍ଷେତ୍ରରେ ଅଭିନବ ଅବଦାନ ପାଇଁ ସେମାନେ ଏହି ଗୌରବ ପ୍ରାପ୍ତ ହୋଇଥିଲେ। ଉକ୍ତ ବ୍ୟାଟେରିର ବ୍ୟବହାର ଦ୍ୱାରା ଖଣିଜ-ତୈଳର ଚାହିଦା ଯଥେଷ୍ଟ ହ୍ରାସ ହେବ ଓ ଆମ ସମାଜ ଉତ୍କଟ ପ୍ରଦୂଷଣରୁ କେତେକାଂଶରେ ନିସ୍ତାର ପାଇବ। ତେବେ ଏମିତି ସୌଭାଗ୍ୟପ୍ରାପ୍ତ ତିନି ବିଜେତାଙ୍କ ମଧ୍ୟରେ ଯେଉଁ ଜଣକ ସମଗ୍ର ବିଶ୍ୱବାସୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି ସେ ହେଉଛନ୍ତି ବୟୋଜ୍ୟେଷ୍ଠ ରସାୟନବିତ୍ ଗୁଡ୍‌ଏନଫ। ଜୁଲାଇ ୧୯୨୨ରେ ଜର୍ମାନୀର ଜେନାରେ ଜନ୍ମିତ ଗବେଷକ ସତାନବେ ବର୍ଷ ବୟସରେ ପୁରସ୍କୃତ ହୋଇଛନ୍ତି। ଅଦ୍ୟାବଧି ସମସ୍ତ ନୋବେଲ ବିଜେତାଙ୍କ ମଧ୍ୟରେ ସେ ହେଉଛନ୍ତି ସବୁଠାରୁ ବୟସ୍କ ବ୍ୟକ୍ତି।

ଏହି ଅବସରରେ ତାଙ୍କୁ ଯେତେବେଳେ ବର୍ତ୍ତମାନ କେମିତି ସମୟ ବିତାଉଥିବା ବିଷୟରେ ପ୍ରଶ୍ନ କରାଗଲା, ସେ ଉତ୍ତର ଦେଇଥିଲେ– "ଏ ବୟସରେ ଆଉ କ'ଣ ଅବସର ନେଇଯିବି, ଆଉ ମୃତ୍ୟୁକୁ ଅପେକ୍ଷା କରିବି– ମୁଁ ଏମିତି ଭାବେ ନାହିଁ। ଏବେ ବି ମୁଁ ଗବେଷଣାରେ ନିଜକୁ ନିମଗ୍ନ କରେ। ଯେଉଁ ପାଞ୍ଚ ଦିନ ପ୍ରତି ସପ୍ତାହରେ ଗବେଷଣାଗାର ଖୋଲା ରହେ, ମୁଁ ପୂରାପୂରି ଗବେଷଣା ଓ ଛାତ୍ରୀଛାତ୍ରଙ୍କ ସହ ବିଚାର ଆଲୋଚନାରେ ବ୍ୟସ୍ତ ରହେ। ଏପରି କି ଶନିବାର ପରି ଛୁଟି ଦିନରେ ଘରୁ କାମ କରେ।"

ଗୁଡ୍‌ଏନଫଙ୍କ ଏହି ଅକ୍ଳାନ୍ତ, ଏକନିଷ୍ଠ ପରିଶ୍ରମର ଏକମାତ୍ର ଲକ୍ଷ୍ୟ ହେଉଛି, ସମ୍ପ୍ରତି ସମାଜରେ ବହୁଳ ବ୍ୟବହୃତ ଜୀବାଶ୍ମ ଇନ୍ଧନ ପରିବର୍ତ୍ତେ ପ୍ରଦୂଷଣମୁକ୍ତ ଶକ୍ତିର ବିକାଶ ପାଇଁ ବ୍ରତୀ ହେବା। ତାଙ୍କୁ ବିଶ୍ୱର ଯେଉଁ ସର୍ବୋଚ୍ଚ ସ୍ୱୀକୃତି ମିଳିଛି, ସେ ଏହାର କାରଣ ଭାବେ ଦର୍ଶାଇଥିଲେ ଯେ, ସଫଳତା ଦୁଃସାଧ୍ୟ ହେଲେ ମଧ୍ୟ ଜଣେ ଯଦି ଆଶା ନ ହରାଇ ଚେଷ୍ଟା କରେ, ସେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ।

କିନ୍ତୁ ପ୍ରଶ୍ନ ଉଠେ କେବଳ ଅବିରତ ଉଦ୍ୟମ ଦ୍ୱାରା ଜଣେ ସାଫଲ୍ୟମଣ୍ଡିତ ହୋଇପାରିବ କି? ଏହା ଅନସ୍ୱୀକାର୍ଯ୍ୟ ଯେ, ଉଦ୍ଭାବନ କ୍ଷେତ୍ରରେ ଅଗ୍ରଣୀ ହୋଇ ଶୀର୍ଷ ସ୍ଥାନରେ ଉପନୀତ ହେବାକୁ ଜଣେ ଧୀଶକ୍ତିସମ୍ପନ୍ନ ହେବା ନିହାତି ଆବଶ୍ୟକ। ପୁଣି ପ୍ରତ୍ୟେକଟି ଗବେଷଣା କ୍ଷେତ୍ରରେ ଯେମିତି ଏଇ ଯୁଗରେ କ୍ଷିପ୍ର ଅଗ୍ରଗତି ଘଟୁଛି, ସେଥି ସହିତ ତାଳ ଦେବାକୁ ପଡିବ। ଜଣେ ପରିଣତ ବୟସରେ ଏମିତି ସର୍ତ୍ତମାନ ପୂରଣ କରିବା ଏକ ବିରଳ ଓ ବିସ୍ମୟକର ଘଟଣା। ଗୁଡ୍‌ଏନଫଙ୍କ ଜୀବନରେ ଘଟିଥିବା ଏମିତି ଅସାଧାରଣ କାର୍ଯ୍ୟକଳାପ ଓ ତଦନୁସାରେ କୃତିତ୍ୱ ଆମ ସମସ୍ତଙ୍କୁ ଆଚମ୍ବିତ କରିଥାଏ।

ଏହି ମର୍ମରେ ଆମ ମନ ବିଭିନ୍ନ ବାର୍ଦ୍ଧକ୍ୟଜନିତ ଦୁର୍ବଳତା ସମ୍ବନ୍ଧରେ ଆନ୍ଦୋଳିତ ହୋଇପାରେ। ଆମେ ଦେଖୁଛେ, ବୟସ ବଢିଲେ ଜଣକର ସ୍ମୃତିଶକ୍ତି ହ୍ରାସ ପାଏ। ଶାରୀରିକ ଦୌର୍ବଲ୍ୟ ଜଣକୁ ନିଷ୍କ୍ରିୟ କରିଥାଏ। ବୃଦ୍ଧମାନଙ୍କ ପଞ୍ଚେନ୍ଦ୍ରିୟ ଶିଥିଳ ହୋଇଯାଏ। କାମ କରିବାକୁ ସ୍ପୃହା ଜାତ ହୋଇ ନ ଥାଏ। ଇଚ୍ଛା ଥିଲେ ମଧ୍ୟ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଏଥିରେ ସହଯୋଗ କରି ନ ଥାନ୍ତି। ତେବେ ମୋଟାମୋଟି ଭାବେ ବାର୍ଦ୍ଧକ୍ୟର କିଛି ବିଶେଷତ୍ୱ ସମ୍ବନ୍ଧରେ ମଧ୍ୟ ଅନୁଶୀଳନ କରାଗଲେ, ଏକ ସ୍ପଷ୍ଟ ଓ ସାମଗ୍ରିକ ଚିତ୍ରର ସନ୍ଧାନ ଆମେ ପାଇପାରିବା।

ଶରୀରବିଜ୍ଞାନୀଙ୍କ ଅନୁସାରେ ବୟସ ବୃଦ୍ଧି ଘଟି ବୃଦ୍ଧାବସ୍ଥାରେ ପହଞ୍ଚିଲେ, ଆମ ମସ୍ତିଷ୍କର ଆୟତନ କମିଯାଏ। ଏହାର ପ୍ରଭାବ ମସ୍ତିଷ୍କର ଭିନ୍ନ ଭିନ୍ନ ଅଂଶ ଉପରେ ପଡିଥାଏ। ମସ୍ତିଷ୍କର କେତୋଟି ଭାଗ ହେଉଛି ହିପୋକ୍ୟାମ୍ପସ, ଯାହା କି ଆମ ସ୍ମୃତିକୁ ସାଇତି ରଖିଥାଏ। ଅନ୍ୟ ଏକ ଅଂଶ ହେଉଛି ସେରେବେଲମ୍, ଯାହାଦ୍ୱାରା ଆମ ଶରୀର ଗତି ଓ ଚଳପ୍ରଚଳ ପରି କାର୍ଯ୍ୟମାନ ସମ୍ପାଦନ କରେ। ତୃତୀୟ ଭାଗଟି ହେଉଛି ଫ୍ରଣ୍ଟାଲ ଲୋବ୍ ବା ଅଗ୍ରମସ୍ତିଷ୍କ। ଏହାଦ୍ୱାରା ଆମେ ସମସ୍ୟାର ସମାଧାନ କରୁ, ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଉପଯୁକ୍ତ ନିଷ୍ପତ୍ତି ନେଉ। ଆବାଳବୃଦ୍ଧବନିତା ସମସ୍ତଙ୍କ ପାଇଁ ଏହି ପ୍ରତ୍ୟେକଟି ବିଭାଗ ଖୁବ୍ ଉପାଦେୟ।

ଯେତେବେଳେ ଜଣେ ଷାଠିଏ-ସତୁରି ବର୍ଷରେ ପହଞ୍ଚେ ତା'ର ମସ୍ତିଷ୍କର ଫ୍ରଣ୍ଟାଲ ଲୋବ୍ ଓ ହିପୋକ୍ୟାମ୍ପସ ସଙ୍କୁଚିତ ହୁଏ। ଫଳରେ ବୟସ୍କମାନଙ୍କ ସ୍ମୃତି-ଶକ୍ତି କମିଯାଏ। ତତ୍ ସହ ବୋଧ-ଶକ୍ତି ବା ବୁଝିପାରିବା ସଂକ୍ରାନ୍ତ କାର୍ଯ୍ୟ ବିଘ୍ନିତ ହୁଏ।

ମସ୍ତିଷ୍କରେ ଏତାଦୃଶ ଅବନତି ଘଟିବା ସତ୍ତ୍ୱେ ପରିଣତ ବୟସରେ ଏକ ଶୁଭସୂଚକ ଲକ୍ଷଣ ଦେଖିବାକୁ ମିଳେ। ଏହି ବୟସରେ ମସ୍ତିଷ୍କରେ ବିଦ୍ୟମାନ ଡିଫଲ୍ଟ ନେଟ୍‌ୱର୍କ (ନିଷ୍କ୍ରିୟ ନେଟ୍‌ୱର୍କ) ସକ୍ରିୟ ହୁଏ। ଯେତେବେଳେ ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ ନ କରି ବସି ରହେ ସେତେବେଳେ ଏହି ନେଟ୍‌ୱର୍କ କାର୍ଯ୍ୟକ୍ଷମ ହୁଏ। ତେଣୁ ଶାରୀରିକ ପରିଶ୍ରମ କମ୍ କରୁଥିବା ବ୍ୟକ୍ତି କର୍ମଚଞ୍ଚଳ ବ୍ୟକ୍ତିଙ୍କଠାରୁ ଅପେକ୍ଷାକୃତ ଅଧିକ ସୁବିଧାଜନକ ସ୍ଥିତିରେ ରହିଥାଏ ନିଷ୍କ୍ରିୟ ନେଟ୍‌ୱର୍କ କ୍ଷେତ୍ରରେ। ସାଧାରଣତଃ ଯୁବକମାନେ ବିଭିନ୍ନ କାର୍ଯ୍ୟ କରିବାରେ ଅତ୍ୟଧିକ ସମୟ ବିତାଇଥାନ୍ତି। ସେମାନେ ବୟସ୍କଙ୍କ ପରି ସଂକୀର୍ଣ୍ଣ ସ୍ଥାନରେ ନିଜକୁ ଆବଦ୍ଧ କରି ରଖି ନ ଥାନ୍ତି। ତେଣୁ ତରୁଣମାନଙ୍କ ଅପେକ୍ଷା ବୃଦ୍ଧମାନଙ୍କ ନିଷ୍କ୍ରିୟ ନେଟ୍‌ୱର୍କର ପରିସର ଅଧିକ ବିସ୍ତୃତ ରହେ। ଫଳ ସ୍ୱରୂପ ବରିଷ୍ଠମାନେ ଦୀର୍ଘସମୟ ଧରି ବସି ରହୁଥିବାରୁ ସେମାନେ ଲାଭବାନ୍ ହୁଅନ୍ତି। ଏହାଦ୍ୱାରା ଅତୀତର ବିଭିନ୍ନ କାର୍ଯ୍ୟକଳାପ ସେମାନେ ରୋମନ୍ଥନ କରନ୍ତି। ପ୍ରକାରାନ୍ତରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ, ସେମାନଙ୍କ ବିସ୍ତୃତ ଅନୁଭୂତି ଉଚିତ ମାର୍ଗ ପ୍ରଦର୍ଶନ କରିଥାଏ ଏବଂ ସେମାନଙ୍କ ଉପଦେଶ ବା ପରାମର୍ଶ କାର୍ଯ୍ୟକାରୀ କରାଗଲେ ସୁଫଳ ପ୍ରାପ୍ତ ହୁଏ। ତେଣୁ ସେମାନଙ୍କ ତଥାକଥିତ ଆଳସ୍ୟ ଅନାଦରଣୀୟ ନୁହେଁ।

ଅବଶ୍ୟ ମସ୍ତିଷ୍କର ଏହି ବିଶେଷତ୍ୱ ସତ୍ତ୍ୱେ ଜଣେ ଯଦି ବୟସ ବଢିଲେ ସୁଦ୍ଧା ସ୍ଥାଣୁଭାବେ ଘରେ ବସି ସମୟ ଅତିବାହିତ ନ କରି ପ୍ରାତଃଭ୍ରମଣ, ବ୍ୟାୟାମ ନିୟମିତ କରେ ତଥା ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କ ରଖେ ତେବେ ମସ୍ତିଷ୍କର ବୟସଜନିତ ଜୈବିକ କ୍ଷୟିଷ୍ଣୁ ଭାଗମାନ କିଛିମାତ୍ରାରେ ସୁରକ୍ଷିତ ହୋଇଥାଏ। ଏହାଦ୍ୱାରା ଜଣେ କର୍ମପ୍ରବଣ ବୟସ୍କ ବ୍ୟକ୍ତିର ହିପୋକ୍ୟାମ୍ପସ ସେରେବେଲମ୍ ଇତ୍ୟାଦି ଅଂଶ ମଧ୍ୟ କେତେକାଂଶରେ ସତେଜ ରହିବା ସହ ଅତିରିକ୍ତ ଭାବେ ସେ ନିଷ୍କ୍ରିୟ ନେଟ୍‌ୱର୍କ ଦ୍ୱାରା ଉପକୃତ ହୁଏ।

ରସାୟନଶାସ୍ତ୍ରରେ ନୋବେଲ ବିଜୟୀ ବୟୋଜ୍ୟେଷ୍ଠ ଗୁଡ୍‌ଏନଫ୍‌ଙ୍କ ଜୀବନରେ ଆମେ ମସ୍ତିଷ୍କର ଏମିତି ସମ୍ମିଶ୍ରିତ ଓ ସୁଷମ ସଂଯୋଗର ଉପସ୍ଥିତି ଲକ୍ଷ୍ୟ କରୁ। ସମ୍ପ୍ରତି ସେ ଅଷ୍ଟିନସ୍ଥିତ ଟେକ୍ସାସ ବିଶ୍ୱବିଦ୍ୟାଳୟର ମେକାନିକାଲ ଇଞ୍ଜିନିୟରିଂ ଓ ମେଟେରିଆଲ ସାଇନ୍ସ ବିଭାଗରେ କାର୍ଯ୍ୟରତ।

ଏତଦ୍‌ବ୍ୟତୀତ ବୁଢା ହୋଇଗଲେ ଜଣେ ମୃତ୍ୟୁ ବିଷୟରେ ଅବଶ୍ୟ ଅତିଶୟ ଚିନ୍ତିତ ହୋଇଥାଏ। ବାଳ ପାଚିଗଲେ ଜଣେ ଅନୁଭବ କରେ ସତେ ଯେମିତି ମଶାଣିରେ ତା'ର ଗୋଟିଏ ଗୋଡ ପହଞ୍ଚିଗଲାଣି ଓ ମୃତ୍ୟୁ ଆସନ୍ନ। ଏହି ଦୁଶ୍ଚିନ୍ତାରୁ ମୁକ୍ତ ହେବା ସକାଶେ ସକାରାତ୍ମକ ମନୋଭାବ ଦରକାର। ନିମ୍ନ କାହାଣୀର ମର୍ମାର୍ଥ ଜଣେ ହୃଦୟଙ୍ଗମ କଲେ ଭଲ ହେବ। ଏଥିରେ ନିହିତ ଆଧ୍ୟାତ୍ମିକ ଭାବନା।

ଏକଦା ବାପା ସହ ତାଙ୍କ ଛୋଟ ପୁଅ ଗୋଟିଏ ମେଳାକୁ ବୁଲି ଯାଇଥିଲେ। ମେଳାର ଭୀଷଣ ଭିଡ ମଧ୍ୟରେ ପୁଅଟି ବାପାର ହାତ ଦୈବାତ୍ ଛାଡି ନିଃସଙ୍ଗ ହୋଇଗଲା। ସେ ବାପାକୁ ଖୋଜି ଏଣେତେଣେ କାନ୍ଦି କାନ୍ଦି ବୁଲୁଥିବା ବେଳେ ପୋଲିସ ତାକୁ ଧରି ଥାନାକୁ ନେଲା। ପୋଲିସ ତାକୁ ନେବାବେଳେ ପିଲାଟି ଅଧିକ ବିକଳ ହେଉଥାଏ। କାରଣ ତା' ମନରେ ଧାରଣା ଥିଲା ଯେ ପୋଲିସମାନେ ମାଡ ଦିଅନ୍ତି। କିନ୍ତୁ ଥାନାରେ ପହଞ୍ଚି ପିଲାଟି ଦେଖିଲା ଯେ ଥାନାରେ ରିପୋର୍ଟ କରି ତା' ବାପା ସେଠାରେ ବସିଛନ୍ତି। ସେ ଆନନ୍ଦରେ ନାଚିଉଠିଲା।

ଠିକ୍ ସେମିତି ଈଶ୍ୱର ଆମକୁ ଦୁନିଆର ଏହି ମେଳାକୁ ପଠାଇଛନ୍ତି। ଜୀବନର ନାନା ବାଧାବିଘ୍ନ ଆମ ପାଇଁ ଉକ୍ତ ଗପର ଭୟସୂଚକ ଘଟଣାବଳୀ। ତେବେ ମୃତ୍ୟୁ ପରେ ଆମେ ସେଇ ଈଶ୍ୱରଙ୍କ ପାଖକୁ ଯାଉ, ଯିଏ ଆମକୁ ଏଠାକୁ ପଠାଇଛନ୍ତି– ପିଲାଟି ଥାନାରେ ତା' ବାପାଙ୍କୁ ଭେଟିବା ପରି।

ମୋ–୯୪୩୭୦୨୬୬୫୧

# ଅଜଗରର ସ୍ନେହ



ଡ. ପଦାରବିନ୍ଦ ରଥ

ଥରେ ଜଣେ ଆମେରିକୀୟ ପଶୁପ୍ରେମୀ ମହିଳା ଗୋଟିଏ ଶିଶୁ ଅଜଗରକୁ ପାଳିବାର ନିଷ୍ପତ୍ତି ନେଲେ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିରୀକୃତ ନିୟମ ଅନୁଯାୟୀ ସମସ୍ତ ଔପଚାରିକତା ପରେ ଅଜଗର ଛୁଆଟିକୁ ଘରକୁ ଆଣି ଆସିଲେ। ପଶୁ ହେଉ ବା ମଣିଷ, ଶିଶୁମାନଙ୍କ ଭିତରେ ଏକ ଅଦ୍ଭୁତ ଆକର୍ଷଣ ରହିଥାଏ। ତାଙ୍କର ଶିଶୁସୁଲଭ କାର୍ଯ୍ୟକଳାପ ଦେଖି ସାଧାରଣ ଲୋକେ ବି ବିମୋହିତ ହୁଅନ୍ତି। ମହିଳା ତ ସହଜେ ପଶୁପ୍ରେମୀ ଥିଲେ। ତେଣୁ ତାଙ୍କର ଶିଶୁ ଅଜଗରଟିର ଦିନଚର୍ଯ୍ୟାସବୁ ଦେଖି ବିହ୍ୱଳିତ ହେବା କିଛି ନୂଆ ନ ଥିଲା। ତାଙ୍କର ଦିନର ଅଧିକାଂଶ ସମୟ ଅଜଗରଟି ସହିତ ବିତୁଥିଲା। ଅଜଗରଟି ମହିଳାଙ୍କୁ ଏତେ ଭଲ ପାଉଥିଲା ଯେ ପାଖଛାଡି ବେଶି ଦୂରକୁ ଯାଉ ନ ଥିଲା। ମହିଳା ଜଣକ କୁହନ୍ତି, ନିଃସର୍ତ୍ତ ସ୍ୱାର୍ଥବିହୀନ ସ୍ନେହ ମଣିଷ କେବଳ ପଶୁମାନଙ୍କଠାରୁ ହିଁ ପାଇପାରିବ। ଅଜଗରଟି ଯେତିକି ବଡ ହେଉଥିଲା ମହିଳା ଜଣକ ସେତିକି ତା' ପ୍ରତି ସ୍ନେହର ବନ୍ଧନରେ ବାନ୍ଧି ହୋଇ ଯାଉଥିଲେ।

ଅଜଗରଟି ଧୀରେ ଧୀରେ ବଡ ହେବାକୁ ଲାଗିଲା। ମହିଳା ଜଣକ ତାକୁ ଆଉ ପୂର୍ବପରି ହାତରେ ଧରି ଗୋଟେ ଜାଗାରୁ ଅନ୍ୟ ଜାଗାକୁ ନେଇପାରୁ ନ ଥିଲେ। ହାତରେ ଉଠାଇ ପ୍ରଥମେ କାନ୍ଧରେ ରଖୁଥିଲେ, ତା'ପରେ ଯାଇ ଯୁଆଡେ ଯାଉଥିଲେ। ବେଳେବେଳେ ଅଧିକ ବାଟ ଚାଲିବାକୁ ହେଲେ କାନ୍ଧ କାଟୁଥିଲା, ଥକି ଯାଉଥିଲେ। ହେଲେ ଅଜଗରର ସ୍ନେହରେ ସେ ଏତେ ବାନ୍ଧିହୋଇ ପଡିଥିଲେ ଯେ, ସେ ତାକୁ ଛାଡି କୁଆଡେ ଯାଇ ବି ପାରୁ ନ ଥିଲେ। ଏମିତି କି, ତା' ବିନା ସେ ନିଜ ଭବିଷ୍ୟତ ଜୀବନ କଳ୍ପନା ବି କରିପାରୁ ନ ଥିଲେ। କିଛିଦିନ ପରେ ମହିଳା ଜଣକ ଲକ୍ଷ୍ୟ କଲେ, ଅଜଗରଟି ଆଉ ଆଗଭଳି ଖାଉନାହିଁ। ଦେହ ଖରାପ ଥିବ ବୋଲି ଭାବି ଡାକ୍ତରଙ୍କ ପାଖକୁ ନେଇ ଦେଖାଇଲେ। ଡାକ୍ତର ପରୀକ୍ଷା ନିରୀକ୍ଷା କରି କହିଲେ ସବୁ ଠିକ ଥିଲାଭଳି ଲାଗୁଛି। ଖାଦ୍ୟ କମିବାର କାରଣ ବୁଝି ହେଉନି। ତେବେ ଆଉ ଦିନେ ଦୁଇଦିନ ଅପେକ୍ଷା କରାଯାଉ। ହୁଏତ ଆଉ କିଛି ସଂକେତ ମିଳିବ।

ଆଉ ଦୁଇଦିନ ପରେ ମହିଳା ଜଣକ ପୁଣି ଥରେ ଡାକ୍ତରଙ୍କ ପାଖକୁ ଅଜଗରଟିକୁ ନେଇକରି ଗଲେ। ଏଥର ବି ସବୁ ପରୀକ୍ଷାର ରିପୋର୍ଟ ଠିକ୍ ବାହାରିଲା। ଏଣେ ଅଜଗରଟିର ଖାଦ୍ୟ କମିବାରେ ଲାଗିଛି। ଡାକ୍ତର ପଚାରିଲେ, ଏଇ କିଛିଦିନ ଭିତରେ ତା'ର କିଛି ନୂଆ ଗତିବିଧି ଲକ୍ଷ୍ୟ କରିଛନ୍ତି କି? ମହିଳା ଜଣକ କହିଲେ, ହଁ, ସେ ମୋତେ ଆଗଠୁ ଆହୁରି ଅଧିକ ଭଲ ପାଇଲା ଭଳି ଲାଗୁଛି। ମଝିରେ ମଝିରେ ମୋ ପାଖକୁ ଆସି ଦେହଠୁ ମୁଣ୍ଡ ପର୍ଯ୍ୟନ୍ତ ଖାଲି ଗୁଡେଇ ହେଉଛି। ଡାକ୍ତର ଜଣକ ତଟସ୍ଥ ହୋଇ ମହିଳା ଜଣକୁ ଚାହିଁ ରହିଲେ। କହିଲେ ଏତେ ବଡ କଥା ଆପଣ ମୋତେ ଏତେ ବେଳ ଯାଏ କହି ନ ଥିଲେ କେମିତି? ଆପଣ ଭାବୁଛନ୍ତି ସେ ସ୍ନେହରେ ଆପଣଙ୍କ ଦେହରେ ଗୁଡେଇ ହେଉଛି। ହେଲେ ବାସ୍ତବରେ ସେ ଆଉ ଆପଣଙ୍କୁ ଭଲ ପାଉନି। ସେ ଆପଣଙ୍କ ଦେହରେ ଗୁଡେଇ ହୋଇ ଆପଣଙ୍କ ଦେହର ମାପ ନେଉଛି ଏବଂ ଭୋକରେ ରହି ଆପଣଙ୍କୁ ସହଜରେ ଗିଳିପାରିବାର ଯୋଜନା କରୁଛି। ଏବେ ବି ଡେରି ହୋଇନାହିଁ। ତାକୁ ନେଇ ଅଭୟାରଣ୍ୟରେ ଛାଡି ଦିଅନ୍ତୁ। ମହିଳା ଜଣକ ଡାକ୍ତରଙ୍କ କଥାକୁ ବିଶ୍ୱାସ କରିପାରୁ ନ ଥିଲେ, ସେ ଯାହାକୁ ନିଃସର୍ତ୍ତ ସ୍ୱାର୍ଥବିହୀନ ସ୍ନେହ ବୋଲି ଭାବୁଥିଲେ ତା' ପଛରେ ଯେ ଏତେବଡ ସ୍ୱାର୍ଥ, ଏତେବଡ ଷଡ଼ଯନ୍ତ୍ର ଲୁଚି ରହିଛି ଏକଥାକୁ ସେ ଗ୍ରହଣ କରିପାରୁ ନ ଥିଲେ।

ତା'ପରେ ମହିଳା ଜଣକ କି ନିଷ୍ପତ୍ତି ନେଲେ ସେ ବିଷୟରେ ଲେଖକ ଅଜ୍ଞ। ହେଲେ ଘଟଣାଟିର ଗୋଟିଏ ବଳିଷ୍ଠ ସମ୍ପର୍କ ରହିଛି ଆମର ବର୍ତ୍ତମାନର ଦୈନନ୍ଦିନ ଜୀବନ ସହିତ। ଆମେ ସମସ୍ତେ ସେମିତି ଗୋଟିଏ ଗୋଟିଏ ଛୁଆ ଅଜଗରକୁ ପାଳି ଆସୁଛେ ଯିଏ ଆମକୁ ଆଜି ଗିଳିବାକୁ ବସିଛି। ଆଉ ଆମେ ଭାବୁଛେ ସେ ଆମକୁ ବହୁତ ସ୍ନେହ କରୁଛି ବୋଲି। ତାକୁ ଆମେ ସବୁବେଳେ ହାତରେ ଧରି ବୁଲୁଛେ। ଶାରୀରିକ ଭାବରେ ହାତରେ ଧରିଥିଲେ ବି ସବୁବେଳେ ଆମ ମୁଣ୍ଡଉପରେ ବସି ଆମେ ଯୁଆଡେ ଯାଉଛୁ ସେ ବି ଯାଉଛି। ମହିଳା ଜଣକ ଭଳି ଅଧିକ ସମୟ ତା' ସାଙ୍ଗରେ ରହିଲେ ଆମ ମୁଣ୍ଡ ଭାରି ଲାଗୁଛି, ବିନ୍ଧୁଛି, ଆମେ ଚିଡଚିଡା ହେଉଛେ। ତଥାପି ଆମେ ତା' ସ୍ନେହର ବନ୍ଧନରେ ଏମିତି ବାନ୍ଧି ହୋଇ ପଡିଛେ ଯେ ତା' ବିନା ଆମେ ଆମ ଜୀବନର ପରିକଳ୍ପନା ବି କରି ପାରୁନେ। ହଁ, ସେ ହେଉଛି ଆମ ହାତରେ, ପକେଟରେ ବା ବ୍ୟାଗରେ ଥିବା ମୋବାଇଲ ଫୋନ୍। ବେଳେବେଳେ ମନରେ ପ୍ରଶ୍ନ ଉଠେ, ଆମେ ମୋବାଇଲ ବ୍ୟବହାର କରୁଛେ କି ମୋବାଇଲ ଆମକୁ ବ୍ୟବହାର କରୁଛି?

ଦିନ ଥିଲା ଯେତେବେଳେ ଆମେ ମୋବାଇଲକୁ ବ୍ୟବହାର କରି ଜ୍ଞାତି ପରିଜନଙ୍କ ସହିତ କଥା ହେଉଥିଲେ। ଗୋଟିଏ ମିନିଟ କଥା ହେବାପାଇଁ କୋଡିଏ ଟଙ୍କା ଲାଗୁଥିଲେ ମଧ୍ୟ ପ୍ରତି ସପ୍ତାହରେ ଅନ୍ତତଃ ଥରେ ମା-ବାପାଙ୍କ ସହିତ କଥା ହେଉଥିଲେ। ଆଜି କଥାବାର୍ତ୍ତା ହେବାପାଇଁ ପଇସା ପଡୁନି ହେଲେ ଆମ ପାଖରେ ସେଇ ଗୋଟେ ମିନିଟ ସମୟ ବି ନାହିଁ ନିଜ ଲୋକମାନଙ୍କ ସହିତ କଥା ପଦେ ହେବାପାଇଁ। ସମୟ ଥିଲାବେଳେ ବି ଆମେ ବ୍ୟସ୍ତ ରହୁଛେ ଆମେ ପାଳିଥିବା ସେଇ ଛୋଟ ଅଜଗର ଛୁଆଟି ସହିତ। ରାସ୍ତାରେ ଚାଲିଗଲା ବେଳକୁ କାହା ସହିତ ପିଟି ହୋଇଗଲେଣି ତ କେଉଁଠି ପଥର ଅଛି ଦେଖି ନ ପାରି ଝୁଣ୍ଟି ପଡିଲେଣି। ପୁଣି କେଉଁଠି ପାହାଚ ସରିଗଲାଣି ଜାଣି ନ ପାରି ତଳେ ପଡିଗଲେଣି ତ ଆଉ କେବେ ଗାଡି ଚଳାଉ ଚଳାଉ ନିଜ ଘର ଟପି ଅନେକ ଆଗକୁ ଚାଲି ଗଲେଣି। ଏପରି କି ଅନେକ ଥର ଖବରକାଗଜରେ ପଢିଲେଣି ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା ବା ରାସ୍ତା ପାରି ହେବା ଯୋଗୁ ଦୁର୍ଘଟଣାରେ କେତେ ଲୋକଙ୍କ ଜୀବନ ଗଲାଣି। ତଥାପି ଆମେ ଭାବୁ ମୋବାଇଲରୂପୀ ଅଜଗର ଛୁଆଟି, ଯିଏ ଆମକୁ ଏତେ ଭଲପାଏ, କେମିତି ତାକୁ ଆମେ ଅନାଥ କରିଦେବୁ?

ଫେସ୍‌ବୁକ୍ ବା ହ୍ୱାଟ୍‌ସ୍‌ଆପ୍‌ରେ ଖାଲିଗୋଟେ ନୀତିବାଣୀ ଶେୟାର କରିଦେଇ ଆମେ ଆତ୍ମସନ୍ତୋଷ ଲାଭକରିବା ଅପେକ୍ଷା କେଉଁ ଗୋଟିଏ ନୀତିବାଣୀ ଉପରେ ନିଜେ କାମକରି ସମାଜ ଆଗରେ ଦୃଷ୍ଟାନ୍ତ ହେବା ଅଧିକ ଭଲ। ନିଜର ସମୟକୁ ଅଧିକରୁ ଅଧିକ ରଚନାତ୍ମକ କାର୍ଯ୍ୟରେ ବ୍ୟସ୍ତ ରଖିପାରିଲେ ଅଜଗର ତା' ସ୍ନେହର ମୁଖାପିନ୍ଧି ଆମଦେହର ମାପ ନେଇପାରିବନି କି ଆମକୁ ଗିଳିପକାଇବାର ଯୋଜନା କରିପାରିବନି।

ଉପନିର୍ଦ୍ଦେଶକ, ଭାରତର ମହାରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ନୂଆଦିଲ୍ଲୀ,
ମୋ – ୮୮୦୦୬୩୬୫୭୬

## ଏଇ ଭାରତରେ

ଗାଁଗାଁରେ ଏବେ କଥା କଥାକେ ଝଗଡା ହୋଇ ମାମଲା ଥାନାରେ ପହଞ୍ଚିଯାଉଛି। କିନ୍ତୁ ହରିୟାଣାର ଜିନ୍ଦ୍ ଜିଲାର ଏକ ଗାଁରେ ଆଜକୁ ୫୦ ବର୍ଷ ହେବ କୌଣସି ମାମଲା ଥାନାକୁ ନ ଯିବା ଏବେ ସାମ୍ନାକୁ ଆସିଛି। ପାନିପଥ ଜିଲାର ଉଚାନା ବ୍ଲକ୍ ଅନ୍ତର୍ଗତ ରୋଜଖେଡା ଗାଁରେ କୌଣସି ଝଗଡା ହେଲେ ତାହାକୁ ପଞ୍ଚାୟତ ବୈଠକରେ ସମାଧାନ କରାଯାଉଛି। ଏହି କାରଣରୁ ଗତ ୫୦ ବର୍ଷ ମଧ୍ୟରେ କୌଣସି ମାମଲା ପୋଲିସ ପାଖରେ ନ ପହଞ୍ଚାଇ ଏହି ଗାଁ ଭାଇଚାରା ଓ ଶାନ୍ତି ସହାବସ୍ଥାନର ଏକ ଉଦାହରଣ ସୃଷ୍ଟି କରିଛି। ଉକ୍ତ ଗାଁରେ କାହା ନାମରେ କୌଣସି ଆପରାଧିକ ରେକର୍ଡ ମଧ୍ୟ ନାହିଁ। ରୋଜଖେଡାରେ ଜାଠଙ୍କ ବ୍ୟତୀତ ମୁସଲମାନ ଓ ବାଲ୍ମିକି ସମ୍ପ୍ରଦାୟର ଲୋକେ ବାସ କରୁଛନ୍ତି। ଜନସଂଖ୍ୟା କମ୍ ହେଲେ ବି ଏହାର ସାକ୍ଷରତା ହାର ଅଧିକ। ଏଣୁ ଭାଇଚାରା ବଜାୟ ରଖିବା ଲାଗି ଏହି ଗାଁରୁ ପ୍ରେରଣା ନେବା ଦରକାର ବୋଲି କୁହନ୍ତି ସରପଞ୍ଚ ରଣଧୀର ସିଂ।

## ଚିରନ୍ତନୀ

ମାନବର କୋଳାହଳ
ନ କରେ ଯହିଁ ବିକଳ
ସୃଜି ଯିବା ସେହି ଦେଶ ଏକ ଆଲିଙ୍ଗନେ,
ଯହିଁ ମିଳନର ଗୀତି
ତୁଟାଏ ସକଳ ଭୀତି
ରଖିଦ୍ୟିବା ଅକ୍ଷୟ ସେ କୀରତି ଭୁବନେ।
ବରଷୁ ତପତ କଣା ପଛେ ମାରତଣ୍ଡ
ଆସୁ ପଛେ ଗରଜନ ବଜ୍ର ପରଚଣ୍ଡ
ଗହନ ଝଞ୍ଜା ବତାସି ଆସୁ ପଛେ ବେଗେ ଭାସି
ସେ ରାଇଜେ ନାହିଁ ତାର ପଥ
ଗୋଟିଏ ଆଶ୍ଳେଷେ ଯହିଁ ପୂରେ ମନୋରଥ।
ସହସ୍ର ଅଭାବ ମୋର ଶତ ଅପରାଧ
ଅପମାନ ସଂଖ୍ୟାହୀନ କୋଟି ଅପବାଦ
ତବ ଆଲିଙ୍ଗନ ତଳେ ଶୁଭ୍ର ପୂତ ଏ ଅଞ୍ଚଳେ
ପୋଛିଦିଅ ଜୀବନର ସବୁ ପରମାଦ
ନିଭୃକ୍ଷଣେ ବିଶ୍ୱର ଅସୀମ ଅବସାଦ।
(ଆଶ୍ଳେଷ ସ୍ୱର୍ଗ)
ପଉଷ-ଶେଷ ସନ୍ଧ୍ୟା ଘେନ ବନ୍ଦନ!
ପକ୍ୱ ଧାନେ ପରଶି ମଧୁ
ଚୁମ୍ବନ ହେ ଚୁମ୍ବନ
ପଉଷ-ଶେଷେ ସନ୍ଧ୍ୟା ଘେନ ବନ୍ଦନ!
(ପଉଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | | | E | 0 | | 8 | 5 | B | | 4 | | | 7 |
| | | | 9 | 5 | A | | | E | | 7 | 3 | | | |
| | | | | | 2 | | 9 | | | | | E | | 4 |
| E | | | 8 | B | 7 | | | | | | | | D | |
| | | | | | | | | | | | 0 | 6 | 9 | 2 |
| 7 | | | | | | | | | | 6 | | | 1 | 3 |
| A | | | | | | | | 1 | | 2 | B | 9 | | 8 |
| 5 | | | | 8 | | 7 | | | | A | | | 6 | |
| 9 | | 8 | | | | D | B | | 3 | | | 2 | | |
| | 1 | | 3 | 2 | | | C | 8 | | | | | | D |
| | | | | 7 | | | D | | | | 9 | | | C |
| | C | | | | 5 | 3 | | | | | | 7 | | 9 |
| | | | | | C | | 5 | 0 | | 4 | | | 8 | 6 |
| 8 | | | E | | | | | | 6 | 5 | D | | 3 | B |
| | | 0 | | | | | A | 4 | E | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ସଂଖ୍ୟା ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 6 | 0 | 7 | 9 | 2 | D | 3 | 8 | 1 | C | 4 | 5 | B | E |
| 3 | 9 | 7 | 4 | 1 | D | 2 | E | 0 | B | A | 5 | 8 | 6 | C |
| 2 | 8 | 4 | 3 | C | 6 | B | 1 | 5 | E | D | 9 | 0 | 7 | A |
| 5 | D | B | E | A | 8 | C | 7 | 4 | 6 | 0 | 2 | 9 | 3 | 1 |
| 1 | E | C | 5 | B | 0 | 9 | A | 6 | 7 | 3 | 8 | 4 | D | 2 |
| 0 | B | E | 9 | 3 | A | 4 | 6 | C | D | 7 | 1 | 2 | 8 | 5 |
| 6 | C | 3 | 8 | 4 | B | 7 | 2 | 1 | 9 | 5 | E | A | 0 | D |
| 9 | A | 2 | 6 | D | 1 | 8 | 5 | E | 0 | 4 | B | 7 | C | 3 |
| 8 | 1 | 5 | 2 | 0 | 7 | 3 | D | B | C | 6 | A | E | 9 | 4 |
| 4 | 7 | D | C | E | 5 | 0 | 9 | A | 2 | 8 | 3 | 6 | 1 | B |
| B | 3 | 8 | D | 5 | E | 1 | 0 | 2 | A | 9 | 7 | C | 4 | 6 |
| D | 2 | 1 | B | 8 | C | 6 | 4 | 9 | 5 | E | 0 | 3 | A | 7 |
| E | 4 | 9 | 1 | 6 | 3 | A | B | 7 | 8 | 2 | C | D | 5 | 0 |
| C | 5 | A | 0 | 7 | 4 | E | 8 | D | 3 | 1 | 6 | B | 2 | 9 |
| 7 | 0 | 6 | A | 2 | 9 | 5 | C | 3 | 4 | B | D | 1 | E | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନ ବ୍ୟବସ୍ଥା ହିଁ ଦାୟୀ

ମହାଶୟ,

ଆମ ଦେଶରେ ମୁଦାଲା ମୁଦେଇ ମରିଗଲେ ବି ମାମଲା ସରୁନି। ଅପରାଧୀ ଜଘନ୍ୟ ଅପରାଧ କରିଥିଲେ ବି ଆଗୁଆ ଜାମିନ ପାଇଯାଉଛି। ଓକିଲ ମୋଟା ଅଙ୍କର ଅର୍ଥ ନେଇ ନିଜର ବୁଦ୍ଧି ବଳରେ ଅପରାଧୀକୁ ଜିତେଇ ଦିଅନ୍ତି। ପୋଲିସର ଚାର୍ଜଶିଟ ଦେବାରେ ଡେରି, ଓକିଲ ତାରିଖ ମାଗିବାରେ ମାହିର ଆଉ ଜଜ୍ ତାରିଖ ଦେବାରେ ଉଦାର। ଫଳରେ ଲକ୍ଷ ଲକ୍ଷ ମାମଲା ବିଭିନ୍ନ କୋର୍ଟରେ ବର୍ଷ ବର୍ଷ ଧରି ପଡିରହୁଛି। ପୁଣି ମାମଲାଗୁଡିକ ତଳୁ ଉପର କୋର୍ଟ, ଶେଷରେ ସୁପ୍ରିମ୍‌କୋର୍ଟକୁ ଶିଡି ଚଢି ଚଢି ଗଲା ଭିତରେ ମୁଦାଲା ମୁଦେଇଙ୍କ ମଧ୍ୟରୁ କାହାରି ବି ଦେହାନ୍ତ ହୋଇଯାଇଥାଏ। ହାଇକୋର୍ଟଙ୍କ ରାୟକୁ ସୁପ୍ରିମ୍‌କୋର୍ଟ କାଏମ ରଖିଲେ ତାହା ପୁଣି ରାଜକ୍ଷମା ପାଇଁ ଯିବାର ବ୍ୟବସ୍ଥା ଅଛି। ଅପରାଧୀ ଫାଶୀ ଦଣ୍ଡାଦେଶ ପାଇଥିଲେ ବି ଫାଶୀ ଖୁଣ୍ଟ ପାଖରୁ ଫେରି ଆସୁଛନ୍ତି। ଏହାଦ୍ୱାରା ଅନ୍ୟ ଅପରାଧୀଙ୍କ ଉପରେ ଦଣ୍ଡର କିଞ୍ଚିତ୍ ପ୍ରଭାବ ପଡୁନାହିଁ। ସେମାନେ ଅଧିକ ବଳାତ୍କାର ଓ ହତ୍ୟା କରୁଛନ୍ତି। ଏଥିପାଇଁ ଦାୟୀ କିଏ? ମନେହୁଏ ଆମର ଆଇନ ବ୍ୟବସ୍ଥା ହିଁ ଦାୟୀ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଶତ୍ରୁତା ଯୁଦ୍ଧରେ ପରିଣତ ନ ହେଉ

ବିଶ୍ୱର ଯେକୌଣସି ଦେଶ ଆତ୍ମବଡିମାରେ ନିଷ୍ପତ୍ତି ନ ନେଇ ନିଜ ଦେଶବାସୀଙ୍କୁ ପଚାରନ୍ତୁ, ସେମାନେ କ'ଣ ଚାହାନ୍ତି– ଯୁଦ୍ଧ ନା ଶାନ୍ତି? ଅତୀତ କଥା ମନେପକାନ୍ତୁ? ଜାପାନର ହିରୋଶିମା, ନାଗାସାକି ଆଜି ବିକଳାଙ୍ଗ। କୌଣସି ମହାଶକ୍ତି ଯୁଦ୍ଧ ଆରମ୍ଭ କଲେ, ବିଶ୍ୱର କେତେ କ୍ଷତି ହେବ କଳନା କରିହେବ ନାହିଁ। ଯୁଦ୍ଧ ହେଲେ ଏ ବିଶ୍ୱ ମାନବଶୂନ୍ୟ ହୋଇଯିବ, ଅନ୍ଧକାରମୟ ହୋଇଯିବ। ଏ ବିଶାଳ ପୃଥିବୀର ସୌନ୍ଦର୍ଯ୍ୟ କ୍ଷଣକେ ଉଭେଇଯିବ। ଦ୍ୱିତୀୟ ବିଶ୍ୱଯୁଦ୍ଧର କ୍ଷତି ଏ ପର୍ଯ୍ୟନ୍ତ ଭରଣା ହୋଇପାରିନାହିଁ। ତେଣୁ ଆମେରିକା ଓ ଇରାନର ଶତ୍ରୁତା ଯୁଦ୍ଧରେ ପରିଣତ ନ ହେଉ।

ଆଦିକନ୍ଦ ସାହୁ, ଦୁର୍ଗାନର୍ସିଂ ହୋମ, ସାନ୍ତସାଇ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ହରିୟାଣାର ବଲ୍ଲଭଗଡ଼ରେ ଥିବା ଏକ କେମିକାଲ କାରଖାନାରେ ଶୁକ୍ରବାର ନିଆଁ ଲାଗିଯିବାରୁ ୪ ବ୍ୟକ୍ତି ପୋଡ଼ିହୋଇ ପ୍ରାଣ ହରାଇବା ସହ ୨୭ ବ୍ୟକ୍ତି ଆହତ ହୋଇଛନ୍ତି। ବଏଲର ବିସ୍ଫୋରଣ କାରଣରୁ ଏଭଳି ଦୁର୍ଘଟଣା ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ସଙ୍ଗେ ସଙ୍ଗେ ଦମକଳ ବାହିନୀର କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ। ଜୋତା ତିଆରି ହେଉଥିବା ସ୍ଥାନରେ ଏଭଳି ବିସ୍ଫୋରଣ ହେବା ପରେ ଧୂଆଁ ଚାରିଆଡ଼େ ବ୍ୟାପିଯାଇଥିଲା। ବିସ୍ଫୋରଣର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଚଳାଇଥିବା ଜଣାପଡ଼ିଛି।

# ୫୬୩ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ରାଜ୍ୟ ସରକାର ଶୁକ୍ରବାର ୨ଟି ମେଗା ପ୍ରକଳ୍ପର ଅନୁମୋଦନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ବସିଥିବା ବୈଠକରେ ୫୬୩ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି(ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ)ର ୯୦ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାୟ ୧୨୭୩ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହୋଇପାରିବ। ଅନୁମୋଦିତ ହୋଇଥିବା ଅଧିକାଂଶ ପ୍ରକଳ୍ପ ମଧ୍ୟରେ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍, ପ୍ଲାଷ୍ଟିକ ଇତ୍ୟାଦି ରହିଛି। ଗ୍ଲେନ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିଃ ପକ୍ଷରୁ ପ୍ଲାଷ୍ଟିକ ଖାଦ୍ୟଥଳି ଏବଂ ମୋଲ୍‌ଡେଡ୍ ପେପର ପ୍ରସ୍ତୁତି କରାଯିବ। ବାର୍ଷିକ ପ୍ରାୟ ୯୨୬୧ ମେଟ୍ରିକ ଟନ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇ ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପରେ ୬୩ କୋଟି ଟଙ୍କା ନିବେଶ କରାଯାଇ ୨୭୩ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ଲକ୍ଷ୍ୟ ରଖାଯାଇଛି। ସେହିଭଳି ରାଜ୍ୟରେ ଡାଉନଷ୍ଟ୍ରିମ୍ ଆଲୁମିନିୟମ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ପଦକ୍ଷେପ ନିଆଯାଇଛି। ଜିନ୍ଦଲ ଆଲୁମିନିୟମ ଲିଃ ପକ୍ଷରୁ ବାର୍ଷିକ ୭୫,୦୦୦ ମେଟ୍ରିକ୍ ଟନ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହା ପୂର୍ବ ପ୍ରକଳ୍ପର ଏକ ସମ୍ପ୍ରସାରଣ ବୋଲି ଜଣାପଡ଼ିଛି। ୫୦୦ କୋଟି ଟଙ୍କାର ନିବେଶରେ କରାଯାଉଥିବା ଏହି ସମ୍ପ୍ରସାରଣ ଅତିରିକ୍ତ ୧୦୦୦ଜଣଙ୍କ ପାଇଁ ରୋଜଗାର ସୃଷ୍ଟି କରିବ ବୋଲି କୁହାଯାଇଛି। ଏହି ବୈଠକରେ ଶିଳ୍ପ ପ୍ରମୁଖ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ।

- ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ବୈଠକ
- ୧୨୭୩ ରୋଜଗାର ସୃଷ୍ଟି ଲକ୍ଷ୍ୟ

## ମୂଳିଆପୁରରେ ଦନ୍ତା, ଗ୍ରାମବାସୀ ଆତଙ୍କିତ

**ଢେଙ୍କାନାଳ ଅଫିସ,୨୮।୨:** ଢେଙ୍କାନାଳ ଜିଲା ଷଡଙ୍ଗୀ ରେଞ୍ଜ୍ ବଣସିଂହ ନିକଟସ୍ଥ ମୂଳିଆପୁର ଗ୍ରାମକୁ ଶୁକ୍ରବାର ଭୋର ସମୟରେ ପଶି ଆସିଥିବା ଏକ ଦନ୍ତା ହାତୀକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସକାଳୁ ଘନ କୁହୁଡ଼ି ହୋଇଥିବା ବେଳେ ଉକ୍ତ ଦନ୍ତା ଗାଁ ଭିତରକୁ ପଶି ଆସିଥିଲା। ଫଳରେ ଜୀବନ ବିକଳରେ ଲୋକେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଏପରି କି ଘଉଡାଇବା ପାଇଁ ଉଦ୍ୟମ କରୁଥିବା ବେଳେ ହାତୀ ଲୋକଙ୍କୁ ପାଲଟା ଆକ୍ରମଣ କରୁଥିବା ଅଞ୍ଚଳବାସୀଙ୍କ ସୂତ୍ରରୁ ପ୍ରକାଶ। ଖବରପାଇ ଷଡଙ୍ଗୀ ରେଞ୍ଜ୍ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

# ଜମି ରେକର୍ଡ ଡିଜିଟାଇଜ କରିବାରେ ଓଡ଼ିଶା ଦ୍ୱିତୀୟ

**ଭୁବନେଶ୍ୱର, ୨୮।୨ (ବ୍ୟୁରୋ):** ଜମିଜମା ରେକର୍ଡ ଡିଜିଟାଇଜିଂ କରିବା କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ନ୍ୟାଶନାଲ କାଉନ୍‌ସିଲ ଅଫ ଆପ୍ଲାଏଡ ଇକୋନୋମିକ୍ସ ରିସର୍ଚ୍ଚ(ଏନସିଏଇଆର) ଲ୍ୟାଣ୍ଡ ରେକର୍ଡସ ଆଣ୍ଡ ସର୍ଭିସ ଟ୍ୟାକ୍ସ ସର୍ଭିସେସ ଇଣ୍ଡେକ୍ସରୁ ଏହା ଜଣାପଡ଼ିଛି। ଏ କ୍ଷେତ୍ରରେ ମଧ ପ୍ରଦେଶ ପ୍ରଥମ ସ୍ଥାନରେ ଥିବା ବେଳେ ମହାରାଷ୍ଟ୍ର, ଛତିଶଗଡ, ତାମିଲନାଡୁ, ପଶ୍ଚିମବଙ୍ଗ, ଝଡଖଣ୍ଡ, ରାଜସ୍ଥାନ, ତେଲଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶ ତୃତୀୟରୁ ଦଶମ ସ୍ଥାନ ଅଧିକାରୀ କରିଛନ୍ତି। ଏନସିଏଇଆର ପକ୍ଷରୁ ୨୦୧୯-୨୦ ଲ୍ୟାଣ୍ଡ ରେକର୍ଡ ସଂଗ୍ରହ କରାଯାଇଥିଲା। ପ୍ରଥମତଃ ରାଜ୍ୟର ସମସ୍ତ ଜମିଜମା ରେକର୍ଡ ଲୋକଙ୍କ ନିକଟରେ ଡିଜିଟାଲ ପଦ୍ଧତିରେ ଉପଲବ୍ଧ ଅଛି କି ନାହିଁ, ଅଫିସିଆଲ ମ୍ୟାପ୍ ଲ୍ୟାଣ୍ଡ ରେକର୍ଡ ସହ ଅଛି କି ନାହିଁ ଏବଂ ଜମି ବିକ୍ରି ଖରିଦର ପଦ୍ଧତିକୁ ନେଇ ଏହି ସର୍ଭେ କରାଯାଇଥିଲା। ଏନସିଏଇଆରର ମହାନିର୍ଦ୍ଦେଶକ ଜେନେରାଲ ଶେଖର ଶାହ କହିଛନ୍ତି ଯେ, ଡିଜାଇନ ଆକ୍ସନ ପ୍ଲାନ ଜମି ରେକର୍ଡ ଗ୍ରହଣକୁ ସୁନିଶ୍ଚିତ କରିଥାଏ।

# ମାଟ୍ରିକ୍ ନୋଡାଲ ସେଣ୍ଟରରେ ଅଗ୍ନିକାଣ୍ଡ

**ସଜନାଗଡ଼, ୨୮।୨(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ନୀଳଗିରି ବଜାରସ୍ଥିତ କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ମାଟ୍ରିକ ପରୀକ୍ଷା ଲାଗି ଉକ୍ତ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ୧୧ଟି କେନ୍ଦ୍ର ଯଥା ନୀଳଗିରି ବ୍ଲକର ୯ ଏବଂ ଔପଦା ବ୍ଲକର ୨ଟି କେନ୍ଦ୍ରର ପ୍ରଶ୍ନପତ୍ର ଗଚ୍ଛିତ ଥିଲା। ତେବେ ପ୍ରଶ୍ନପତ୍ର ଥିବା ଷ୍ଟ୍ରଙ୍ଗ୍‌ରୁମ ପାର୍ଶ୍ୱ କକ୍ଷରେ ନିଆଁ ଲାଗିଥିଲା। କମ୍ପ୍ୟୁଟର, ପ୍ରିଣ୍ଟର ଆଦି ବିଭିନ୍ନ ସାମଗ୍ରୀରେ ନିଆଁ ଲାଗିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବା ପୂର୍ବରୁ ନୀଳଗିରି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।








ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି,
ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମୋବାଇଲ ଚୋରି କରି ମାଡ଼ ଖାଇଲେ ଯୁବକ

**ଭୁବନେଶ୍ୱର,୨୮।୨(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ସତ୍ୟବିହାର ଅଞ୍ଚଳରେ ଘରେ ପଶି ମୋବାଇଲ ଚୋରି କରୁଥିବା ବେଳେ ଜଣେ ଯୁବକଙ୍କୁ ଲୋକେ ଧରି ନିସ୍ତୁକ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ଶୁକ୍ରବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ପାଣ୍ଡରା ନିକଟସ୍ଥ ଗଙ୍ଗୁଆ ବସ୍ତି ଅଞ୍ଚଳର କୁନା ସେଠୀ। ସୂଚନା ମୁତାବକ, ପ୍ରଗତି ପ୍ରଜ୍ଞା ପରିଜା ସତ୍ୟବିହାର ଅଞ୍ଚଳରେ ରୁହନ୍ତି। ଗୁରୁବାର ରାତିରେ ପ୍ରଗତିପ୍ରଜ୍ଞାଙ୍କ ଘରେ ପଶି କୁନା ମୋବାଇଲ ଚୋରି କରି ଦୌଡ଼ିବା ବେଳେ ତାଙ୍କର ନଜର ପଡିଥିଲା। ସେ କୁନାଙ୍କ ପଛେ ପଛେ ଧାଇଁ ପାଟି କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ନେଇଥିଲେ। ତାଙ୍କୁ ମାଡ ମାରି ପୋଲିସ ଜିମା ଦେଇଥିଲେ। ପୋଲିସ ଏକ କେସ୍ (ନଂ. ୮୯/୨୦) ରୁଜୁ କରିଛି।

### ବାଇକ୍ ଚୋରି ଅଭିଯୋଗରେ ୩ ଗିରଫ

**କଟକ ରୋଡ,୨୮।୨(ଡି.ଏନ୍.ଏ.):** ବାଇକ୍ ଚୋରି ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଶୁକ୍ରବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଝାରପଡ଼ା ଅଞ୍ଚଳର ସାଜିଦ ଖାନ, ଜଟଣୀ ରଥିପୁରର ମହମ୍ମଦ ଫଏଜ ଓ ସେକ ରମଜାନ। ପୋଲିସ ସୂଚନା ଅନୁଯାୟୀ, ଗତ ୨୫ତାରିଖ ମଧାହ୍ନରେ ନୟାଗଡ ଅଞ୍ଚଳର ଚୁନା ନାୟକ ତାଙ୍କ ସ୍ତ୍ରୀଙ୍କ ସହ ବାଇକ୍(ଓଆର ୨୫ସି ୬୬୯୭)ରେ ଲକ୍ଷ୍ମୀସାଗର ଅଞ୍ଚଳକୁ ଆସିଥିବା ବେଳେ ସାଜିଦ୍ ତାଙ୍କ ସ୍ତ୍ରୀଙ୍କୁ ଧକ୍କା ମାରି ବାଇକ୍ ଛଡାଇ ନେଇ ଫେରାର ହୋଇଯାଇଥିଲେ। ପରେ ଉକ୍ତ ବାଇକ୍‌କୁ ସେ ରମଜାନ ଓ ଫଏଜଙ୍କୁ ବିକ୍ରି କରିଥିଲେ। ପୋଲିସ ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ଅଭିଯୁକ୍ତମାନଙ୍କୁ ଧରିଥିଲା। ଏମାନଙ୍କ ଠାରୁ ଚୋରି ବାଇକ୍ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୬୩/୨୦) ରୁଜୁ ହୋଇଥିଲା।

### ବେଆଇନ ବାଲିଉଠାଇ ଧରାପଡ଼ିଲା ୨ ଟ୍ରାକ୍ଟର

**ବାରଙ୍ଗ,୨୮।୨(ଡି.ଏନ.ଏ):** କଲ୍ୟାଣପୁର କୁଆଖାଇ ନଦୀପଠାରୁ ବେଆଇନ ଭାବେ ବାଲିଉଠାଇ ବିକ୍ରି କରୁଥିବା ଅଭିଯୋଗରେ ଶୁକ୍ରବାର ନନ୍ଦନକାନନ ଥାନା ପୋଲିସ ଦୁଇଟି ଟ୍ରାକ୍ଟରକୁ ଜବତ କରିଛି। ଜବତ ଟ୍ରାକ୍ଟର ଦୁଇଟି ହେଲା ନଂ.ଓଡି୦୨ଏମ-୬୫୧୯ ଓ ଓଡି୦୨ଏମ-୬୨୦୫। ଗତ କିଛିମାସ ହେବ ବାଲିପଡ଼ା ରାଜସ୍ୱ ନିରୀକ୍ଷକଙ୍କ ନିୟନ୍ତ୍ରଣରେ ଥିବା ଏହି କୁଆଖାଇ ଅଞ୍ଚଳରୁ ବେଆଇନ ଭାବେ ସ୍ଥାନୀୟ ଗ୍ରାମର ଜଣେ ଯୁବକ ବାଲିଉଠାଇ ବିକ୍ରି କରୁଥିଲା। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀ ଜାଣିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲେ। ବାଲି ଉଠାଇ ବିକ୍ରି କରିବା ସହ ବାଲିପଠା ପାଖରେ ଥିବା ସ୍ୱସ୍ତିବନରେ ୭୦/୮୦ଟ୍ରିପ ଟ୍ରାକ୍ଟର ବାଲି ଗଚ୍ଛିତ ରଖାଯାଇଥିବା ବିଷୟରେ ଗ୍ରାମବାସୀ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳେ ନନ୍ଦନକାନନ ଥାନା ପୋଲିସ ଚଢ଼ାଉ କରି ବେଆଇନ ବାଲିଘାଟରୁ ୨ ଟ୍ରାକରକୁ ଜବତ କରିଥିଲେ।

# ବାପା, ୨ ମଧ୍ୟସ୍ଥ ସହ କ୍ରେତା ଗିରଫ

**ଶିଶୁପୁତ୍ର ବିକ୍ରି ଘଟଣା**

ଭୁବନେଶ୍ୱର,୨୮।୨(ବ୍ୟୁରୋ)

## ଉଦ୍ଧାର ଶିଶୁକୁ ନିଜ ହେପାଜତକୁ ନେଲା ଚାଇଲ୍ଡଲାଇନ

ଖଣ୍ଡଗିରି ଥାନା ଅଧୀନ ଭରତପୁରରେ ଜଣେ ମା’ ନିଜ ୧୯ ଦିନର ଶିଶୁକୁ ୧୦ ହଜାର ଟଙ୍କାରେ ବିକ୍ରି କରିଥିବା ଖବର ଗୁରୁବାର ପଦାକୁ ଆସିଥିଲା। ଏ ନେଇ ଖଣ୍ଡଗିରି ଥାନାରେ ଚାଇଲ୍ଡଲାଇନ୍ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଆଇପିସି ଦଫା ୩୭୦, ୩୪ ଏବଂ ଜେଜେ ଆକ୍ଟ ଧାରା ୮୧ ଅନୁଯାୟୀ ଏକ କେସ୍ (ନଂ–୧୪୬/୧୯) ରୁଜୁ କରି ଘଟଣାର ଖୋଳତାଡ଼ ଚଳାଇଥିଲା। ଶିଶୁକୁ ଉଦ୍ଧାର କରିବା ପାଇଁ ମଧ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଅଭିଯୋଗର ୬ଘଣ୍ଟା ପରେ ପୋଲିସ ମଞ୍ଚେଶ୍ୱର ଥାନା ଅଧୀନ ରଙ୍ଗମାଟିଆ ଅଞ୍ଚଳରୁ ଶିଶୁକୁ ଉଦ୍ଧାର କରିବା ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିଶୁର ବାପା ଦିଲୁ ଦାଶ (୩୨), କ୍ରେତା ରଙ୍ଗମାଟିଆର ପ୍ରଶାନ୍ତ କୁମାର ଗୋଚ୍ଛାୟତ, ଦୁଇ ଦଲାଲ ଢୁମୁଢୁମାର ମାନସ ରଞ୍ଜନ ମହାପାତ୍ର ଓ ଭରତପୁରର ପଦୁଆ ଦାଶ (୬୫)। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ଝାରପଡ଼ା ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଶିଶୁଟିକୁ ଚାଇଲ୍ଡଲାଇନ ଉଦ୍ଧାର କରିବା ପରେ ଖଣ୍ଡଗିରିରେ ଥିବା ସୁଭଦ୍ରା ମହତାବ ସେବା ସଦନରେ ଛାଡ଼ିଛି।

### କିଭଳି ହୋଇଥିଲା ଡିଲ୍

ମାନସ ରଞ୍ଜନ ଏକ ଇନ୍‌ସୁରାନ୍ସ ସଂସ୍ଥାରେ ଏଜେଣ୍ଟ ଭାବେ କାମ କରନ୍ତି। ସେଠାରେ ଶିଶୁକୁ କିଣିଥିବା ପ୍ରଶାନ୍ତ ତାଙ୍କ କ୍ଲାଏଣ୍ଟ ଥିଲେ। ପ୍ରଶାନ୍ତ ଦୀର୍ଘବର୍ଷ ହେଲା ବିବାହ କରିଥିଲେ ମଧ ତାଙ୍କର ପିଲାପିଲି ହେଉ ନ ଥିଲା। ତେଣୁ ଅନ୍ୟର ପିଲା କୋଳେଇ ନେବା ପାଇଁ ସେ ମାନସଙ୍କୁ କହିଥିଲେ। ମାନସ ଭରତପୁରର ପଦୁଆଙ୍କ ଘରକୁ ଯାଉଥିବାରୁ ସେ ଏ ନେଇ ତାଙ୍କୁ ବି କହିଥିଲେ। ପଦୁଆଙ୍କ ଘରକୁ ଶିଶୁର ବାପା ଦିଲୁ ନିୟମିତ ଯାଆନ୍ତି। ଦିଲୁଙ୍କର ୬ଟି ପିଲା ରହିଥିବାରୁ ସେ ହଇରାଣରେ ଚଳୁଥିଲେ। ପିଲାଙ୍କୁ ମୁଠାଏ ଖାଇବାକୁ ଦେଇ ପାରୁ ନ ଥିଲେ। ତେଣୁ ପିଲା ଦେବାକୁ ପଦୁଆ କହିବା ପରେ ଦିଲୁ ରାଜି ହୋଇଥିଲେ। ଏହାପରେ ଗତ ଶନିବାର ଶିଶୁର ମା’ ରାଜି ହେବା ପରେ ଦୁଇ ମଧ୍ୟସ୍ଥଙ୍କ ଉପସ୍ଥିତିରେ ଏକ କୋର୍ଟ କାଗଜରେ ଚୁକ୍ତି ହୋଇ ଶିଶୁକୁ ବିକ୍ରି କରାଯାଇଥିବା ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

### ପିଲା ଯେଉଁଠି ରହୁ ଭଲରେ ରହୁ: ଶିଶୁର ମା’

ଅନ୍ୟପଟେ ପୁଅ ବିକ୍ରି କଥାକୁ ଦିଲୁ ଏଡ଼ାଇ ଯାଇଛନ୍ତି। ସେ କହିଛନ୍ତି ଯେ, ମୁଁ ୪ଟି ଶିଶୁକୁ ଖାଇବାକୁ ଦେଇପାରୁନାହିଁ। ଦେହ ଅସୁସ୍ଥ ହେଲେ ଔଷଧ ଦେଇପାରୁନି। ଏପରିକି ସେମାନଙ୍କୁ ପାଠ ପଢାଇପାରୁନି। ତେଣୁ ସେମାନଙ୍କ ଭବିଷ୍ୟତକୁ ଦେଖି ମୁଁ ଶିଶୁଟିକୁ ବାବୁଙ୍କୁ ଦାନ କରି ଦେଇଥିଲି। ତାଙ୍କ ନିକଟରେ ଶିଶୁଟି ଭଲରେ ରହିବ ଓ ଭଲ ଖାଇବ। ତାଙ୍କ ନିକଟରୁ କିଛି ଟଙ୍କା ନେଇନାହିଁ। ମୋର ଦେହ ଅସୁସ୍ଥ ଥିବାରୁ ଡାକ୍ତର ଦେଖାଇବା ପାଇଁ ୧୦ ହଜାର ଟଙ୍କା ନେଇଥିଲି ବୋଲି ଦିଲୁ ପ୍ରକାଶ କରିଛନ୍ତି। ସେହିପରି ଏବେ ଚାଇଲ୍ଡ ଲାଇନ୍ ଶିଶୁକୁ ନେବା ପରେ ସେ ସେଠାରେ ଭଲରେ ରହୁ ବୋଲି ଶିଶୁର ମା’ କହିଛନ୍ତି।

ଏ ନେଇ ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି ଯେ, ଶିଶୁଙ୍କୁ ଆଡପ୍ଟ କରିବା ଭଲ କାର୍ଯ୍ୟ। ତେବେ ଆଇନ ଅନୁସାରେ ଆଡପ୍ଟ କରିବା ଆବଶ୍ୟକ। ଯଦି ବେଆଇନ ଭାବେ ଶିଶୁଙ୍କୁ ଆଡପ୍ଟ କରାଯାଉଛି ତେବେ କିଶୋର ନ୍ୟାୟ ଆଇନର ଧାରା ୮୦ ଅନୁସାରେ ୩ବର୍ଷ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ତେଣୁ ଯେଉଁମାନେ ଶିଶୁଙ୍କୁ ଆଡପ୍ଟ କରିବାକୁ ଚାହୁଁଛନ୍ତି ସେମାନେ ଉପଯୁକ୍ତ ନିୟମ ଅନୁଯାୟୀ ଆଡପ୍ଟ କରନ୍ତୁ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଫଟୋକୁ ପୋଡ଼ାଯାଉଛି।

# ଶାହାଙ୍କ ଓଡ଼ିଶା ଗସ୍ତକୁ ଜିଲା କଂଗ୍ରେସର ବିରୋଧ

ପୁରୀ ଅଫିସ,୨୮।୨

## ଇସ୍ତଫା ଦାବି କରି ଫଟୋ ପୋଡ଼ାଗଲା

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତକୁ ପୁରୀ ଜିଲା କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ଶୁକ୍ରବାର ଟାଉନ ହଲ୍ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଶାହାଙ୍କ ବିରୋଧରେ ନାରାବାଜି ଦିଆଯିବା ସହ ତାଙ୍କ ଫଟୋଚିତ୍ରକୁ ପୋଡ଼ାଯାଇଥିଲା। ନାଗରିକତ୍ୱ ସଂଶୋଧିତ ଆଇନ(ସିଏଏ)କୁ ନେଇ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହେଉଛି। ଦିଲ୍ଲୀରେ ସ୍ଥିତି ବର୍ତ୍ତମାନ ସଙ୍ଗିନ ହୋଇପଡିଛି। ଦିଲ୍ଲୀ ପୋଲିସର ନିଷ୍କ୍ରିୟତା, କେନ୍ଦ୍ର ସରକାରଙ୍କ ଅପରିପକ୍ୱତା ଯୋଗୁ ଗୋଇନ୍ଦା ବିଫଳତା କାରଣରୁ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ୨୦୦୨ରେ ଶାହା ଗୁଜରାଟର ମନ୍ତ୍ରୀ ଥିବାବେଳେ ରାଜ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ଘଟି ପ୍ରାୟ ୨ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଶାହା କେନ୍ଦ୍ର ଗୃହମନ୍ତ୍ରୀ ଅଛନ୍ତି। ମାତ୍ର ଦିଲ୍ଲୀ ହିଂସାକାଣ୍ଡରେ ପୋଲିସ ଏକପ୍ରକାର ନୀରବଦ୍ରଷ୍ଟା ସାଜିଛି। ଫଳରେ ଦିଲ୍ଲୀ ଆଜି ଅଶାନ୍ତ ହୋଇପଡ଼ିଛି। ଅନେକ ଲୋକଙ୍କ ଜୀବନ ଯାଇଥିବାବେଳେ ବ୍ୟାପକ ମାତ୍ରାରେ ଧନହାନୀ ଘଟିଛି। ଗୋଟିଏ ପଟେ ସିଏଏକୁ ନେଇ ଦିଲ୍ଲୀରେ ହିଂସାକାଣ୍ଡ ଥମୁ ନ ଥିବାବେଳେ ଅନ୍ୟପଟେ ସିଏଏର ଆବଶ୍ୟକତା ବୁଝାଇବା ପାଇଁ ଶାହାଙ୍କ ଓଡ଼ିଶା ଆସୁଥିବାରୁ ଜିଲା କଂଗ୍ରେସ ବିରୋଧ କରୁଛି। ଦିଲ୍ଲୀର ଏହି ସ୍ଥିତି ପାଇଁ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ କଂଗ୍ରେସ ଦାୟୀ କରି ତାଙ୍କର ଇସ୍ତଫା ଦାବି କରିବା ସହ ଶାହଙ୍କ ଫଟୋଚିତ୍ର ଦାହ କରିଥିଲା। ଜିଲା କଂଗ୍ରେସ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ବିଶ୍ୱନାଥ ଦାଶ, ଜୟନାରାୟଣ ପଟ୍ଟନାୟକ, ସ୍ୱାଧୀନ ପଣ୍ଡା, ଆଶୁତୋଷ ମିଶ୍ର, କାହ୍ନୁଚରଣ ପ୍ରଧାନ, ଲାଲାଟେନ୍ଦୁ ଦାଶ, ସ୍ମୃତିରଞ୍ଜନ ପତି, କାଳୀଚରଣ ନାୟକ, ସୁକାନ୍ତ ପ୍ରଧାନ, ଉମାପଦ ମିଶ୍ର, ଆରତି ସାହୁ, ଅମରେନ୍ଦ୍ର ପାଇକରାୟ, ରଜତ ସାହୁ, ସେକ୍ ଅଇନୁଲ ହକ୍ ପ୍ରମୁଖ ଉପସ୍ଥିତ ଥିଲେ।



ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ଶୁକ୍ରବାର ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

### ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ ଗିରିଫ

**ଭୁବନେଶ୍ୱର,୨୮।୨(ବ୍ୟୁରୋ):** ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସ୍ୱାମୀଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ବାନମ୍ବର ମଲ୍ଲିକ ଓରଫ ବାନା। ବୁଧବାର ରାତିରେ ବାନାମ୍ବର ସାମାନ୍ୟ କଥାକୁ ନେଇ ସ୍ତ୍ରୀ ମୀନାଙ୍କ ମୁଣ୍ଡ ଫଟାଇ ଫେରାର ହୋଇଯାଇଥିଲେ।

# ଚିଲିକାରୁ ବାହୁଡ଼ିଲେ ବିଦେଶାଗତ ପକ୍ଷୀ



**ବାଲୁଗାଁ, ୨୮।୨ (ଡି.ଏନ.ଏ.):** ଶୀତର ପ୍ରକୋପ କମି ଆସିବାରୁ ଚିଲିକାରୁ ବିଦେଶାଗତ ପକ୍ଷୀ ଏବେ ଘର ମୁହାଁ ହେବାରେ ଲାଗିଛନ୍ତି। ପ୍ରତ୍ୟାବର୍ତ୍ତନ ପୂର୍ବରୁ ଚିଲିକା ମଧ୍ୟସ୍ଥ ନଳବଣ ଆକାଶରେ ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ ଏକତ୍ରିତ ହୋଇ ସ୍ୱଦେଶକୁ ଫେରିବା ଆରମ୍ଭ କରିଛନ୍ତି।

୨୦୧୯ ନଭେମ୍ବର ପହିଲାରୁ ଶୀତ ପଡ଼ିବା ମାତ୍ରେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଥିଲା। ଖାଦ୍ୟ ଓ ନିରାପଦ ବାସସ୍ଥାନ ଅନ୍ୱେଷଣରେ ବିଭିନ୍ନ ପ୍ରଜାତିର ପକ୍ଷୀ ସବୁ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକାକୁ ଆସିଥାଆନ୍ତି। ଏଥିସହ ଅଭୟାରଣ୍ୟ ନଳବଣକୁ ପକ୍ଷୀମାନେ ନିରାପଦ ବାସସ୍ଥାନ ରୂପେ ଗ୍ରହଣ କରି ନେବା ସହ ଏଠାରେ ୩ ମାସ ରହଣିକାଳ ମଧ୍ୟରେ ପକ୍ଷୀମାନେ ଅଣ୍ଡା ଦେଇ ବଂଶ ବିସ୍ତାର କରିଥାଆନ୍ତି। ପୁନର୍ବାର ଫେବୃୟାରୀ ମଧ ଭାଗରେ ଧରାପୃଷ୍ଠକୁ ଗ୍ରୀଷ୍ମ ଛୁଇଁବା ମାତ୍ରେ ପକ୍ଷୀ ସବୁ ଶାବକ ଛୁଆଙ୍କ ସହ ନିଜ ନିଜର ଭିଟାମାଟିକୁ ଫେରିବା ଆରମ୍ଭ କରିଥାଆନ୍ତି। ଚଳିତବର୍ଷ ଚିଲିକାରେ ମୋଟ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିଲା। ସେମାନଙ୍କ ମଧ୍ୟରୁ ୟୁରାସିଆନ୍ ୟୁଜିଅନ୍, ପିଣ୍ଟେଲ୍, ଗଡ଼ୱିଟ୍, ସୋଭଲର, ଗଡ଼ୱାଲ୍ ଆଦି ପ୍ରଜାତି ସର୍ବାଧିକ ଥିଲେ। ତାତି ବଢିବା ସଙ୍ଗେ ସଙ୍ଗେ ଗତ ଏକ ସପ୍ତାହ ମଧ୍ୟରେ ଚିଲିକାରୁ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ପର୍ଯ୍ୟାୟକ୍ରମେ ସ୍ୱଦେଶକୁ ଫେରିଯାଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡ଼ିଏଫ୍‌ଓ ଆଲୋକ ରଞ୍ଜନ ହୋତା ସୂଚନା ଦେଇଛନ୍ତି।

# ନ୍ୟାୟ ପାଇଁ ପୀଡ଼ିତା ହାଇକୋର୍ଟଙ୍କ ଦ୍ୱାରସ୍ଥ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

- ଶିକ୍ଷକଙ୍କୁ ଲଣ୍ଡା, ଶିକ୍ଷୟିତ୍ରୀଙ୍କୁ ଉଲଗ୍ନ କରି ବୁଲାଇବା ଘଟଣା
- ଭିଡିଓ ଭାଇରାଲ କରିଥିବା ଯୁବକଙ୍କୁ ଚିହ୍ନଟ କରିନି ପୋଲିସ

ଜଣେ ଶିକ୍ଷକଙ୍କୁ କେତେକ ଲୋକ ଲଣ୍ଡା କରିବା ସହ ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀଙ୍କୁ ଉଲଗ୍ନ କରି ବୁଲାଇଲେ। ଏପରି କି ଏହାର ଭିଡିଓ ମୋବାଇଲ୍‌ରେ ରେକର୍ଡିଂ କରି ଭାଇରାଲ କଲେ। ଏ ନେଇ ଶିକ୍ଷୟିତ୍ରୀ ଜଣକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କୋହଳ ଦଫା ଲଗାଇ ଚୁପ୍ ବସିଛି। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଚାପ ପଡ଼ିବାରୁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କୁ ଗିରଫ ତ ଦୂରର କଥା ଏପର୍ଯ୍ୟନ୍ତ ପୋଲିସ ଚିହ୍ନଟ କରିପାରିଲା ନାହିଁ। ଏହି ଘଟଣାକୁ ୯ ମାସ ବିତିଯାଇଥିଲେ ସୁଦ୍ଧା ପୀଡ଼ିତା ନ୍ୟାୟ ପାଇପାରି ନାହାନ୍ତି। ଡିସିପି, ପୋଲିସ କମିଶନର ଏବଂ ଡିଜିପିଙ୍କୁ ଭେଟି ଅଭିଯୋଗ ଜଣାଇ ନିରାଶ ହେବା ପରେ ଶେଷରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବାକୁ କୋର୍ଟଙ୍କୁ ଗୁହାରି ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ନିଜ ବସ୍ତିରେ କୋଚିଂ ସେଣ୍ଟର ଖୋଲି ପିଲାଙ୍କୁ ପାଠ ପଢାଉଥିଲେ। ଜଣେ ବ୍ୟକ୍ତି ତାଙ୍କର ଦୁଇ ପିଲାଙ୍କୁ ସେଠାକୁ ପଠାଉଥିଲେ। ତାଙ୍କର ଟିଉସନ୍ ଫିସ୍ ୭ହଜାର ଟଙ୍କା ବାକି ଥିଲା। ଶିକ୍ଷକ ଜଣଙ୍କ ଟଙ୍କା ମାଗିଥିଲେ ମଧ ସମ୍ପୃକ୍ତ ବ୍ୟକ୍ତି ଦେଇ ନ ଥିଲେ। ୨୦୧୯ ମେ ୨୮ ତାରିଖରେ ୧୦ ଜଣଙ୍କ ସହ ସମ୍ପୃକ୍ତ ବ୍ୟକ୍ତି ସେଠାକୁ ଆସିଥିଲେ। ସମ୍ପୃକ୍ତ ବ୍ୟକ୍ତି ଆଲୋଚନା କରିବା ପାଇଁ କହି ଶିକ୍ଷକ ଜଣଙ୍କୁ ନିଜ ଘରକୁ ଡାକି ନେଇଥିଲେ। ତାଙ୍କ ଝିଅକୁ ଅସଦାଚରଣ କରିଥିବା ମିଛ ଅଭିଯୋଗ ଲଗାଇ ମାଡ ମାରିଲେ। ସାହି ମଝିରେ ତାଙ୍କୁ ଲଣ୍ଡା କରିଥିଲେ। ଏହାକୁ ଶିକ୍ଷୟିତ୍ରୀ ସ୍ତ୍ରୀ ବିରୋଧ କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ମଧ ଉଲଗ୍ନ କରି ବୁଲାଇଥିଲେ। ଖବର ପାଇ ମଞ୍ଚେଶ୍ୱର ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପୋଲିସ ଅସଦାଚରଣ ମାମଲାରେ ଶିକ୍ଷୟିତ୍ରୀଙ୍କ ସ୍ୱାମୀକୁ ଗିରଫ କରିଥିଲା। ଏ ନେଇ ମଞ୍ଚେଶ୍ୱର ଥାନା ଅଧିକାରୀ ଜୀତେନ୍ଦ୍ରନାଥ ସେଠୀ କହିଛନ୍ତି, ପ୍ରଥମେ ମହିଳା ଯେଉଁ ଅଭିଯୋଗ କଲେ ସେହି ଆଧାରରେ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଥିଲା। ହେଲେ ପରେ ସେମାନେ ଭାବି ଭାବି ଏଭଳି ଭିଡିଓ ଭାଇରାଲ କରି ଅଭିଯୋଗ କଲେ ପୁଣି ମାମଲା ହେବ କି। ଉକ୍ତ ଭିଡିଓକୁ ଆମେ ଯାଞ୍ଚ କରିଥିଲୁ, ସେଥିରେ ନଗ୍ନତା ଦେଖିବାକୁ ମିଳି ନ ଥିଲା।

# ଗାନ୍ଧୀ ବିଶେଷାଙ୍କ ଲୋକାର୍ପିତ କଲେ ରାଜ୍ୟପାଳ

ପୁରୀ ଅଫିସ,୨୮।୨

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ତ୍ରୈମାସିକ ସାହିତ୍ୟ ପତ୍ରିକା ସୁଲେଖା ପକ୍ଷରୁ ଗାନ୍ଧୀ ବିଶେଷାଙ୍କ ପ୍ରସ୍ତୁତ କରାଯାଇଛି। ଓଡ଼ିଶାର ବିଭିନ୍ନ କବି ଓ ଲେଖକଙ୍କ ଲେଖାରେ ସମୃଦ୍ଧ ସୁଲେଖାର ଏହି ପ୍ରଥମ ସଂଖ୍ୟାକୁ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସର୍କିଟ ହାଉସ୍ ପରିସରରେ ଲୋକାର୍ପଣ କରିଛନ୍ତି। ସୁଲେଖାର ମୁଖ୍ୟ ସମ୍ପାଦକ ସଦାଶିବ ମିଶ୍ର, କବି ରକ୍ଷକ ନାୟକ, ସୁଲେଖା ସମ୍ପାଦନାମଣ୍ଡଳୀ ସଭ୍ୟ ଶିବସୁନ୍ଦର ମିଶ୍ର, ସୁରେଶ ପଟ୍ଟନାୟକ, ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା, କିରଣ ଜ୍ୟୋତି ସଙ୍ଗୀତ ପରିଷଦର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ସିହ୍ନା, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ଗୌରାଙ୍ଗ ପରିଡ଼ାଙ୍କ ମହାତ୍ମାଙ୍କ ମନକଥା ଏବଂ କିରଣ ଜ୍ୟୋତି ସଙ୍ଗୀତ ପରିଷଦର ମୁଖପତ୍ର ତାନପୁରାକୁ ମଧ ଉନ୍ମୋଚିତ କରିଥିଲେ। ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ଏଭଳି ସାରସ୍ୱତ ଶ୍ରଦ୍ଧାଞ୍ଜଳିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ଗାନ୍ଧୀ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

# ବିଏସ୍‌ସିଏଲ୍‌କୁ ସ୍ମାର୍ଟସିଟି ସଶକ୍ତୀକରଣ ପୁରସ୍କାର

ଭୁବନେଶ୍ୱର, ୨୮।୨ (ବ୍ୟୁରୋ)

## ‘ମୁଁ ସେଭିଅର’ ଆପ୍ ପାଇଁ ପୁରସ୍କୃତ

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ (ବିଏସ୍‌ସିଏଲ)କୁ ସ୍ମାର୍ଟସିଟି ସଶକ୍ତୀକରଣ ପୁରସ୍କାର–୨୦୨୦ ସମ୍ମାନ ମିଳିଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ଭୁବନେଶ୍ୱର ସହରରେ ବନ୍ୟା ପରିସ୍ଥିତି ପରିଚାଳନା ପାଇଁ ‘ମୁଁ ସେଭିଅର’ ଆପ୍ ନିମନ୍ତେ ବିଏସ୍‌ସିଏଲକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

‘ମୁଁ ସେଭିଅର’ ଆପ୍ ହେଉଛି ସୂଚନା ଓ ପ୍ରଯୁକ୍ତି ବିଦ୍ୟା(ଆଇସିଟି) ଆଧାରିତ ଯାହା ଭବିଷ୍ୟତରେ ସହରରେ ବନ୍ୟା ପରିସ୍ଥିତିକୁ ରୋକିବାରେ ସହାୟକ ହେବ। ୨୦୧୯ ଡିସେମ୍ବରରେ ବିଏସ୍‌ସିଏଲ ଏବଂ ବିଏମ୍‌ସି ଜର୍ମାନ ଡେଭ୍‌ଲପ୍‌ମେଣ୍ଟ କୋପରେଶନ (ଜିଆଇଜେଡ୍) ସହିତ ସହବନ୍ଧିତରେ ଭୁବନେଶ୍ୱରର ନୟାପଲ୍ଲୀ ଏବଂ ଶତାବ୍ଦୀନଗରରେ ଆରମ୍ଭ କରିଥିଲା। ଏହାଦ୍ୱାରା ନାଗରିକମାନେ ସହରର ଦୁର୍ବଳ ସ୍ଥାନରେ ବନ୍ୟା ପରିସ୍ଥିତି ପ୍ରଭାବକୁ କମ୍ କରିବାରେ ସହାୟକ ହେବେ ବୋଲି ସ୍ମାର୍ଟସିଟି କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ଡିଜିଟାଲ ସମାଧାନ ସ୍ୱରୂପ ଏହି ଆପ୍‌ରେ ନାଗରିକମାନେ ଡ୍ରେନ୍‌ଗୁଡିକରେ ଚିହ୍ନଟ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପଏଣ୍ଟଗୁଡିକର ସ୍ଥିତି ବିଷୟରେ ସୂଚନା ଦେଇପାରିବେ। ଏହି ଆପ୍ ନାଗରିକମାନଙ୍କ ଠାରୁ ୩ଟି ସୂଚନା ଯଥା ଡ୍ରେନରେ ପଡ଼ିରହିଥିବା ଅଳିଆ, ଡ୍ରେନର ଜଳ ପ୍ରବାହ ଏବଂ ଜଳସ୍ତରର ସୂଚନା ଗ୍ରହଣ କରିବ। ଏହି ସୂଚନା ସିଧାସଳଖ ବିଏସ୍‌ସିଏଲର ଆନାଲିଟିକାଲ ସିଷ୍ଟମକୁ ଯିବ। ଫଳରେ ବିଏସ୍‌ସିଏଲ ସମସ୍ୟା ବିଶ୍ଳେଷଣ କରି ତା’ର ସମାଧାନ ପାଇଁ କାର୍ଯ୍ୟ କରିବ। ଏହି ସୂଚନା ଆଧାରରେ ସହରରେ ବିଭିନ୍ନ କାର୍ଯ୍ୟ ପାଇଁ ଥିବା ଅଧିକାରୀମାନଙ୍କୁ ସୂଚିତ କରାଯିବ। ନିର୍ଦ୍ଦେଶ ଅନୁଯାୟୀ ଅଧିକାରୀମାନେ ବନ୍ୟା ପରିସ୍ଥିତି ଏବଂ ଡ୍ରେନ ସଫା କରିବା ପାଇଁ କାର୍ଯ୍ୟ କରିବେ।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରରେ ବିଶେଷକରି ଡ୍ରେନ ମାଧ୍ୟମରେ ଆଳିଆ ଆବର୍ଜନା ନିଷ୍କାସନ ହୋଇଥାଏ। ଫଳରେ ବର୍ଷାଦିନେ ଡ୍ରେନରେ ଅଳିଆ ଆବର୍ଜନା ଜମିରହି ପାଣି ନିଷ୍କାସନ ହୋଇ ପାରି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ତେଣୁ ବର୍ଷା ସମୟରେ ଡ୍ରେନ୍‌ରୁ ଜଳ ନିଷ୍କାସନ କରିବା ଏହି ଆପ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଏହି ଆପ୍‌ର କାର୍ଯ୍ୟପ୍ରଣାଳୀ ଅନୁଯାୟୀ ଲୋକଙ୍କୁ ଡ୍ରେନ୍‌ରେ ପଡ଼ିରହିଥିବା ଆବର୍ଜନା, ଫାଟିଥିବା ସ୍ଥାନ ଆଦିକୁ ଚିତ୍ର ଦେଖି ଚିହ୍ନଟ କରିବାକୁ ହେବ। ଆପ୍‌ର ଡ୍ରେନର ଅସୁବିଧା ସମ୍ବନ୍ଧିତ ଚିତ୍ର ଥିବା ବେଳେ ଲୋକେ ଦେଖୁଥିବା ସମସ୍ୟାର ଅବିକଳ ଚିତ୍ରକୁ ଚିହ୍ନଟ କରିବାକୁ ପଡ଼ିବ। ଏହି ସୂଚନା ବିଏସ୍‌ସିଏଲ ପାଖକୁ ଆସିବା ପରେ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରାଯିବ।



ସ୍ମାର୍ଟସିଟି ସଶକ୍ତୀକରଣ ଭାରତ ପୁରସ୍କାର–୨୦୨୦ ସହ ବିଏସ୍‌ସିଏଲ ବହୁ ପୁରସ୍କାର ପାଇଛି। ୨୦୧୭ରେ ବାର୍ସିଲୋନାରେ ଅନୁଷ୍ଠିତ କାନାଡୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାନ୍ସ ଦ୍ୱାରା ପ୍ଲାନିଂ ଏକ୍ସିଲେନ୍ସ ମେରିଟ୍ ପୁରସ୍କାର, ସ୍ମାର୍ଟସିଟି ଏକ୍ସପୋ ୱାର୍ଲ୍ଡ କଂଗ୍ରେସ ଫାଇନାଲିଷ୍ଟ, ୨୦୧୭–୧୮ରେ ହୁଡ୍‌କୋ ଦ୍ୱାରା ସର୍ବୋତ୍ତମ ଆଭାସ ପୁରସ୍କାର, ସାମାଜିକ ସ୍ମାର୍ଟ ଭୁବନେଶ୍ୱର ପ୍ରକଳ୍ପ ପାଇଁ ୨୦୧୮ରେ ସ୍ମାର୍ଟସିଟି ଏକ୍ସପୋ ଇଣ୍ଡିଆ ପୁରସ୍କାର, ୨୦୧୯ରେ ନେତୃତ୍ୱ ପୁରସ୍କାର, ଜିଓପାଜିଆଲ ଏକ୍ସଲେନ୍ସ ପୁରସ୍କାର, ବି–ଆକ୍ଟିଭ ପ୍ରୋଜେକ୍ଟ ପାଇଁ ସିଆଇଟିଆଇଆଇଏସ୍ ପୁରସ୍କାର ଏବଂ ସାଧାରଣ ପେମେଣ୍ଟ କାର୍ଡ ପାଇଁ ଡିଜିଟାଲ ଇନୋଭେଟର ପୁରସ୍କାର ପାଇଛି। ଆଗକୁ ମଧ ବିଏସ୍‌ସିଏଲ ଅତ୍ୟାଧୁନିକ କାର୍ଯ୍ୟଶୈଳୀ ପାଇଁ ପୁରସ୍କାର ପାଇବ ବୋଲି ପରିଚାଳନା ଅଧିକାରୀ ପ୍ରେମଚନ୍ଦ୍ର ଚୌଧାରୀ ଆଶା ପ୍ରକାଶ କରିଛନ୍ତି।



ଭାରତୀୟ ବାୟୁସେନାରେ ଖୁବ୍‌ଶୀଘ୍ର ୩୬ ରାଫାଲ ବିମାନକୁ ସାମିଲ କରାଯାଉଥିଲେ ହେଁ ଏହା ପ୍ରତିରକ୍ଷା ଆବଶ୍ୟକତା ପୂରଣ କରିପାରିବ ନାହିଁ ବୋଲି ଭାରତୀୟ ବାୟୁସେନା ମୁଖ୍ୟ ଆର୍‌କେଏସ୍ ଭଦୌରିଆ ପ୍ରକାଶ କରିଛନ୍ତି। ସ୍ୱଦେଶୀ ମିଶାଇଲ୍, ଅସ୍ତ୍ରଶସ୍ତ୍ରର ବିକାଶ ଗେମ୍ ଚେଞ୍ଜର ଭୂମିକା ତୁଲାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ମତ ଦେଇଛନ୍ତି। ପାକିସ୍ତାନର ବାଲାକୋଟରେ ବାୟୁସେନାର ଆକ୍ରମଣ ସଫଳ ରହିଥିଲା। ସେନାକୁ ଅଧିକ ସଶକ୍ତ କରିବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ସ୍ୱଦେଶୀ ଅସ୍ତ୍ରଶସ୍ତ୍ରର ଅଧିକ ଆବଶ୍ୟକତା ରହିଥିବା ସେ ପ୍ରକାଶ କରିଛନ୍ତି।




# ନବୀନ ନିବାସରେ ଭବ୍ୟ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

- ଏକାଠି ଭୋଜନ କଲେ ନବୀନ, ଶାହା, ମମତା, ନୀତୀଶ, ଧର୍ମେନ୍ଦ୍ର
- କେବଳ ରାଇତା ଖାଇଲେ ମମତା
- ପରଷା ଗଲା ସୁସ୍ୱାଦୁ ଓଡ଼ିଆ ବ୍ୟଞ୍ଜନ
- ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି ଫଟୋ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଏକତ୍ର ମଧ୍ୟାହ୍ନଭୋଜନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ବାସଭବନ ନବୀନ ନିବାସରେ ଏହି ଭବ୍ୟ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରେ ପୂର୍ବାଞ୍ଚଳ ରାଜ୍ୟ ପରିଷଦ ବୈଠକ ପାଇଁ ଉପରୋକ୍ତ ସମସ୍ତ ନେତା ଏକାଠି ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନଙ୍କ ପକ୍ଷରୁ ଏହି ବିଶିଷ୍ଟ ଅତିଥିମାନଙ୍କ ପାଇଁ ଭବ୍ୟ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ହୋଇଥିଲା।

ପରିଷଦ ବୈଠକ ପରେ ସମସ୍ତ ଅତିଥି ନବୀନ ନିବାସରେ ଏକାଠି ହୋଇଥିଲେ ଡାଇନିଂ ଟେବୁଲରେ। ଅତିଥିଙ୍କୁ ପରଷା ଯାଇଥିଲା ସୁସ୍ୱାଦୁ ଓଡ଼ିଆ ବ୍ୟଞ୍ଜନ। ଏହା ମଧ୍ୟରେ ଭାତ, ଡାଲି, ପନିର, ବାଇଗଣଭଜା, ଟମାଟୋ ଚଟଣି, ଦହି ବୁନ୍ଦି, ଆଳୁ-ମଟର ମସଲା(ଓଡ଼ିଶା ଷ୍ଟାଇଲ), ରୁଟି, ମାଛ ବେସର, ରାଇତା, ଛେନାପୋଡ ଇତ୍ୟାଦି ରହିଥିଲା। ସେହିଭଳି ମିଠାରେ ରସଗୋଲା, ଗୋଲାପଜାମୁନ୍, ରସ ମଲାଇ ଇତ୍ୟାଦି ପରଷା ଯାଇଥିଲା। ସମସ୍ତ ଅତିଥି ମଧ୍ୟାହ୍ନଭୋଜନକୁ ଭରପୂର ଉପଭୋଗ କରି ଖାଉଥିବା ଲକ୍ଷ୍ୟ କରାଯାଇଥିଲା। ଏ ସମ୍ପର୍କିତ କେତେକ ଫଟୋ ଉପସ୍ଥିତ ଅତିଥିମାନେ ନିଜ ଟୁଇଟର୍ ଏବଂ ଫେସ୍‌ବୁକ୍ ଆକାଉଣ୍ଟରେ ଛାଡିଥିଲେ। ଗୋଟିଏ ଫଟୋରେ ମମତା ଖାଇବା ଥାଳି ସାଇଡ୍ କରି ନିଜ ମୋବାଇଲକୁ ଦେଖିବାକୁ ଲକ୍ଷ୍ୟ କରାଯାଇଥିଲା। ଏ ସମ୍ପର୍କରେ ତାଙ୍କୁ ପରେ ଗଣମାଧ୍ୟମ ପ୍ରତିନିଧିମାନେ ବାହାରେ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ମମତା କହିଥିଲେ ଯେ, ଅଧିକାଂଶ ସମୟରେ ସେ ମଧ୍ୟାହ୍ନଭୋଜନ ଗ୍ରହଣ କରନ୍ତି ନାହିଁ। ତେଣୁ ପରଷା ଯାଇଥିବା ରାଇତା ଅଳ୍ପ ଖାଇଥିବା ମମତା କହିଥିଲେ। ମଧ୍ୟାହ୍ନଭୋଜନ ପରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଏହା ବହୁତ ଖୁସିର କଥା। ନବୀନ ନିବାସରେ ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ଭୋଜନ କରାଗଲା। ଏହି ସମୟରେ ସମସ୍ତଙ୍କ ସହ ଉତ୍ତମ ଭାବ ବିନିମୟ ହୋଇଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ବଦଳିଲା ଶାହାଙ୍କ ସ୍ୱର

ଭୁବନେଶ୍ୱର,୨୮।୨(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ପରେ ଶୁକ୍ରବାର ପ୍ରଥମ ଥର ପାଇଁ ଓଡ଼ିଶା ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଆଭିମୁଖ୍ୟରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ନିର୍ବାଚନ ପୂର୍ବରୁ ଏକାଧିକ ଥର ଆସି ଓଡ଼ିଶାରେ ସରକାର ଗଠନ କରିବାର ଦମ୍ଭୋକ୍ତି ଦେଖେଇବା ସାଙ୍ଗକୁ ବିଜେଡିକୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଥିଲେ। ନବୀନ ପଟ୍ଟନାୟକଙ୍କ ସରକାରକୁ ବଙ୍ଗୋପସାଗରେ ଫିଙ୍ଗିଦେବାକୁ ଆହ୍ୱାନ ଦେଇଥିଲେ। ଏଥର କିନ୍ତୁ ତାଙ୍କ ସ୍ୱର ବଦଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଏବଂ ଗତ ନିର୍ବାଚନରେ ହୋଇଥିବା ଜନମତକୁ ସମ୍ମାନ ଜଣାଉଥିବା ସେ କହିଛନ୍ତି। ଏହାସହ କେନ୍ଦ୍ରରୁ ଆସୁଥିବା ଯୋଜନା ଗରିବଙ୍କ ନିକଟରେ କିଭଳି ପହଞ୍ଚିପାରିବ ସେଦିଗରେ ଗୁରୁତ୍ୱ ଦେବାକୁ ନବୀନଙ୍କୁ ସେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ସେ କଂଗ୍ରେସ ଉପରେ ବର୍ଷିଛନ୍ତି। ସ୍ଥାନୀୟ ଜନତା ମଇଦାନରେ ଶୁକ୍ରବାର ଭାଜପା ପକ୍ଷରୁ ଆୟୋଜିତ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସପକ୍ଷ ଜନସମାବେଶରେ ସେ ଯୋଗଦେଇଥିଲେ। ସିଏଏକୁ ନେଇ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ଲୋକଙ୍କୁ ବିଭ୍ରାନ୍ତ କରି ଦେଶରେ ହିଂସା କରାଉଥିବାର ସେ କହିଥିଲେ।

ଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ଶାହା ନିଜ ବକ୍ତବ୍ୟ ଆରମ୍ଭ କରି କହିଥିଲେ। ଗୁଜରାଟଠାରୁ ଓଡ଼ିଶା ଅଲଗା ନୁହେଁ। ଗୁଜରାଟ ପରେ ଓଡ଼ିଶା ତାଙ୍କୁ ଦ୍ୱିତୀୟ ଘର ଭଳି ଲାଗେ। ଏହି ଦୁଇ ରାଜ୍ୟକୁ ମହାପ୍ରଭୁ ଜଗନ୍ନାଥ ଯୋଡ଼ିଛନ୍ତି। ଜଗନ୍ନାଥ ଏହି ଦୁଇ ରାଜ୍ୟକୁ ଆଶୀର୍ବାଦ କରିଛନ୍ତି ବୋଲି ସେ କହିଥିଲେ। ଗତ ସାଧାରଣ ନିର୍ବାଚନରେ ଭାଜପା ଦେଶରେ ୩୦୩ ଲୋକ ସଭା ଆସନରେ ବିଜୟୀ ହୋଇଥିବା ବେଳେ ଓଡ଼ିଶାରୁ ୮ ଆସନରେ ଜିତିଥିଲା। ଏତେଦିନ ପରେ ରାଜ୍ୟରୁ କଂଗ୍ରେସ ପ୍ରଥମ ଥର ଲାଗି ମୁଖ୍ୟ ବିରୋଧୀ ଦଳ ଆସନରୁ ହଟି ଏହି ଜାଗାରେ ଭାଜପାକୁ ସ୍ଥାନ ମିଳିଛି। ଗତ ନିର୍ବାଚନରେ ଭାଜପାକୁ ମୋଟ ୯୧ ଲକ୍ଷ ଭୋଟ ମିଳିଥିବା ବେଳେ ବିଜେଡିକୁ ୧.୧ କୋଟି ଭୋଟ ମିଳିଛି। ଓଡ଼ିଶାରେ ଭାଜପା ଶୀର୍ଷ ସ୍ଥାନକୁ ପହଞ୍ଚିବା ପାଇଁ ଆଉ ଗୋଟିଏ ବଡ଼ ଲମ୍ଫ ଦରକାର। ରାଜ୍ୟର ୩୭ ହଜାର ବୁଥ୍‌ରୁ ୧୪ ହଜାର ବୁଥ୍‌ରେ ଭାଜପା ବଢ଼ିଥିବା ବେଳେ ଅନ୍ୟ ବୁଥ୍‌ରେ ଦ୍ୱିତୀୟ ନମ୍ବରରେ ରହିଛି। ଏହା ଦଳର ବୁଥ୍ କାର୍ଯ୍ୟକର୍ତ୍ତାଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଯଦି ପୂର୍ବ ଭାରତକୁ ଦେଖାଯାଏ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରକୁ ମଜଭୁତ କରିବାରେ ଓଡ଼ିଶା ଏକ ନମ୍ବର ବୋଲି ଶାହା କହିଥିଲେ।

ପୂର୍ବ ଭାରତର ବିକାଶ ସମ୍ପର୍କରେ ସେ କହିଥିଲେ ଯେ, ନରେନ୍ଦ୍ର ମୋଦିଙ୍କ ସରକାର ଗତ ୫ ବର୍ଷରେ ଯାହା କରିଛନ୍ତି, କଂଗ୍ରେସ ୫୫ବର୍ଷରେ ତାହା କରିନାହିଁ। ମନମୋହନ ସିଂଙ୍କ ସରକାର ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶାକୁ ମୋଟ ୭୯ ହଜାର କୋଟି ଟଙ୍କା ଅନୁଦାନ ଦେଇଥିଲେ। ମାତ୍ର ୨୦୧୪ରେ ମୋଦି ସରକାର ଆସିବା ପରେ ୨୦୧୯ ମଧ୍ୟରେ ଓଡ଼ିଶାକୁ ୨.୧୧ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମୋଦିଙ୍କ ପ୍ରତିନିଧି ଭାବେ ବିଶ୍ୱାସ ଦେବାକୁ ଆସି ପ୍ରତିଶ୍ରୁତି ଦେଉଛି, ଆସନ୍ତା ୫ବର୍ଷ ମଧ୍ୟରେ ଓଡ଼ିଶାର ବିକାଶରେ କୌଣସି ହେଳା କରାଯିବନାହିଁ। ଗୁଜରାଟ ଭଳି ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ବିକାଶ ପହଞ୍ଚିବ। ମୋଦିଙ୍କ ୨ୟ ପାଳି ସରକାରରେ ବଡ଼ ନିଷ୍ପତ୍ତି ନିଆଯାଇଛି। ୨୦୨୪ ସୁଦ୍ଧା ସବୁଲୋକଙ୍କ ଘରେ ପାଇପ ଜରିଆରେ ସ୍ୱଚ୍ଛ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖିଛୁ। ଏହାଦ୍ୱାରା ଓଡ଼ିଶାର ସବୁଠାରୁ ଅଧିକ ଲାଭ ହେବ। ରାଜ୍ୟରେ ୩୦ ପ୍ରତିଶତ ଘରେ ଖୁବ୍‌ଶୀଘ୍ର ଏହା ପହଞ୍ଚିବ ବୋଲି ସେ କହିଛନ୍ତି।



ଜନସମାବେଶରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଭାଜପାର ବରିଷ୍ଠ ନେତାମାନେ।

**ସିଏଏ ସପକ୍ଷରେ ଭାଜପାର ଜନସମାବେଶ**

- 'ବିରୋଧୀ ଦେଶରେ ହିଂସା ବଢ଼ାଉଛନ୍ତି'
- ଓଡ଼ିଶାରେ ଶୀର୍ଷକୁ ଆସିବା ପାଇଁ ବଡ଼ ଲମ୍ଫ ଦରକାର
- ଖୁବ୍‌ଶୀଘ୍ର ଆରମ୍ଭ ହେବ ଭବ୍ୟ ରାମମନ୍ଦିର ନିର୍ମାଣ

ସିଏଏ ସମ୍ପର୍କରେ ଶାହା କହିଛନ୍ତି ଯେ, ମୋଦି ପ୍ରଧାନମନ୍ତ୍ରୀ ହେବାପରେ ୭୦ବର୍ଷ ହେଳା ଅସମାହିତ ଥିବା ବହୁ ପ୍ରସଙ୍ଗକୁ ସମାଧାନ କରିଛନ୍ତି। କଶ୍ମୀରକୁ ଭାରତର ମୁକୁଟ କରିବା ପାଇଁ ଅନୁଚ୍ଛେଦ ୩୭୦ ହଟାଇ ଦିଆଯାଇଛି। ରାମମନ୍ଦିର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଏକ ଟ୍ରଷ୍ଟ ଗଠନ କରିଛନ୍ତି। ଅଳ୍ପଦିନ ମଧ୍ୟରେ ଆକାଶକୁ ଛୁଇଁବା ଭଳି ଏକ ଭାବ୍ୟ ରାମମନ୍ଦିର ନିର୍ମାଣ କରାଯିବ। ସିଏଏ ପ୍ରସଙ୍ଗରେ ସବୁ ବିପକ୍ଷ ଦଳ ତଥା କଂଗ୍ରେସ, ସିପିଏମ୍, ସିପିଆଇ, ବିଏସ୍‌ପି, ଏସ୍‌ପି ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ଦିଦି ଭୁଲ୍ ତଥ୍ୟ ଦେଉଛନ୍ତି। ସିଏଏ ଦ୍ୱାରା ନାଗରିକତା ଚାଲିଯିବା ନେଇ ଅପପ୍ରଚାର କରାଯାଉଛି। କଂଗ୍ରେସ ଏହି ଆଇନ ଲାଗୁ କରିବାକୁ ୨୭ଟି ଭିନ୍ନଭିନ୍ନ ସ୍ଥାନରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହା ଲାଗୁ କରିପାରି ନ ଥିଲା। ସିଏଏ ଦେଶରେ ଲାଗୁ କଲେ ବିରୋଧୀ ବଦନାମ କରିବେ ବୋଲି ପ୍ରଧାନମନ୍ତ୍ରୀ ଜାଣିଥିଲେ। କିନ୍ତୁ ବଦନାମକୁ ଖାତିର ନ କରି ଦେଶର ବିକାଶ ଏବଂ ସତ୍ୟ ପାଇଁ ମୋଦି ସିଏଏ ଲାଗୁ କଲେ। ପୂର୍ବରୁ ସଂଖ୍ୟାଲଘୁଙ୍କ ମାନବାଧିକାର କ୍ଷୁଣ୍ଣ ହେଉଥିଲା, ତାହା ଆଉ ହେବନାହିଁ। ସିଏଏ ଦ୍ୱାରା କୌଣସି ସଂଖ୍ୟାଲଘୁଙ୍କ ନାଗରିକତା ଯିବନାହିଁ। ହେଲେ ସିଏଏ ଦ୍ୱାରା ପ୍ରପୀଡ଼ିତଙ୍କ ନାଗରିକତା ସୁରକ୍ଷିତ ହେବ। କଂଗ୍ରେସ ସରକାର ସମୟରେ ଭାରତ ଅର୍ଥନୀତିରେ ବିଶ୍ୱରେ ୧୧ ନମ୍ବର ସ୍ଥାନରେ ଥିଲା। ମୋଦି ସରକାର ସମୟରେ ଭାରତ ଏହି କ୍ଷେତ୍ରରେ ୫ ନମ୍ବରରେ ପହଞ୍ଚିବା ସହ ୫ ଟ୍ରିଲିୟନ ଅର୍ଥନୀତି ଦିଗରେ ଗତି କରୁଛି ବୋଲି ଶାହା କହିଛନ୍ତି।

ଏହି ସମାବେଶରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଧାନସଭାର ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁ ସେଠୀ ପ୍ରମୁଖ ବକ୍ତବ୍ୟ ରଖି ସିଏଏ ସପକ୍ଷରେ କହିଥିଲେ।

# ଦିଲ୍ଲୀରେ ଶାନ୍ତି ବଜାୟ ରହୁ: ମମତା

**ଭୁବନେଶ୍ୱର, ୨୮।୨ (ବ୍ୟୁରୋ):** ଓଡ଼ିଶାରେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ୨୪ତମ ଆଞ୍ଚଳିକ ପରିଷଦ ବୈଠକ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ୩ ପ୍ରମୁଖ ମୁଖ୍ୟମନ୍ତ୍ରୀ(ନବୀନ ପଟ୍ଟନାୟକ, ମମତା ବାନାର୍ଜୀ, ନୀତିଶ କୁମାର) ଏବଂ ଜଣେ କେନ୍ଦ୍ରମନ୍ତ୍ରୀ(ଧର୍ମେନ୍ଦ୍ର ପ୍ରଧାନ)ଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ତେଣୁ ବିଭିନ୍ନ ପ୍ରସଙ୍ଗରେ ଦେଶର ରାଜନୀତି ବର୍ତ୍ତମାନ ସରଗରମ ରହିଛି। ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ନେଇ ନିକଟରେ ଦିଲ୍ଲୀରେ ଭୟାନକ ଦଙ୍ଗା ସଂଘଟିତ ହୋଇଥିଲା। ଏଥିରେ ଅନେକ ବ୍ୟକ୍ତିବିଶେଷଙ୍କ ମୃତ୍ୟୁ ହୋଇଥିଲା। ଏହି ପ୍ରସଙ୍ଗରେ ପରିଷଦ ବୈଠକରେ ବୟାନବାଜି ଦେଖିବାକୁ ମିଳିବ ବୋଲି ଆଶା କରାଯାଉଥିଲା। ହେଲେ ସେପରି କିଛି ହୋଇ ନ ଥିଲା।

ଅପରପକ୍ଷରେ ନବୀନ ନିବାସରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନେଇ ମନ୍ତବ୍ୟ ଦେଇଥିଲେ। ମମତା କହିଥିଲେ ଯେ, ଦିଲ୍ଲୀରେ ଯାହା ହୋଇଗଲା ତାହା ଦୁର୍ଭାଗ୍ୟଜନକ। ଏଥିରେ ସାଧାରଣ ଜନତାଙ୍କ ସମେତ ପୋଲିସ, ଗୋଇନ୍ଦା ଅଧିକାରୀଙ୍କ ମୃତ୍ୟୁ ହୋଇଛି। ତେଣୁ ଦିଲ୍ଲୀରେ ଶାନ୍ତି ଫେରିବା ଆବଶ୍ୟକ। ସମସ୍ତଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ମମତା ଅପିଲ୍ କରିଥିଲେ। ସେହିଭଳି ଆଞ୍ଚଳିକ ପରିଷଦ ବୈଠକରେ ସିଏଏ, ଏନ୍‌ଆରସି ଏବଂ ଏନ୍‌ପିଆର ପ୍ରସଙ୍ଗରେ ଆଲୋଚନା ହୋଇ ନାହିଁ। ଏହି ବୈଠକ କାର୍ଯ୍ୟସୂଚୀରେ ଏସବୁ ନ ଥିଲା। ପଶ୍ଚିମବଙ୍ଗର ସ୍ୱାର୍ଥ ସମ୍ବଳିତ ପ୍ରଶ୍ନ, କୋଇଲା ରୟାଲ୍‌ଟି ବୃଦ୍ଧି ପ୍ରସଙ୍ଗରେ ବୈଠକରେ ଉପସ୍ଥାପନ କରିଥିବା ମମତା କହିଥିଲେ। ନବୀନ ନିବାସ ବାହାରେ ଉପସ୍ଥିତ କେତେକ ଗଣମାଧ୍ୟମ ପ୍ରତିନିଧି ଦେଶର ସିଏଏ ବିରୋଧୀ ହିଂସା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିବେ କି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେଇ ମମତା କହିଥିଲେ ଯେ, ସବୁ ପ୍ରଶ୍ନର ଯେ ଉତ୍ତର ଦିଆଯିବ ତାହା ନୁହେଁ, ସେ ଯାହା ଉଚିତ ଭାବିବେ, ତାହା ହିଁ କହିବେ ।

# ମାଟ୍ରିକ ପରୀକ୍ଷା: କପି କରି ୨୫୭ ପରୀକ୍ଷାର୍ଥୀ ଏମ୍‌ପି

**କଟକ ଅଫିସ,୨୮।୨:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ମାଟ୍ରିକ ପରୀକ୍ଷାରେ ଶୁକ୍ରବାର ୨୫୭ ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିବା ସହ ମାଲପ୍ରାକ୍ଟିସ(ଏମ୍‌ପି) ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମାଟ୍ରିକ ପରୀକ୍ଷାର ୨୩୧ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ୨୬ଜଣ ଅଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ମାଟ୍ରିକ ପରୀକ୍ଷାର ସାଧାରଣ ବିଜ୍ଞାନ, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ସାମାଜିକ ବିଜ୍ଞାନ ଓ ମଧ୍ୟମା ପରୀକ୍ଷାରେ ଇଂଲିଶ ପ୍ରଶ୍ନପତ୍ର ରହିଥିଲା।

# ଭିନ୍ନକ୍ଷମଙ୍କ ଛାତ୍ରବୃତ୍ତି ବୃଦ୍ଧି

**ଭୁବନେଶ୍ୱର, ୨୮।୨ (ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଛାତ୍ରବୃତ୍ତି ପରିମାଣକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଦିଆଯାଉଥିବା ୧୨୦୦ ଟଙ୍କା ବଦଳରେ ମାସକୁ ୧୭୬୦ ଟଙ୍କା ଦିଆଯିବ। ଏହି ବର୍ଦ୍ଧିତ ସହାୟତା ୨୦୨୦-୨୧ରୁ ଆରମ୍ଭ ହେବାକୁ ଯାଉଛି। ସେହିପରି ଛାତ୍ରୀଛାତ୍ରଙ୍କୁ ମିଳୁଥିବା ଷ୍ଟାଇପେଣ୍ଡକୁ ମଧ୍ୟ ୨୭୦ ଟଙ୍କାରୁ ୩୭୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା ଏହି ସୂଚନା ଦେଇଛନ୍ତି। ଏଥିପାଇଁ ବାର୍ଷିକ ୩.୭୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ୧୦୩ ଭିନ୍ନକ୍ଷମ ବିଦ୍ୟାଳୟରେ ଆସବାବପତ୍ର, କ୍ରୀଡ଼ା ଉପକରଣ, କମ୍ପ୍ୟୁଟର ଏବଂ ସଫ୍ଟୱେର ବାବଦରେ ୨.୨୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMSBP2020015, ତା: 24.02.2020
କାର୍ଯ୍ୟର ନାମ : ତାଳଚେର ରୋଡ୍ ଠାରେ ଫ୍ଲାଇ ଓଭର ସହିତ ଜରପଡ଼ା ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ଜରପଡ଼ା ଷ୍ଟେସନ ଠାରୁ ତାଳଚେର ରୋଡ୍ ଷ୍ଟେସନ ପର୍ଯ୍ୟନ୍ତ ତୃତୀୟ ଏବଂ ଚତୁର୍ଥ ଲାଇନ୍ ଏବଂ ତାଳଚେର ରୋଡ୍ ଠାରୁ ତାଳଚେର ଚତୁର୍ଥ ଲାଇନ୍ : ଟ୍ରାକ୍ ସଂଯୋଗ (Linking of Track), ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର ଅନ୍ତଃସ୍ଥାପନ (Insertion) ଏବଂ ବିଛାଇବା, ଟ୍ରାକ୍‌ର ଆଲୁମିନା ଥର୍ମିକ(AT) ୱେଲ୍ଡିଙ୍ଗ୍, P.Way ସାମଗ୍ରୀଗୁଡ଼ିକର ପରିବହନ, ବାଲାଷ୍ଟକୁ ଗୋଟିଏ ସ୍ଥାନରୁ ଉଠାଇ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ନେଇଯିବା (Leading & Spreading) ଏବଂ ବିଛାଇବା କାର୍ଯ୍ୟ, ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ଲିଫ୍ଟିଙ୍ଗ୍ ବାରିଅର (Lifting Barriers)ଗୁଡ଼ିକର ଯୋଗାଣ ଏବଂ ସ୍ଥାପନ ଭଳି P.Way କାର୍ଯ୍ୟ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 2339.12 ଲକ୍ଷ, EMD (ଟଙ୍କାରେ) : ₹ 13,19,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.03.2020ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଟେଣ୍ଡର ମୂଲ୍ୟ ତୁଳନାରେ 10% ରୁ କମ୍ ମୂଲ୍ୟର ପ୍ରସ୍ତାବ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ପ୍ରସ୍ତାବ ସ୍ୱୀକୃତ ହେବା ସ୍ଥିତିରେ ସେହି ମାତ୍ରାରେ ପ୍ରତିଶତ ଅତିରିକ୍ତ ପରଫରମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯେଉଁ ମାତ୍ରାରେ 10 ପ୍ରତିଶତରୁ କମ୍ ପ୍ରସ୍ତାବ ଦିଆଯାଇଛି।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-128/CC/19-20

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ସଂଶୋଧିତ ଇ-ନିଲାମ କାର୍ଯ୍ୟକ୍ରମ**
ନଂ. ଏସ୍/ଏପି/୨୦୧୯-୨୦/ରିଭାଇଜ୍‌ଡ/୧, ତାରିଖ: ୨୪।୦୨।୨୦୨୦
ମାସ ମାର୍ଚ୍ଚ ୨୦୨୦ର ସଂଶୋଧିତ ଇ-ନିଲାମ କାର୍ଯ୍ୟକ୍ରମର ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| ସଂଶୋଧିତ ତାରିଖ | | | |
|---|---|---|---|
| ଜିଏସ୍‌ଡି/ରାୟପୁର | ବିଏସ୍‌ପି/ଡିଭିଜନ | ରାୟପୁର/ଡିଭିଜନ | ନାଗପୁର/ଡିଭିଜନ |
| ୦୫।୦୩।୨୦୨୦ | ୦୨।୦୩।୨୦୨୦ | ୦୩।୦୩।୨୦୨୦ | ୦୪।୦୩।୨୦୨୦ |
| ୧୨।୦୩।୨୦୨୦ | ୦୯।୦୩।୨୦୨୦ | ୧୧।୦୩।୨୦୨୦ | ୧୩।୦୩।୨୦୨୦ |
| ୨୦।୦୩।୨୦୨୦ | ୧୮।୦୩।୨୦୨୦ | ୧୬।୦୩।୨୦୨୦ | ୧୯।୦୩।୨୦୨୦ |
| ୨୭।୦୩।୨୦୨୦ | ୨୫।୦୩।୨୦୨୦ | ୨୩।୦୩।୨୦୨୦ | ୨୪।୦୩।୨୦୨୦ |
| ୩୦।୦୩।୨୦୨୦ | ୩୦।୦୩।୨୦୨୦ | ୨୬।୦୩।୨୦୨୦ | ୨୭।୦୩।୨୦୨୦ |
| ୩୧।୦୩।୨୦୨୦ | ୩୧।୦୩।୨୦୨୦ | ୩୧।୦୩।୨୦୨୦ | ୩୧।୦୩।୨୦୨୦ |

ଇ-ନିଲାମ ଅନୁସୂଚୀ ଏବଂ ଇ-କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
CPR/10/468 ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ବିଳାସପୁର
South East Central Railway @secrail

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୦/୧୦, ତାରିଖ: ୨୬।୦୨।୨୦୨୦
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ । ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ସଂକ୍ଷିପ୍ତ ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧ | ୦୧୧୯୦୦୨୮ସି | ଚକ ପାଇଁ ଷ୍ଟେପ୍ ସାଇଜ୍ ମିଡିୟମ୍ ଫସ୍‌ଫରସ୍ ବ୍ରେକ୍ ଶୁ' | ୨୦।୦୩।୨୦୨୦ | ୧୮୭୨ ସେଟ୍ |
| ୨. | ୦୩୧୯୧୩୪୪ | ବୋଲ୍‌ଷ୍ଟର୍ ସ୍ପ୍ରିଙ୍ଗ୍ ଆଉଟର୍ | ୨୦।୦୩।୨୦୨୦ | ୫୦୦୪ ଗୋଟି |
| ୩. | ୦୩୧୯୨୦୧୮ଏ | ଏମ୍‌କେ-୫୦ ପାଇଁ ସ୍ପ୍ରିଙ୍ଗ୍‌ର ମେଣ୍ଟେନାନ୍ସ କଟ୍ | ୨୦।୦୩।୨୦୨୦ | ୫୨୧ ସେଟ୍ |
| ୪. | ୦୩୨୦୨୦୨୦ଏ | ସାଇଡ୍ ଫ୍ରେମ୍ ଫ୍ରିକ୍‌ସନ୍ ଲାଇନର୍ | ୨୦।୦୩।୨୦୨୦ | ୧୪୬୪୮ ଗୋଟି |
| ୫. | ୦୨୧୯୧୭୭୩ବି | ଡାଇଗ୍ନୋଷ୍ଟିକ୍ ଟର୍ମିନାଲ୍ | ୨୧।୦୩।୨୦୨୦ | ୦୮ ଗୋଟି |
| ୬. | ୦୪୧୮୫୦୦୫ସି | କଣ୍ଟିନିୟସ୍ ଗ୍ରୁଭଡ କପର୍ କଣ୍ଟାକ୍ଟ ୱାୟାର୍ | ୩୦।୦୩।୨୦୨୦ | ୧୧୨.୯୬ ଏମ୍‌ଟି |

ଟେଣ୍ଡର ବନ୍ଦ/ଖୋଲାଯିବା ସମୟ: ୧୦.୩୦ ଘଟିକାରେ।
ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ବିକ୍ରେତାମାନଙ୍କ ପାଇଁ ଶୁଦ୍ଧିପତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।
CPR/10/471 ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ବିଳାସପୁରଙ୍କ ପାଇଁ
South East Central Railway @secrail

**PARADIP PORT TRUST**
**E-AUCTION NOTICE**
NO.EM/MM/SCRAP-12-2019/55
Dtd. 20.02.2020
Paradip Port Trust intent to dispose off **Spillage Iron Ore on "as is where is basis"** by e-auction through M/s. MSTC. For details interested bidders may log on to MSTC website **www.mstcindia.co.in/ www.mstcecommerce.com**
Sr. Dy. Materials Manager
PPT/PR/691/19-20 Dt. 28.02.2020

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବିବିଧ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**
ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍-ଆର୍-ଇଟି-୧୯-୨୦-୩୩ କାର୍ଯ୍ୟର ନାମ: ୦୩ ବର୍ଷ ଅବଧି ପାଇଁ କୋଚିଂ ଡିପୋ, ଦୁର୍ଗର ପ୍ରାଇମେରୀ କୋଚ୍‌ଗୁଡ଼ିକରେ ଲାଗିଥିବା ବାୟୋ ଟଏଲେଟ୍‌ର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା (ଏଏମ୍‌ଓସି)। ଟେଣ୍ଡର ମୂଲ୍ୟ: ₹୫୯୨୫୫୭୭୧/-
ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍-ଆର୍-ଇଟି-୧୯-୨୦-୩୪ କାର୍ଯ୍ୟର ନାମ: ତିନିବର୍ଷ ଅବଧି ପାଇଁ ଆରଓଏଚ୍ ଡିପୋ, ପିପି ୟାର୍ଡ/ଭିଲାଇ ନିମନ୍ତେ ରୋଲିଂ ଷ୍ଟକ୍ ବଜାୟ ରଖିବା ପାଇଁ ରେଳପଥ ସାମଗ୍ରୀ ପରିବହନ ଲାଗି ଗୋଟିଏ ୧୨ଟି ଟ୍ରକ୍ ଭଡ଼ା ସୂତ୍ରରେ ନେବା। ଟେଣ୍ଡର ମୂଲ୍ୟ: ₹୨୭୭୪୦୩୬/-। ଉପରୋକ୍ତ ଟେଣ୍ଡରର ସମାପ୍ତି ତାରିଖ: ତା୩୧।୦୩।୨୦୨୦ରିଖ ୧୫.୦୦ ଘଟିକା। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫର୍‌କୁ ନାକଚ କରିଦିଆଯିବ। ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଏମ୍‌ଇ (କୋ-ଅର୍ଡ)/ଏସ୍.ଇ.ସି. ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।
ସିନିୟର ଡିଏମ୍‌ଇ (କୋ-ଅର୍ଡ)
PR/R/Sr.DME(Co-ord)/VR/212 ଏସ୍.ଇ.ସି.ଆର୍, ରାୟପୁର
South East Central Railway @Secrail





ନିଷ୍ପାପର ଲୋକ ହିଁ ଅନ୍ୟର
ନିଷ୍ପାକୁ ଚିହ୍ନିପାରେ।
- କାର୍ଲାଇଲ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସୁନ୍ଦରପଦାସ୍ଥିତ ସେବା ପ୍ରତିନିଧି ପକ୍ଷରୁ ଲିଙ୍ଗରାଜ ମହାପ୍ରଭୁଙ୍କ ହାଣ୍ଡି ଭଙ୍ଗାଯାତ୍ରା ନ କରିବାରୁ ଧାରଣା , ଲିଙ୍ଗରାଜ ମନ୍ଦିର, ସକାଳ ୯ଟା।
- ୟୁରୋ କିଡ୍ସ ପ୍ରି ସ୍କୁଲର ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ବିଜେବି କଲେଜର ଅର୍ଥନୀତି ବିଭାଗରେ ଜାତୀୟ ସେମିନାର କାର୍ଯ୍ୟକ୍ରମ, ଆଡମିନିଷ୍ଟ୍ରେଟିଭ ବ୍ଲକ, ପୂର୍ବାହ୍ନ ୧୦ଟା ୪୫।
- ସମ୍ ଅଲ୍ଟିମେଟ୍ ମେଡିକେୟାର ଉଦ୍‌ଘାଟନ, କଳିଙ୍ଗ ନଗର, ଘାଟିକିଆ, ପୂର୍ବାହ୍ନ ୧୧ଟା।
- ମସରୁମ ଟିମ୍ ପକ୍ଷରୁ ବାର୍ଷିକ ଫଟୋ ଉତ୍ସବ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞରେ କଳସ ଯାତ୍ରା, ମା' ଭୁବାସିନି ପୀଠ, ସରଦେଇପୁର, ଧଉଳି, ଅପରାହ୍ନ ୩ଟା।
- ପୁସ୍ତକ ଉନ୍ମୋଚନ ସମାରୋହ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଅଧିବେଶନ, କୃଷକ ସମାଜ, ସନ୍ଧ୍ୟା ୬ଟା।

**କଟକ**

- ଯୋଗ ଦ୍ୱାରା ରୋଗ ନିରାକରଣ ଓ ଉପଚାର ସଚେତନତା ଶିବିର, ଶାରଳା ଭବନ, ସକାଳ ୯ଟା।
- ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର ରାଜ୍ୟ ନିର୍ବାହୀ ପରିଷଦ ବୈଠକ, କନଭେନଶନ ହଲ୍, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ, ପୂର୍ବାହ୍ନ ୧୦ଟା ୩୦।
- ମା' ବାସୁଳୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ପଞ୍ଚକୁଣ୍ଡୀୟ ଯଜ୍ଞ ମହୋତ୍ସବ ଉଦ୍‌ଯାପନୀ, ମନ୍ଦିର ପରିସର, ବଣିଆ ସାହି, ବକ୍ସିବଜାର, ଅପରାହ୍ନ ୫ଟା ୩୦।
- ଚେଲିତୋଲ କଲଚରାଲ ଏକାଡେମୀର ୨୯ତମ ବାର୍ଷିକ ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।
- କଟକ ମହାନଗର ଶାନ୍ତି କମିଟିର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ ବୈଠକ, କମିଟି କାର୍ଯ୍ୟାଳୟ, ଦରଘାବଜାର, ସନ୍ଧ୍ୟା ୬ଟା ୩୦।

# ଭାଙ୍ଗିଲା ସୂର୍ଯ୍ୟମନ୍ଦିର ମୂର୍ତ୍ତି, ବିବାଦରେ ଏଏସ୍‌ଆଇ

### ଅଣକୁଶଳୀ ଶ୍ରମିକଙ୍କ ଦ୍ୱାରା ଲୁହାଭାରା କାଢ଼ିବା ସମୟରେ ମୂର୍ତ୍ତି ଭାଙ୍ଗିଯାଇଥିବା ଅଭିଯୋଗ

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**



ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରର ମରାମତି ନାମରେ କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ କାଢି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ସାଦା ପଥର ଲଗାଇବା ବିବାଦ ଥମିନାହିଁ। ଏବେ ଆଉ ଏକ ବିବାଦ ମୁଣ୍ଡ ଟେକିଛି। କିଛିଦିନ ତଳେ ଏଏସ୍‌ଆଇ ପକ୍ଷରୁ କୋଣାର୍କ ମନ୍ଦିର ଚାରିପଟେ ଲାଗିଥିବା ଲୁହାଭାରା ଖୋଲାଯିବବେଳେ ଏକ ମୂର୍ତ୍ତି ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି।

କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ହୋଇଥିବା ଅଭିଯୋଗ ମୁତାବକ, ମନ୍ଦିର ଚାରିପଟୁ ଲୁହାଭାରା କାଢ଼ିବା ସମୟରେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପୂର୍ବଭାଗରେ ଥିବା ୫ ଫୁଟର ମୈଥୁନରତ ଯୁଗଳମୂର୍ତ୍ତି ଭାଙ୍ଗିଯାଇଛି। ମୂର୍ତ୍ତିର ଆଣ୍ଠୁ ପାଖରୁ ଅବଶିଷ୍ଟ ଅଂଶ ସମ୍ପୂର୍ଣ୍ଣଭାବେ ଭାଙ୍ଗି ବିଚ୍ଛିନ୍ନ ହୋଇଯାଇଛି। ଭାଙ୍ଗିଯାଇଥିବା ଏହି ଅଂଶକୁ ସଙ୍ଗେ ସଙ୍ଗେ ଯୋଡ଼ାଯାଇ ମରାମତି କରାଯାଇପାରିଥାନ୍ତା। ହେଲେ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଭଙ୍ଗା ଅଂଶ ହଜିଯାଇଥିବା ଜଣାପଡ଼ିଛି। ଫଳରେ ଦୂରରୁ ମଧ୍ୟ ଭଙ୍ଗା ମୂର୍ତ୍ତି ସ୍ପଷ୍ଟ ଦେଖାଯାଉଛି। ତେବେ କେବଳ ଏଥର ନୁହେଁ, ପୂର୍ବରୁ ମଧ୍ୟ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ଯୋଗୁ ସୂର୍ଯ୍ୟମନ୍ଦିରର ବହୁ କାରୁକାର୍ଯ୍ୟପୂର୍ଣ୍ଣ କଳାକୃତି ନଷ୍ଟ ହୋଇଯାଇଥିବା ସମିତିର ସାଧାରଣ ସମ୍ପାଦକ ଅନିଲ ଧୀର କହିଛନ୍ତି। ମନ୍ଦିରର ମରାମତି ପାଇଁ ଅଣକୁଶଳୀ ଶ୍ରମିକଙ୍କୁ ନିୟୋଜିତ କରାଯାଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟିହେଉଛି। ଏଏସ୍‌ଆଇର ଅବହେଳା ଯୋଗୁ ଗତ ପ୍ରଳୟଙ୍କରୀ ବାତ୍ୟା ଫନୀରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସିଂହ ମୂର୍ତ୍ତି କ୍ଷତିଗ୍ରସ୍ତ ହୋଇଥିଲା। ୨୦୧୯ ମେ' ୨୧ରେ ଏଏସ୍‌ଆଇ ଏଥିପାଇଁ ଜଗନ୍ନାଥ ମନ୍ଦିର ପ୍ରଶାସନକୁ କ୍ଷମା ମାଗିଥିଲା। କୋଣାର୍କରେ ମଧ୍ୟ ମନ୍ଦିର ଚାରିପଟେ ଲାଗିଥିବା ଲୁହାଭାରା ମଧ୍ୟରୁ ଗୋଟିଏ ଲୁହାରଡ ଭାଙ୍ଗି ସିଂହ ମୂର୍ତ୍ତି ଉପରେ ପଡ଼ିଯିବାରୁ ତାହା କ୍ଷତିଗ୍ରସ୍ତ ହୋଇଥିଲା। ଗୋଟିଏପଟେ କୋଣାର୍କ ସୂର୍ଯ୍ୟ ମନ୍ଦିରର ବିଶ୍ୱ ଐତିହ୍ୟ ମାନ୍ୟତା ଉଠିଯିବା ନେଇ ଆଶଙ୍କା ଲାଗିରହିଥିବା ବେଳେ ଏଏସ୍‌ଆଇର ଏଭଳି ବାରମ୍ବାର ଅବହେଳା ପରିସ୍ଥିତିକୁ ଆହୁରି ଜଟିଳ କରୁଛି। ଉଭୟ ଏଏସ୍‌ଆଇ ଏବଂ ଓଡ଼ିଶା ସରକାର କୋଣାର୍କ ମନ୍ଦିରର ସୁରକ୍ଷା ଉପରେ ଆହୁରି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ମନ୍ଦିରର ମରାମତି ଏବଂ ସଂରକ୍ଷଣ କାର୍ଯ୍ୟ ସମୟରେ ସ୍ଥାନୀୟ ଲୋକ ଏବଂ କାରିଗରଙ୍କ ପରାମର୍ଶ ନେବାକୁ ଅନିଲ ଧୀର କହିଛନ୍ତି।

କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ନିର୍ଦ୍ଦେଶରେ କୋଣାର୍କର ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀର ଆୟୋଜନ କରାଯାଇଛି। ଏଥିରେ ବହୁ ବଡ଼ ବଡ଼ ପ୍ରତ୍ନତତ୍ତ୍ୱବିତ୍, ଇଞ୍ଜିନିୟର ଏବଂ ବିଶେଷଜ୍ଞମାନେ ଯୋଗଦେଇଛନ୍ତି। ପୂର୍ବରୁ ୧୯୯୭ରେ ମଧ୍ୟ ସୂର୍ଯ୍ୟମନ୍ଦିରର ସଂରକ୍ଷଣ ପାଇଁ ଏଭଳି ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ବିଦେଶରୁ ବହୁ ବିଶେଷଜ୍ଞମାନେ ଯୋଗଦେଇଥିଲେ। ହେଲେ କିଛି ସୁଫଳ ମିଳିଲାନି। ସେମାନଙ୍କ ପରାମର୍ଶକୁ କାର୍ଯ୍ୟରେ ଲଗାଗଲାନି। ଫଳରେ ଜଗମୋହନରେ ଥିବା ବାଲି ଦିନକୁ ଦିନ ଦବୁଥିବା ବେଳେ ମନ୍ଦିର ଚାରିପଟେ ଜମୁଥିବା ପାଣି ମନ୍ଦିର ପ୍ରତି ବିପଦ ସୃଷ୍ଟିକରୁଛି। ଯଦି ତୁରନ୍ତ ଏହାର ମରାମତି କରା ନ ଯାଏ ତାହେଲେ ଓଡ଼ିଶାର ଏହି ଏକମାତ୍ର ବିଶ୍ୱ ଐତିହ୍ୟସ୍ଥଳୀ ମାଟିରେ ମିଶିଯିବ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ କିଛିଦିନ ତଳେ ମନ୍ଦିରର କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ କାଢି ସାଦା ପଥର ଲଗାଇବା ଘଟଣାରେ ଏଏସଆଇ ନାମରେ ଯେଉଁ ଅଭିଯୋଗ ଉଠିଥିଲା ତାହାକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ କୋଣାର୍କ ଯାଇ ମନ୍ଦିର ଗର୍ଭର ସ୍ଥିତି ଅନୁଧ୍ୟାନ କରିଥିଲେ। ସୂର୍ଯ୍ୟମନ୍ଦିରର ନାଟ୍ୟ ମଣ୍ଡପ ମୁଖଶାଳାର ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଦ୍ୱାର ସହ ଯେଉଁ ସ୍ଥାନକୁ ନେଇ ବିବାଦ ଉଠିଥିଲା ସେହି ସ୍ଥାନକୁ ଅନୁଧ୍ୟାନ କରାଯାଇଥିଲା। କୋଣାର୍କ ମନ୍ଦିରର ସୁରକ୍ଷା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଭାଗୀୟ ସଚିବ କହିଥିଲେ।

## ନନ୍ଦନକାନନକୁ ଆସିଲା ହିମାଳୟ ଶାଗୁଣା

**ବାରଙ୍ଗ,୨୮।୨(ଡି.ଏନ.ଏ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଆସିଛି ନୂଆ ଅତିଥି। ଶୁକ୍ରବାର ଗୋଟିଏ ୩ ବର୍ଷର ହିମାଳୟ ଶାଗୁଣା ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଛି। ପ୍ରଥମରୁ ଶାଗୁଣାଟି ଅସୁସ୍ଥ ଥିବାରୁ ନନ୍ଦନକାନନ ଡାକ୍ତରଖାନାରେ ରଖାଯାଇ ତା'ର ଚିକିତ୍ସା କରାଯାଉଛି। ଗତ ୨୧ତାରିଖରେ ଖୋର୍ଦ୍ଧା ରଣପୁର ଡିଭିଜନରୁ ଏହି ଶାଗୁଣାକୁ ଉଦ୍ଧାର କରାଯାଇଥିଲା। ତେବେ ସେ ଅସୁସ୍ଥ ଥିବାରୁ ୨୪ତାରିଖରେ ଚିକିତ୍ସା ପାଇଁ ଓୟୁଏଟିକୁ ପଠାଯାଇଥିଲା। ସେଠାରେ ଟିକେ ସୁସ୍ଥ ହେବାରୁ ଶୁକ୍ରବାର ଶାଗୁଣାଟିକୁ ନନ୍ଦନକାନନକୁ ଅଣାଯାଇ କ୍ୱାରେଣ୍ଟାଇନରେ ରଖାଯାଇଥିବାର ଜଣାପଡିଛି। ଏହି ଶାଗୁଣା ଆସିବାପରେ ନନ୍ଦନକାନନରେ ଏହି ପ୍ରଜାତି ସଂଖ୍ୟା ବୃଦ୍ଧିପାଇ ୩ରେ ପହଞ୍ଚିଛି।

## ପୋକ୍‌ସୋ କୋର୍ଟ ଉଦ୍‌ଘାଟିତ

**ପୁରୀ ଅଫିସ,୨୮।୨ :** ପୁରୀ ଜିଲା କୋର୍ଟ ପରିସରରେ ଶୁକ୍ରବାର ପୋକ୍‌ସୋ କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କୋର୍ଟ ରେଜିଷ୍ଟ୍ରାର ଅରୁଣ ପଟ୍ଟନାୟକ, ସମସ୍ତ ବିଚାର ବିଭାଗୀୟ ଜର୍ଜ, ପୁରୀ ବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ପୂର୍ବରୁ ଶିଶୁ ନିର୍ଯାତନା ଓ ଯୌନ ଶୋଷଣ ମାମଲା ପରିଚାଳନାରେ ବିଳମ୍ବିତ ହେଉଥିଲା। ଏଣିକି ପୋକ୍‌ସୋ କୋର୍ଟ ଉଦ୍‌ଘାଟିତ ହେବା ଦ୍ୱାରା ଏହି ମାମଲା ତ୍ୱରାନ୍ୱିତ ହୋଇପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର କହିଛନ୍ତି।



ଶୁକ୍ରବାର ସକାଳେ ଭୁବନେଶ୍ୱରରେ ପ୍ରବଳ କୁହୁଡ଼ି।

## ଖାଉଟିଙ୍କ ପାଇଁ ଧାର୍ଯ୍ୟ ହେବ ଅଣ୍ଡା ଦର

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ଏଣିକି ଖାଉଟିଙ୍କ ପାଇଁ ଅଣ୍ଡା ଦର ଧାର୍ଯ୍ୟ କରାଯିବ। ଖାଉଟି ଅଣ୍ଡା ଚାଷୀଙ୍କ ବିକ୍ରି ଦର ମଧ୍ୟ ଜାଣିପାରିବେ। ଚାଷୀ କେତେ ଟଙ୍କାରେ ବ୍ୟବସାୟୀଙ୍କୁ ଦେଉଛନ୍ତି ଏବଂ ଖାଉଟି କେତେ ଟଙ୍କାରେ ଅଣ୍ଡା ପାଇବେ ତାହା ବିସ୍ତୃତ ଭାବେ ଖବରକାଗଜରେ ପ୍ରକାଶ ପାଇବ। ମାର୍ଚ୍ଚରୁ ଏହା ଲାଗୁ ହେବ ବୋଲି ଅଲ୍ ଓଡ଼ିଶା ଲେୟାର ଫାର୍ମର୍ସ ଆସୋସିଏଶନ ସାଧାରଣ ସମ୍ପାଦକ ସରୋଜ କୁମାର ପାତ୍ର କହିଛନ୍ତି। ସେ କହିଛନ୍ତି ଯେ, ଚାଷୀ ଓ ଖାଉଟିଙ୍କ ମଧ୍ୟରେ ବ୍ୟବସାୟୀ ରହିଛନ୍ତି। ଯେଉଁମାନେ କମ୍ ଟଙ୍କାରେ କିଣିଲେ ମଧ୍ୟ ଖାଉଟିଙ୍କୁ ଅଧିକ ଟଙ୍କାରେ ଦେଉଛନ୍ତି। ଫଳରେ ଖାଉଟି ଠକାମିର ଶିକାର ହେଉଛନ୍ତି। ସେଥିପାଇଁ ଆମ ଆସୋସିଏଶନ ପକ୍ଷରୁ ଏଭଳି ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଚାଷୀଙ୍କ ଦର ଖବରକାଗଜରେ ବାହାରୁଛି। ଖୁବ୍‌ଶୀଘ୍ର ଖାଉଟିଙ୍କ ଦର ମଧ୍ୟ ପ୍ରକାଶ ପାଇବ। ଖାଉଟି କେଉଁ ଦରରେ କିଣିବେ ତାହା ସ୍ପଷ୍ଟ କରାଯିବ। ଯଦି କୌଣସି ବ୍ୟବସାୟୀ ଦେଉନାହାନ୍ତି ତେବେ ଖାଉଟି ତାଙ୍କୁ ପ୍ରଶ୍ନ କରିପାରିବେ। ଭାରତରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଏହା କାର୍ଯ୍ୟକାରୀ ହେବ। ଚାଷୀ ଦର ଓ ଖାଉଟି ଦର ମଧ୍ୟରେ ଉପଯୁକ୍ତ ଗ୍ରହଣୀୟ ପ୍ରଭେଦ ରହିବ। ଆମେ ଯଦି ୩ଟଙ୍କାରେ ବିକ୍ରି କରୁଛୁ ତେବେ ଖାଉଟି ଅତି ବେଶିରେ ୪ଟଙ୍କାରେ ଅଣ୍ଡା ପାଇବେ। ଯଦି ଆମେ ୪ଟଙ୍କାରେ ବିକ୍ରି କରିବୁ ତେବେ ଖାଉଟି ୫ଟଙ୍କାରେ ପାଇବେ। କିନ୍ତୁ ବର୍ତ୍ତମାନ ଆମେ ୨ଟଙ୍କା ୫୦ ପଇସାରେ ବିକ୍ରି କଲେ ମଧ୍ୟ ଖାଉଟି ୫ଟଙ୍କା କିମ୍ବା ୫ଟଙ୍କା ୫୦ପଇସାରେ ପାଉଛନ୍ତି।

## ଅଙ୍ଗଦାନ ପାଇଁ ସୁଚିତ୍ରାଙ୍କ ପରିବାରବର୍ଗଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ଭୁବନେଶ୍ୱର ପୋଖରୀପୁଟର ସୁଚିତ୍ରା ଦାଶ(୫୬)ଙ୍କ ମୃତ୍ୟୁ ପରେ ତାଙ୍କ ଅଙ୍ଗଦାନ କରିଥିବା ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି। ସୁଚିତ୍ରାଙ୍କ ପରିବାରର ମହତ କାର୍ଯ୍ୟ ଯୋଗୁ ୨ଜଣ ନୂଆ ଜୀବନ ପାଇଛନ୍ତି। ଏଥିପାଇଁ ସୁରଜ ଯୋଜନା ଅନୁଯାୟୀ ସରକାରଙ୍କ ପକ୍ଷରୁ ସୁଚିତ୍ରାଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯିବ। ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ବୁଧବାର ସୁଚିତ୍ରାଙ୍କ ମରଶରୀରରୁ ୨ କିଡ୍‌ନୀ କଢ଼ାଯାଇଥିଲା। ତାହାକୁ ଆପୋଲୋ ଏବଂ ଆମ୍ରି ହସ୍ପିଟାଲରେ ୨ଜଣ ରୋଗୀଙ୍କଠାରେ ପ୍ରତିରୋପଣ କରାଯାଇଥିଲା। ଏହି ସଫଳ କାଡ଼ାଭରିକ କିଡ୍‌ନୀ ପ୍ରତିରୋପଣ ପାଇଁ ମୁଖ୍ୟମନ୍ତ୍ରୀ ଡାକ୍ତର ଟିମ୍ ଓ ସୋଟୋ(ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ)କୁ ଅଭିନନ୍ଦନ ଜଣାଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com





ସାଗରିକା



ସଞ୍ଜୟ



ଆଲୋକ



ଗୁଡୁ



ଦୀପକ



ଅକ୍ଷୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ଦ୍ୱାଦଶ ବାର୍ଷିକ ଅଧିବେଶନ

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**



ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ଦ୍ୱାଦଶ ବାର୍ଷିକ ଅଧିବେଶନ ଗତ ୨୩ ତାରିଖରେ ଆୟକର ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଅବସରପ୍ରାପ୍ତ ବରିଷ୍ଠ ଆୟକର ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇଥିଲେ। ରାଜ୍ୟ ଅବସରପ୍ରାପ୍ତ ଆୟକର ମୁଖ୍ୟ ଆୟୁକ୍ତ ସ୍ୱରାଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟଅତିଥିଭାବେ ଓଡ଼ିଶା ଆୟକର ବିଭାଗର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପ୍ରଣବ କୁମାର ଦାସ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଂଘର ଉପସଭାପତି ଅବସରପ୍ରାପ୍ତ ପ୍ରଧାନ ଆୟକର ଆୟୁକ୍ତ ଶରତ କୁମାର ଦାଶ, ଅନ୍ୟତମ ଉପସଭାପତି ଅବସରପ୍ରାପ୍ତ ଆୟକର ଆୟୁକ୍ତ କୁମୁଦ କୁମାର ନାଥ, ସଂଘର ସାଧାରଣ ସମ୍ପାଦକ ତଥା ଅବସରପ୍ରାପ୍ତ ଆୟକର ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ରବୀନ୍ଦ୍ର ନାଥ ମହାନ୍ତି ଓ କୋଷାଧକ୍ଷ ଏ.ଟି. ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବରିଷ୍ଠ ଅବସରପ୍ରାପ୍ତ ଅଧିକାରୀମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ମିଶ୍ର, ସୁଧାକର ମିଶ୍ର, ବିଭାସ ଚନ୍ଦ୍ର ମହାନ୍ତି, ବ୍ରଜ କିଶୋର ସାହୁ, କୈଳାସ ଚନ୍ଦ୍ର ଷଡ଼ଙ୍ଗୀ, ବିଧୁଭୂଷଣ ମହାନ୍ତି, ଜୟନ୍ତ କୁମାର ହୋତା, ଅଶ୍ୱିନୀ କୁମାର ବେହେରା, ପ୍ରଫୁଲ୍ଲ କୁମାର ଦାସ, ପ୍ରଦୋଷ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଅଧିବେଶନରେ ଓଡ଼ିଶା ଆୟକର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ, ଓଡ଼ିଶା ଗେଜେଟେଡ୍ ଅଫିସର ଆସୋସିଏଶନ୍ ପକ୍ଷରୁ କବିତାଞ୍ଜଳି ପାଲ୍, ସଂଘର ପୂର୍ବତନ ସଭାପତି ବ୍ରଜସୁନ୍ଦର ନନ୍ଦ, ପୂର୍ବତନ ସମ୍ପାଦକ ସି.ବି. ପାତ୍ର ଏବଂ ଅବସରପ୍ରାପ୍ତ ଆୟକର ମୁଖ୍ୟ ଆୟୁକ୍ତ ବିଧୁଭୂଷଣ ମହାନ୍ତି ଅଭିଭାଷଣ ପ୍ରଦାନ କରିଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ରଜେନ୍ଦ୍ର ନାଥ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ସଂଘର କଟକ ଶାଖା ସମ୍ପାଦକ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧ରୁ ଜାତୀୟ ନାଟକ ମହୋତ୍ସବ 'ପୂର୍ବରଙ୍ଗ'

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କୋଲକାତାସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏବଂ ଓଡ଼ିଶା ନାଟ୍ୟ ସଂଘ ସହଯୋଗରେ ଜାତୀୟ ନାଟକ ମହୋତ୍ସବ 'ପୂର୍ବରଙ୍ଗ' ଆସନ୍ତା ମାର୍ଚ୍ଚ ୧ରୁ ଆରମ୍ଭ ହେବ। ୫ଦିନ ବ୍ୟାପୀ ରବୀନ୍ଦ୍ର ମଣ୍ଡପଠାରେ ଚାଲିବାକୁ ଥିବା ଏହି ନାଟକ ମହୋତ୍ସବରେ ୫ଟି ନାଟକ ମଞ୍ଚସ୍ଥ ହେବ। ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତର ବିବିଧ ଭାଷାଭାଷୀ ନାଟକକୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିବ। ପ୍ରଥମ ଦିନ ସନ୍ଧ୍ୟାରେ 'ନ୍ୟୁକ୍ୱେଷ୍ଟ ରିପୋଟରୀ ଓଡ଼ିଶା' ପକ୍ଷରୁ ନଳିନୀ ନାୟକଙ୍କ ନିର୍ଦ୍ଦେଶନା ଓ ଗିରୀଶ କର୍ନଡଙ୍କ ରଚନାରେ ଓଡ଼ିଆ ନାଟକ 'ନାଗମଣ୍ଡଳ' ମଞ୍ଚସ୍ଥ ହେବ। ସେହିଭଳି ଦ୍ୱିତୀୟ ସନ୍ଧ୍ୟାରେ ବମ୍ବେର ଅଶୋକ ବାଣ୍ଠିଆ ଗ୍ରୁପ୍ ପକ୍ଷରୁ ଅଶୋକ ବାଣ୍ଠିଆଙ୍କ ନିର୍ଦ୍ଦେଶିତ ଓ ସୁରଜ ପ୍ରକାଶଙ୍କ ରଚିତ ହିନ୍ଦୀ ନାଟକ 'ଜାଲିଆନାୱାଲା ବାଗ୍', ତୃତୀୟ ସନ୍ଧ୍ୟାରେ କୋଲକାତାର 'ଅଲଟର୍‌ନେଟିଭ୍ ଥିଏଟର୍' ପକ୍ଷରୁ ପ୍ରବୀର ଗୁହାଙ୍କ ନିର୍ଦ୍ଦେଶିତ ଓ ରଚିତ ବଙ୍ଗଳା ନାଟକ 'ଟିଟାସ୍ ଏକ୍‌ଟି ନଦୀର ନାମ୍', ୪ର୍ଥ ସନ୍ଧ୍ୟାରେ ଆସାମର 'ଦାପୋନ ଦ ମିରର' ପକ୍ଷରୁ ପବିତ୍ର ରାବାଙ୍କ ନିର୍ଦ୍ଦେଶିତ ଓ ରଚିତ ଅହମିୟା ନାଟକ 'କିନୁ କୋଉ' ଏବଂ ୫ମ ତଥା ଶେଷ ସନ୍ଧ୍ୟାରେ ହାଇଦ୍ରାବାଦସ୍ଥିତ ଥିଏଟର୍ ଆର୍ଟ ୟୁନିଭରସିଟି ପକ୍ଷରୁ ସତ୍ୟବ୍ରତ ରାଉତଙ୍କ ନିର୍ଦ୍ଦେଶିତ ଓ କାଳିଦାସ ମୋହନ ରାକେଶଙ୍କ ରଚିତ ହିନ୍ଦୀ ନାଟକ 'ଶକୁନ୍ତଳା' ମଞ୍ଚସ୍ଥ ହେବ। ଏନେଇ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶୁକ୍ରବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ରାମକୃଷ୍ଣ ସାହୁ, ଓଡ଼ିଶା ନାଟ୍ୟସଂଘ ସଭାପତି ହରେନ୍ ସାହୁ, ସଦସ୍ୟ ମନୋଜ ପଟ୍ଟନାୟକ ଓ ଧୀର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଏ ସମ୍ପର୍କରେ ସୂଚନା ଦେଇଥିଲେ। ମହୋତ୍ସବ ଅବସରରେ ପୂର୍ବାହ୍ନରେ ନାଟକ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ତାହାର ଡକ୍ୟୁମେଣ୍ଟେଶନ କରାଯିବ ବୋଲି ଏକାଡେମୀ ସଚିବ ରଥ କହିଥିଲେ।

## ସଂକ୍ଷେପରେ

### ବାଙ୍କୀ ଡବଲ ମର୍ଡର ଘଟଣା

## ଆଜି ବାଙ୍କୀ ନିର୍ବାଚନମଣ୍ଡଳୀ ବନ୍ଦ କରିବ କଂଗ୍ରେସ

ବାରଙ୍ଗ,୨୮।୨(ଡି.ଏନ.ଏ)- ବାଙ୍କୀରେ ହୋଇଥିବା ଡବଲମର୍ଡର ଘଟଣାରେ ପୋଲିସ କେତେଜଣଙ୍କୁ ଗିରଫ କରିଥିବାବେଳେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଚାହୁଁ ନାହିଁ। ରାଜନୈତିକ କାରଣ ସହ ରାଜନୀତି ଲୋକମାନଙ୍କର ସମ୍ପୃକ୍ତି ଏହି ହତ୍ୟାକାଣ୍ଡ ପରେ ରହିଛି ବୋଲି ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଶୁକ୍ରବାର ବାରଙ୍ଗରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ଘଟଣାର ପ୍ରତିବାଦରେ ଶନିବାର କଂଗ୍ରେସ ପକ୍ଷରୁ ବାଙ୍କୀ ନିର୍ବାଚନମଣ୍ଡଳୀ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଅନୁରୂପଭାବେ ବାରଙ୍ଗ ମଧ୍ୟ ବନ୍ଦ କରାଯିବ ବୋଲି ଘୋଷଣା କରାଯାଇଛି। ଶାନ୍ତିପୂର୍ଣ୍ଣ ଭାବେ ଏହି ବନ୍ଦ କଂଗ୍ରେସ ପକ୍ଷରୁ କରାଯିବାକୁ ଥିବାବେଳେ ସାଧାରଣ ନାଗରିକମାନଙ୍କଠାରୁ ବ୍ୟବସାୟୀ, ଶିକ୍ଷାନୁଷ୍ଠାନଗୁଡ଼ିକ ସହଯୋଗ କରିବାକୁ ନିବେଦନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅରୁଣ କୁମାର ସାହୁ, ମଣ୍ଟୁ ମାଝି ପ୍ରମୁଖ ସ୍ଥାନୀୟ କଂଗ୍ରେସ ନେତାମାନେ ଉପସ୍ଥିତ ଥିଲେ।

# ୬ମାସ ଘୁଞ୍ଚିଲା ଇ-ବସ୍ ଚଳାଚଳ

## କରୋନା ପାଇଁ ଚାଇନାରୁ ଆସିପାରୁନି ଉପକରଣ



- ମାର୍ଚ୍ଚ ଶେଷକୁ ଚାଲିବ ଡିଜେଲ ଚାଳିତ ମୋ' ବସ୍
- ବନ୍ଦ ପଡ଼ିଥିବା ଡିଟିଏସ୍ ବସ୍‌ର ହେବ ପୁନରୁଦ୍ଧାର
- ୩ ମାସରେ କରିବ ଚଳାଚଳ
- ଖୁବ୍‌ଶୀଘ୍ର ବଢ଼ିବ ମୋ' ବସ୍ ରୁଟ୍

ଭୁବନେଶ୍ୱର, ୨୮।୨ (ବ୍ୟୁରୋ)

ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଭୁବନେଶ୍ୱରରେ ଚଳାଚଳ କରିଥାନ୍ତା ଇ-ବସ୍। ହେଲେ ଏବେ ସେହି ଆଶା ମଉଳି ଯାଇଛି। ଚାଇନାରେ ନିର୍ମିତ ହେଉଥିବା ଇ-ବସ୍‌ର ଉପକରଣ ଆସିପାରୁ ନ ଥିବାରୁ ଇ-ବସ୍ ଚଳାଚଳ କରିବାରେ ଆହୁରି ୬ମାସ ବିଳମ୍ବ ହେବ ବୋଲି କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ସୂଚନା ମିଳିଛି। ଗତ ଡିସେମ୍ବରରେ ଭୁବନେଶ୍ୱରରେ ଇ-ବସ୍‌ର ଡେମୋ ରନ୍ ହୋଇଥିବାବେଳେ ଘରୋଇ ସଂସ୍ଥା ଫୋଟନ୍‌କୁ ୫୦ ଇ-ବସ୍ ଦେବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ତେବେ ଇ-ବସ୍ ପାଇଁ ଉପକରଣ ଚାଇନାରେ ତିଆରି ହେଉଥିବାବେଳେ ବର୍ତ୍ତମାନ କରୋନା ଭାଇରସ୍ ପାଇଁ ସମ୍ପୃକ୍ତ କମ୍ପାନୀଗୁଡ଼ିକ ବନ୍ଦ ରହିଛି। ଯଦିଓ କିଛି ଦିନ ପରେ ଉକ୍ତ କମ୍ପାନୀଗୁଡ଼ିକ ଖୋଲିବ ଓ ଉପକରଣ କିଣା ହେବ, ତଥାପି ଆସନ୍ତା ୬ମାସ ଅର୍ଥାତ୍ ଜୁଲାଇ ମାସ ପର୍ଯ୍ୟନ୍ତ ବସ୍ ଚଳାଚଳ ସମ୍ଭବ ନୁହେଁ ବୋଲି କ୍ରୁଟ ପକ୍ଷରୁ କୁହାଯାଇଛି।

କ୍ରୁଟ୍ ଦ୍ୱାରା ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧାରେ ମୋ' ବସ୍ ଚଳାଚଳ କରୁଛି। ରାଜ୍ୟ ସରକାରଙ୍କ ଦ୍ୱାରା ଏହା କାର୍ଯ୍ୟକାରୀ ହୋଇଥିବା ବେଳେ ଲୋକଙ୍କୁ ଉନ୍ନତ ସେବା ଯୋଗାଇବା କ୍ଷେତ୍ରରେ ସାରା ଦେଶରେ ମୋ' ବସ୍ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। କେନ୍ଦ୍ର ସରକାର ମଧ୍ୟ ଖୁସି ପ୍ରକାଶ କରି ଭୁବନେଶ୍ୱରରେ ୫୦ ଇ-ବସ୍ ଚଳାଚଳ ପାଇଁ ଘୋଷଣା କରିଥିଲେ। ଏ ନେଇ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ କେବଳ ଇ-ବସ୍ ଚଳାଚଳ କରାଇବା ବାକିଥିଲା। ମାର୍ଚ୍ଚ ଶେଷରେ ୨୫ଟି ଡିଜେଲ୍‌ଚାଳିତ ତଥା ବିଏସ୍ ୬ ମଡେଲର ମୋ' ବସ୍ ସମେତ ୫୦ ଇ-ବସ୍ ଚଳାଚଳ କରାଯାଇଥାନ୍ତା। ହେଲେ ଉପକରଣ ନ ଆସିପାରିଥିବାରୁ କେବଳ ୨୫ଟି ଡିଜେଲ ଚାଳିତ ମୋ' ବସ୍ ବିଭିନ୍ନ ରୁଟ୍‌ରେ ଚଳାଚଳ କରିବ ବୋଲି କ୍ରୁଟ୍ ପକ୍ଷରୁ ଜଣାପଡ଼ିଛି।

ସହରରେ ପୂର୍ବରୁ ଡିଟିଏସ୍ ଦ୍ୱାରା ଚାଲୁଥିବା ବସ୍‌ଗୁଡ଼ିକର ମଧ୍ୟ ପୁନରୁଦ୍ଧାର କରାଯିବ। ଡିଟିଏସ୍ ଦ୍ୱାରା ଚାଲୁଥିବା ୮୯ଟି ବସ୍‌କୁ ମୋ' ବସ୍‌ରେ ପରିଣତ କରାଯାଇ ସେଗୁଡ଼ିକୁ ରାସ୍ତା ଉପରକୁ ଅଣାଯିବ। ପରେ ଆଉ ୨୫ଟି ଡିଜେଲଚାଳିତ ବସ୍ ଏବଂ ଇ-ବସ୍‌କୁ ସହରରେ ଚଳାଚଳ କରାଯିବ। ବର୍ତ୍ତମାନ କ୍ରୁଟ୍ ଦ୍ୱାରା ୨୧ ରୁଟ୍‌ରେ ୨୦୦ ବସ୍ ଚଳାଚଳ କରୁଛି। ଚଳିତବର୍ଷ ଇ-ବସ୍ ଡିଜେଲ ଚାଳିତ ବସ୍ ଓ ଡିଟିଏସ୍ ଚାଳିତ ବସ୍‌ର ପୁନରୁଦ୍ଧାର ପରେ ଏହି ସଂଖ୍ୟା ୩୮୯ରେ ପହଞ୍ଚିବ। ଖୁବ୍‌ଶୀଘ୍ର ମୋ' ବସ୍‌ର ରୁଟ୍ ମଧ୍ୟ ବଢ଼ାଯିବ। ଆବଶ୍ୟକ ପଡ଼ିଲେ ମୋ' ବସ୍ ପୁରୀ ଓ କୋଣାର୍କକୁ ଗଡ଼ିବ। ବର୍ତ୍ତମାନ ୨୫୦ କି.ମି ଅଞ୍ଚଳରେ ମୋ' ବସ୍ ଚଳାଚଳ କରୁଛି। ଆସନ୍ତା ଦିନରେ ଏହାର ପରିସୀମାକୁ ୫୦୦ କି.ମି ଯାଏ ପରିବ୍ୟାପ୍ତ କରାଯିବ ବୋଲି ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ବର୍ତ୍ତମାନ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ସମସ୍ତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସ୍ୱତନ୍ତ୍ର ପାଣ୍ଠି ଘୋଷଣା କରିଛନ୍ତି। ସେଥିପାଇଁ ପୁରୀ ଓ କୋଣାର୍କକୁ ମୋ' ବସ୍ ଚଳାଚଳ କରିବା ପାଇଁ କ୍ରୁଟ୍ କର୍ତ୍ତୃପକ୍ଷ ଚିନ୍ତା କରୁଛନ୍ତି। ଏ ନେଇ ବିଭାଗ ସ୍ତରରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

# ସିଏଏ ସମର୍ଥନରେ ୪୫୦କିମି ତ୍ରିରଙ୍ଗା ପଦଯାତ୍ରା



## ପୁରୀରେ ପଦଯାତ୍ରା ଶେଷ କଲେ ଯୁବକ

ପୁରୀ ଅଫିସ,୨୮।୨

ନାଗରିକତ୍ୱ ସଂଶୋଧିତ ଆଇନ (ସିଏଏ)କୁ ନେଇ ଜଳୁଛି ଦିଲ୍ଲୀ। ସପକ୍ଷ ଏବଂ ବିପକ୍ଷବାଦୀଙ୍କ ମଧ୍ୟରେ ସଂଘର୍ଷ ଫଳରେ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ବିଭିନ୍ନ ସ୍ଥାନରେ ସିଏଏ ସମର୍ଥକ ଏବଂ ବିରୋଧୀ ମୁହାଁମୁହିଁ ହେଉଛନ୍ତି। ତେବେ ଏଭଳି ସ୍ଥଳେ ସିଏଏ ସମର୍ଥନରେ ୪୫୦ କିମି ତ୍ରିରଙ୍ଗା ପଦଯାତ୍ରା କରିଛନ୍ତି ଜଣେ ଯୁବକ। ଝାରସୁଗୁଡ଼ା ଜିଲା ବ୍ରଜରାଜନଗରରୁ ତ୍ରିରଙ୍ଗା ପଦଯାତ୍ରାରେ ବାହାରିଥିବା ଯୁବକ ରବି କୁମାର ସୋନି ଶୁକ୍ରବାର ପୁରୀରେ ପହଞ୍ଚିଛନ୍ତି। ପୂର୍ବାହ୍ନରେ ସେ ଏଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ତାଙ୍କ ପଦଯାତ୍ରା ଶେଷ କରିଛନ୍ତି। ଓଡ଼ିଶା ୟୁଥ୍ ଏଗ୍‌ନେଷ୍ଟ କରପ୍‌ସନର ସଂଯୋଜକ ଥିବା ରବିକୁମାର ଗତ ୧ ତାରିଖରୁ ବ୍ରଜରାଜନଗରର ମା' ରାମଚଣ୍ଡୀ ଶକ୍ତିପୀଠରୁ ଏହି ପଦଯାତ୍ରା ଆରମ୍ଭ କରିଥିଲେ। ସିଏଏକୁ ସମର୍ଥନ, ଭ୍ରଷ୍ଟାଚାରକୁ ବିରୋଧ ଏବଂ ତୃତୀୟ ଲିଙ୍ଗଙ୍କୁ ଆରକ୍ଷଣ ଦାବି କରି ସେ ଏହି ପଦଯାତ୍ରାରେ ବାହାରିଥିଲେ। ୨୮ ଦିନରେ ୪୫୦ କିମି ଯାତ୍ରା କରି ପୁରୀରେ ପହଞ୍ଚିଛନ୍ତି। ଏହି ସମୟରେ ସେ ୭ଟି ଜିଲା (ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା ଓ ପୁରୀ)କୁ ଅତିକ୍ରମ କରିବା ସହ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରିବା ସହ ସେମାନଙ୍କଠାରୁ ଦସ୍ତଖତ ସଂଗ୍ରହ କରିଛନ୍ତି। ପ୍ରାୟ ୪୫୦ ଲୋକଙ୍କଠାରୁ ସେ ଦସ୍ତଖତ ସଂଗ୍ରହ କରିପାରିଛନ୍ତି। ଏହି ଦସ୍ତଖତର ଜେରକ୍ସ କପିକୁ ସେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ଭାଜପା ସଭାପତିଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି ରବିକୁମାର। ଏହି ଯାତ୍ରା ସମ୍ପର୍କରେ ସେ କହିଛନ୍ତି, ଜଣେ ସାଥୀ ସାହେବ କୁମାର ମାଝି ବାଇକ୍ ଧରି ତାଙ୍କ ସହିତ ଆସିଥିଲେ। ସେ ଦିନକୁ ପ୍ରାୟ ୨୨ କିମି ଚାଲିଥାନ୍ତି। ରାତିରେ ଧର୍ମଶାଳା କିମ୍ବା ମନ୍ଦିରରେ ରହିଥାନ୍ତି। ଏମିତି କି ଦୁଇରାତି ତାଙ୍କୁ ଗଛ ତଳେ ରହିବାକୁ ପଡିଥିଲା ବୋଲି କହିଛନ୍ତି ରବିକୁମାର।

# ଏପ୍ରିଲ ୮ରୁ ଓଡ଼ିଶା ଅଳଙ୍କାର ପ୍ରଦର୍ଶନୀ



ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ଓଡ଼ିଶା ଜୁଏଲରୀ ଆସୋସିଏଶନ୍ (ଓଜେଏ) ଓ କେଏନ୍‌ସି ସର୍ଭିସ୍‌ର ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଓଡ଼ିଶା ଅଳଙ୍କାର ପ୍ରଦର୍ଶନୀ ଆୟୋଜିତ ହେବ। ଏପ୍ରିଲ ୮ ଓ ୯ରେ ଏହା ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହେବ। ଦେଶର ସମସ୍ତ ଅଳଙ୍କାର ନିର୍ମାତା ଓ ରିଟେଲରମାନେ ନିଜର ଉତ୍କୃଷ୍ଟ କଳାକୃତି ପ୍ରଦର୍ଶନ କରିବେ। ଏ ନେଇ ଆୟୋଜକଙ୍କ ପକ୍ଷରୁ ଶୁକ୍ରବାର ପ୍ରେସ୍ କ୍ଲବ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଓଜେଏ, କଟକ ସାଧାରଣ ସମ୍ପାଦକ ମହେଶ ବର୍ମା କହିଛନ୍ତି ଯେ, ଏହା ଓଡ଼ିଶା ଇତିହାସରେ ପ୍ରଥମ ଥର ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି, ଅଳଙ୍କାର ବେପାରୀଙ୍କ ସହ ରାଷ୍ଟ୍ରର ଅନ୍ୟ ରାଜ୍ୟରେ ବ୍ୟବସାୟିକ ସମ୍ପର୍କ ବଢ଼ାଇବା ପାଇଁ ସୁଯୋଗ ଦିଆଯିବ। ଏହି କାର୍ଯ୍ୟକ୍ରମରେ ନିର୍ମାତା ଓ କ୍ଷୁଦ୍ର ବିକ୍ରେତା ବ୍ୟବସାୟ ଉପରେ ଆଲୋଚନା କରିପାରିବେ। ଭାରତର ୫୦ରୁ ଅଧିକ ପ୍ରସିଦ୍ଧ ଡିଜାଇନର ନିଜ ଅଳଙ୍କାର ପ୍ରଦର୍ଶନ କରିବେ। କେଏସି ସର୍ଭିସ୍ ପରିଚାଳନା ନିର୍ଦ୍ଦେଶିକା କ୍ରାନ୍ତି ନାଗଭେକର କହିଥିଲେ ଯେ, ଏହି ଅଳଙ୍କାର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଓଡ଼ିଶାର ପ୍ରଥମ ବିଟୁବି କାର୍ଯ୍ୟକ୍ରମ ଅଟେ। ଏହି କାର୍ଯ୍ୟକ୍ରମରେ ବଜାର ଓ ଉପଭୋକ୍ତାଙ୍କୁ ଅପରମ୍ପରାଗତ ଡିଜାଇନର ଓ ମୂଲ୍ୟ ମିଳିବ। ଅନ୍ୟମାନଙ୍କ ମଧ୍ୟରେ ଓଜେଏ ସଭାପତି ସଞ୍ଜୟ ସାହୁ, ସହସମ୍ପାଦକ ହିତେଶ ସେଠ, ଯୁଗ୍ମ ସଚିବ ସତ୍ୟଜିତ ମହାରଣା ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀ ବିଷୟରେ ସୂଚନା ଦେଇଥିଲେ।

# ୬ରୁ ବମ୍ବେରେ 'ଲିଭିଂ ଟ୍ରାଡିଶନ୍ସ'

## ପ୍ରଦର୍ଶିତ ହେବ ଓଡ଼ିଶା ଲୋକକଳା

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ନ୍ୟାଶନାଲ ସେଣ୍ଟର ଫର୍ ପରଫର୍ମିଂ ଆର୍ଟସ(ଏନ୍‌ସିପିଏ) ପକ୍ଷରୁ ଆସନ୍ତା ୬ ତାରିଖରୁ ମୁମ୍ବାଇଠାରେ 'ଲିଭିଂ ଟ୍ରାଡିଶନ୍ସ' କାର୍ଯ୍ୟକ୍ରମର ଦ୍ୱାଦଶ ସଂସ୍କରଣ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ପ୍ରାନ୍ତର ଲୋକକଳାକୁ ନେଇ ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି ଉତ୍ସବରେ ଚଳିତବର୍ଷ ଓଡ଼ିଶାର ଲୋକକଳା ଓ ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶିତ ହେବ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ବଲାଙ୍ଗୀର, ପୁରୀ ଓ ମୟୂରଭଞ୍ଜର ୬ଟି ଖ୍ୟାତିସମ୍ପନ୍ନ ଦଳ ସଙ୍ଗୀତ, ନୃତ୍ୟ ଏବଂ ଲୋକ ନାଟକ ପରିବେଷଣ କରିବେ। ଏଥିସହିତ ଏନ୍‌ସିପିଏ ପକ୍ଷରୁ ଓଡ଼ିଶାର ପ୍ରମୁଖ କଳାକୁ ନେଇ ସ୍ୱତନ୍ତ୍ର ପ୍ରଦର୍ଶନୀର ଆୟୋଜନ କରାଯିବ। ୬ ତାରିଖରେ ନୀଳାଞ୍ଚଳ ନନ୍ଦ ଓ ଢୋଲମହୁରି କଳା ପରିଷଦର ସଦସ୍ୟମାନଙ୍କ ଦ୍ୱାରା ପଶ୍ଚିମ ଓଡ଼ିଶାରେ ପ୍ରଚଳିତ ଲୋକସଙ୍ଗୀତ ପରିବେଷିତ ହେବ। ଏହା ପରେ ପରେ ଦୟାସାଗର ଏବଂ ଗ୍ରୁପ୍ ଦ୍ୱାରା ମୟୂରଭଞ୍ଜର ଛଉନୃତ୍ୟ ଏବଂ ଶେଷରେ ଲୋକନାଟ୍ୟ ଅନ୍ୱେଷଣ ଦ୍ୱାରା ରାହା ପ୍ରଦର୍ଶିତ ହେବ। ସେହିଭଳି ୭ ତାରିଖରେ ଦୁର୍ଗାପ୍ରସାଦ ବାରିକ ଏବଂ ଭକ୍ତି ସନ୍ଧ୍ୟା ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ଲୋକ ସଂକୀର୍ତ୍ତନ ପରିବେଷଣ କରାଯିବ। ଏହାପରେ ବାସୁଦେବ ସା ଏବଂ ଗ୍ରୁପ୍ ଦ୍ୱାରା ଘୁଡ୍‌କା ନୃତ୍ୟ ପରିବେଷଣ କରାଯିବ। ଶେଷରେ ପୁରୀର 'ରଙ୍ଗଶାଳା' ପକ୍ଷରୁ ନୃତ୍ୟନାଟିକା 'ଝୋଟିଚିତା ମୁରୁଜ' ପରିବେଷଣ ସହିତ ଉତ୍ସବ ଉଦ୍‌ଯାପିତ ହେବ। ଏନେଇ ଏନ୍‌ସିପିଏ ଭାରତୀୟ ସଙ୍ଗୀତ ବିଭାଗ ପ୍ରୋଗ୍ରାମିଂ ମୁଖ୍ୟ ଡ. ସୁବର୍ଣ୍ଣଲତା ରାଓ ସୂଚନା ଦେଇଛନ୍ତି।

## ଟ୍ରେଡ୍ ଲାଇସେନ୍‌ସ ପାଇଁ ବିଏମ୍‌ସିର ଚଢ଼ାଉ

## ୧.୨୨ଲକ୍ଷ ଟଙ୍କା ଜରିମାନା ଆଦାୟ

ଭୁବନେଶ୍ୱର, ୨୮।୨ (ବ୍ୟୁରୋ): ରାଜସ୍ୱ ଆଦାୟର ସମସ୍ତ ଦିଗ ପ୍ରତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କଡ଼ା ନଜର ରଖିଛି। ଏବେ ଟ୍ରେଡ୍ ଲାଇସେନ୍ସ ଜନିତ ରାଜସ୍ୱକୁ ଗୁରୁତ୍ୱ ଦିଆଯାଇଛି। ଗତ ତିନି ଦିନ ଧରି ବିଏମ୍‌ସି ପକ୍ଷରୁ ଉତ୍ତର ଜୋନ୍‌ରେ ଟ୍ରେଡ୍ ଲାଇସେନ୍ସ ଜନିତ ତନାଘନା ଜାରି ରହିଛି। ଜୋନାଲ୍ ଡ଼େପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟିଙ୍କ ସଂଯୋଜନାରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ସ୍କ୍ୱାଡ୍ ସଦସ୍ୟମାନେ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ, ଦୋକାନ ଏବଂ ବୁଲା ବ୍ୟବସାୟୀଙ୍କ ପାଖକୁ ଯାଇ ସେମାନଙ୍କର ଟ୍ରେଡ୍ ଲାଇସେନ୍ସ ତଦାରଖ କରୁଛନ୍ତି। ଉତ୍ତର ଭୁବନେଶ୍ୱରର ଲକ୍ଷ୍ମୀବିହାରଠାରୁ ଆରମ୍ଭ ହୋଇ କଳିଙ୍ଗ ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ କରାଯାଇଛି। ଜୋନାଲ୍ ଡ଼େପୁଟି କମିଶନର ପୃଷ୍ଟିଙ୍କ ତଥ୍ୟ ଅନୁଯାୟୀ, ଗତ ତିନି ଦିନରେ ଅନେକ ବ୍ୟବସାୟ ପ୍ରତିଷ୍ଠାନ ତଥା ଦୋକାନର ଟ୍ରେଡ୍ ଲାଇସେନ୍ସ ନ ଥିବା ସାମ୍ନାକୁ ଆସିଛି। ଅଦ୍ୟାବଧି ୫୮ ଜଣଙ୍କଠାରୁ ଟ୍ରେଡ୍ ଲାଇସେନ୍ସ ଏବଂ ଜରିମାନା ବାବଦରେ ୧.୨୨ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏହି ପରିଦର୍ଶନ ବେଳେ ବ୍ୟବସାୟ ଚାଲୁଥିବା ଘରଗୁଡ଼ିକର ଗୃହ ଟିକସ ଜମା କରାଯାଇଛି କି ନାହିଁ ତାହା ମଧ୍ୟ ତଦାରଖ କରାଯିବା ସହ ୪ଟି ଘରର ଟିକସ ଆଦାୟ କରାଯାଇଛି। ଉଲ୍ଲେଖଯୋଗ୍ୟ, ମ୍ୟୁନିସିପାଲ୍ କର୍ପୋରେସନ୍ ଆକ୍ଟ-୨୦୦୩ ଓ ଧାରା-୫୫୪ ଅନୁଯାୟୀ ସ୍ୱାୟତ୍ତ ସଂସ୍ଥା ଭୂଖଣ୍ଡରେ ବ୍ୟବସାୟ କରୁଥିବା ପ୍ରତ୍ୟେକ ବ୍ୟବସାୟୀ ସମ୍ପୃକ୍ତ ବ୍ୟବସାୟର ପ୍ରକାର ଅନୁସାରେ ଟ୍ରେଡ୍ ଲାଇସେନ୍ସ ପାଇଁ ଆବେଦନ କରିପାରିବେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।


GOVERNMENT OF ODISHA
OFFICE OF THE EXECUTIVE ENGINEER,
JHARSUGUDA (R&B) DIVISION, JHARSUGUDA

No.B-770

ଓଡ଼ିଶା ସରକାର

E-mail ID: eepwdjsg2014@gmail.com, Telephone: 06645-271242
Kalimandir Road, Jharsuguda-768202

"e"-Procurement Notice Bid Identification No-EE-R&B-JSG-15 OF 2019-20.

| | | |
|---|---|---|
| 1. | The Executive Engineer , Jharsuguda (R&B) Division on behalf of Governor of Odisha inviting percentage rate bid in Single cover system on ON-LINE mode from eligible contractors for Construction of E.I. works as detailed in DTCN. | |
| 2. | Nature of work | : E.I. works |
| 3. | Estimated cost | : Rs.6.46Lakhs to 25.66 Lakhs |
| 4. | No. of work | : 04 (Four) Nos. |
| 5. | Tender cost | : Rs.4000/- & Rs.6000/- (as per DTCN) |
| 6. | Class of Contractor | : "HT"&"MV"Class |
| 7. | Availability of bid document in the website | : 10.00 A.M. of Dt.03.03.2020 to 5.00 P.M. of Dt.12.03.2020 |
| 8. | Date of opening of Technical Bid (Cover-I) | : 11.30 A.M. on Dt.13.03.2020 |
| 9. | The bidders have to participate in ONLINE Bidding only. Further details can be seen from the website https://tendersodisha.gov.in). Any addendum / corrigendum / cancellation of tender can also be seen in the said website. | |

Sd./- Executive Engineer, Jharsuguda (R&B) Division
OIPR-34094/11/0013/1920



OFFICE OF THE
ANGUL MUNICIPALITY, ANGUL
No. 1119 / dt.28.02.2020

QUOTATION CALL NOTICE

No. C-536:- Quotation in sealed covers are invited from the intending reputed farms /suppliers/Dealers for supply of following sanitary materials as mentioned in tender paper schedule. The last date of submission of quotation is dt.07.3.2020 upto 11.00 AM and the same will be opened in the same day at 12.00 Noon in presence of the quotationer or their authorized representatives/ agents. The rate of the materials mentioned in tender paper schedule shall be inclusive of all taxes and to be supplied to Angul Municipality at their own cost. The sale of tender paper shall be commenced from Dt.02.03.2020 to 06.03.2020 upto 5.30 PM during office hours. Xerox copy of up to date GST clearance certificate, PAN card and farm registration certificate with self attested most be enclosed with quotation. Cost of Tender paper is Rs.4000.00 (Rupees four thousand) only Non refundable in shape of D.D and E.M.D Rs.25,000.00 (Rupees twenty five thousand)only in shape of Demand Draft /Bank Cheque in favour of Executive Officer, Angul Municipality should be enclosed along with the quotation. The payment will be made subject to available of fund. The Authority reserves the right to cancel any or all the quotation without assigning any reason thereof.

Sd./- Executive Officer, Angul Municipality
OIPR-13085/11/0025/1920



OFFICE OF THE SUPERINTENDENT, E-773
S.C.B.MEDICAL COLLEGE & HOSPITAL, CUTTACK
Email ID- scbsuperintendent@gmail.com
Ph.- 0671-2414080, Mob- 9437026080

Letter No. 5155 / SCBMCH / Dt. 27.02.2020

WALK-IN-INTERVIEW

Applications are invited from the retired Pharmacists of Government Sector/ Private Sector having qualification (B Pharma / D Pharma) for engagement as Pharmacist (27 Nos.) through Walk-in-Interview for a maximum period of 6 months or till the fresh recruitment is over, whichever is earlier at SCB Medical College & Hospital, Cuttack, with a consolidated monthly remuneration as per Finance Department OM No. 7022/F dated 17.03.2018.

Interested applicants can login to the website i.e. www.scbmch.nic.in for details of vacancy, eligibility criteria, Age, application form etc. Applicants fulfilling the eligibility criteria may appear for registration and consequently for interview if eligible.

Registration will start from 10:30 AM to 12 Noon on 11:03.2020 (Wednesday) in the conference hall of the Superintendent, SCB Medical College & Hospital, Cuttack. No application will be received after scheduled timing of registration.

SD./-
Superintendent
SCB Medical College & Hospital,
Cuttack

OIPR-10011/11/0042/1920



Office of the Executive Engineer, Public Health Division-II, Cuttack

Ph.# 0671-2441063, Fax # 0671-2441063, E-mail : eephiictc@nic.in.
QUOTATION CALL NOTICE NO.95 OF 2019-20 DT.27.02.2020

No.C-534 :- The Executive Engineer, P.H. Division-II, Cuttack on behalf of Governor of Odisha, invites sealed quotations from the Water Tanker Owners / Contractors duly registered under State/ Central Govt. for deployment of Mini Truck mounted/Truck Mounted/Tractor mounted water tanker of capacity 4 KL for distribution of drinking water to public during Summer-2020 (April, May, June) in the under mentioned ULBs as per detailed terms and condition indicated below.

| Sl. No. | Description | Name of ULBs | EMD 1% of quoted value | No. of vehicle | Tentative Period of engagement | Unit | Rate / Day / Vehicle | |
|---|---|---|---|---|---|---|---|---|
| | | | | | | | Word | Figure |
| 1 | 2 | 3 | 4 | 5 | 6 | 7 | 8 | 9 |
| | Supplying and engaging Mini Truck mounted Water Tanker of 4 KL capacity / Tractor towed with 4 KL capacity water tanker including supply of all materials, labour, T&P, fuel & lubricant along with driver and helper etc. for distribution of drinking water from PHED loading points to different locations within the town on daily basis minimum three trips/day (if houl/distance is more than 7.00 Km) & 5 trips/day if houl/distance is within 7.00 Km from loading point etc. all complete as per direction of the Engineer-in- charge | Choudwar | | 6 | 90 days | per day | | |
| | | Athagarh | | 5 | 90 days | -do- | | |
| | | Banki | | 4 | 90 days | -do- | | |
| | | Kendrapara | | 2 | 90 days | -do- | | |
| | | Pattamundai | | 3 | 90 days | -do- | | |
| | | Jajpur | | 2 | 90 days | -do- | | |
| | | Vyasanagar | | 5 | 90 days | -do- | | |
| | | Jagatsinghpur | | 2 | 90 days | -do- | | |
| | | Paradeep | | 3 | 90 days | -do- | | |

1. The quotation must be accompanied by 1 % earnest money deposit of the quoted value in shape of NSC, POTD, Post Office Saving Bank Account, Deposit receipt of any scheduled bank, and duly pleged in favour of Executive Engineer, P.H. Division-II, Cuttack.
2. The quotation will be received in the office of the Executive Engineer, P.H. Division-II, Cuttack/ Superintending Engineer, P.H. Circle, Cuttack/Assistant Executive Engineer of respective P.H. Sub-Division directly in the Tender Box with in the stipulated date & time i.e 5.00 PM of dt. 11.03.2020.
3. The quotation can be received through speed post/ Regd. post latest upto 5.00 PM on dt. 11.03.2020.
4. Quotation received after due date and time shall not be entertained and the authority shall not be held responsible for delay or missing of the quotation during postal transit.
5. Quotation shall be opened by The Executive Engineer, P.H. Division-II, Cuttack in presence of the quotationers or their authorized representative on the next day i.e. 12.30 PM dt. 12.03.2020.
6. If the above days are declared later as a govt. holiday then the quotations will be received or opened on the next working day as per the schedule time.
7. Quotation received without EMD shall be rejected out right.
8. Quotationer should enclose attested copy of valid GST, Pan card & registration certificate etc. alongwith quotation.
9. In case the intending bidder does not own Mini Truck Mounted/Truck Mounted/Tractor Mounted water tanker he is required to furnish the original necessary agreement in proper form duly executed with the owner of the vehicle/water tanker towards hiring of the same for the above purpose.
10. The rate should be quoted per day per vehicle basis against each ULB and inclusive of hire charges of Vehicle, Fuel & Lubricants and other consumables alongwith salary of driver & helper etc.
11. The quotationer are not required to write their name on the outer cover containing the quotation documents. They are only required to write the name of the work and the authority who had invited the tender. Quotation should be quoted for each work in separate packets.
12. The number of vehicle and number of days to be engaged may vary as per requirement.
13. Attested Xerox copy of Registration certificate of vehicle/Driving licence of driver of the proposed vehicle shall be furnished alongwith the quotation.
14. The no of vehicle to be engaged & no of days can be changed as per actual requirement depending upon situation.
15. The authority reserves the right to reject any or all the quotations without assigning any reason thereof.

Sd./- Executive Engineer,
P.H. Division-II, Cuttack
OIPR-13012/11/0043/1920



Tel & Fax-06854-231114(O)

GOVERNMENT OF ODISHA
OFFICE OF THE EXECUTIVE ENGINEER,
JEYPORE (R&B) DIVISION, JEYPORE

e-Procurement Notice

Bid Identification No. E.E (R&B)-08/2019-20/JYP(K)

No. 810 Date. 25.02.2020.

No.B-772 :- Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

| | | |
|---|---|---|
| 1. | Name of the Work | : Civil Works as mentioned in DTCN. |
| 2. | No. of Works | : 2 Nos. |
| 3. | Estimated Cost | : Rs.22.32 lakhs to Rs.40.15 lakhs |
| 4. | Period of completion | : 3 Months |
| 5. | Date & Time of Bidding | : From 11.00 hours of 02.03.2020. upto 16.00 hours of 11.03.2020. |
| 6. | Last date & time for receipt of bids in portal | : 16.00 hours of 11.03.2020. |
| 7. | Bids received online shall be opened on | : 11.00 hours of 12.03.2020. |
| 8. | Name and address of the officer inviting Bid | : Executive Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in

Executive Engineer
Jeypore (R&B) Division
OIPR-34027/11/0008/1920



No. CAD-1027:-

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR

Tender Call Notice No. HO/P&C/E-3537/04/2017/ 4182, Dt. 24.02.2020

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work:
Design, Manufacture, Supply, Installation, Testing and Commissioning of 2 (Two) nos. 13 Passenger Elevator for G+6 floors with AC-V3F with ARD, 1.0 MPS complete with Annual Maintenance Contract for 5 (Five) years after completion of One year Guarantee period with buy-back of existing old elevators at IDCO Tower-2000, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (P&C), IDCO, IDCO Towers, Janpath, Bhubaneswar | Bid ID No. P&C/EST/E-61 /2019-20 | 11.00 Hours of dt. 03.03.2020 | 17.00 Hours of dt. 16.03.2020 |

Further details can be seen from the e-procurement portal www.tendersodisha.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0071/1920

**୧୭ ନୂଆ ଗ୍ରହ ଆବିଷ୍କୃତ**

ମହାକାଶ ବିଜ୍ଞାନୀମାନେ ୧୭ଟି ନୂଆ ଗ୍ରହର ସନ୍ଧାନ ପାଇଥିବା କହିଛନ୍ତି। ଏଥିରେ ଗୋଟିଏ ଗ୍ରହ ପୃଥିବୀ ଆକୃତିର ଏବଂ ବାସୋପଯୋଗୀ ବୋଲି ଜଣାପଡିଛି। ମହାକାଶରେ ଅନ୍ୟ ଗ୍ରହର ସନ୍ଧାନ ପାଇଁ ୨୦୦୯ରେ ନାସା ପଠାଇଥିବା କେପ୍ଲର ସାଟେଲାଇଟ ୪ ବର୍ଷର ମିଶନରେ ଉଠାଇଥିବା ଫଟୋକୁ ଅନୁଧାନ କରି ଗବେଷକମାନେ ଏକ ଗ୍ରହ ପୃଷ୍ଠରେ ତରଳ ଜଳ ରହିଥିବା ଅନୁମାନ କରିଛନ୍ତି।

## ସଂକ୍ଷେପରେ

### ବିସ୍ଫୋରଣରେ ୩ ମୃତ

ଚଣ୍ଡିଗଡ଼,୨୮।୨(ପି.ଟି.)- ହରିୟାଣାର ଝାଜ୍ଜର ଜିଲା ଅନ୍ତର୍ଗତ ବାହାଦୁରଗଡ଼ରେ ଥିବା ଏକ ଫ୍ୟାକ୍ଟ୍ରିରେ ଶୁକ୍ରବାର ବଡ଼ ଧରଣର ବିସ୍ଫୋରଣ ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ହେବା ସହ ୨୫ ଆହତ ହୋଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ପ୍ରଭାବରେ ଉକ୍ତ ଫ୍ୟାକ୍ଟ୍ରି ପାଖରେ ଥିବା ଅନ୍ୟ ୫ଟି କାରଖାନା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିସ୍ଫୋରଣର କାରଣ ଜଣାପଡିନାହିଁ।

### ରାଜଧାନୀ ଏକ୍ସପ୍ରେସ୍‌ରେ ବୋମା ଗୁଜବ

ନୂଆଦିଲ୍ଲୀ,୨୮।୨(ପି.ଟି.)- ନୂଆଦିଲ୍ଲୀରୁ ଡିବ୍ରୁଗଡ଼ ଯାଉଥିବା ରାଜଧାନୀ ଏକ୍ସପ୍ରେସରେ ୫ଟି ବୋମା ରହିଥିବା ଜଣେ ଯାତ୍ରୀ ଟୁଇଟ୍ କରି ଜଣାଇବା ପରେ ଏହାକୁ ନେଇ ଆତଙ୍କ ଖେଳିଯାଇଥିଲା। ସୂଚନା ପାଇବା ପରେ ରେଳ କର୍ତ୍ତୃପକ୍ଷ ଦାଦ୍ରି ନିକଟରେ ଟ୍ରେନ୍‌କୁ ରୋକିଥିଲେ। ଘଟଣାସ୍ଥଳକୁ ସୁରକ୍ଷା ବଳ ପଠାଯାଇଥିଲା। ଯାଞ୍ଚ ପରେ ଏହା ଏକ ଗୁଜବ ବୋଲି ଜଣାପଡିଛି। ଟୁଇଟ୍ କରିଥିବା ଯାତ୍ରୀ ଜଣକ ସଞ୍ଜୀବ ସିଂ ଗୁର୍ଜାର ବୋଲି ପରିଚୟ ଦେଇଛନ୍ତି। ମିଛ ସୂଚନା ଦେଇଥିବା ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଲୱେ ମୁଖପାତ୍ର କହିଛନ୍ତି।

### ଇତିହାସର ଆଇନାରେ
**ଫେବୃୟାରୀ ୨୯ର ପ୍ରମୁଖ ଘଟଣା**

୧୯୬୦ ଫେବୃୟାରୀ ୨୯ରେ ପଶ୍ଚିମ ମରକ୍କୋର ଅଗାଦିରରେ ଭୂକମ୍ପ ଯୋଗୁ ୧୨ ହଜାର ଲୋକ ପ୍ରାଣ ହରାଇଥିବାବେଳେ ୧୪ ହଜାର ଆହତ ହୋଇଥିଲେ।

୨୦୧୨ ଫେବୃୟାରୀ ୨୯ରେ ଜାପାନର ଟୋକିଓ ସ୍କାଏଟ୍ରି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଏହା ବିଶ୍ୱର ସବୁଠାରୁ ଉଚ୍ଚ ଟାୱାର ଭାବେ ଜଣାଶୁଣା। ଏହାର ଉଚ୍ଚତା ୬୩୪ ମିଟର।

# ଫାଶୀରୁ ବର୍ତ୍ତିବା ପାଇଁ ଶେଷ ଉଦ୍ୟମ

**ନିର୍ଭୟା ମାମଲା**
**କ୍ୟୁରେଟିଭ୍ ପିଟିଶନ ଦାଏର କଲେ ପବନ ଗୁପ୍ତା**



ନୂଆଦିଲ୍ଲୀ,୨୮।୨(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅପରାଧୀ ଫାଶୀ ପାଇବାକୁ ଆଉ ୩ ଦିନ ବାକି ଥିବାବେଳେ ଅନ୍ୟତମ ଦୋଷୀ ପବନ ଗୁପ୍ତା ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ ପାଇଁ ସେ ସର୍ବୋଚ୍ଚ ଅଦାଲତରେ କ୍ୟୁରେଟିଭ୍ ପିଟିଶନ ଦାଏର କରିଛନ୍ତି। ତାଙ୍କ ମହକିଲ ପବନଙ୍କୁ ମୃତ୍ୟୁଦଣ୍ଡ ମିଳିବା ଉଚିତ ନୁହେଁ ବୋଲି ଓକିଲ ଏ.ପି. ସିଂ କହିଛନ୍ତି। ଫାଶୀରୁ ବର୍ତ୍ତିବା ପାଇଁ ଅନ୍ୟ ତିନି ଅଭିଯୁକ୍ତଙ୍କ ସମସ୍ତ ଆଇନଗତ ଉପାୟ ଶେଷ ହୋଇଥିବାବେଳେ ପବନ ଗୁପ୍ତା ଆଜି ପର୍ଯ୍ୟନ୍ତ କ୍ୟୁରେଟିଭ୍ ପିଟିଶନ ଦାଏର କରି ନ ଥିଲେ ଓ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ କରିନାହାନ୍ତି।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍ ଭିତରେ ଗଣବଳାତ୍କାର ପରେ ଗୁରୁତର ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ଫିଙ୍ଗିଦିଆଯାଇଥିଲା। ୧୫ ଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଡିସେମ୍ବର ୨୯ରେ ସିଙ୍ଗାପୁରର ଏକ ହସ୍ପିଟାଲରେ ଆଖିବୁଜିଥିଲେ ନିର୍ଭୟା। ମାମଲାରେ ୪ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ, ଯାହାକୁ ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟ କାଏମ ରଖିଥିଲେ। ସେମାନଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦିଆଯିବାକୁ ଡେଥ୍ ୱାରେଣ୍ଟ ଜାରି ହୋଇଛି।

# କହ୍ନେୟାଙ୍କ ନାଁରେ ଚାଲିବ ଦେଶଦ୍ରୋହ ମାମଲା

**ଦିଲ୍ଲୀ ସରକାର ଦେଲେ ଅନୁମତି**
**ଜେଏନ୍‌ୟୁରେ ଦେଶ ବିରୋଧୀ ସ୍ଲୋଗାନ**



ନୂଆଦିଲ୍ଲୀ,୨୮।୨(ପି.ଟି.)

ଜବାହରଲାଲ ନେହେରୁ ଛାତ୍ର ସଂସଦ (ଜେଏନ୍‌ୟୁଏସ୍‌ୟୁ)ର ପୂର୍ବତନ ସଭାପତି କହ୍ନେୟା କୁମାର ଓ ଅନ୍ୟ ଦୁଇଜଣଙ୍କ ବିରୋଧରେ ଦେଶଦ୍ରୋହ ମୋକଦ୍ଦମା ଚାଲିବ। ଏଥିପାଇଁ ଦିଲ୍ଲୀ ସରକାର ପୋଲିସକୁ ଅନୁମତି ଦେଇଛନ୍ତି। ୨୦୧୬ ଦେଶଦ୍ରୋହ ମାମଲାରେ କହ୍ନେୟାଙ୍କ ସମେତ ଜେଏନ୍‌ୟୁ ଛାତ୍ର ଉମର ଖଲିଦ ଏବଂ ଅନିର୍ବାଣ ଭଟ୍ଟାଚାର୍ଯ୍ୟ ସମ୍ପୃକ୍ତ ଥିବାନେଇ ଜାନୁୟାରୀ ୧୪ରେ ଦିଲ୍ଲୀ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ୨୦୧୬ ଫେବୃୟାରୀ ୯ରେ ଜେଏନ୍‌ୟୁ କ୍ୟାମ୍ପସ୍‌ରେ ଏକ ଉତ୍ସବ ଚାଲିଥିବାବେଳେ ସେମାନେ ପହଞ୍ଚି ଦେଶ ବିରୋଧୀ ସ୍ଲୋଗାନ ଦେଇଥିଲେ। କହ୍ନେୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ତୁରନ୍ତ ସରକାର ନିଷ୍ପତ୍ତି ନେବେ ବୋଲି ୯ ଦିନ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରତିଶ୍ରୁତି ଦେଇଥିଲେ। ଦିଲ୍ଲୀର ଏକ ଅଦାଲତ ମଧ୍ୟ ଜେଏନ୍‌ୟୁ ଦେଶଦ୍ରୋହ ମାମଲାରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ଲାଗି ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

# ସ୍ତ୍ରୀ, ୨ ପିଲାଙ୍କୁ ମାରି ଯୁବକଙ୍କ ଆତ୍ମହତ୍ୟା

ଗାଜିଆବାଦ, ୨୮।୨

ଗାଜିଆବାଦର ସାହିବାବାଦ ଥାନା ଅଞ୍ଚଳରେ ଜଣେ ଯୁବକ ନିଜ ସ୍ତ୍ରୀ(୨୫), ୨ ବର୍ଷର ପୁଅ ଏବଂ ୪ ବର୍ଷର ଝିଅଙ୍କୁ ହତ୍ୟାକରିବା ପରେ ବେକରେ ରଶିଲଗାଇ ଆତ୍ମହତ୍ୟା କରିଛନ୍ତି। ଉତ୍ତରପ୍ରଦେଶ ପୋଲିସ ଶୁକ୍ରବାର ୪ ମୃତଦେହ ସହ ଏକ ହାତଲେଖା ଚିଠି ଜବତକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ସ୍ତ୍ରୀ ବାରମ୍ବାର ମଦ୍ୟପାନ କରିବା ସହ ବିଭିନ୍ନ ଲୋକଙ୍କ ସହ କଥା ହେଉଥିବାରୁ ଏଭଳି ଚରମ ପଦକ୍ଷେପ ଗ୍ରହଣ କରାଯାଇଥିବା ପୋଲିସ କହିଛି। ଜବତ ସୁଇସାଇଡ୍ ନୋଟ୍ ଓ ୫ ମୋବାଇଲ ଫୋନକୁ ନେଇ ପୋଲିସ ତଦନ୍ତ କରୁଥିବା ସର୍କଲ ଅଫିସର ରାକେଶ ମିଶ୍ର ପ୍ରକାଶ କରିଛନ୍ତି। ବିଜ୍‌ନୋର ନିବାସୀ ଏହି ପରିବାର ଗାଜିଆବାଦରେ ଘର ଭଡ଼ା ନେଇ ରହିଆସୁଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଅଧିକ ତଥ୍ୟ ଲୋକଲୋଚନକୁ ଆସିପାରିବ।

# ଶିକ୍ଷାରେ ମୁସ୍‌ଲିମଙ୍କୁ ୫% ସଂରକ୍ଷଣ

**ମହାରାଷ୍ଟ୍ର ସରକାର ଆଣିବେ ବିଲ୍**

ମୁମ୍ବାଇ, ୨୮।୨

ମହାରାଷ୍ଟ୍ରରେ ମୁସ୍‌ଲିମଙ୍କୁ ଶିକ୍ଷା କ୍ଷେତ୍ରରେ ୫ ପ୍ରତିଶତ ସଂରକ୍ଷଣ ମିଳିବ। ଆଗାମୀ ବଜେଟ ଅଧିବେଶନରେ ସରକାର ଏନେଇ ବିଲ୍ ଆଣିବେ ବୋଲି ମହାରାଷ୍ଟ୍ରର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ନୱାବ ମଲିକ ଶୁକ୍ରବାର ପ୍ରକାଶ କରିଛନ୍ତି। ମହାରାଷ୍ଟ୍ରର ମହା ଅଘାଡ଼ି ସରକାର ସଂଖ୍ୟାଲଘୁଙ୍କ ବିକାଶ ଲାଗି ପଦକ୍ଷେପ ଗ୍ରହଣ କରୁଥିବା ଏନ୍‌ସିପି ନେତା ମଲିକ କହିଛନ୍ତି। କେବଳ ଶିକ୍ଷାନୁଷ୍ଠାନ ନୁହେଁ ବରଂ କର୍ମକ୍ଷେତ୍ରରେ ମଧ୍ୟ ସଂରକ୍ଷଣ ଲାଗି ଆଇନଗତ ପରାମର୍ଶ ଗ୍ରହଣ କରାଯାଉଥିବା ସେ ମତ ଦେଇଛନ୍ତି। ପୂର୍ବରୁ ଭାଜପା-ଶିବସେନା ମେଣ୍ଟ ସରକାର କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ମୁସ୍‌ଲିମଙ୍କୁ ସଂରକ୍ଷଣ ପ୍ରଦାନ କରି ନ ଥିଲେ। ଆମେ ଆଗାମୀ ଶିକ୍ଷାବର୍ଷଠାରୁ ସେମାନଙ୍କୁ ୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବୁ ବୋଲି ମଲିକ ପ୍ରକାଶ କରିଛନ୍ତି। ତେବେ ଏହାକୁ ଶିବସେନା ପକ୍ଷରୁ ବିରୋଧ କରାଯାଇଛି। ନଗର ଉନ୍ନୟନ ମନ୍ତ୍ରୀ ଏକ୍‌ନାଥ ସିନ୍ଦେ ଏଭଳି କୌଣସି ନିଷ୍ପତ୍ତି ନିଆଯାଇ ନ ଥିବା କହିଛନ୍ତି। କୌଣସି ସମ୍ପ୍ରଦାୟକୁ ସଂରକ୍ଷଣ ଦେବା ଲାଗି ମହା ଅଘାଡ଼ି ସରକାର ଏକାଠି ବସି ନିଷ୍ପତ୍ତି ନେବ। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏନେଇ ଉଚିତ ସମୟରେ ନିଷ୍ପତ୍ତି ନେବେ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ୨୦୧୪ରେ କଂଗ୍ରେସ-ଏନ୍‌ସିପି ମେଣ୍ଟ ସରକାର ମୁସ୍‌ଲିମଙ୍କୁ ୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବା ଲାଗି ଅଧ୍ୟାଦେଶ ଜାରି କରିଥିଲେ।

# ଜାପାନ, ଦକ୍ଷିଣ କୋରିଆ ନାଗରିକଙ୍କ ପାଇଁ ତତ୍କାଳ ଭିଜା ସ୍ଥଗିତ

ଟୋକିଓ,୨୮।୨(ପି.ଟି.)

ଜାପାନ ଓ ଦକ୍ଷିଣ କୋରିଆରେ କରୋନା ରୋଗୀସଂଖ୍ୟା ବୃଦ୍ଧିପାଇଥିବାରୁ ସେଠାରୁ ଆସୁଥିବା ନାଗରିକଙ୍କୁ ପହଞ୍ଚିବା ମାତ୍ରେ ଭିଜା ସେବାକୁ ଭାରତ ସାମୟିକ ଭାବେ ବନ୍ଦ କରିଛି। ତେବେ ନିୟମିତ ଭିଜା ପାଇଁ ଆବେଦନ କରାଯାଇପାରିବ ବୋଲି ଟୋକିଓରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଜଣାଇଦିଆଯାଇଛି। ଜାପାନ ଉପକୂଳରେ ଅଟକିଥିବା ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜରୁ ୧୧୯ ଭାରତୀୟ ଓ ୫ ବିଦେଶୀଙ୍କୁ ଫେରାଇ ଅଣାଯାଇଛି। ଉକ୍ତ ଜାହାଜରେ ମୋଟ ୩୭୧୧ ଜଣ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୭୦୦ରୁ ଊର୍ଦ୍ଧ୍ୱଙ୍କ ଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଏହା ବ୍ୟତୀତ ଜାପାନରେ ବର୍ତ୍ତମାନ ସୁଦ୍ଧା ୧୬୦ କରୋନା ରୋଗୀ ଥିବା ଜଣାପଡିଛି। ସେହିପରି ଦକ୍ଷିଣ କୋରିଆରେ କରୋନା ସଂକ୍ରମଣ ସଂଖ୍ୟା ୨୦୦୦ ଟପିଥିବାବେଳେ ୧୩ ଜଣଙ୍କର ମୃତ୍ୟୁ ଘଟିଲାଣି। ଫେବୃୟାରୀ ୨ରେ ଭାରତ ଚାଇନା ନାଗରିକଙ୍କ କ୍ଷେତ୍ରରେ ଇ-ଭିଜା ସୁବିଧାକୁ ବନ୍ଦ କରିଥିଲା। ୪ରେ ଚାଇନା ନାଗରିକ ଓ ସେଠାକୁ ଯାଇଥିବା ବିଦେଶୀମାନଙ୍କ ଭିଜାକୁ ରଦ୍ଦ କରିଥିଲା ନୂଆଦିଲ୍ଲୀ। ଚାଇନାରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୨୭୮୮କୁ ବୃଦ୍ଧି ପାଇଛି।

# ଇରାନ ଉପରାଷ୍ଟ୍ରପତିଙ୍କୁ କରୋନା

**ଦେଶରେ ମଲେଣି ୨୬**
**ଚାଇନା ପରେ ଦ୍ୱିତୀୟ ସ୍ଥାନରେ ଇରାନ**



ତେହରାନ,୨୮।୨

ଚାଇନା ପରେ ଇରାନ କରୋନା ଭୂତାଣୁ ଦ୍ୱାରା ସର୍ବାଧିକ ସଂକ୍ରମିତ ହୋଇଛି। ଗୁରୁବାର ସେଠାରେ ୧୦୬ ନୂଆ ରୋଗୀ ଚିହ୍ନଟ ହେବା ଯୋଗୁ ମୋଟ ସଂକ୍ରମଣଙ୍କ ସଂଖ୍ୟା ୨୪୫ରେ ପହଞ୍ଚିଛି। ଇରାନ ଉପରାଷ୍ଟ୍ରପତି ମାସୁମେ ଏବ୍‌ତେକାର ମଧ୍ୟ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡିଛି। ଇତିମଧ୍ୟରେ ସେଠାରେ କରୋନା ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ୨୬ରେ ପହଞ୍ଚିଲାଣି। ଇରାନରେ ପ୍ରଥମ କରୋନା ରୋଗୀ ଗତ ୧୯ରେ ଚିହ୍ନଟ ହୋଇଥିବାବେଳେ ଗୁରୁବାର ୧୦୬ ଜଣଙ୍କଠାରେ କରୋନା ପଜିଟିଭ୍ ଜଣାପଡିଛି। ଗୋଟିଏ ଦିନରେ ଏହା ସର୍ବାଧିକ। ଦେଶର ୭ ଜଣ ଉପରାଷ୍ଟ୍ରପତିଙ୍କ ମଧ୍ୟରୁ ମହିଳା ବ୍ୟାପାର ଦାୟିତ୍ୱରେ ଥିବା ମାସୁମେ କରୋନା ପୀଡ଼ିତ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମୁଖପାତ୍ର କିଆନୌଶ ଜାହାନପୌର ଗଣମାଧ୍ୟମକୁ କହିଛନ୍ତି।

## ରାଜ୍ୟ ଖବର

# ତୀର୍ଥଯାତ୍ରାରେ ଗଲେ ୯୭୬ ବରିଷ୍ଠ ନାଗରିକ

- ବ୍ରହ୍ମପୁରରୁ ଯାତ୍ରା ଆରମ୍ଭ କଲା ସ୍ୱତନ୍ତ୍ର ଟ୍ରେନ
- ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିଛି ଯୋଜନା: ପର୍ଯ୍ୟଟନ ମନ୍ତ୍ରୀ



ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ତୀର୍ଥଯାତ୍ରୀଙ୍କୁ ଟିକେଟ ଓ କିଟ୍ ପ୍ରଦାନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୨୮।୨

ଗରିବ ଲୋକମାନଙ୍କ ପାଇଁ ତୀର୍ଥଯାତ୍ରା ସ୍ୱପ୍ନ ଥିଲା। ଅର୍ଥାଭାବରୁ ତୀର୍ଥସ୍ଥାନକୁ ଯାଇ ପୁଣ୍ୟ ଅର୍ଜନ କରିବା ଆଶା ମଉଳି ଯାଉଥିଲା। ରାଜ୍ୟରେ ଗରିବ ଶ୍ରେଣୀର ବରିଷ୍ଠ ନାଗରିକମାନଙ୍କ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ୨୦୧୬ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବ୍ରହ୍ମପୁରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଶୁଭାରମ୍ଭ ହୋଇଥିଲା। ଏହି ଯୋଜନାରେ ୧୩ଟି ପର୍ଯ୍ୟାୟରେ ୧୨,୦୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କରିବାର ସୁଯୋଗ ପାଇଲେଣି। ଏହା ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରୁଛି ବୋଲି ଶୁକ୍ରବାର ବ୍ରହ୍ମପୁର ରେଳ ଷ୍ଟେଶନରେ ୧୪ତମ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ ଶୁଭାରମ୍ଭ କରିବା ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି।

ବ୍ରହ୍ମପୁର ରେଳଷ୍ଟେଶନର ୪ନଂ. ପ୍ଲାଟଫର୍ମରୁ ଏହି ସ୍ୱତନ୍ତ୍ର ଟ୍ରେନ ଦକ୍ଷିଣ ଓଡ଼ିଶାର ୮ଟି ଜିଲାରୁ ୯୭୬ ବରିଷ୍ଠ ନାଗରିକଙ୍କୁ ନେଇ ରାମେଶ୍ୱରମ୍, ମଦୁରାଇ, ତିରୁପତି ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ମନ୍ତ୍ରୀ ପାଣିଗ୍ରାହୀ ତୀର୍ଥଯାତ୍ରୀମାନଙ୍କୁ ମିଠା, ଟିକେଟ, କିଟ୍ ପ୍ରଦାନ କରିଥିଲେ। ଆଗକୁ ଅଧିକରୁ ଅଧିକ ବରିଷ୍ଠ ନାଗରିକଙ୍କୁ ଏଥିରେ ସାମିଲ କରିବା ଲାଗି ପ୍ରୟାସ ଜାରି ରହିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ତୀର୍ଥଯାତ୍ରୀ ଟ୍ରେନ ଯାତ୍ରା ଆରମ୍ଭ କରିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଗଞ୍ଜାମ ଜିଲା ବିଜେଡି ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଟ୍ରେନରେ କୋରାପୁଟ ଜିଲାରୁ ୧୧୩, ନବରଙ୍ଗପୁରରୁ ୮୩, ମାଲକାନଗିରିରୁ ୫୩, କନ୍ଧମାଳରୁ ୫୩, ବୌଦ୍ଧରୁ ୩୦, ରାୟଗଡାରୁ ୯୭, ଗଜପତିରୁ ୫୯, ବ୍ରହ୍ମପୁର ମହାନଗର ସମେତ ଗଞ୍ଜାମ ଜିଲାରୁ ୪୮୮ ତୀର୍ଥଯାତ୍ରୀଙ୍କ ସହ ୩୦ ପ୍ରଶାସନିକ ଅଧିକାରୀ ଦକ୍ଷିଣ ଭାରତ ଅଭିମୁଖେ ଯାତ୍ରା କରିଛନ୍ତି । ୫ ଦିନ ଯାତ୍ରା ଶେଷ କରି ଏମାନେ ଆସନ୍ତା ୫ ତାରିଖରେ ଫେରିବେ ।

# ନବଜାତ ଶିଶୁପୁତ୍ରକୁ ଘରକୁ ନେଲେନି ମା’ ବାପା

**ଆପଣେଇ ନେଲା ଚାଇଲ୍ଡଲାଇନ**

ଝୁମ୍ପୁରା, ୨୮।୨(ଡି.ଏନ.ଏ.)

ଘରେ ସନ୍ତାନଟିଏ ଜନ୍ମ ହେଲେ, ମା’ ବାପାଙ୍କ ଖୁସି କହିଲେ ନ ସରେ। ଆଖପାଖରେ ଦେଖାଦିଏ ଖୁସିର ମାହୋଲ। ହେଲେ କେନ୍ଦୁଝର ଜିଲା ଝୁମ୍ପୁରାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦାରିଦ୍ର୍ୟର ତାଡନାରେ ଜର୍ଜରିତ ହେଉଥିବା ଏକ ଦମ୍ପତି ନିଜର ଜନ୍ମିତ ପୁତ୍ର ସନ୍ତାନକୁ ଡାକ୍ତରଖାନାରୁ ଘରକୁ ନେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଶେଷରେ ନବଜାତକକୁ ଚାଇଲ୍ଡଲାଇନ କର୍ତ୍ତୃପକ୍ଷ ଆପଣେଇ ନେଇଛନ୍ତି। ଝୁମ୍ପୁରା ଡାକ୍ତରଖାନାରେ ଏଭଳି ଏକ ହୃଦୟବିଦାରକ ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି।

ଝୁମ୍ପୁରା ବ୍ଲକ ଅର୍ଶଲା ପଞ୍ଚାୟତ ମୁଣ୍ଡାସାହିର ବାସିନ୍ଦା ଶଙ୍ଖାଳି ଗାଗରାଇ ମୂଲ ମଜୁରି ଲାଗି ପେଟ ପୋଷନ୍ତି। ଶଙ୍ଖାଳିଙ୍କର ୨ ସ୍ତ୍ରୀ। ପ୍ରଥମ ସ୍ତ୍ରୀ ସାବିତ୍ରୀଙ୍କର ପୂର୍ବରୁ ୫ବର୍ଷର ଝିଅଟିଏ ଥିବା ବେଳେ ଗତ ୨୬ତାରିଖରେ ଝୁମ୍ପୁରା ଡାକ୍ତରଖାନାରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ନବଜାତକ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ ଜଣାପଡିଛି। ଦ୍ୱିତୀୟ ସ୍ତ୍ରୀ ବୁଧୁନିଙ୍କର ୩ଟି ପୁତ୍ର ସନ୍ତାନ ଅଛନ୍ତି। ପୂର୍ବରୁ ୪ଟି ସନ୍ତାନସନ୍ତତି ଥିବାରୁ ଏବେ ନବଜାତକକୁ ଘରକୁ ନେବା ପାଇଁ ଶଙ୍ଖାଳି ଅନିଚ୍ଛା ପ୍ରକାଶ କରିଛନ୍ତି। ଏଭଳି ନିଷ୍ପତ୍ତିରେ ସାବିତ୍ରୀ ଦୁଃଖରେ ଭାଙ୍ଗିପଡିଥିଲେ ମଧ୍ୟ ସ୍ୱାମୀଙ୍କ କଥାକୁ ସେ ଟାଳି ପାରିନାହାନ୍ତି। ଏନେଇ ଚାଇଲ୍ଡଲାଇନକୁ ସୂଚନା ଦିଆଯିବା ପରେ ଚାଇଲ୍ଡଲାଇନରୁ ଦମୟନ୍ତୀ ମହାନ୍ତ ଝୁମ୍ପୁରା ଡାକ୍ତରଖାନାରେ ପହଞ୍ଚିଥିଲେ। ସେ ଅଙ୍ଗନୱାଡି କର୍ମୀ ଓ ଡାକ୍ତରଙ୍କ ସହିତ ଯୋଗାଯୋଗ କରି ଦମ୍ପତିଙ୍କଠାରୁ ଲିଖିତ ଭାବେ ନେବା ସହିତ ଆବଶ୍ୟକ କାଗଜପତ୍ର କାମ ସାରି ଶୁକ୍ରବାର ଅପରାହ୍ନରେ ନବଜାତକକୁ ଚାଇଲ୍ଡଲାଇନ ନିଜ ହେପାଜତକୁ ନେଇଯାଇଛି। ନବଜାତକର ସ୍ୱାସ୍ଥ୍ୟାବସ୍ଥା ପୁଣି ଥରେ ପରୀକ୍ଷା କରିବା ପରେ ତାକୁ କେନ୍ଦୁଝର ଶିଶୁ ଭବନରେ ରଖାଯିବ ବୋଲି କୁହାଯାଇଛି।

# କାର୍ କାଚ ଭାଙ୍ଗି ନେଇଗଲେ ୪ ଲକ୍ଷ

କଟକ ଅଫିସ,୨୮।୨

ଏକ କାରର କାଚି ଭାଙ୍ଗି ଏଥିରେ ଥିବା ୪ ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗକୁ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତିଜଣଙ୍କ ହେଲେ ପ୍ରଶାନ୍ତ କୁମାର ସେନାପତି। ଏ ନେଇ ସେ ଚାଉଳିଆଗଞ୍ଜ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କହ୍ନେଇପୁର ଅଞ୍ଚଳରେ ପ୍ରଶାନ୍ତଙ୍କର ଏକ ସିକ୍ୟୁରିଟି ସଂସ୍ଥା ରହିଛି। କର୍ମଚାରୀଙ୍କୁ ଦରମା ଦେବା ଲାଗି ପ୍ରଶାନ୍ତ ବ୍ୟାଙ୍କରୁ ଟଙ୍କା ଉଠାଇ ତାଙ୍କ କାରରେ ଘରକୁ ଫେରୁଥିଲେ। ମହାନଦୀବିହାର ଅଞ୍ଚଳ ରାସ୍ତା କଡରେ କାର ପାର୍କିଂ କରି ଏକ ହୋଟେଲକୁ ବିରିୟାନୀ ଆଣିବା ପାଇଁ ଯାଇଥିଲେ। ହୋଟେଲ କ୍ୟାସ୍ କାଉଣ୍ଟର ନିକଟରେ ଦୋକାନୀଙ୍କୁ ଟଙ୍କା ଦେଉଥିବା ବେଳେ ହଠାତ୍ ପଛପଟୁ ଜଣେ ଯୁବକ ତାଙ୍କୁ ଡାକିଥିଲେ। ତୁମ ଟଙ୍କା ତଳେ ପଡିଯାଇଛି ବୋଲି ଯୁବକ ଜଣଙ୍କ କହିଥିଲେ। ପ୍ରଶାନ୍ତ ପଛପଟକୁ ବୁଲି ଦେଖିବା ବେଳକୁ କିଛି ଟଙ୍କା ମଧ୍ୟ ପଡ଼ିଥିଲା। ତାଙ୍କ ପର୍ସରୁ ଖସି ପଡ଼ିଛି ବୋଲି ଭାବି ସେ ଏହାକୁ ଉଠାଇଥିଲେ। ହେଲେ କାର ପାଖକୁ ଫେରିବାବେଳକୁ କାଚ ଭାଙ୍ଗି ପଡ଼ିଥିବା ସହ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟ୍ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଆଇଆଇସି ତାପସ ପ୍ରଦାନ କହିଛନ୍ତି, ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଛି।

# ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

- ମୋ ପରିବାର କଲା ସହାୟତା
- ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ତାମିଲନାଡୁର ଚେନ୍ନାଇର ଗେଣ୍ଡି ରେଳଷ୍ଟେଶନରେ ଗଞ୍ଜାମ ଜିଲାର ସିଦ୍ଧଖଣ୍ଡି ଗାଁର ଜଣେ ଶ୍ରମିକ(ପର୍ଶୁ ଜେନା) ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏନେଇ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ‘ଓଡ଼ିଶା: ମୋ ପରିବାର’ ସଙ୍ଗଠନର ଆବାହକ ଅରୂପ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ଅରୂପ ଏହି ଖବର ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ର ଦୃଷ୍ଟିକୁ ଆଣିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ତଥା ଓଏସ୍‌ଡି ଗୋପବନ୍ଧୁ ଦାଶ ଓଡ଼ିଶା ଶ୍ରମ ଆୟୁକ୍ତଙ୍କ ସହ ଯୋଗାଯୋଗ କରିଥିଲେ। ଏହା ପରେ ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ ମୃତକଙ୍କ ପରିବାରକୁ ଯୋଗାଯୋଗ କରିଥିଲେ। ସେମାନେ ତାଙ୍କ ଶେଷକୃତ୍ୟ ଚେନ୍ନାଇରେ ସାରିବା ପାଇଁ ଇଚ୍ଛା ପ୍ରକାଶ କରିଥିବା ଜଣାପଡିଛି। ଓଡ଼ିଶା ଶ୍ରମ ଆୟୁକ୍ତଙ୍କ ପରାମର୍ଶଦାତା ଡ. ବି.ବି ଆଚାର୍ଯ୍ୟଙ୍କ କହିବାନୁଯାୟୀ, ସେମାନେ ଚେନ୍ନାଇ ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ସମସ୍ତ ଆଇନଗତ ପ୍ରକ୍ରିୟା ସାରି ମୃତଦେହ ହସ୍ତାନ୍ତର କରିବା ପରେ ସେମାନେ ଶେଷକୃତ୍ୟ ସମ୍ପନ୍ନ କରିବେ ବୋଲି କହିଥିଲେ। ଚେନ୍ନାଇଠାରେ ଅବସ୍ଥିତ ଉତ୍କଳ ଆସୋସିଏଶନ୍‌ର ଡ. ବୀରେନ୍ ସାହୁ ଓ ପଞ୍ଚାନନ ଜେନା ଏହି ପ୍ରକ୍ରିୟା ଶୀଘ୍ର ସମ୍ପନ୍ନ ସହ ମରଶରୀର ମୃତକଙ୍କ ସମ୍ପର୍କୀୟ ମହେନ୍ଦ୍ର ଜେନାଙ୍କୁ ସୁରୁଖୁରୁରେ ମିଳିପାରିବ, ସେ ନେଇ ମାମ୍ବାଲାମ୍ ରେଲୱେ ପୋଲିସ ଷ୍ଟେଶନରେ ଭାରପ୍ରାପ୍ତ ଅଧିକାରୀଙ୍କ ସହଯୋଗ ଲୋଡିଥିଲେ। ଶୁକ୍ରବାର ଅପରାହ୍ନ ୩ଟା ୫୦ ମିନିଟ୍‌ରେ ମରଶରୀର ବ୍ୟବଚ୍ଛେଦ ହେବା ସହ ୫ଟାରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏହା ପରେ ସନ୍ଧ୍ୟାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



ନିଜର ପାପ କର୍ମ ପାଇଁ ମନୁଷ୍ୟକୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡେ।
-ମହାବୀର ଜୈନ



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

ଭୁବନେଶ୍ୱର, ୨୮।୨(ବ୍ୟୁରୋ): ଏୟାରଫିଲ୍ଡ ଥାନା ଅଧୀନ ପାଞ୍ଚଗାଁ ଅଞ୍ଚଳରେ ଗୁରୁବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖାରବେଳନଗର ଥାନା ଅଧୀନ ମସଜିଦ କଲୋନୀ ଅଞ୍ଚଳର ଶରତ କୁମାର ସାହୁ। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୁରୁବାର ରାତି ୧୧ଟା ବେଳେ ଶରତ ବାଇକରେ ପାଞ୍ଚଗାଁ ଯାଉଥିଲେ। ଏହି ସମୟରେ ଏକ ଗାଡ଼ି ତାଙ୍କୁ ପଛରୁ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ଶରତ ରାସ୍ତାରେ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶରତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ୫୦ ଲକ୍ଷ ଟପିଲା ଟିଜି ସ୍ୱୀକୃତି ଗ୍ରୁପ୍‌ର ଟିକସ ଆଦାୟ

ଭୁବନେଶ୍ୱର, ୨୮।୨ (ବ୍ୟୁରୋ): ବକେୟା ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବାର ନୂଆ ରଣନୀତି ଭାବେ ଟିଜି ସ୍ୱୀକୃତି ଏସ୍ଏଚ୍‌ଜି ଗ୍ରୁପ୍‌କୁ ବୁଝାମଣାପତ୍ର ମାଧମରେ ଦାୟିତ୍ୱ ଦିଆଯାଇଥିଲାବେଳେ ଶୁକ୍ରବାର ଉକ୍ତ ଗ୍ରୁପ୍‌ର ବକେୟା ହୋଲ୍ଡିଂ ଟ୍ୟାକ୍ସ ୫୦ ଲକ୍ଷ ଟପିଛି। ଚୁକ୍ତିନାମା ସାକ୍ଷରତା ପରେ ଏହି ଗ୍ରୁପ୍ ନିଜସ୍ୱ ୟୁନିଫର୍ମଧାରୀ ୧୦ ଜଣ ସଦସ୍ୟାଙ୍କୁ ନେଇ ଗତ ୭ତାରିଖରୁ ବକେୟା ଆଦାୟ ଆରମ୍ଭ କରିଥିଲା। ମାତ୍ର ୨୧ ଦିନ ମଧରେ ସେମାନେ ୫୦ ଲକ୍ଷର ବକେୟା ଟିକସ ଆଦାୟ କରିଛନ୍ତି। ଗ୍ରୁପ୍‌ର ସଦସ୍ୟାମାନେ ବକେୟା ଟିକସ ଆଦାୟ ପାଇଁ ଦକ୍ଷିଣ ପୂର୍ବ ଏବଂ ଦକ୍ଷିଣ ପଶ୍ଚିମ ଜୋନ୍‌ର ୱାର୍ଡ଼ ନଂ- ୨୨, ୨୮, ୩୦, ୩୧, ୩୩, ୩୫, ୩୬, ୩୭, ୩୮, ୪୦, ୪୧, ୪୨, ୪୩, ୪୫, ୪୬, ୪୯, ୫୩ରେ ଥିବା ୫୩ ଜଣ ମାଲିକଙ୍କଠୁ ବକେୟା ଟିକସ ଆଦାୟ କରିଛନ୍ତି। ଶୁକ୍ରବାର ଗ୍ରୁପ ସଦସ୍ୟମାନଙ୍କ ଦ୍ୱାରା ୧ଲକ୍ଷ ୪୦ହଜାର ୫୦୫ଟଙ୍କା ଆଦାୟ କରାଯାଇଛି। ଏଯାବତ୍ ମୋଟ ୫୪ଲକ୍ଷ ୬୧ହଜାର ୩୧୦ ଟଙ୍କା ଆଦାୟ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ବକେୟା ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବା ପାଇଁ ଏହି ଭିନ୍ନ ଧରଣର କାର୍ଯ୍ୟକ୍ରମ ଦ୍ୱାରା ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ସାଧନ ହୋଇଛି। ସମାଜର ମୁଖ୍ୟସ୍ରୋତରେ କିନ୍ନରମାନେ ସାମିଲ ହୋଇପାରିଥିବା ବେଳେ ସେମାନଙ୍କ ଆର୍ଥିକ ସ୍ଥିତିକୁ ଦୃଢ଼ କରାଯାଇପାରିଛି ଏବଂ ବିଏମ୍‌ସିର ବକେୟା ଟ୍ୟାକ୍ସ ମଧ ମିଳି ପାରୁଛି ଯାହାଫଳରେ ସହରର ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ।

### 'ସର୍ବନିମ୍ନ ଦରମା ୨୫ ହଜାର କରାଯାଉ'

ଭୁବନେଶ୍ୱର, ୨୮।୨ (ବ୍ୟୁରୋ): ବିରୋଧୀ ଦଳର ନେତା ପ୍ରଦୀପ ନାୟକ ବିଧାନସଭାରେ ସରକାରୀ ଚାକିରିରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥାକୁ ସମାଲୋଚନା କରିବା ସହ ମାସିକ ୮,୮୮୦ ଟଙ୍କା ବେତନରେ ଏହି କର୍ମଚାରୀମାନେ କିପରି ପରିବାର ପ୍ରତିପୋଷଣ କରିବେ ପଚାରି ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟରୁ ଠିକା ପ୍ରଥା ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବା ପାଇଁ ଏକ ଗୃହ କମିଟି ଗଠନ ପାଇଁ ସେ ଦାବି କରିଥିବାରୁ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ତରଫରୁ ତାଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି। ତୁରନ୍ତ ସର୍ବନିମ୍ନ ଦରମା ୨୫ହଜାର ଟଙ୍କା ଲାଗୁ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

ଯଦି ସରକାର ପିସି କାରବାର ବନ୍ଦ କରିବା ପାଇଁ ଚାହୁଁଛନ୍ତି ତେବେ ତୁରନ୍ତ ନୂତନ ଦରମା ଘୋଷଣା କରନ୍ତୁ ଓ ସପ୍ତମ ବେତନ ଲାଗୁ କରନ୍ତୁ ବୋଲି ମହାସଂଘ ସଭାପତି ବିଜୟ ମଲ୍ଲ କହିଛନ୍ତି। ସରକାର ଯଦି ସପ୍ତାହକ ମଧରେ ବିଧାନସଭାରେ ଏ ନେଇ ଘୋଷଣା ନ କରନ୍ତି ତେବେ କର୍ମଚାରୀମାନେ ଆନ୍ଦୋଳନ କରିବେ ବୋଲି ସଂଘର ଉପଦେଷ୍ଟା ପ୍ରଭାତ ମହାନ୍ତି, ମଧୁ ମଲ୍ଲିକ, ବାସୁଦେବ ଭଞ୍ଜ ଓ କିଷାନ ବରାଇ ଏବଂ ସମ୍ପାଦକ କ୍ଷିତିଶ ପଣ୍ଡା, ଉପସଭାପତି ପ୍ରଭାସ ଭୋଇ, ଦେବଦତ୍ତ ସ୍ୱାଇଁ ପ୍ରମୁଖ ପ୍ରେସ ବିବୃତିରେ ଜଣାଇଛନ୍ତି।

# ଦୋକାନୀ-ଉଚ୍ଛେଦକାରୀ ଦଳର ଖଣ୍ଡଯୁଦ୍ଧ

ଭୁବନେଶ୍ୱର, ୨୮।୨ (ବ୍ୟୁରୋ)



ଉଚ୍ଛେଦ ବେଳେ ଦୋକାନୀ ଓ ଉଚ୍ଛେଦକାରୀ ଟିମ୍ ମଧ୍ୟରେ ଧସ୍ତାଧସ୍ତି।



ଜେସିବି ଦ୍ୱାରା ଦୋକାନକୁ ଉଚ୍ଛେଦ କରାଯାଉଛି।

ରାଜଧାନୀରେ ଦିନକୁ ଦିନ ଜବରଦଖଲ ବଢ଼ିଚାଲୁଥିବା ବେଳେ ଜବରଦଖଲକାରୀଙ୍କ ଦାଦାଗିରି ମଧ ବହୁ ପରିମାଣରେ ବୃଦ୍ଧି ପାଉଛି। ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଉଛି। ହେଲେ ଏବେ ଜବରଦଖଲକାରୀଙ୍କ ଦାଦାଗିରି ଚରମସୀମାରେ ପହଞ୍ଚିଛି। କିଛିଦିନ ତଳେ ବାମ ସମାନ୍ତରାଳ (ଲେଫ୍ଟ ପାରାଲାଲ ରୋଡ୍) ରାସ୍ତା ପାର୍ଶ୍ୱରୁ ବେଆଇନ ଜବରଦଖଲ ହଟାଇବା ପାଇଁ ଉଚ୍ଛେଦକାରୀ ଦଳ ଯାଇଥିବା ବେଳେ ସେମାନଙ୍କୁ ବସ୍ତିବାସିନ୍ଦା ବିରୋଧ କରିଥିଲେ। ସେଭଳି ସ୍ଥିତି ଶୁକ୍ରବାର ସମ୍ ହସ୍ପିଟାଲ ସମ୍ମୁଖରେ ଦେଖିବାକୁ ମିଳିଛି। ଉଚ୍ଛେଦ ପାଇଁ ଯାଇଥିବା ଅଧିକାରୀ ଏବଂ ଅନ୍ୟମାନଙ୍କୁ ହସ୍ପିଟାଲ ସମ୍ମୁଖ ରାସ୍ତା ପାର୍ଶ୍ୱସ୍ଥ ଦୋକାନୀମାନଙ୍କ ତୀବ୍ର ବିରୋଧର ସାମ୍ନା କରିବାକୁ ପଡ଼ିଛି। ଆବଶ୍ୟକ ଅନୁଯାୟୀ ପୋଲିସ ଫୋର୍ସ ନ ଥିବାରୁ ଉଚ୍ଛେଦ ଅଧିକାରୀ ଓ ଦୋକାନୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ଦୀର୍ଘ ସମୟ ଧରି ଦୋକାନୀମାନେ ବିରୋଧ ପ୍ରଦର୍ଶନ କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏପରି କି ସେହି ରାସ୍ତା ଦେଇ ଚଳାଚଳ କରୁଥିବା ଗାଡ଼ିକୁ ଲୁହା ପାଇପ୍‌ରେ ଭଙ୍ଗାରୁଜା କରିଥିଲେ। ଏଥିଯୋଗୁ ସେଠାରେ ଅଶାନ୍ତକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୂଚନାଯୋଗ୍ୟ, ସାଧାରଣ ପ୍ରଶାସନ ବିଭାଗ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଜୋନାଲ କମିଶନରଙ୍କ ଦ୍ୱାରା କଳିଙ୍ଗ ଷ୍ଟୁଡିଓ ଛକରୁ ସମ୍ ହସ୍ପିଟାଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଦୁଇପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ମିଳିତ ଉଚ୍ଛେଦ ଟିମ୍‌କୁ ଗତ ୧୪ ତାରିଖରେ ଚିଠି ସଂଖ୍ୟା ୧୩୯୮/ସିଏରେ ପତ୍ର ଲେଖାଯାଇଥିଲା। ଉକ୍ତ ଚିଠିକୁ ଭିତ୍ତିକରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉଚ୍ଛେଦ ଅଧିକାରୀ-୨ ପ୍ରମୋଦ ପାତ୍ରଙ୍କ ନେତୃତ୍ୱରେ ମିଳିତ ଉଚ୍ଛେଦ ଟିମ୍ ଶୁକ୍ରବାର ପୂର୍ବାହ୍ନରେ ଷ୍ଟୁଡିଓ ଛକରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲା। ଅପରାହ୍ନ ସୁଦ୍ଧା ରାସ୍ତା ପାର୍ଶ୍ୱସ୍ଥ ୧୪୬ ଅସ୍ଥାୟୀ ଓ ବେଆଇନ ନିର୍ମାଣ ସମେତ ଦୋକାନ ଭଙ୍ଗାଯାଇଥିଲା। ତେବେ ପରେ ସମ୍ ହସ୍ପିଟାଲ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବାରୁ ଏହାକୁ ସ୍ଥାନୀୟ ଦୋକାନୀମାନେ ବିରୋଧ କରିଥିଲେ। ବିନା ନୋଟିସ୍‌ରେ କାହିଁକି ଉଚ୍ଛେଦ କରୁଛ, ପ୍ରଥମେ ଥଇଥାନ କର ତା' ପରେ ଭାଙ୍ଗିବ ବୋଲି କହି ହୋହଲ୍ଲା କରିଥିଲେ। ତେବେ ଅଧିକାରୀମାନେ କିଛି ନ ଶୁଣି ଜବରଦଖଲ ହଟାଇବାରୁ ଦୋକାନୀମାନେ ମାରପିଟ୍ ଆରମ୍ଭ କରିଦେଇଥିଲେ। ଫଳରେ ଅଧିକାରୀମାନଙ୍କ ସମେତ ସାଧାରଣ ଲୋକ ବି ଏହାର ଶିକାର ହୋଇଥିଲେ। ମାରପିଟ୍‌ରେ କେତେଜଣ ଲୋକଙ୍କ କାର କାଚ୍ ଓ ବାଇକ୍ ଭାଙ୍ଗିଯାଇଛି। ମାତ୍ର ଏ ନେଇ କୌଣସି ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଏହି ଉଚ୍ଛେଦରେ ବିଏମ୍‌ସି ଏବଂ ବିଡିଏର ଗୋଟିଏ ଲେଖାଏ ଜେସିବି ବ୍ୟବହୃତ ହୋଇଥିଲା।

### ସମ୍ ହସ୍ପିଟାଲ ସାମ୍ନା ପାଲଟିଲା ରଣକ୍ଷେତ୍ର

- ଟାୟାର ଜାଳି ରାସ୍ତା ଅବରୋଧ, ଭଙ୍ଗାରୁଜା
- ବିଏମ୍‌ସି, ଜିଏ ଓ ପିଜି ବିଭାଗ ଦେଇଥିଲେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ
- ଷ୍ଟୁଡିଓ ଛକରୁ ସମ୍ ହସ୍ପିଟାଲ ଯାଏ ସରିଲା ଉଚ୍ଛେଦ
- ଭଙ୍ଗାଗଲା ୧୪୬ ଅସ୍ଥାୟୀ ନିର୍ମାଣ ଓ ଜବରଦଖଲ
- ବିଧାନସଭା ଅଧିବେଶନ ପରେ ପୁଣି ହେବ ଉଚ୍ଛେଦ

୧ ପ୍ଲାଟୁନ୍ ଏପିଆର୍ ଫୋର୍ସ ସହ ଖଣ୍ଡଗିରି ଥାନା ଏସ୍ଆଇ ସସ୍ମିତା ଧଳ, ସାଧାରଣ ପ୍ରଶାସନ ବିଭାଗ ଅଧିକାରୀ ଏବଂ ଅନ୍ୟ ସ୍କ୍ୱାଡ୍ ଉପସ୍ଥିତ ଥିଲେ ବୋଲି ବିଡିଏ ପକ୍ଷରୁ ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଆସନ୍ତା ୩ତାରିଖ ପରେ ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ସାଲିଆ ସାହିରେ ଗୌଡ ବସ୍ତି, ବୀରବସ୍ ବସ୍ତି, ଶ୍ରୀକ୍ରିଷ୍ଣାନଗର ବସ୍ତି ଓ ଲକ୍ଷ୍ମୀପୁର ବସ୍ତି ବାସିନ୍ଦାଙ୍କୁ ଥଇଥାନ କରାଯିବ। ତା' ପରେ ବିଧାନସଭା ଅଧିବେଶନ ବସୁଥିବାରୁ ଆବଶ୍ୟକ ପୋଲିସ ଫୋର୍ସ ମିଳିବା କଷ୍ଟକର ହୋଇଯିବ। ସେଥିପାଇଁ ଏପ୍ରିଲ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ପାଖାପାଖି ୫ ପ୍ଲାଟୁନ ପୋଲିସ ଫୋର୍ସ ସହ ସମ୍ ହସ୍ପିଟାଲ ସାମ୍ନାରେ ଥିବା ଅସ୍ଥାୟୀ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବ ବୋଲି ମିଳିତ ଉଚ୍ଛେଦ ଦଳ ପକ୍ଷରୁ କୁହାଯାଇଛି।

## ନିର୍ଦ୍ୱନ୍ଦ୍ୱରେ ୨ ବ୍ଲକ ସଭାପତି ନିର୍ବାଚିତ

ବାଲକାଟୀ, ୨୮।୨(ଡି.ଏନ.ଏ)

ଖୋର୍ଦ୍ଧା ଜିଲା ଜୟଦେବ ନିର୍ବାଚନ ମଣ୍ଡଳୀର ଉଭୟ ବାଲିଅନ୍ତା ଓ ବାଲିପାଟଣାରେ ବିଜେଡିର ବ୍ଲକ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବାଲିଅନ୍ତା ବ୍ଲକ ବିଜେଡି ସଭାପତି ଭାବେ ପ୍ରଦୀପ୍ତ ଜେନାମଣି ଓ ବାଲିପାଟଣା ବ୍ଲକ ସଭାପତି ଭାବେ କିଶୋର କୁମାର ଜେନା ନିର୍ବାଚିତ ହୋଇଥିବା ଶୁକ୍ରବାର ବିଜେଡି ଜିଲା ନିର୍ବାଚନ ଅଧିକାରୀ ରଶ୍ମିରଞ୍ଜନ ବ୍ରହ୍ମା ଘୋଷଣା କରିଛନ୍ତି। ଏଥିସହ ଜିଲା, ବ୍ଲକ ଓ ପଞ୍ଚାୟତସ୍ତରୀୟ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ନାମ ମଧ ଘୋଷଣା କରିଛନ୍ତି। ଜିଲା କାର୍ଯ୍ୟକାରୀ କମିଟିରେ ବାଲିଅନ୍ତା ବ୍ଲକର ମହେଶ୍ୱର ଦାସ, ମଙ୍ଗରାଜ ବେହେରା, ଲକ୍ଷ୍ମୀଧର ନାୟକ, ଦିପେଶ ସ୍ୱାଇଁ, ସଚିଦାନନ୍ଦ ଜେନା ଓ ବାଲିପାଟଣା ବ୍ଲକର ପଦ୍ମିନୀ ଦାସ, ବୀଣାପାଣି ମାଣିକ, ନାରାୟଣ ସାହୁ, ରମେଶଚନ୍ଦ୍ର ସାହାଣି, ପ୍ରଦ୍ୟୁମ୍ନ କୁମାର ସେନାପତି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ ସମସ୍ତ ନୀତି ନିୟମ ଓ ନିରପେକ୍ଷ ଭାବେ ପରିଚାଳନା କରାଯାଇଥିବାରୁ ବାଲିଅନ୍ତା ବ୍ଲକ ସହନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ଦାସ ଓ ବାଲିପାଟଣା ବ୍ଲକ ସହ ନିର୍ବାଚନ ଅଧିକାରୀ ଆଲୋକ କୁମାର ରାୟ ଜିଲା ନିର୍ବାଚନ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ନିର୍ବାଚନମଣ୍ଡଳୀର ୨ବ୍ଲକରେ ନୂତନ ସଭାପତି ପାଇ କର୍ମୀଙ୍କ ମହଲରେ ଆନନ୍ଦ ଉଲ୍ଲାସ ଦେଖାଯାଇଛି।

## ସିଫାରେ ଚାକିରି କରାଇଦେବାକୁ କହି ୩ ଲକ୍ଷ ଠକେଇ

### ଫାଣ୍ଡିକୁ ଦୌଡ଼ି ପେପର ହକର ନାକ୍ୟାନ୍ତ

ପୁରୁଣା ଭୁବନେଶ୍ୱର, ୨୮।୨ (ଡି.ଏନ.ଏ.)

ମାଟ୍ରିକ ଯାଏ ପଢ଼ିଥିଲେ ପାଠ। ପାଖରେ ସମ୍ବଳ ନ ଥିବାରୁ ଆଉ ପଢି ପାରିଲେନି। ସେତିକିରେ ସନ୍ତୁଷ୍ଟ ହେବାକୁ ପଡିଲା। ପରିବାର ପ୍ରତି ପୋଷଣ ପାଇଁ ଖବରକାଗଜ ବିକ୍ରି କରିବାକୁ ଆଗେଇ ଆସିଥିଲେ ବାବୁଲି ପୃଷ୍ଟି। ନିଶା ଥିଲା ଚିକିରି କରିବା। ୩ ବର୍ଷ ତଳେ ପୂବା ଶାସନର ଜଣେ ଯୁବକଙ୍କ ସଙ୍ଗେ ଦେଖା ହୋଇଥିଲା। ଯୁବକ ଜଣକଙ୍କ ବାପା କୌଶଲ୍ୟାଗଙ୍ଗ ସ୍ଥିତ ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ର(ସିଫା)ରେ ଚାକିରି କରନ୍ତି। ସମ୍ପୃକ୍ତ ଯୁବକ ବାବୁଲିଙ୍କୁ ଚାକିରି କରିବା ଲୋଭ ଦେଖାଇଥିଲେ। ୩ଟି ପୋଷ୍ଟ ଆସିଛି। ସୁଯୋଗ ଦେଖି ବାବୁଲି ହଠାତ୍ ଆଗେଇ ଆସିଥିଲେ। ନିଜ ପାଇଁ ଏବଂ ଗ୍ରାମର ଅନ୍ୟ ଦୁଇ ଶୁଭକାନ୍ତ ସାହୁ ଏବଂ ବିମ୍ବାଧର ସାହୁ ମିଶି ଚାକିରି ନିମନ୍ତେ ୩ ଲକ୍ଷ ଟଙ୍କା ଯୁବକଙ୍କୁ ଦେଇଥିଲେ। ବର୍ଷ ପରେ ବର୍ଷ ଗଡି ଚାଲିଲା। ଚାକିରି ଦୂରେ ଥାଉ ଯୁବକଙ୍କ ଦେଖା ମିଳି ନ ଥିଲା। ଏ ନେଇ ବାବୁଲି ପ୍ରଥମେ ଏଫ୍ଆଇଆର ଦେଇଥିଲେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ। ଅଭିଯୋଗ ପାଇଁ ଉତ୍ତରା ଫାଣ୍ଡି ପୋଲିସ ଯୁବକଙ୍କ ସହ ଠକେଇର ଶିକାର ହୋଇଥିବା ହକର ବାବୁଲି ଏବଂ ଅନ୍ୟ ୩ ଜଣଙ୍କୁ ଫାଣ୍ଡିକୁ ଡକାଇଥିଲେ। ଏକ ଚୁକ୍ତିନାମା ଅନୁସାରେ ୩ ଲକ୍ଷ ଟଙ୍କା ଫେରାଇବାକୁ ମଧ ସ୍ଥିର ହୋଇଥିଲା। ମାତ୍ର ପୂର୍ବଭଳି ଯୁବକ ନୀରବ ରହିଥିଲେ। ବାବୁଲି ଉତ୍ତରା ଫାଣ୍ଡି ପୋଲିସ ଉପରେ ଭରସା କରି ନ ଥିଲେ। ବାଧ ହୋଇ ସେ ପିପିଲି ଥାନା ପୋଲିସ ନିକଟରେ ସମସ୍ତ ଘଟଣାକୁ ନେଇ ଅଭିଯୋଗ କରିବା ସହ ନ୍ୟାୟ ଭିକ୍ଷା କରିଥିଲେ ଗତ ୧୩।୧।୨୦ରେ। ଅଭିଯୋଗର ୧ ମାସ ୧୫ ଦିନ ବିତିଲାଣି, ପୋଲିସର ନୀରବତା ଠକାମିର ଶିକାର ଯୁବକମାନଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଛି। ଏ ସମ୍ପର୍କରେ ଉତ୍ତରା ଫାଣ୍ଡି ଇନଚାର୍ଜ ମନୋଜ ଦାସଙ୍କୁ ପଚାରିବାରେ ନୂଆ କରି ଆସି ଏଠାରେ କାର୍ଯ୍ୟରେ ଯୋଗ ଦେଇଛି। ଘଟଣା ସମ୍ପର୍କରେ ଅବଗତ ନାହିଁ ତଥାପି ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ସେ କହିଥିଲେ।

## ମୋବାଇଲ ଲୁଟେରା ଗିରଫ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ମାଷ୍ଟରକ୍ୟାଣ୍ଟିନ ଛକରେ ଜଣେ ଯୁବକଙ୍କଠାରୁ ଲୁଟ ହୋଇଥିବା ମୋବାଇଲ ଫୋନ୍‌କୁ ପୋଲିସ ଶୁକ୍ରବାର ଜବତ କରିବା ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବଡମ୍ବା ଥାନା ଅନ୍ତର୍ଗତ ବିଧାରପୁର ଅଞ୍ଚଳର ପ୍ରଭାସ ଦାସ(୨୫)। ସୂଚନା ମୁତାବକ, ରାୟଗଡା ଜିଲା ଗୁଣପୁର ଥାନା ଅଞ୍ଚଳର ରାକେଶ କୁମାର ଦାସ ଗତ ମଙ୍ଗଳବାର ଟ୍ରେନ ଯୋଗେ ଭୁବନେଶ୍ୱର ଆସିଥିଲେ। ସେ ଷ୍ଟେଶନରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକକୁ ଚାଲିକି ଯାଉଥିବାବେଳେ ପ୍ରଭାସ ତାଙ୍କ ଠାରୁ ମୋବାଇଲ ଫୋନ୍ ଛଡାଇ ଚମ୍ପଟ ମାରିଥିଲେ। ଏ ନେଇ ତାଙ୍କ ଅଭିଯୋଗ କ୍ରମେ ପୋଲିସ ୫୮/୨୦ରେ ମାମଲା ରୁଜୁ କରିଥିଲା।

## ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ପ୍ରସଙ୍ଗ

### ପରମ୍ପରା ଫେରିବା ନେଇ ଆଶଙ୍କା

ପୁରୁଣା ଭୁବନେଶ୍ୱର, ୨୮।୨ (ଡି.ଏନ.ଏ.)

ମହାଶିବରାତ୍ରି ଯିବାର ପ୍ରଥମ ଶନିବାର ପରମ୍ପରା ଅନୁସାରେ ଠାକୁରଙ୍କ ହାଣ୍ଡିଭଙ୍ଗା ଯାତ୍ରା ଅନୁଷ୍ଠିତ ହେଉଥିଲା। ହେଲେ ୨୦୧୫ରୁ ଶ୍ରୀକପିଳେଶ୍ୱର ମନ୍ଦିରରେ ମଲିଆ ଏବଂ ଖୁଣ୍ଟିଆ ସେବାୟତଙ୍କ ବିବାଦ ଯୋଗୁ ୯ ଶହ ବର୍ଷର ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ଚଳିତବର୍ଷ ଏହି ଯାତ୍ରାକୁ ପୁଣି ଶୃଙ୍ଖଳିତ କରିବାକୁ ବିଭିନ୍ନ ବିଭାଗ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଲିଙ୍ଗରାଜଙ୍କ ବ୍ରାହ୍ମଣ, ପୂଜାପଣ୍ଡା ଓ ବଡୁ ନିଯୋଗ ସେବାୟତଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆହୂତ ବୈଠକରେ ଶ୍ରୀଜୀଉଙ୍କ ନୀତିରେ ବ୍ୟତିକ୍ରମ ନ କରିବାକୁ ଅନୁରୋଧ କରାଯାଇଥିଲା। ଠାକୁରଙ୍କ ହାଣ୍ଡିଭଙ୍ଗା ଯାତ୍ରା ପୁଣି ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ କହିଛନ୍ତି।

## ଦୋକାନରୁ ଚୋରି: କର୍ମଚାରୀ ଗିରଫ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ବାପୁଜୀନଗର ଅଞ୍ଚଳରେ ଥିବା ମୋବାଇଲ ଦୋକାନରୁ ୮ ଲକ୍ଷ ଟଙ୍କାର ୨୬ଟି ମୋବାଇଲ ଚୋରି କରିଥିବା ଅଭିଯୁକ୍ତ କର୍ମଚାରୀଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳର ରାକେଶ ରୋଶନ ବଳିୟାର ସିଂ। ସୂଚନା ମୁତାବକ, ଏକ ମୋବାଇଲ ଦୋକାନରେ ରାକେଶ କାମ କରୁଥିଲେ। କିଛିଦିନ ପରେ ଦୋକାନ ମାଲିକ ପି. ନିକୁଞ୍ଜ କୁମାର ସୁବୁଦ୍ଧି ବିଶ୍ୱାସରେ ତାଙ୍କ ଜିମାରେ ଦୋକାନ ଛାଡି ଘରକୁ ଯାଉଥିଲେ। ଡିସେମ୍ବର ୨୭ରେ ନିକୁଞ୍ଜ ମୋବାଇଲ ଫୋନ୍ ଗଣିବାରୁ ୨୬ଟି କମ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୮୬/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଗୁରୁବାର ରାକେଶଙ୍କୁ ତଦନ୍ତ ପରିସରଭୁକ୍ତ କରି ପଚରା ଉଚରା କରିବାରୁ ସେ ଚୋରି କରିଥିବା ସ୍ୱୀକାର କରିଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ: ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଇନଫୋସିଟି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଳାହାଣ୍ଡି ଅଞ୍ଚଳର ଅଜୟ ମହାଭୋଇ। ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଗୋଲକପୁରୀ ଡୁପ୍ଲେକ୍ସରେ ଚନ୍ଦନ ସୁବୁଦ୍ଧି ରୁହନ୍ତି। ଅଜୟ ସ୍ଥାନୀୟ ଉଠାଦୋକାନୀ ଓ ଲୋକଙ୍କୁ ଡରାଇ ଧମକାଇ ଟଙ୍କା ଆଦାୟ କରନ୍ତି। ଏହାକୁ କେନ୍ଦ୍ର କରି ଚନ୍ଦନଙ୍କ ସହ ଅଜୟଙ୍କର ପୂର୍ବରୁ ଝଗଡ଼ା ହୋଇଥିଲା। ଗତ ଜୁଲାଇ ୨୮ ତାରିଖରେ ଅଜୟ ଟଙ୍କା ଦେବାକୁ ଚନ୍ଦନଙ୍କୁ ବାଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ଅଜୟ ଚନ୍ଦନଙ୍କ ମୁଣ୍ଡ ଫଟାଇ ରକ୍ତାକ୍ତ କରି ଫେରାର ହୋଇଯାଇଥିଲେ। ଏ ନେଇ ଚନ୍ଦନଙ୍କ ଅଭିଯୋଗ କ୍ରମେ ଏକ କେସ୍ (ନଂ. ୧୬୦/୧୯) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ପୋଲିସ ଶୁକ୍ରବାର ଅଜୟଙ୍କୁ ପଟିଆ ଅଞ୍ଚଳରୁ ଗିରଫ କରିଥିଲା।

## ଆଜି ମହାପ୍ରଭୁଙ୍କୁ ଦର୍ଶନ କରିବେ



ଜିଲାପାଳ ବଳୱନ୍ତ ସିଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସ୍ୱାଗତ କରୁଛନ୍ତି।

### ପୁରୀରେ ଅମିତ ଶାହା

ପୁରୀ ଅଫିସ, ୨୮।୨

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପୁରୀ ଗସ୍ତରେ ଆସିଛନ୍ତି। ଭୁବନେଶ୍ୱରରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେଇ ଶୁକ୍ରବାର ରାତି ପ୍ରାୟ ୯ଟା ୧୦ରେ ଶାହା ପୁରୀରେ ପହଞ୍ଚିଥିଲେ । ତାଙ୍କୁ ଜିଲାପାଳ ବଳୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଜିଲାସ୍ତରୀୟ ଦଳୀୟ ନେତୃତ୍ୱମାନେ ଶାହାଙ୍କୁ ସ୍ୱାଗତ କରିବା ସହ ସାକ୍ଷାତ୍ କରିଥିଲେ। ହୋଟେଲ ମେ ଫେୟାରରେ ସେ ରାତ୍ରିଯାପନ କରିଛନ୍ତି। ଏଥିପାଇଁ ହୋଟେଲରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଶନିବାର ସକାଳେ ଶାହା ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହାପରେ ସେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି।

## ଏମ୍ଏମ୍‌ଡିଆର୍ ପରିବର୍ତ୍ତନ ଯୋଗୁ ଲାଭବାନ ହେବ ଓଡ଼ିଶା

### ବାର୍ଷିକ ୨୦ ହଜାର କୋଟି ପାଇବା ସମ୍ଭାବନା

ଭୁବନେଶ୍ୱର, ୨୮।୨





କେନ୍ଦ୍ର ସରକାର ମାଇନ୍ସ ଆଣ୍ଡ ମିନେରାଲ ଡେଭଲପମେଣ୍ଟ ରେଗୁଲେଶନ ଆକ୍ଟ (ଏମ୍ଏମ୍‌ଡିଆର) ନିୟମରେ ପରିବର୍ତ୍ତନ କରିଥିବାରୁ ଓଡିଶା ବାର୍ଷିକ ପ୍ରାୟ ୨୦ ହଜାର କୋଟି ଟଙ୍କା ପାଇବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସୂଚନା ଦେଇଛନ୍ତି। ଇସ୍ପାତ ମନ୍ତ୍ରଣାଳୟ ଏବଂ ଜାପାନ ଏମ୍ଇଟିଆଇ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏକ କର୍ମଶାଳାରେ ପ୍ରଧାନ କହିଛନ୍ତି ଯେ, ପୂର୍ବରୁ ଓଡିଶା କେବଳ ରୟାଲଟି ଏବଂ ସେଲ୍ସ ଟାକ୍ସ ଲାଭ କରୁଥିଲା। ନିୟମରେ ପରିବର୍ତ୍ତନ ହେବା ଯୋଗୁ ଏହା ଦ୍ୱାରା ରାଜ୍ୟ ଅଧିକ ପରିମାଣର ରାଜସ୍ୱ ଲାଭ କରିପାରିବ। ଦେଶର ୮୦% ଖଣି କେବଳ ପୂର୍ବାଞ୍ଚଳରେ ରହିଛି। ରାଜ୍ୟରେ ଇସ୍ପାତ ଶିଳ୍ପର ବିକାଶ ଲାଗି ବିଜୁଳି ବିଲ୍ ଟାରିଫରେ ରିହାତି ଦେବା ଲାଗି ପ୍ରଧାନ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ପ୍ରଚୁର ପରିମାଣର କୋଇଲା ରହିଥିବା ଯୋଗୁ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଏକ ଇକୋସିଷ୍ଟମ ପ୍ରସ୍ତୁତ କରି ଏହି ଶିଳ୍ପକୁ ବଢାଇବା ସେ ଆହ୍ୱାନ ଜଣାଇଛନ୍ତି।

ରାଜ୍ୟର ଇସ୍ପାତ ଶିଳ୍ପ ଉପରେ ରହିଥିବା ସମ୍ଭାବନା ଉପରେ ମତ ରଖି ପ୍ରଧାନ କହିଛନ୍ତି, ଓଡିଶା ଇସ୍ପାତ ଶିଳ୍ପ ମଧ୍ୟରେ ଦେଶର ଏକ ନମ୍ବର ରାଜ୍ୟ ହୋଇ ପାରିବ। ଅର୍ଥ ବ୍ୟବସ୍ଥାକୁ ଆଗକୁ ବଢାଇବା ଦିଗରେ ଏହି ଶିଳ୍ପର ଏକ ପ୍ରମୁଖ ଭୂମିକା ରହିଛି। ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଦେଶର ଏକ ପ୍ରମୁଖ ସ୍ଥଳ ହେବା ରାସ୍ତାରେ ଓଡିଶା ରହିଛି। ୨୦୩୦ ସୁଦ୍ଧା ଦେଶରେ ବାର୍ଷିକ ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିବା ନେଇ ଯୋଜନା ରଖାଯାଇଛି। ଓଡିଶାରେ କେବଳ ୧୦୦ ନିୟୁତ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନର ସମ୍ଭାବନା ରହିଛି। ଏହି ଲକ୍ଷ୍ୟ ପୂରଣ ଲାଗି ଆନୁଷଙ୍ଗିକ ବ୍ୟବସ୍ଥା ବୃଦ୍ଧି ଦିଗରେ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି।

ଦେଶର ଇସ୍ପାତ ବ୍ୟବହାର ଉପରେ ସୂଚନା ଦେଇ ପ୍ରଧାନ କହିଛନ୍ତି ଯେ, ଏବେ ବ୍ୟକ୍ତି ପିଛା ୭୦ କିଲୋଗ୍ରାମ ଇସ୍ପାତ ବ୍ୟବହାର ହେଉଛି। ଏହାକୁ ବଢାଇବା ଦିଗରେ ସରକାର ଯତ୍ନବାନ ଅଛନ୍ତି। ବିଶ୍ୱ ସ୍ତରରେ ମୁଣ୍ଡ ପିଛା ଇସ୍ପାତ ଉତ୍ପାଦନ ୨୨୫ କିଲୋ ଗ୍ରାମ ରହିଥିବା ବେଳେ ଜାପାନରେ ୫୦୦ କିଲୋ ଗ୍ରାମ ରହିଛି। ଓଡ଼ିଶାରେ ଏହାକୁ ଅନ୍ୟୁନ ୧୫୦ କିଲୋ ଗ୍ରାମରେ ପହଞ୍ଚାଇବା ନେଇ ସମ୍ଭାବନା ରହିଛି। ଇସ୍ପାତ ବ୍ୟବହାର ବଢିଲେ ସ୍ଥାନୀୟ ଅର୍ଥନୀତି ସୁଦୃଢ ହେବା ସହ ସାମାଜିକ ଭିତ୍ତିଭୂମି ଓ ବିଭିନ୍ନ କ୍ଷେତ୍ରର ବିକାଶ ସାଧନ ହୋଇ ପାରିବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ସେହିଭଳି ରାଜ୍ୟରେ ଇସ୍ପାତ କ୍ଷେତ୍ରର ବିକାଶ ଲାଗି ଏ କ୍ଷେତ୍ରରେ ଏକ ବଡ ରଣନୀତିର ଆବଶ୍ୟକତା ରହିଛି। ଏହି ଶିଳ୍ପର ବିକାଶ ଲାଗି ଜାପାନ ଏକ ଭଲ ସହଯୋଗୀ ରାଷ୍ଟ୍ର ହୋଇ ପାରିଛି। ଜାପାନ ସହ ମିଳିତ ହୋଇ ଓଡିଶାକୁ ଇସ୍ପାତ ଶିଳ୍ପର ପୂର୍ବୋଦୟରେ ପ୍ରମୁଖ କେନ୍ଦ୍ର କରିବାର ଆବଶ୍ୟକତା ରହିଥିବା ସେ ମତବ୍ୟକ୍ତ କରିଛନ୍ତି।



"ହେଜଲଙ୍କୁ ପସନ୍ଦ କରିବା ପରେ ଡେଟ୍‌ରେ ନେବାକୁ ଇଚ୍ଛା କରିଥିଲି। ଅନେକ ଥର ହେଜେଲ୍ ହଁ ଭରୁଥିଲେ ହେଁ ନିଜ ଫୋନକୁ ବନ୍ଦ କରିଦେଉଥିଲେ। ବାରମ୍ବାର ଏଭଳି ହେବା ପରେ ମୁଁ ରାଗି ଯାଇଥିଲି। ଏପରିକି ତାଙ୍କ ମୋବାଇଲ ନମ୍ବର ମଧ ଡିଲିଟ୍ କରିଦେଇଥିଲି। ଏହାର ଅନେକ ଦିନ ପରେ ସୋସିଆଲ ମିଡିଆରେ ପୁଣି ଆମର ବନ୍ଧୁତା ହୋଇଥିଲା। ଦୀର୍ଘ ତିନିବର୍ଷ ପରେ ଉଭୟ ଡେଟ୍‌ରେ ଯାଇଥିଲୁ।

- ଯୁବରାଜ ସିଂ, ପୂର୍ବତନ ଭାରତୀୟ କ୍ରିକେଟର



# ମୁସଲମାନ ବିବାହ ନିମନ୍ତ୍ରଣପତ୍ରରେ ଭଗବାନ ଗଣେଶ



**ମିରଟ:** ଉତ୍ତର ପ୍ରଦେଶ ମିରଟରେ ଏକ ମୁସଲମାନ ପରିବାରର ବିବାହ ପାଇଁ ନିମନ୍ତ୍ରଣ ପତ୍ର ଛପା ଯାଇଛି। ଯେଉଁଥିରେ ହିନ୍ଦୁ ଦେବତା ଗଣେଶଙ୍କ ଫଟୋ ଦେଖିବାକୁ ମିଳିଛି। ଏହା ଉଭୟ ସମ୍ପ୍ରଦାୟ ପାଇଁ ଏକ ଭଲବାର୍ତ୍ତା ଦେଉଛି ବୋଲି ଆଲୋଚନା ହେଉଛି। ଉକ୍ତ ବିବାହ ନିମନ୍ତ୍ରଣପତ୍ରରେ ଭଗବାନ ଗଣେଶ ଗଣେଶଙ୍କ ସହ ରାଧା କୃଷ୍ଣଙ୍କର ଫଟୋ ମଧ ରହିଛି। କେବଳ ସେତିକି ନୁହେଁ, ଏଥିରେ ଚାନ୍ଦ ମୁବାରକ ବୋଲି ପ୍ରିଣ୍ଟ କରାଯାଇଛି। ଏହି ନିମନ୍ତ୍ରଣପତ୍ର ଦୁଇ ମୁସଲ୍‌ମାନ ପରିବାର ମଧରେ ତ ବନ୍ଧୁତା ସ୍ଥାପନ କରୁଛି, ଏହାସହ ଦୁଇ ସମ୍ପ୍ରଦାୟ ମଧରେ ବି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରୁଛି। ହସ୍ତିନାପୁରର ମହମ୍ମଦ ଶରାଫତ୍ ତାଙ୍କ ଝିଅ ଆସମା ଖାତୁନ୍‌ଙ୍କ ନିକାହ ପାଇଁ ଏହି ବିଶେଷ ଧରଣର ବିବାହ କାର୍ଡ ପ୍ରସ୍ତୁତ କରିଥିବା ଜଣାପଡିଛି। ଆଉ ଏହାକୁ ଦେଖିବା ପରି ଅନେକ କହୁଛନ୍ତି, ମୁସଲ୍‌ମାନଙ୍କ ବିବାହରେ ହିନ୍ଦୁ ଦେବତା ଗଣେଶ ନିମନ୍ତ୍ରଣ ଦେଉଛନ୍ତି। ଏହି ବିବାହ ମାର୍ଚ୍ଚ ୪ରେ ଅନୁଷ୍ଠିତ ହେବ।

# ମୁକ୍ତବାୟୁ ଶିଶୁଙ୍କୁ ନକାରାତ୍ମକ ଭାବନାରୁ ଦୂରରେ ରଖିଥାଏ

ଏବେକା ସମୟରେ ଶିଶୁମାନେ ଖୋଲା ପରିବେଶରେ ଖେଳିବା ଏବଂ ବୁଲିବା ବଦଳରେ ଘର ମଧରେ ମୋବାଇଲ୍ ଏବଂ କମ୍ପ୍ୟୁଟର୍‌ରେ ଖେଳିବା ଦେଖିବାକୁ ମିଳୁଛି। ତେବେ ମୁକ୍ତ ବାୟୁ ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ନକାରାତ୍ମକ ଭାବନାଠାରୁ ଦୂରରେ ରଖିବାରେ ସାହାଯ୍ୟ କରିଥାଏ। ଏହା ଏକ ଗବେଷଣାରୁ ସ୍ପଷ୍ଟ ହୋଇଥିବା ଜଣାପଡ଼ିଛି। ପିଲାଙ୍କ ମନରେ ଅନେକ ସମୟରେ ନକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ। ଯଦ୍ୱାରା ସେମାନେ ମାନସିକ ଚାପର ଶିକାର ହେବା ସହ ସ୍ୱାସ୍ଥ୍ୟ ଖରାପ ହେବା ଆଶଙ୍କା ମଧ ରହିଛି। ଏପରି ସ୍ଥିତିରେ ସେମାନଙ୍କ ମନୋବଳ ମଧ ଦୁର୍ବଳ ହୋଇଥାଏ। ସାଉଥ୍ ଚିଲିରେ ୨୭୧ ମାତାପିତା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଗବେଷଣା କରାଯାଇଥିବାବେଳେ ଏଥିମଧ୍ୟରୁ ୧୦୬ ଜଣ ସ୍ଥାନୀୟ ଆଦିମ ମାପୁଚେ ଗୋଷ୍ଠୀର ଥିଲେ। ଅଧ୍ୟୟନ ପାଇଁ ପିଲା ଏବଂ ସେମାନଙ୍କ ଭାବନାକୁ ନେଇ ପ୍ରଶ୍ନପତ୍ର ପ୍ରସ୍ତୁତ ହୋଇଥିବାବେଳେ ସେମାନେ ଏହାର ଉତ୍ତର ଦେଇଥିଲେ। ଆମେରିକାର ନର୍ଥ କାରୋଲିନା ଷ୍ଟେଟ୍ ୟୁନିଭର୍ସିଟିର ପ୍ରଫେସର୍ ଏମି ହୋଲ୍‌ବର୍ଷ୍ଟଙ୍କ କହିବା ହେଲା, ପ୍ରକୃତିର ଖୋଲା ପରିବେଶ ତଥା ମୁକ୍ତ ବାୟୁ ମଧରେ ରହିବା ଦ୍ୱାରା ଶିଶୁମାନେ ଶାନ୍ତ ରହୁଥିବା ମାପୁଚେ ସମ୍ପ୍ରଦାୟର ଅଭିଭାବକମାନଙ୍କ ବିଶ୍ୱାସ। ଏହାଦ୍ୱାରା ପିଲାମାନେ ଶାନ୍ତ ରହିବା ସହ ଚାପ ଓ ନକାରାତ୍ମକ ଭାବନାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥାନ୍ତି ବୋଲି ସେମାନେ କହିଛନ୍ତି। ତେଣୁ ଶିଶୁଙ୍କ ବିକାଶ ଓ ସଫଳତା ପାଇଁ ଅଭିଭାବକମାନେ ଏହାକୁ ଅପଣାଇବା ଉଚିତ୍ ବୋଲି ପ୍ରଫେସର୍ ହୋଲ୍‌ବର୍ଷ୍ଟ କହିଛନ୍ତି।

# ଆସିଲା 'ହିରୋପନ୍ତି-୨'ର ପ୍ରଥମ ଲୁକ୍



ଟାଇଗର୍ ଶ୍ରଫ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ଟାଇଗର୍ ଶ୍ରଫ୍‌ଙ୍କ ପ୍ରଶଂସକଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ତାଙ୍କ ଅଭିନୀତ ସଫଳ ଫିଲ୍ମ 'ହିରୋପନ୍ତି'ର ଦ୍ୱିତୀୟ ପାର୍ଟ ନିର୍ମାଣ ହେବାକୁ ଯାଉଛି। ଏଥିପାଇଁ ଅଫିସିଆଲ ଆନାଉନ୍‌ସ ମଧ ସରିଛି। ଇତିମଧରେ ଫିଲ୍ମରେ ଟାଇଗରଙ୍କ ପ୍ରଥମ ଲୁକ୍ ସମ୍ମୁଖକୁ ଆସିଛି। ନିଜେ ଟାଇଗର ଫଟୋଟିକୁ ନିଜ ଟ୍ୱିଟର ଆକାଉଣ୍ଟରେ ଶେୟାର କରିଛନ୍ତି। ଏଥିରେ ତାଙ୍କୁ ଆକ୍ସନ୍ ମୁଡ୍‌ରେ ଦେଖିବାକୁ ମିଳୁଛି। ପୋଷ୍ଟରରେ ସେ ବନ୍ଧୁକ ଧରିଛନ୍ତି। 'ହିରୋପନ୍ତି-୨' ଜୁଲାଇ ୨୦୨୧ରେ ରିଲିଜ୍ ହେବ ବୋଲି ଜଣାପଡ଼ିଛି। ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ରହିଛନ୍ତି ଅହମ୍ମଦ ଖାନ୍।



# ଗିଟାର ଆକୃତିର ହୋଟେଲ

**ୱାଶିଂଟନ:** ବିଭିନ୍ନ ପ୍ରକାର ହୋଟେଲ ଦେଖିଥିବେ। ମାତ୍ର ଗିଟାର ଆକୃତିର ହୋଟେଲ କେବେ ଦେଖିଛନ୍ତି କି? ଏପରି ହୋଟେଲ ଆମେରିକାର ଫ୍ଲୋରିଡ଼ାର ହଲିଉଡ୍‌ରେ ରହିଛି। ୩୨ ମହଲା କୋଠା ବିଶିଷ୍ଟ ଏହି ହୋଟେଲଟି ୪୫୦ଫୁଟ ଉଚ୍ଚର ହୋଇଥିବା ବେଳେ ଏଥିରେ ୬୩୮ଟି ବିଳାସପୂର୍ଣ୍ଣ କୋଠରି ରହିଛି। ଗୋଟିଏ କୋଠରିରେ ରାତିରେ ରହିବାକୁ ହେଲେ ଗ୍ରାହକଙ୍କୁ ୭୦ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଏହି ହୋଟେଲ ନିର୍ମାଣରେ ୧.୫ ବିଲିୟନ ଡଲାର ଖର୍ଚ୍ଚ ହୋଇଛି। ଖାଲି ଗିଟାର ଆକୃତିର ନୁହେଁ, ଏଠାରେ ସଙ୍ଗୀତର ମୂର୍ଚ୍ଛନା ପାଇଁ ମଧ ସୁବ୍ୟବସ୍ଥା କରାଯାଇଛି। ଏଥିରେ ଏକ ବଡ଼ ହଲ୍ ରହିଛି, ଯେଉଁଠାରେ ୬,୫୦୦ ଅତିଥି ଏକାଠି ବସି କାର୍ଯ୍ୟକ୍ରମ ଉପଭୋଗ କରିପାରିବେ। ଏଥିସହିତ କ୍ୟାମ୍ପସ୍‌ର ୧୩ ଏକର ଜମିରେ ଏକ ଲାଗୁନ ପୁଲ୍, ୩୨ ହଜାର ବର୍ଗଫୁଟରେ ସ୍ପା ଏବଂ ସେଲୁନ୍ ଆଦି ରହିଛି। ହୋଟେଲ କାନ୍ଥରେ ଛୋଟଛୋଟ ଗଛ ମଧ ଲଗାଯାଇଛି। ଏଠାରେ ୧୯ଟି ରେଷ୍ଟୁରାଣ୍ଟ ରହିଛି। ହୋଟେଲର ନିର୍ମାଣଶୈଳୀ ବେଶ୍ ଆକର୍ଷଣୀୟ ହୋଇଛି।

**ରାତିକୁ ଦେବାକୁ ପଡ଼େ ମାତ୍ର ୭୦ ହଜାର**

## ବିମାନରେ ସ୍ଲିପିଂ ପ୍ୟାଡ୍

# ଆରାମରେ ଶୋଇ ଯାତ୍ରା କରିପାରିବେ

**ଅକ୍‌ଲାଣ୍ଡ:** ବିମାନ ଯାତ୍ରା ସମୟରେ ଯାତ୍ରୀମାନେ ଶୋଇବା ପାଇଁ ଏୟାର ନ୍ୟୁଜିଲାଣ୍ଡ ଇକୋନୋମି କ୍ଲାସରେ ସ୍ଲିପିଂ ପ୍ୟାଡ୍ ତିଆରି କରାଯାଇଛି। ଏହାର ନାମ 'ସ୍କାଇନେଷ୍ଟ' ଦିଆଯାଇଛି। ବୁଧବାର ବିମାନ କମ୍ପାନୀ ପେଣ୍ଟେଟ୍ ଏବଂ ଟ୍ରେଡ୍‌ମାର୍କ ପାଇଁ ଆବେଦନ କରାଯାଇଛି। ୩ ବର୍ଷ ଧରି ୨୦୦ ଗ୍ରାହକଙ୍କ ଉପରେ ପରୀକ୍ଷା କରାଯିବା ପରେ ଏହା ପ୍ରସ୍ତୁତ କରାଯାଉଛି।

ଏୟାର ନ୍ୟୁଜିଲ୍ୟାଣ୍ଡର ଘୋଷଣା ଅନୁଯାୟୀ, ବିମାନ ଇକୋନୋମି କ୍ୟାବିନ୍‌ରେ ୬ ଫୁଟ ଲମ୍ବର ଫ୍ଲାଟ୍ ସ୍ଲିପ୍ ପ୍ୟାଡ୍ (ଶୋଇବା ପାଇଁ ବେଡ୍) କରାଯିବ। ବିମାନ ଭିତର ସ୍କାଇନେଷ୍ଟ ବାସ୍ତବିକ ସ୍ଥିତି ପୂରା ହେବାକୁ ଆହୁରି ସମୟ ଲାଗିବ। ପ୍ରତ୍ୟେକ ବେଡ୍ ୬.୫ ଫୁଟ ଲମ୍ବ ଏବଂ ୧.୮ ଫୁଟ ଚଉଡ଼ା ରହିଛି। ଏହା ଭିତରେ ତକିଆ, ବେଡ୍‌ସିଟ୍, କମ୍ବଳ, ଏୟାର ପ୍ଲଗ୍‌ସ ଏବଂ ଏକ ସ୍କ୍ରିନ୍ ବା ପର୍ଦ୍ଦା ରହିବ। ଏହା ବ୍ୟତୀତ ବହି ପଢ଼ିବା ପାଇଁ ଲାଇଟ୍ ମଧ ଲଗାଯିବ। ଅକ୍ଟୋବରରୁ ବିମାନଯାତ୍ରୀଙ୍କୁ ଏହି ସେବା ଯୋଗାଇ ଦିଆଯିବ। ଗୋଟିଏ ବିମାନରେ ୬ଟି ବେଡ୍ ରହିବ। ଏ ସମ୍ପର୍କରେ ଏୟାରଲାଇନ୍ ଜେନେରାଲ ମ୍ୟାନେଜର ନିକ୍କି ଗୁଡ୍‌ମ୍ୟାନ୍ କୁହନ୍ତି, ଅଧିକ ଦୂର ଯାତ୍ରା କରୁଥିବା ବିମାନଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଫଳରେ ଯାତ୍ରୀମାନେ ଥକ୍କା ଅନୁଭବ ନ କରି ଆରାମରେ ଶୋଇ ଯାଇପାରିବେ। ଏହି ବେଡ୍ ପାଇଁ ଯାତ୍ରୀମାନଙ୍କୁ କେତେ ଟଙ୍କା ଅଧିକ ଦେବାକୁ ପଡ଼ିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।





ଜେନିଫର ଏଟିକ୍

# ଓଜନ କମାଇ ଜିତିଲେ 'ମିସ୍ ଗ୍ରେଟ ବ୍ରିଟେନ'

**ଲଣ୍ଡନ:** ଅତ୍ୟଧିକ ମେଦବହୁଳତା ସମସ୍ତଙ୍କ ପାଇଁ ସମସ୍ୟାର କାରଣ ପାଲଟିଥାଏ। ଏଥିଯୋଗୁ ବସିବା, ଉଠିବା ବା କାମ କରିବା କଷ୍ଟକର ହୋଇପଡିଥାଏ। ବେଳେ ବେଳେ ଲୋକମାନେ ଏଥିଯୋଗୁ ଡିପ୍ରେସନ୍‌କୁ ପଳାଇଥାନ୍ତି। ବ୍ରିଟେନ୍ ଲିନ୍‌କୋଲନଶାୟରର ଅଲକେବି ସହରରେ ରହୁଥିବା ୨୬ ବର୍ଷୀୟ ଜେନିଫର ଏଟିକ୍ ନିକଟରେ ମିସ୍ ଗ୍ରେଟ୍ ବ୍ରିଟେନ-୨୦୨୦ର ଖ୍ୟାତି ହାସଲ କରିଛନ୍ତି। ବହୁ ପରିଶ୍ରମ ବଳରେ ସେ ଏହି ଖ୍ୟାତି ହାସଲ କରିଥିବା ଜଣାପଡ଼ିଛି। ଗତ ୨ବର୍ଷ ପୂର୍ବରୁ ଜେନିଫର ବହୁ ମୋଟା ଥିଲେ। ସେତେବେଳେ ତାଙ୍କର ଓଜନ ୧୦୯ ଥିବା ବେଳେ ଏବେ ତାଙ୍କର ଓଜନ ହ୍ରାସ ହୋଇ ୫୬ କିଲୋ ରହିଥିବା ଜଣାପଡ଼ିଛି। ଏଥିପାଇଁ ତାଙ୍କୁ ୨ବର୍ଷ ସମୟ ଲାଗିଥିଲା। ଏଭଳି କରିବା ପାଇଁ ଜେନିଫରଙ୍କୁ ଭାବି ସ୍ୱାମୀ ଓ ତାଙ୍କର ପସନ୍ଦର ଡ୍ରେସ୍‌ଠାରୁ ପ୍ରେରଣା ମିଳିଥିଲା ବୋଲି ସେ କୁହନ୍ତି। ସୂଚନା ମୁତାବକ ତାଙ୍କର ମେଦବହୁଳତା ଯୋଗୁ ତାଙ୍କ ଭାବି ସ୍ୱାମୀ ତାଙ୍କଠାରୁ ଦୂରେଇ ଯାଇ ବିବାହ ଭାଙ୍ଗି ଦେଇଥିଲେ। ସେହିଦିନ ସେ ଭାଙ୍ଗି ନ ପଡ଼ିବା ସହ ଓଜନ ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ସେ ଡାଏଟ୍ କଣ୍ଟ୍ରୋଲ କରିବା ସହ ଲଗାତର ଜିମ୍‌ରେ ଝାଳ ବୁହାଇଥିଲେ। ଫଳରେ ଜେନିଫର ୨ବର୍ଷ ଭିତରେ ନିଜର ୧୦୦ ପାଉଣ୍ଡ ବା ପ୍ରାୟ ୪୬ କିଲୋ ଓଜନ ହ୍ରାସ କରିଥିଲେ। ଯାହା ଆଜି ତାଙ୍କ ଜୀବନକୁ ଏକ ଦିଗ ଦେବା ସହ ସମ୍ପୂର୍ଣ୍ଣ ବଦଳାଇଦେଇଛି। ଏହି ପରିଶ୍ରମ ପାଇଁ ଜେନିଫର ଆଜି ମିସ୍ ଗ୍ରେଟ୍ ବ୍ରିଟେନ-୨୦୨୦। ଏହା ପୂର୍ବରୁ ସେ ମିସ୍ ସ୍କିନଥର୍ପ ଓ ମିସ୍ ଇଂଲଣ୍ଡ-୨୦୧୮ର ରନର୍ସ ଅପ୍ ରହିସାରିଛନ୍ତି।



# ମାଗାଜିନ୍ ପାଇଁ ସୋନାକ୍ଷୀଙ୍କ ଫଟୋଶୁଟ୍

**ମୁମ୍ବାଇ:** ବଲିଉଡ୍ ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନାଙ୍କ ହାତରେ ଏବେ ଭଲ ଅଫର୍ ନାହିଁ ବୋଲି ଶୁଣିବାକୁ ମିଳିଛି। ହେଲେ ତାଙ୍କର ଗ୍ଲାମରସ୍ ଲୁକ୍ ଆଜି ବି ଦର୍ଶକଙ୍କୁ କିମିଆ କରେ। ବଲଉଡ୍‌ର ଏହି ଆଗଧାଡିର ନାୟିକା ଏବେ ଏକ ମାଗାଜିନ୍ ପାଇଁ ଫଟୋ ଶୁଟ୍ କରିଥିବା ଜଣାପଡିଛି। ପିକକ୍ ମାଗାଜିନ ପାଇଁ ଫଟୋଶୁଟ୍ କରିବା ପରେ ସେ ଏହାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯେଉଁଥିରେ ସୋନାକ୍ଷୀଙ୍କ ଗ୍ଲାମାରସ ଲୁକ୍ ଦେଖିବାକୁ ମିଳିଛି। ଏହାକୁ ଦେଖି ଦର୍ଶକେ କହିଛନ୍ତି, ଏବେ ସୋନାକ୍ଷୀ ହଟ୍ ଅବତାରକୁ ଆପଣାଇ ସାରିଛନ୍ତି। ଶେଷଥର ପାଇଁ 'ଦବଙ୍ଗ ୩'ରେ ଦେଖାଦେଇଥିବା ଏହି ନାୟିକାଙ୍କ ଫଟୋଶୁଟ୍ ତାଙ୍କ ପ୍ରଶଂସକଙ୍କୁ ବେଶ୍ ଆନନ୍ଦ ଦେଇଛି।



## ଷ୍ଟାଚ୍ୟୁ, ଷ୍ଟାଡିୟମ୍ ପରେ

# ଗୁଜରାଟରେ ହେବ ସର୍ବୋଚ୍ଚ ମନ୍ଦିର

**ଅହମଦାବାଦ:** ବିଶ୍ୱର ସବୁଠାରୁ ବଡ଼ କ୍ରିକେଟ ଷ୍ଟାଡିୟମ୍ ମୋଟେରା ଓ ବିଶ୍ୱର ସବୁଠାରୁ ଉଚ୍ଚ ପ୍ରତିମା ଷ୍ଟାଚ୍ୟୁ ଅଫ୍ ୟୁନିଟି ପରେ ଏବେ ଗୁଜରାଟରେ ସବୁଠାରୁ ଉଚ୍ଚ ମନ୍ଦିର ତିଆରି ହେବାକୁ ଯାଉଛି। ଏହା ସହିତ ଗୁଜରାଟ ଇତିହାସରେ ଆଉ ଏକ ରେକର୍ଡ ଯୋଡ଼ା ହେବାକୁ ଯାଉଛି। ଗୁଜରାଟର ଏହି ମନ୍ଦିର ବୈଷ୍ଣୋଦେବୀ-ଜାସପୁର ନିକଟ ପଟିଦାର ସମ୍ପ୍ରଦାୟର କୁଳଦେବୀ ମା' ଉମିଆଙ୍କ ହେବ ବୋଲି ଜଣାପଡ଼ିଛି। ଏହି ମନ୍ଦିର ପ୍ରାୟ ୧୦୦ ବର୍ଗଫୁଟ୍ ଜମିରେ ତିଆରି କରାଯିବ। ଏହାର ଉଚ୍ଚତା ୪୩୧ ଫୁଟ୍ ଥିବା ବେଳେ ନିର୍ମାଣ ପାଇଁ ୧ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଜର୍ମାନ ଓ ଭାରତୀୟ ଆର୍କିଟେକ୍ ମିଶି ଏହି ମନ୍ଦିରର ଡିଜାଇନ୍ କରିଥିବା ଜଣାପଡ଼ିଛି। ମନ୍ଦିର ଭିତର ଭାଗର ଦର୍ଶକ ଗ୍ୟାଲେରୀରୁ ଅହମଦାବାଦ ସହରର ପୂରା ଦୃଶ୍ୟ ଦେଖାଯିବ। ଏହି ଗ୍ୟାଲେରୀ ପ୍ରାୟ ୮୨ ମିଟର ଉଚ୍ଚ ରହିବ। ସେହିପରି ଏହାର ଗର୍ଭଗୃହକୁ ଭାରତୀୟ ସଂସ୍କୃତି ଅନୁସାରେ ତିଆରି କରାଯିବ ଓ ମନ୍ଦିର ଗର୍ଭଗୃହରେ ମା' ଉମିଆଙ୍କ ପ୍ରତିମୂର୍ତ୍ତି ୫୨ ମିଟର ଉଚ୍ଚରେ ସ୍ଥାପନ କରାଯିବ। ଏଥିସହ ମନ୍ଦିରରେ ଶିବଲିଙ୍ଗ ମଧ ସ୍ଥାପନା କରାଯିବ। ମନ୍ଦିରର ଶିଳାନ୍ୟାସରେ ସାରା ବିଶ୍ୱରୁ ୨ଲକ୍ଷ ଭକ୍ତ ଯୋଗଦେବେ ବୋଲି ସୂଚନା ମିଳିଛି।

**ସଂକ୍ଷେପରେ**

## ୫ ବର୍ଷୀୟା ଶିଶୁ କନ୍ୟାଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

**ପଟ୍ଟାମୁଣ୍ଡାଇ,୨୮।୨(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ଜଣେ ୫ବର୍ଷୀୟା ଶିଶୁକନ୍ୟାଙ୍କୁ ଗୁରୁବାର ବିଳମ୍ବିତ ରାତିରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଛି । ଶିଶୁକନ୍ୟାଙ୍କ ବାପା ରାଜ୍ୟ ବାହାରେ କାମ କରନ୍ତି । ଗୁରୁବାର ରାତିରେ ସେ ମା'ଙ୍କ ପାଖରେ ଶୋଇଥିଲେ । କୌଣସି କାରଣରୁ ତାଙ୍କ ମା' ଉଠି ବାହାରକୁ ଯାଇଥିବା ବେଳେ ସୁଯୋଗ ଉଣ୍ଡି ସେହି ଗ୍ରାମର ଜଣେ ଯୁବକ ଘର ଭିତରେ ପଶି ତାଙ୍କୁ ବଳାତ୍କାର କରିଥିଲେ । ଏ ନେଇ ତାଙ୍କ ମା' ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କେସ ନମ୍ବର ୯୯/୨୦୨୦ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

# ସପ୍ତାହରେ ଦିନଟିଏ ଖଦି

**ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ଅଭିନବ ପ୍ରୟାସ**

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ଯୁବପିଢ଼ିଙ୍କୁ ଖଦି ପ୍ରତି ଆକର୍ଷିତ କରିବାକୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ। ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଖଦି ପରିଧାନ କରିବା ପାଇଁ ବୋର୍ଡ ପକ୍ଷରୁ ଯୁବବର୍ଗଙ୍କୁ ନିବେଦନ କରାଯାଇଛି। ଏନେଇ 'ସପ୍ତାହରେ ଦିନଟିଏ ଖଦି' ଶୀର୍ଷକ ରାଜ୍ୟସ୍ତରୀୟ ଖଦି ସଚେତନତା ସମାରୋହ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଖଦି ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସମାରୋହରେ ଖଦିର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋଚନା କରାଯିବା ସହ ଖଦିବସ୍ତ୍ର ପରିଧାନର ଉପାଦେୟତା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ଓ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ଦେଶ ପାଇଁ ଗାନ୍ଧିଜୀଙ୍କ ବଳିଦାନ ଓ ଖଦି ପ୍ରତି ଉତ୍ସର୍ଗୀକୃତ ଅବଦାନ ସମ୍ପର୍କରେ କହିଥିଲେ। ଖଦି ବ୍ୟବହାର ପାଇଁ ଜନସାଧାରଣଙ୍କୁ ନିବେଦନ କରିବା ସହ ଯୁବବର୍ଗ ଏଥିପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିବାକୁ କହିଥିଲେ। ଶକ୍ତି ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ସମାରୋହକୁ ଉଦ୍‌ଘାଟନ କରି ଖଦିର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀଚରଣ ପଟ୍ଟନାୟକ ଯୋଗଦେଇ ଖଦି ସହିତ ଗାନ୍ଧିଜୀଙ୍କର ଥିବା ଆତ୍ମିକ ସମ୍ପର୍କ ବିଷୟରେ ଅବତାରଣା କରିଥିଲେ। ଗାନ୍ଧିଜୀ ନିଜେ ଚରଖାରେ ସୂତା କାଟି ତାହାକୁ ପିନ୍ଧୁଥିଲେ। ନିଜ ରୁଚିରେ ପରିବର୍ତ୍ତନ ଆଣି ଖଦି ପରିଧାନ କରିବା ସହିତ ଜଣେ ଜଣେ ସଚ୍ଚା ଭାରତୀୟ ଭାବେ ଗର୍ବ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଖଦିକୁ ଜନସାଧାରଣଙ୍କ ଅଧିକ ନିକଟତର କରିବା ପାଇଁ ଖଦିବୋର୍ଡର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ତଥା ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଥିଲେ, ଖଦି ଆମର ପରିଚୟ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଖଦିକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇଥିଲା। ସପ୍ତାହରେ ଅନ୍ତତଃ ଦିନଟିଏ ଖଦି ପରିଧାନ କରିପାରିଲେ ତାହା ଗାନ୍ଧିଜୀଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମନ୍ତ୍ରୀ ଦାସ କହିଥିଲେ। ସରକାରୀ ଓ ବେସରକାରୀ କର୍ମଚାରୀ, ସମସ୍ତ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନେ ସପ୍ତାହରେ ଦିନଟିଏ ଖଦିବସ୍ତ୍ର ପରିଧାନ କରିବାକୁ ବିଧାୟକ ସୁଶାନ୍ତ କୁମାର ରାଉତ ଆହ୍ୱାନ ଦେଇଥିଲେ। ସମାରୋହରେ ଖଦିବୋର୍ଡ ଦ୍ୱାରା ଆର୍ଥିକ ସହାୟତାପ୍ରାପ୍ତ ସଫଳ ଉଦ୍ୟୋଗୀମାନଙ୍କର ଏକ ପ୍ରାମାଣିକ ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୋର୍ଡର ସଦସ୍ୟ ସୌଭାଗ୍ୟ ରାଉତ, ପୃଥ୍ୱୀରାଜ ସାହୁ, ବୋର୍ଡ ଉପସଚିବ ରେଣୁପ୍ରଭା ନାୟକ ଉପସ୍ଥିତ ଥିବାବେଳେ ଶେଷରେ ବୋର୍ଡ ସଚିବ ଅବଦୁଲ ଅଲିମ୍ ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମକୁ ଶକ୍ତି ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରୁଛନ୍ତି।

# ଶାହାଙ୍କ ରୁଦ୍ଧଦ୍ୱାର ବୈଠକରେ ସାଙ୍ଗଠନିକ ପାଠ

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨୦୧୯ ସାଧାରଣ ନିର୍ବାଚନ ପରେ ଶୁକ୍ରବାର ପ୍ରଥମ ଥର ପାଇଁ ଓଡ଼ିଶା ଆସି ଭାଜପା ପକ୍ଷରୁ ଏଠାରେ ଆୟୋଜିତ ସିଏଏ ସପକ୍ଷ ସମାବେଶରେ ଯୋଗଦେଇଥିଲେ। ରାଜ୍ୟରେ ଭାଜପାର ଭୋଟ ପ୍ରତିଶତ ବଢ଼ିଥିବାରୁ ସେ ଓଡ଼ିଶାବାସୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ରାଜ୍ୟରେ ଭାଜପା ଶୀର୍ଷ ସ୍ଥାନକୁ ଯିବା ପାଇଁ ଏକ ବଡ଼ ଲମ୍ଫ ଦରକାର ବୋଲି ସେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ କହିଥିଲେ। ସମାବେଶ ଶେଷ ହେବା ପରେ ଶାହା ସ୍ଥାନୀୟ ଏକ ଘରୋଇ ହୋଟେଲକୁ ସିଧା ଯାଇଥିଲେ। ସେଠାରେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ। ବୈଠକରେ ବିଧାୟକ, ଏମ୍‌ପି ସମେତ ପୂର୍ବତନ ବିଧାୟକ, ଏମ୍‌ପି ଏବଂ ଟିକେଟ ପାଇଥିବା ନେତାମାନେ ସାମିଲ ହୋଇଥିଲେ। ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିବାବେଳେ ବୈଠକର କୌଣସି ଖବର ଯେପରି ଗଣମାଧ୍ୟମକୁ ନ ଯାଏ ସେଥିପ୍ରତି ଶପଥ କରାଇଥିବା ଜଣାପଡିଛି। ଶାହା ମନା କରିଥିବାରୁ ବୈଠକ ସମ୍ପର୍କରେ ମୁହଁ ଖୋଲିବା ପାଇଁ ଅଧିକାଂଶ ନେତା ମନା କରିଥିଲେ। ତେବେ ମିଳିଥିବା ସୂଚନା ମୁତାବକ ଶାହା ୪୦ ମିନିଟ୍ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ବୁଥ୍, ମଣ୍ଡଳ ଏବଂ ଜିଲାସ୍ତରରେ କିଭଳି ସକ୍ରିୟ ସଦସ୍ୟ କରାଯିବ ସେନେଇ କହିଥିଲେ। ବିଶେଷ କରି ପ୍ରତ୍ୟେକ ବୁଥ୍‌ରେ ଅତିକମ୍‌ରେ ୧୦୦ଜଣ ଲେଖା ସକ୍ରିୟ କାର୍ଯ୍ୟକର୍ତ୍ତା ସୃଷ୍ଟି ଉପରେ ସେ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି। ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ସବୁ ବୁଥ୍‌ରେ ଜଣାଇବା ଓ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କରେ ଲୋକଙ୍କ ପାଖକୁ ଯାଇ ବୁଝାଇବା ଉପରେ ଧ୍ୟାନ ଦେବାକୁ ସେ କହିଥିଲେ। ଏହାସହ ଆସନ୍ତା ପଞ୍ଚାୟତ, ମ୍ୟୁନିସିପାଲିଟି ନିର୍ବାଚନରେ ଦଳର ପ୍ରଦର୍ଶନ ଯେପରି ଭଲ ହେବ ଏବଂ ନିର୍ବାଚନ ପୂର୍ବରୁ ଯେପରି ସବୁ ସ୍ତରରେ ସକ୍ରିୟ ସଦସ୍ୟ ହୋଇସାରିଥିବେ ସେନେଇ ସେ ଆଲୋଚନା କରିଥିବା ଜଣାପଡ଼ିଛି।

# ସୂର୍ଯ୍ୟମନ୍ଦିର ସଂରକ୍ଷଣ, ରକ୍ଷଣାବେକ୍ଷଣକୁ ଗୁରୁତ୍ୱ

■ ଏଏସ୍‌ଆଇ ଆନୁକୂଲ୍ୟରେ ଜାତୀୟ କର୍ମଶାଳା ଉଦ୍‌ଘାଟିତ
■ ମନ୍ଦିର ସ୍ଥିତି ପରଖିଲେ ଏଏସ୍‌ଆଇ ମହାନିର୍ଦ୍ଦେଶିକା, ବିଶେଷଜ୍ଞ

**କୋଣାର୍କ, ୨୮।୨(ଡି.ଏନ୍.ଏ.)**

କୋଣାର୍କ ସୂର୍ଯ୍ୟମନ୍ଦିରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନେଇ ଶୁକ୍ରବାର ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଆନୁକୂଲ୍ୟରେ ଦୁଇଦିନିଆ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ଆୟୋଜିତ ଏହି କର୍ମଶାଳାକୁ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶିକା ଉଷା ଶର୍ମା ଉଦ୍‌ଘାଟନ କରିଥିଲେ। ସୂର୍ଯ୍ୟମନ୍ଦିର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଉପରେ ମହାନିର୍ଦ୍ଦେଶିକା ଶର୍ମା ଗୁରୁତ୍ୱାରୋପ କରିଛନ୍ତି। ୨୦୧୦ ମସିହା ଜାତୀୟ ସମ୍ମିଳନୀରେ ବିଶେଷଜ୍ଞ ପ୍ରତିନିଧି ଦଳ ଓ ସିବିଆରଆଇ ସଂସ୍ଥା ଦେଇଥିବା ରିପୋର୍ଟ ଭିତ୍ତିରେ ଏହି ସଂରକ୍ଷଣ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଏଏସ୍‌ଆଇ ମହାନିର୍ଦ୍ଦେଶିକାଙ୍କ ସମେତ ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ସ୍ଥିତି ପରଖିଛନ୍ତି।

ସୂର୍ଯ୍ୟମନ୍ଦିରର ସ୍ଥିତାବସ୍ଥା ଅନୁଧ୍ୟାନ, ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଏନ୍.କେ. ମହାନ୍ତି କର୍ମଶାଳାରେ ଯୋଗଦେଇ ସୂର୍ଯ୍ୟମନ୍ଦିରରେ ବର୍ଷାଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା, ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଚାରାରୋପଣ, ଗର୍ଭଗୃହରୁ ବାଲି କାଢ଼ିବା କିମ୍ବା ଦବିଯାଇଥିବା ସ୍ଥାନରେ ବାଲି ଭର୍ତ୍ତି କରିବା, ମୁଖଶାଳା ଓ ମନ୍ଦିର ଚତୁଃପାର୍ଶ୍ୱ ବେଢ଼ା ସମୂହକୁ ରାସାୟନିକ ପ୍ରଲେପ ଦ୍ୱାରା ସଂରକ୍ଷଣ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଏସବୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ କହିଥିଲେ। ପରେ ଏଏସ୍‌ଆଇ ମହାନିର୍ଦ୍ଦେଶିକା ଶର୍ମା, ସିବିଆର୍‌ଆଇର ଜଣେ ଅଧିକାରୀ, ଚେନ୍ନାଇ ଆଇଆଇଟିର ଜଣେ ବିଶେଷଜ୍ଞ ଏବଂ ଅନ୍ୟ ଅଧିକାରୀମାନେ ସୂର୍ଯ୍ୟମନ୍ଦିର ବୁଲି ସ୍ଥିତାବସ୍ଥା ଅନୁଧ୍ୟାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଓ ଜଗମୋହନର ସ୍ଥିତାବସ୍ଥା କିଭଳି ରହିଛି ତାହାର ଯାଞ୍ଚ କରିଥିଲେ। ଆମିକସ୍ କ୍ୟୁରିଙ୍କ ରିପୋର୍ଟ ଏବଂ ବିଶେଷଜ୍ଞ କମିଟିର ଅନୁଧ୍ୟାନ ସଂକ୍ରାନ୍ତ ରିପୋର୍ଟ ଆଧାରରେ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ସମେତ ପାରିପାର୍ଶ୍ୱିକ ଉନ୍ନୟନ ନେଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଶେଷଜ୍ଞ ପଦ୍ମଶ୍ରୀ ଜି.ସି ମିତ୍ର ପ୍ରକାଶ କରିଛନ୍ତି । କର୍ମଶାଳାରେ ବିଶେଷଜ୍ଞ ମିତ୍ରଙ୍କ ସମେତ ରାଜ୍ୟ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଆମିକସ୍ କ୍ୟୁରି ମହାନ୍ତି, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ, ଏଏସ୍‌ଆଇର ପୂର୍ବତନ ମହାନିର୍ଦ୍ଦେଶକ ଡ. ବି. ଆର୍. ମଣି, ଏ.ବି. ତ୍ରିପାଠୀ, ସଞ୍ଜୟ ଆଚାର୍ଯ୍ୟ, ଅନିଲ ଧୀର, ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ଐତିହ୍ୟସ୍ଥଳୀର ବିଶେଷଜ୍ଞମାନେ ଯୋଗଦେଇଛନ୍ତି। କର୍ମଶାଳାକୁ ସ୍ଥାନୀୟ ଏଏସ୍‌ଆଇ ଅଧିକାରୀ ନିରୋଜ ସିଂ ଏବଂ ମ୍ୟୁଜିୟମ ଅଧିକାରୀ ପ୍ରତାପ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ ।



ମନ୍ଦିର ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ।

# କଂଗ୍ରେସର ବିକ୍ଷୋଭ, ଶାହାଙ୍କ ଇସ୍ତଫା ଦାବି



ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଓଡ଼ିଶା ଗସ୍ତ ପ୍ରତିବାଦରେ ଶୁକ୍ରବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ଆହ୍ୱାନରେ ରାଜ୍ୟର ଅନେକ ସ୍ଥାନରେ ଜିଲା କମିଟି ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦିଲ୍ଲୀରେ ଦେଖାଦେଇଥିବା ହିଂସାକୁ ନେଇ ଏହି ପ୍ରତିବାଦ କରାଯାଇଥିବାବେଳେ ଶାହାଙ୍କ ଇସ୍ତଫା ଦାବି ମଧ୍ୟ କରିଛନ୍ତି। ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ କାର୍ଯ୍ୟକାରୀ ସଭାପତି ରଶ୍ମି ମହାପାତ୍ରଙ୍କ ନେତୃତ୍ୱରେ ଏକ ରାଲି କଂଗ୍ରେସ ଭବନରୁ ବାହାରି ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯାଇଥିଲା। ଶାହାଙ୍କ ଇସ୍ତଫା ଦାବିରେ ଭୁବନେଶ୍ୱର ଜିଲା କମିଟିର ସଦସ୍ୟମାନେ ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏହି ଅବସରରେ ରଶ୍ମି ମହାପାତ୍ର କହିଛନ୍ତି ଯେ, ଗୁଜରାଟ ଦଙ୍ଗାକାରୀ ଆଜି ଦେଶରେ ସମାନ ପରିସ୍ଥିତି ସୃଷ୍ଟି କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସେତେବେଳେ ଏମାନଙ୍କୁ 'ମୌତ୍ କା ସୌଦାଗର' ବୋଲି କହିଥିଲେ। ଗୁଜରାଟ ମଡେଲରେ ଭାରତବର୍ଷର ବିକାଶ ନାରା ଦେଇଥିବା ପ୍ରଧାନମନ୍ତ୍ରୀ ଆଜି ଦେଶରେ ଗୁଜରାଟ ମଡେଲ ଦଙ୍ଗା କରୁଛନ୍ତି। ବିଶେଷକରି ଦିଲ୍ଲୀ ଜଳୁଥିବା ବେଳେ ସିଏଏ, ଏନ୍‌ଆରସି ଏବଂ ଏନ୍‌ପିଆର ସମର୍ଥନରେ କେନ୍ଦ୍ର ସରକାରଙ୍କ ପୃଷ୍ଠପୋଷକତାରେ ଦେଶରେ କୋଟି କୋଟି ଟଙ୍କା ବ୍ୟୟରେ ଦଳୀୟ ଏବଂ ଜନବିରୋଧୀ ରାଲି କରାଯାଉଛି। ଏହି କାର୍ଯ୍ୟକ୍ରମରେ ଗୁରୁପଦ ନନ୍ଦ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ଜ୍ଞାନଦେବ ବେଉରା, ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ କଟକଠାରେ ମଧ୍ୟ ବିଶାଳ ପ୍ରତିବାଦ ସଭା କରାଯାଇ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି।

**ଜିଲା ଟିଠି**



**କୋରାପୁଟ**

## ଦଲାଲଙ୍କ ମସୁଧା

କୋରାପୁଟ ଜିଲାରେ ଚାଷୀଙ୍କ ଉତ୍ପାଦିତ ଖରିଫ ଧାନକିଣା ପାଇଁ ପ୍ରଶାସନ ୪୪ଟି ମଣ୍ଡି ସ୍ଥାପନ କରିଥିଲା। ପ୍ରଥମ ପର୍ଯ୍ୟାୟରେ ସାଢ଼େ ୧୩ ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ୍ ଥିଲା। ପରବର୍ତ୍ତୀ ୩ଟି ପର୍ଯ୍ୟାୟକୁ ମିଶାଇ ମୋଟ ୨୦ ଲକ୍ଷ ୪୫ ହଜାର କୁଇଣ୍ଟାଲ ଧାନକିଣା ଲକ୍ଷ୍ୟ ରହିଥିଲା। କିନ୍ତୁ ଧାନ କିଣା ପରେ ଗତ ଫେବୃୟାରୀ ୬ରେ ହଠାତ ମଣ୍ଡି ବନ୍ଦ କରାଯାଇଥିଲା। ସେଯାବତ୍ ଜିଲାରେ ୨୬,୦୦୫ ଜଣ ପଞ୍ଜିକୃତ ଚାଷୀଙ୍କ ଯାଞ୍ଚ ପରେ ସେମାନଙ୍କ ମଧ୍ୟରୁ ୨୩,୪୪୧ ଜଣ ଚାଷୀଙ୍କ ୨୦ ଲକ୍ଷ ୯ ହଜାର ୬୨୪ କୁଇଣ୍ଟାଲ ୪୧ କିଲୋଗ୍ରାମ ଧାନ କିଣାଯାଇଛି। ଅବଶିଷ୍ଟ ୩୫ ହଜାର କୁଇଣ୍ଟାଲରୁ ଅଧିକ ଧାନ ମଣ୍ଡି ବନ୍ଦ ହେବା ଯୋଗୁ କିଣାଯାଇ ପାରି ନ ଥିଲା। ଅନ୍ୟପକ୍ଷରେ କାଁ ଭାଁ ଚାଷୀଙ୍କ ଧାନ ରହିଥିବା ବେଳେ ଅଧିକାଂଶଙ୍କ ଧାନ ବିକ୍ରି ହୋଇଛି। ଅବଶିଷ୍ଟ ୩୫ ହଜାର କୁଇଣ୍ଟାଲ ଧାନକିଣା ପାଇଁ ପ୍ରଶାସନ ମଣ୍ଡି ଖୋଲିଥିଲେ। କିନ୍ତୁ ଆଶାନୁସାରେ ଚାଷୀଙ୍କ ଅମଳଧାନ ମଣ୍ଡିକୁ ବିକ୍ରି ପାଇଁ ଆସୁ ନ ଥିଲା। ତେଣୁ ପ୍ରଶାସନ ଓ କ୍ରୟକାରୀ ସଂସ୍ଥାର ରିପୋର୍ଟ ଯାଞ୍ଚ ପରେ ସରକାର ମଣ୍ଡିରେ ଧାନକିଣା ବନ୍ଦ କରିଥିଲେ। ଏବେ ପୁନର୍ବାର ମଣ୍ଡି ଖୋଲାଯାଇ ଧାନକିଣା ଆରମ୍ଭ ହେଲେ ପ୍ରକୃତ ଚାଷୀଙ୍କ ବଦଳରେ ଦଲାଲ ଓ ବ୍ୟବସାୟୀଙ୍କ ଧାନ ବିକ୍ରି ହେବାର ଆଶଙ୍କା ଅଧିକ ରହିଛି। କିଛି ମଣ୍ଡି କମିଟିର ସଭାପତି ଭାବେ ମନୋନୀତ ଚାଷୀମାନେ ମଧ୍ୟ ନାମ ପ୍ରକାଶ ନ କରିବା ସର୍ତ୍ତରେ ପୁନର୍ବାର ମଣ୍ଡି ଖୋଲିବା ସହ ଚାଷୀଙ୍କ ନାମରେ ଧାନ ବିକ୍ରି କରିବାକୁ ଦଲାଲ ଓ ବେପାରୀ ମସୁଧା କରୁଥିବା ଅଭିଯୋଗ କରିଛନ୍ତି। ବିଧାନସଭାରେ ବିଧାୟକମାନେ ଚାଷୀ ଧାନ ବଳି ପଡ଼ିଥିବା ଦାବି କରିବା ପରେ ବୁଧବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କମିଶନର ୨୯ ତାରିଖରେ ଜିଲାସ୍ତରୀୟ ପ୍ରୋକ୍ୟୁରମେଣ୍ଟ କମିଟି (ଡିଏଲ୍‌ପିସି) ବୈଠକ ପୁନର୍ବାର କରିବା ପାଇଁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ଧାନ ବିକ୍ରି ନ ହୋଇ ମଣ୍ଡିରେ ମହଜୁଦ ରହିଛି କି ନା, ମିଲ ମାଲିକ ମଣ୍ଡିରେ ଠିକ୍ ସମୟରେ ଉପସ୍ଥିତ ରହୁଛନ୍ତି କି ନା, କେଉଁ ମଣ୍ଡିରେ ପଞ୍ଜିକୃତ ଚାଷୀଙ୍କ ଅଧିକ ଧାନ ରହିଛି, ସେ ସବୁର ତଦାରଖ କରାଯିବ। ଏନେଇ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ କହିଛନ୍ତି, ଜିଲାରେ ପ୍ରକୃତରେ ଚାଷୀଙ୍କ ଧାନ ଥିଲେ ସରକାରଙ୍କ ନିୟମ ଓ ନିର୍ଦ୍ଦେଶ ଅନୁଯାୟୀ ମଣ୍ଡି ଖୋଲାଯାଇ ଧାନ କିଣାଯିବ।

– ସୁପ୍ରୀତ ପୂଜାରୀ

# ରାଜ୍ୟରେ କୁକୁଡ଼ା ଚାଷ ପ୍ରଭାବିତ

**ଭୁବନେଶ୍ୱର, ୨୮।୨ (ବ୍ୟୁରୋ):** ଗତ ତିନିବର୍ଷ ହେଲା ରାଜ୍ୟର କୁକୁଡା ଚାଷ ଉପରେ ବାର୍ଡ ଫ୍ଲୁ ଦାଉ ସାଧୁଛି। ଏଥିଯୋଗୁ ଚାଷୀମାନେ ବ୍ୟାପକ କ୍ଷତି ସହୁଛନ୍ତି। ସୂଚନାନୁଯାୟୀ, ରାଜ୍ୟର ୪ ପ୍ରମୁଖ ଉପକୂଳବର୍ତ୍ତୀ ଜିଲା ଜଗତ୍‌ସିଂହପୁର, ପୁରୀ, କଟକ ଓ ଖୋର୍ଦ୍ଧାରେ ଲଗାତର ଭାବେ ବାର୍ଡ ଫ୍ଲୁ ପରିଲକ୍ଷିତ ହେଉଛି। ୨୦୧୭-୧୮ ବର୍ଷରେ ଜଗତ୍‌ସିଂହପୁର ଜିଲାର ପାରାଦୀପସ୍ଥିତ ଷଣ୍ଢକୁଦ ଓ ବଡ଼ପଡ଼ିଆ ଅଞ୍ଚଳରେ ବାର୍ଡ ଫ୍ଲୁ ପରିଲକ୍ଷିତ ହୋଇଥିଲା। ସେତେବେଳେ ସର୍ତକତା ପାଇଁ ୧୮୨୩ କୁକୁଡ଼ା ମରାଯିବା ସହ ୨୦ହଜାରରୁ ଅଧିକ ଅଣ୍ଡା ନଷ୍ଟ ହୋଇଥିଲା। ଏଥିପାଇଁ ୨୦୪ଜଣ କୁକୁଡା ଚାଷୀଙ୍କୁ ୨ଲକ୍ଷ ୨୦ହଜାର ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରାଯାଇଥିଲା। ସେହିପରି ୨୦୧୮-୧୯ବର୍ଷରେ ପୁରୀର କୃଷ୍ଣପ୍ରସାଦ ଓ କଟକର ସହରାଞ୍ଚଳରେ ବାର୍ଡ ଫ୍ଲୁ ପରିଲକ୍ଷିତ ହୋଇଥିଲା। ଏଥିପାଇଁ ସେତେବେଳେ କେବଳ କୃଷ୍ଣପ୍ରସାଦ ବ୍ଲକର ବ୍ରାହ୍ମଣଦେଓ ଗାଁରେ ୧୦,୫୮୬ କୁକୁଡ଼ାଙ୍କୁ ମରାଯାଇଥିଲା। ଚାଷୀମାନଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷରୁ ଅଧିକ ଟଙ୍କା ମିଳିଥିଲା। ଏହାଛଡା ସେହି ବ୍ଲକର ପଥରଗଞ୍ଜା ଓ ବୁଢ଼ିବର, ମାଲୁଦ, କହ୍ନେଇପୁର, ଏପିଙ୍ଗ, ନନ୍ଦଳା, ନବ, କଣ୍ଟାବଣିଆ, ନୂଆଗାଁ ଓ ଉଦୟଗିରି ଅଞ୍ଚଳରେ ମଧ୍ୟ ବ୍ୟାପକ କୁକୁଡ଼ା ମରାଯାଇଥିଲା। ସେହିବର୍ଷ କଟକ ସହରାଞ୍ଚଳରେ ଥିବା ସରକାରୀ ବତକ ପ୍ରଜନନ କେନ୍ଦ୍ରରେ ବାର୍ଡ ଫ୍ଲୁ ଆଶଙ୍କାରେ ୬୮୯ ବତକଙ୍କୁ ମରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଭୁବନେଶ୍ୱର ପୌରାଞ୍ଚଳରେ ବାର୍ଡ ଫ୍ଲୁ ପରିଲକ୍ଷିତ ହୋଇଥିଲା। ଓୟୁଏଟି କୁକୁଡ଼ା ଫାର୍ମରେ ଏହି ବାର୍ଡ ଫ୍ଲୁ ହୋଇଥିଲା। ହଜାରେରୁ ଅଧିକ କୁକୁଡ଼ା ମରାଯାଇଥିବାବେଳେ ୩୮ହଜାର ଅଣ୍ଡା ନଷ୍ଟ ହୋଇଥିଲା। କୁକୁଡ଼ା ଓ ଅଣ୍ଡା ବାବଦରେ ଚାଷୀଙ୍କୁ ୨୬ହଜାର ଟଙ୍କାର କ୍ଷତିପୂରଣ ମିଳିଥିଲା। ବାର୍ଡ ଫ୍ଲୁ ଯୋଗୁ ସମ୍ପୃକ୍ତ ଅଞ୍ଚଳ ଓ ଏହାର ଆଖପାଖରେ କୁକୁଡ଼ା ମାଂସ ଓ ଅଣ୍ଡା କାରବାର ବନ୍ଦ ରହିଥିଲା। ପ୍ରାୟ ମାସକ ପରେ ସରକାର ବାର୍ଡ ଫ୍ଲୁ ଜନିତ କଟକଣା ଉଠାଇ ଦେଇଛନ୍ତି।

ଗୋଟିଏ ପଟେ ରାଜ୍ୟର ଅଣ୍ଡା ଉତ୍ପାଦନ କରୁଥିବା କୁକୁଡ଼ାଚାଷୀମାନେ ବାହାର ରାଜ୍ୟର ବ୍ୟବସାୟୀଙ୍କ ଚକ୍ରାନ୍ତର ଶିକାର ହେଉଥିବାବେଳେ ଅନ୍ୟପଟେ ବାର୍ଡ ଫ୍ଲୁ ଯୋଗୁ କୁକୁଡ଼ା ଚାଷୀ ଗୁରୁତର କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଅଲ ଓଡ଼ିଶା ଲେୟାର ଫାର୍ମର୍ସ ଆସୋସିଏଶନ ସାଧାରଣ ସମ୍ପାଦକ ସରୋଜ କୁମାର ପାତ୍ର କୁହନ୍ତି, କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାର୍ଡ ଫ୍ଲୁ ଚିହ୍ନଟ ହେଲେ ରାଜ୍ୟରେ ପ୍ରାୟ ଲୋକେ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାକୁ ଭୟ କରନ୍ତି। ଏପର୍ଯ୍ୟନ୍ତ ଯେତେଥର ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି ସେଥିରେ କୌଣସି କାଜୁଆଲଟି ହୋଇନାହିଁ। ଭାରତରେ ଯେଉଁ ରୋଷେଇ ପ୍ରଣାଳୀ ରହିଛି ସେଥିରେ କୌଣସି ଡିସ୍ ୪୦/୫୦ ଡିଗ୍ରୀ ତାପମାତ୍ରା ତଳକୁ ପ୍ରସ୍ତୁତ ହେଉନାହିଁ। ଯେତେବେଳେ ବି ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି, ତାହା କିଛି ସମୟ ପାଇଁ ହେଉଛି। ସେ ସମୟରେ ତାକୁ ରୋକିବା ପାଇଁ ପ୍ରାକ୍ ସାବଧାନତା ଆପଣାଯାଉଛି। କିନ୍ତୁ ଲୋକମାନଙ୍କ ଏ ଦିଗରେ ଜ୍ଞାନ ନାହିଁ। ସଚେତନତା ଅଭାବରୁ ଲୋକେ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାକୁ ଭୟ କରୁଛନ୍ତି। ଏହାଛଡ଼ା ବାର୍ଡ ଫ୍ଲୁ ହେଲେ ସୋସିଆଲ ମିଡିଆରେ ଏଭଳି ପ୍ରଚାର ହେଉଛି ଯେ, ଲୋକେ ଖାଇବାକୁ ଡରୁଛନ୍ତି। ସର୍ବୋପରି କହିବାକୁ ଗଲେ ବାର୍ଡ ଫ୍ଲୁ ସମୟରେ ଆମର ବହୁତ କ୍ଷତି ହୋଇଥାଏ। ଲୋକଙ୍କୁ ସଚେତନ କରିବା ପାଇଁ ଆମ ସଂଘ ପକ୍ଷରୁ ଚେଷ୍ଟା କରାଯାଉଛି। ନିକଟରେ ସଂଘ ପକ୍ଷରୁ ଗଞ୍ଜାମ ଜିଲାର ହିଞ୍ଜିଳିକାଟୁରେ ମାଗଣାରେ କୁକୁଡ଼ା ମାଂସ ଓ ଅଣ୍ଡା ଦିଆଯାଇଥିଲା। ଲୋକଙ୍କ ମନରୁ ଏହି ଭୟ ଦୂର ହୋଇଥିବା ଜଣାପଡ଼ିଥିଲା।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

DIRECT JOIN
JOB LOCATION : BBSR / CTC
•CUSTOMER CARE
•DATA ENTRY
•RECEPTION
•BACK OFFICE
•SECURITY GUARD
Salary : 8000 to 20,000/-
9090758077, 9114090108

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଡୋଲି, ସୁରତ, ଗୁଜୁରାଟ
9157012447, 9157312448

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary : 27,000/-
Qul : 7th to 10th & above
Contact = 7606804341

ଆବଶ୍ୟକ
ଲାଇଟ ଟ୍ରାନ୍ସପୋର୍ଟ ଲାଇସେନ୍ସ ଥିବା ଡ୍ରାଇଭର-୨ଜଣ, ଇଲେକ୍ଟ୍ରି ଓଲ୍ଡର-୧, କଟା ମେସିନ୍ ଚାଳକ-୨ଜଣ ଆବଶ୍ୟକ। ଦରମା ୧୦,୦୦୦/୧୨,୦୦୦, ରହିବା ସୁବିଧା ଅଛି। ଶୀଘ୍ର ଯୋଗାଯୋଗ :-
9040150146, 9238579309

Urgently Required
Diploma Civil (Fresh/Exp.) -20 Nos., Matric to Graduate - 40 Nos., Auto Cadd - 02 Nos.
(Sal - 5,000 to 50,000)
Contact : 9556880775 7873563668

1. Ayurvedic Clinic ରେ କାମ କରିବା ପାଇଁ ଝିଅ ପିଲା ଏବଂ ସ୍ତ୍ରୀ ଲୋକ ଆବଶ୍ୟକ। ବୟସ = 18-35 yrs.
2. Reception with Tele Caller (F)
Contact : 8018992510

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

ଆବଶ୍ୟକ
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

OFFICE JOB
Data Entry Operators
For Govt. / Private Organisations under agency payroll.
Qualifications- 10th,+2 & +3
Hand Speed- 15wpm
Salary-8000 to 14000
8895725158, 7327065424

COLORCLASSIFIEDDISPLAY
on Every
Tuesday and Friday

ନୋଟିସ୍
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

TEACHERS REQUIRED
● PGT: English, Mathematics, Chemistry, Economics, Accountancy, Business Studies, Sociology, Psychology, Political Science, History, Physical Education & Painting. ● TGT: Science ●PRT: English, Dance ● NTT: With knowledge of Computer.
Please Send your resume by 10th March 2020.
E-mail: takshila.bbsr@gmail.com
Address: N5/A,1697-IRC Village, Nayapalli, Bhubaneswar
Phone No.: 9937222225 / 26, 0674-2360827
BMPS TAKSHILA SCHOOL

| Dollar | Sensex | Nifty | Gold | Silver |
|---|---|---|---|---|
| 72.21 (60) | 38,297.29 (1448.37) | 11,201.75 (431.55) | 43,358 (₹222) | 48,130.00 (₹60) |

"ଉତ୍ତର ପ୍ରଦେଶ, ବିହାର ସମେତ ୪ ଅଧିକ ରାଜ୍ୟ ମାର୍ଚ୍ଚ ସୁଦ୍ଧା ରାଶନ କାର୍ଡ ପୋର୍ଟାବିଲିଟି କାର୍ଯ୍ୟକାରୀ କରାଇବେ।

–ରାମ ବିଳାସ ପାଶ୍ୱାନ, କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ



"ପ୍ରଥମେ କରୋନା ଭାଇରସ ବିରୋଧରେ ଲଢେଇ ଜାରି ରଖିବା ଆବଶ୍ୟକ। ଅଧିକ ଭୟଭୀତ ନ ହେବାକୁ କେନ୍ଦ୍ରୀୟ ବ୍ୟାଙ୍କ ଶିଳ୍ପ ଜଗତ ଏବଂ ବ୍ୟକ୍ତି ବିଶେଷଙ୍କୁ ବୁଝାଇବା କାମ କରିବା ଉଚିତ।

–ରଘୁରାମ ରାଜନ, ପୂର୍ବତନ ଆର୍‌ବିଆଇ ଗଭର୍ନର



# ତୃତୀୟ ତ୍ରୈମାସ ଜିଡିପି ୪.୭%କୁ ଖସିଲା

ନୂଆଦିଲ୍ଲୀ,୨୮–୨

ଚଳିତ ଆର୍ଥିକ ବର୍ଷ ଅକ୍ଟୋବର–ଡିସେମ୍ବର ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୪.୭%କୁ ହ୍ରାସ ଘଟିଛି। ଏହା ୭ ବର୍ଷର ସର୍ବନିମ୍ନ ସ୍ତର ବୋଲି ଜଣାପଡିଛି। ମାନୁଫାକ୍ଚରିଂ କ୍ଷେତ୍ର ଅଭିବୃଦ୍ଧି ମାନ୍ଦା ରହିବାକୁ ଏଭଳି ସ୍ଥିତି ଉପୁଜିଥିବା ସରକାର ଶୁକ୍ରବାର ଜାରି କରିଥିବା ଡାଟାରୁ ଏହା ଜଣାପଡିଛି। ୨୦୧୮–୧୯ ଆର୍ଥିକ ବର୍ଷ ସମାନ ସମୟରେ ଜିଡିପି ବିକାଶ ହାର ୫.୬% ରହିଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷ ଜୁଲାଇ–ସେପ୍ଟେମ୍ବର ତ୍ରୈମାସରେ ଅର୍ଥନୈତିକ ଅଭିବୃଦ୍ଧି ୫.୧% ରହିଥିବା ପରିବର୍ତ୍ତିତ ଆକଳନରେ କୁହାଯାଇଛି। ବିକାଶ ହାର ୪.୫% ରହିବା ନେଇ ପୂର୍ବରୁ କୁହାଯାଇଥିଲା। ଏହା ବାଦ ପ୍ରଥମ ତ୍ରୈମାସ ବିକାଶ ହାରକୁ ୫% ପରିବର୍ତ୍ତେ ୫.୬% ଧାର୍ଯ୍ୟ କରାଯାଇଛି। ୨୦୧୨–୧୩ ପରଠାରୁ ଚଳିତ ଆର୍ଥିକ ବର୍ଷ ଡିସେମ୍ବର ତ୍ରୈମାସ ବିକାଶ ହାର ସର୍ବନିମ୍ନ। ୨୦୧୨–୧୩ର ଡିସେମ୍ବର ତ୍ରୈମାସରେ ଜିଡିପି ବିକାଶ ହାର ୪.୩% ରହିଥିଲା।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଡାଟା ମୁତାବକ ମାନୁଫାକଚରିଂ କ୍ଷେତ୍ରର ଗ୍ରସ୍ ଭାଲ୍ୟୁ ଆଡେଡ (ଜିଭିଏ) ଅଭିବୃଦ୍ଧି ତୃତୀୟ ତ୍ରୈମାସରେ ୦.୨% ହ୍ରାସ ଘଟିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୫.୨% ବୃଦ୍ଧି ଘଟିଥିଲା। ବର୍ତ୍ତମାନ ସମୟରେ କୃଷି କ୍ଷେତ୍ର ଜିଭିଏ ୩.୫% ଅଭିବୃଦ୍ଧି ଘଟିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୨ % ରହିଥିଲା। ନିର୍ମାଣ କ୍ଷେତ୍ର ଜିଭିଏ ଅଭିବୃଦ୍ଧି ୬.୬% ରହିଥିବା ବେଳେ ଏହା ୦.୩%କୁ ଖସିଛି। ଗୋଟିଏ ବର୍ଷ ତଳେ ଖଣି କ୍ଷେତ୍ର ଅଭିବୃଦ୍ଧି ୪.୪% ଥିବା ବେଳେ ଏହା ବର୍ତ୍ତମାନ ୩.୨%କୁ ଖସିଛି। ସେହିଭଳି ଇଲେକଟ୍ରିସିଟି, ଗ୍ୟାସ୍, ଜଳ ଯୋଗାଣ ଅନ୍ୟ ୟୁଟିଲିଟି ସର୍ଭିସ ବର୍ଗରେ ଅଭିବୃଦ୍ଧି ୯.୫%ରୁ ହ୍ରାସ ଘଟି ୦.୭%କୁ ଖସିଛି। ସେହିଭଳି ବାଣିଜ୍ୟ, ହୋଟେଲ, ପରିବହନ,ଯୋଗାଯୋଗ ଏବଂ ସେବା କ୍ଷେତ୍ର ସହ ଜଡିତ ବ୍ରଡ୍‌କାଷ୍ଟିଂ ଅଭିବୃଦ୍ଧି ୭.୮%ରୁ ୫.୯%କୁ ଖସିଛି।

ଏହି ସମୟରେ ଫାଇନାସିଆଲ,ରିୟଲ ଇଷ୍ଟେଟ ଏବଂ ପ୍ରଫେଶନାଲ ସର୍ଭିସ ଅଭିବୃଦ୍ଧି ୬.୫%ରୁ ୭.୩%କୁ ବଢିଛି। ସେହିଭଳି ପବ୍ଲିକ ଆଡମିନିଷ୍ଟ୍ରେଶନ, ପ୍ରତିରକ୍ଷା ଏବଂ ଅନ୍ୟ ସେବା କ୍ଷେତ୍ରରେ ଅଭିବୃଦ୍ଧି ୮.୧%ରୁ ୯.୭%କୁ ବଢିଛି। ଏପ୍ରିଲ ଡିସେମ୍ବର ଜିଡିପି ଅଭିବୃଦ୍ଧି ୫.୧କୁ ଖସି ଆସିଛି। ଏହା ଗୋଟିଏ ବର୍ଷ ପୂର୍ବେ ସମାନ ସମୟରେ ୬.୩% ରହିଥିଲା। ୨୦୧୧–୧୨ କନ୍‌ଷ୍ଟାଣ୍ଟ ପ୍ରାଇସରେ ଜିଡିପି ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ୩୬.୬୫ ଲକ୍ଷ କୋଟି ରହିଛି। ଏହା ୨୦୧୮–୧୯ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସ ୩୫.୦୦ ଲକ୍ଷ କୋଟି ରହିଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ଅଭିବୃଦ୍ଧି ୪.୭% ବୋଲି ଏନ୍‌ଏସ୍‌ଓ ସୂଚନା ଦେଇଛି। କରେଣ୍ଟ ପ୍ରାଇସରେ ପରକ୍ୟାପିଟା ବା ମୁଣ୍ଡ ପିଛା ଆୟ ୧.୩୪ ଲକ୍ଷ ଟଙ୍କା ରହିଛି। ଏଥିରେ ୬.୩% ବୃଦ୍ଧି ଘଟିଛି। ଏହା ୨୦୧୮–୧୯ରେ ୧.୨୬ ଲକ୍ଷ ଟଙ୍କା ରହିଥିଲା।

## ୭ ବର୍ଷର ସର୍ବନିମ୍ନ ସ୍ତରରେ




## କୋର୍ ସେକ୍ଟରରେ ଅଭିବୃଦ୍ଧି

ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ମୁତାବକ ୮ କୋର୍ ସେକ୍ଟର ଅଭିବୃଦ୍ଧି ଜାନୁୟାରୀରେ ୨.୨% ବୃଦ୍ଧି ଘଟିଛି। କୋଇଲା ଉତ୍ପାଦନ, ରିଫାଇନେରି ଏବଂ ଇଲେକଟ୍ରିସିଟି ଉତ୍ପାଦନରେ ଉନ୍ନତି ଯୋଗୁ ଏଭଳି ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଏହି ସମୟରେ ଭିତ୍ତିଭୂମି କ୍ଷେତ୍ର ଅଭିବୃଦ୍ଧି ୧.୫% ରହିଛି। କୋଇଲା, ରିଫାଇନେରି ପ୍ରଡକ୍ଟ ଏବଂ ବିଦ୍ୟୁତ ଉତ୍ପାଦନ ଅଭିବୃଦ୍ଧି ଯଥାକ୍ରମେ ୮%, ୧.୯% ଏବଂ ୨.୮% ରହିଛି। ଏହାବାଦ ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ ଏବଂ ସାର କ୍ଷେତ୍ରରେ ଅଭିବୃଦ୍ଧି ନକାରାତ୍ମକ ରହିଛି। ଏପ୍ରିଲ ଜାନୁୟାରୀ ସମୟରେ କୋର ଇଣ୍ଡଷ୍ଟ୍ରି ଅଭିବୃଦ୍ଧି ୦.୬% ଅଭିବୃଦ୍ଧି ଘଟିଛି। ଏହା ଗୋଟିଏ ବର୍ଷ ତଳେ ସମାନ ସମୟରେ ୪.୪% ରହିଥିଲା। ଅଗଷ୍ଟ ୨୦୧୯ଠାରୁ ନଭେମ୍ବର ୨୦୧୯ ଯାଏ କୋର ସେକ୍ଟରରେ ରେକର୍ଡ ନକାରାତ୍ମକ ଅଭିବୃଦ୍ଧି ରହିଥିଲା।

## ମାନ୍ଦାବସ୍ଥା ପ୍ରଭାବ ଶେଷ ହୋଇଛି: ସୀତାରାମନ



ଦେଶ ମଧ୍ୟରେ ମାନ୍ଦାବସ୍ଥାର ପ୍ରଭାବ ଶେଷ ହୋଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର କହିଛନ୍ତି। ଚଳିତ ଆର୍ଥିକ ବର୍ଷ ଲାଗି ଦେଶର ବିକାଶ ହାର ୫% ରହିବା ନେଇ ଏନ୍‌ଏସ୍‌ଓ ଆକଳନରେ କହିଛି। ଏଭଳି ସ୍ଥିତିରେ କରୋନା ଭାଇରସ ଉପରେ ମତ ରଖି ସୀତାରାମନ କହିଛନ୍ତି ଯେ, ଏହି ଭାଇରସର ବିପଦକୁ ଧ୍ୟାନରେ ରଖି ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଆଗାମୀ ୩ ସପ୍ତାହ ମଧ୍ୟରେ ଏହି ଭାଇରସର ପ୍ରଭାବକୁ ହ୍ରାସ କରିବା ଉଚିତ। ଏହାକୁ ନିୟନ୍ତ୍ରଣାଧୀନ ନ କଲେ ଏହା ଏକ ପ୍ରମୁଖ ଚ୍ୟାଲେଞ୍ଜ ହେବ। ଏହାବାଦ ଦେଶର ବିତ୍ତ ପ୍ରତିଷ୍ଠାନଗୁଡ଼ିକର ବିକାଶ ଦିଗରେ ସରକାର କାର୍ଯ୍ୟ କରୁଥିବା ସେ ମତ ଦେଇଛନ୍ତି। ଅର୍ଥନୈତିକ ବ୍ୟାପାର ସଚିବ ଅତନୁ ଚକ୍ରବର୍ତ୍ତୀ କହିଛନ୍ତି ଯେ, ମାନ୍ଦାବସ୍ଥା ପ୍ରଭାବ ଶେଷ ହୋଇଛି। ଜାନୁୟାରୀ ମାର୍ଚ୍ଚରେ କୋର ସେକ୍ଟରରେ ଅଭିବୃଦ୍ଧି ସାଧନ ହୋଇଛି। ଜାନୁୟାରୀ–ମାର୍ଚ୍ଚରେ ମାନୁଫାକଚରିଂ କ୍ଷେତ୍ରରେ ଉନ୍ନତି ଆସିଛି। କରୋନାର ପ୍ରଭାବ ବିଶ୍ୱ ଅର୍ଥନୀତି ଲାଗି ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ବୋଲି ସେ କହିଛନ୍ତି।

# ଦଲାଲ ଷ୍ଟ୍ରିଟ୍‌କୁ କରୋନା ଝଟକା

- ନିବେଶକଙ୍କ ସମ୍ପତ୍ତି ୫ଲକ୍ଷ କୋଟି କମିଲା
- ୧୪୪୮ ପଏଣ୍ଟ ଖସିଲା ସେନ୍‌ସେକ୍ସ, ନିଫ୍ଟି ୪୩୧ ପଏଣ୍ଟ ତଳେ



ମୁମ୍ବାଇ,୨୮–୨

କରୋନା ଭାଇରସର ପ୍ରଭାବ ବିଶ୍ୱ ବଜାରରେ ଦିନକୁ ଦିନ ବ୍ୟାପିବାରେ ଲାଗିଛି। ଏହାର ପ୍ରଭାବରେ ଦେଶର ଦଲାଲ ଷ୍ଟ୍ରିଟର ପୁଞ୍ଜି ବଜାରକୁ କରୋନା ଭାଇରସ ଝଟକା ଲାଗିଛି। ଶୁକ୍ରବାର ବଜାରରେ ଅନିଶ୍ଚିତତା ଲାଗି ରହିବା କାରଣରୁ ଶେୟାର କାରବାର କ୍ଷତିଗ୍ରସ୍ତ ହେବା ସହ ନିବେଶକଙ୍କୁ ୫ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ନିବେଶକଙ୍କ ସମ୍ପତ୍ତିରେ ୫ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଥିବା ଜଣାପଡ଼ିଛି। ସେନ୍‌ସେକ୍ସ ଲଗାତର ଭାବେ ୬ଟି ଶେସନ ଲାଗି କାରବାର ନିମ୍ନରେ ରହିଛି। ଶୁକ୍ରବାର ସେନ୍‌ସେକ୍ସରେ ୧୪୪୮ ପଏଣ୍ଟ ହ୍ରାସ ଘଟିଛି। ଦିନ ମଧ୍ୟରେ କାରବାର ୧୫୨୫ ପଏଣ୍ଟ ଖସିବା ଯୋଗୁ ୩୦ ଶେୟାର ବିଶିଷ୍ଟ ସେନସେକ୍ସ କାରବାର ଶେଷ ହେବା ବେଳକୁ ୧୪୪୮.୩୭ ପଏଣ୍ଟ ବା ୩.୬୪% ନିମ୍ନରେ ରହି ୩୮,୨୯୭.୨୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୪୩୧.୫୫ ପଏଣ୍ଟ ବା ୩.୭୧% ଖସିବା ଯୋଗୁ ଏହା ୧୧,୨୦୧.୭୫ ସ୍ତରରେ ବନ୍ଦ ହୋଇଛି।

କରୋନାର ପ୍ରଭାବ ସାରା ବିଶ୍ୱରେ ଦ୍ରୁତ ବେଗରେ ବ୍ୟାପୁଥିବା ଆଶଙ୍କା କରି ନିବେଶକମାନେ ଭୟଭୀତ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। କରୋନା ଯୋଗୁ ବିଶ୍ୱ ସ୍ତରର ଅର୍ଥ ବ୍ୟବସ୍ଥା ଅଧିକ ମାତ୍ରାରେ ପ୍ରଭାବିତ ହେବା ନେଇ ସେମାନେ ଆଶଙ୍କା ପ୍ରକଟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସାରା ବିଶ୍ୱରେ ଏହି ଭାଇରସ ଯୋଗୁ ୮୩,୦୦୦ ଲୋକ ଆକ୍ରାନ୍ତ ହୋଇଛନ୍ତି। ଘରୋଇ ନିବେଶକଙ୍କ ତୁଳନାରେ ବିଦେଶୀ ନିବେଶକମାନେ ସେମାନଙ୍କ ନିବେଶ ଅର୍ଥ ପ୍ରତ୍ୟାହାର କରି ନେଉଛନ୍ତି। ଷ୍ଟକ ବଜାର ଡାଟା ମୁତାବକ ଏହି ନିବେଶକମାନେ ନେଟ୍ ଭିତ୍ତିରେ ପ୍ରାୟ ୯,୩୮୯ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ଘରୋଇ ବଜାର ବାଦ ସାଂଘାଇ , ହଂକଂ, ସିଓଲ ଏବଂ ଟୋକିଓର ଶେୟାର ବଜାର କାରବାର ପ୍ରାୟ ୩.୭୧% ନିମ୍ନରେ ରହିଛି। ସେହିଭଳି ୟୁରୋପର ଷ୍ଟକ ବଜାର ମଧ୍ୟ ୪% ଖସିଛି। ବ୍ରେଣ୍ଟ ଅଶୋଧିତ ତୈଳ ଦର ୩.୩୮% ଖସିଥିବା ବେଳେ ଭାରତୀୟ ମୁଦ୍ରା ୫୦ ପଇସା ନିମ୍ନରେ ରହି ଡଲାର ତୁଳନାରେ ଏହାର ମୂଲ୍ୟ ୭୨.୨୧ ସ୍ତରରେ ରହିଛି। ଏହି ସମୟରେ ଅଟୋମୋବାଇଲ ଷ୍ଟକ କାରବାର ୧୧% ହ୍ରାସ ଘଟିଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୬୧.୨୨%

ଭୁବନେଶ୍ୱର,୨୮–୨(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଜାନୁୟାରୀରେ ଅପରିବର୍ତ୍ତିତ ୩୩୦ ପଏଣ୍ଟ ରହିଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୪୬ ପଏଣ୍ଟ ଥିଲା। ଏଥିରେ ୩ ପଏଣ୍ଟ ବୃଦ୍ଧି ପାଇ ୩୪୯ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୪୨ ପଏଣ୍ଟ ଥିବା ବେଳେ ଏଥିରେ ୭ ପଏଣ୍ଟ ହ୍ରାସ ଘଟିଛି। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୫୭.୩% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୯୨ % ବୃଦ୍ଧି ଘଟି ୧୬୧.୨୨% ହୋଇଛି। ଆର୍ଥିକ ବର୍ଷ ମାର୍ଚ୍ଚ କ୍ଲୋଜିଂ ଯୋଗୁ ସେମାନେ ଏହି ବର୍ଦ୍ଧିତ ଡିଏ ଏପ୍ରିଲ ପହିଲାରୁ ପାଇବେ।

ସି ଜି ଏ ମ୍ କ ଠ । ରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଜାନୁୟାରୀ ୩୧ ଏବଂ ଫେବୃୟାରୀ ପହିଲାରେ ଧର୍ମଘଟ କରିଥିଲେ , ସେମାନେ ବର୍ତ୍ତମାନ ୭୫.୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୧.୪% ବୃଦ୍ଧି ଘଟି ୭୭.୩% ହୋଇଛି। ଏହା ମେ ମାସ ପହିଲାରୁ ଲାଗୁ ହେବ। ବୀମା କର୍ମଚାରୀମାନେ ବର୍ତ୍ତମାନ ୬୯.୨% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୧.୪% ବୃଦ୍ଧି ଘଟି ୭୦.୬ % ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ମେ ମାସ ପହିଲାରୁ ପାଇବେ। ସାରା ଦେଶର ଅବସରପ୍ରାପ୍ତ ଓ କାର୍ଯ୍ୟରତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କର୍ମଚାରୀମାନେ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୮% ବୃଦ୍ଧି ଘଟି ୨୫% ହୋଇଛି। ଏହା ମଧ୍ୟରୁ ୪% ସେମାନେ ଜାନୁୟାରୀ ପହିଲାରୁ ପିଛିଲା ଭାବେ ପାଇବେ। ଅବଶିଷ୍ଟ ୪% ସେମାନେ ରିଜର୍ଭ ବ୍ୟାଙ୍କର ବାର୍ଷିକ ଜୁନ୍ କ୍ଲୋଜିଂ ପାଇଁ ଜୁଲାଇ ପହିଲାରେ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୨୧% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତା ୪% ବଢିଛି। ସେମାନେ ୨୫% ମହଙ୍ଗା ଭତ୍ତା ଜୁଲାଇ ପହିଲାରୁ ପାଇବେ।

# ଟ୍ୟାଲି ଆଣିଲା ନୂଆ ଭର୍ସନ ସଫ୍ଟୱେର

ଭୁବନେଶ୍ୱର,୨୮–୨

ଟ୍ୟାଲି ସଲ୍ୟୁସନ୍ ପକ୍ଷରୁ ସଫ୍ଟୱେର ଟ୍ୟାଲି ଡଟ୍ ଇଆର୍‌ପି–୯ର ବ୍ରାଉଜର ଆକ୍ସେସ୍ ୟୁକ୍ତ–୬.୬ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହାଦ୍ୱାରା ବ୍ୟବସାୟୀମାନେ ସହଜରେ ବିଜ୍‌ନେସ୍ ଆକ୍ସେସ୍ କ୍ରିଟିକାଲ ବିଜ୍‌ନେସ୍ ଡାଟା ଯେକୌଣସି ସ୍ଥାନରେ ଯେକୌଣସି ଡିଭାଇସ୍‌ରେ ସୁରକ୍ଷିତ ଭାବେ ତଥା ବ୍ୟକ୍ତିଗତ ଭାବେ ସମ୍ପନ୍ନ କରିପାରିବେ। ଏହାଦ୍ୱାରା ବିଜ୍‌ନେସ୍ ରିପୋର୍ଟ ଏବଂ ଇନଭଏସ୍ ଆଦିର କାର୍ଯ୍ୟ ପ୍ରଣାଳୀ ସହଜ ହୋଇପାରିବ। ଏହି ଅବସରରେ ପୂର୍ବାଞ୍ଚଳ ଜୋନ୍ ଜେନେରାଲ ମ୍ୟାନେଜର ସୁଦୀପ୍ତ ଦତ୍ତ କହିଛନ୍ତି, ନୂଆ ସୁବିଧା ଶୁଭାରମ୍ଭ କରି ବେଶ୍ ଆନନ୍ଦିତ। ଏହା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ବ୍ୟବସାୟକୁ ଏକ ସୁସଙ୍ଗଠିତ ଉପାୟରେ ସହାୟତା ପ୍ରଦାନ କରିବ। ଏହା ସହିତ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ବ୍ରାଉଜର ଆକ୍ସେସ୍ ୟୁକ୍ତ–୬.୬ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। କାର୍ଯ୍ୟାଳୟ ବାହାରେ ମଧ୍ୟ ବ୍ୟବସାୟିକ ଡାଟା ସମ୍ପର୍କିତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବ୍ରାଉଜର ଆକ୍ସେସ୍ ୟୁକ୍ତ–୬.୬ ବେଶ୍ ସହାୟକ ହୋଇପାରିବ। ଏହା ଅତ୍ୟନ୍ତ ସହଜ ତଥା ସୁରକ୍ଷିତ। ସେହିଭଳି ଏହା ନୂତନ ବ୍ୟବସାୟିକ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହୋଇପାରିବ। ଏହାଦ୍ୱାରା ବାଲାନ୍ସ ଶିଟ୍, ଲାଭ–କ୍ଷତି, ଷ୍ଟକ୍ ସମ୍ପର୍କିତ ତଥ୍ୟ ବିଲ୍ ପୈଠ, ଗ୍ରହଣ ଆଦି ରିପୋର୍ଟ ସହଜରେ ସମ୍ପନ୍ନ ହୋଇପାରିବ। ପ୍ରତି ରିପୋର୍ଟ ପିଡିଏଫ୍‌ରେ ପରିବର୍ତ୍ତିତ ହେବା ସହିତ ବିଭିନ୍ନ ଲୋକଙ୍କ ପାଖକୁ ବ୍ୟକ୍ତିଗତ ଭାବେ ପଠାଯାଇପାରିବ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

BUSINESS BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱ଼ର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

FINANCE FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
- ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday

# ମନୀଷାଙ୍କୁ ସ୍ୱର୍ଣ୍ଣିମ ସଫଳତା

ଭୁବନେଶ୍ୱର, ୨୮।୨(କ୍ରୀଡ଼ା ପ୍ରତିନିଧି)– ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆଥଲେଟିକ୍ସ ଇଭେଣ୍ଟର ପ୍ରଥମ ଦିବସରେ ଓଡ଼ିଶା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ମନୀଷା ମେରେଲ। ପ୍ରତିଯୋଗିତାର ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଅର୍ଜନ କରି ନିଜ ପ୍ରତିଭା ଦେଖାଇଛନ୍ତି। ଗତ ୧ ବର୍ଷ ଧରି କିଟ୍‌ରେ ସଞ୍ଜୟ ଗଡ଼ନାୟକଙ୍କଠାରୁ ପ୍ରଶିକ୍ଷଣ ନେଉଥିବା ମନୀଷା ନିଜ ୪ର୍ଥ ଉଦ୍ୟମରେ ୬.୨୨ ମିଟର କ୍ଲିୟର କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ଉଦ୍ୟମରେ ୫.୮୧, ଦ୍ୱିତୀୟରେ ୫.୯୫, ତୃତୀୟରେ ୬.୦୪ ମିଟର ଡେଇଁଥିବା ମନୀଷା ୪ର୍ଥ ଉଦ୍ୟମରେ ହିଁ ଶ୍ରେଷ୍ଠତ୍ୱ ଲାଭ କରିଥିଲେ। ୫ମ ତଥା ଅନ୍ତିମ ଉଦ୍ୟମରେ ସେ ୬.୧୨ ମିଟର ଡେଇଁ ଅଭିଯାନ ଶେଷ କରିଥିଲେ। ମାଡ୍ରାସ ବିଶ୍ୱବିଦ୍ୟାଳୟର ହର୍ଷିନୀ ସର୍ବାନନ ୫.୮୯ ଓ ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟର ଅନୁପମା ବିଜୁ ୫.୮୬ ମିଟର କ୍ଲିୟର କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ।



# ଲକ୍ଷ୍ୟ ଏସିଆନ ଜୁନିୟର

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ଜିତିବାପରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ମନୀଷା ମେରେଲ। ଆହତ ସମସ୍ୟା ଯୋଗୁ ସେ ୧୦୦ ମିଟରରେ ଭାଗ ନ ନେଇ କେବଳ ଲଙ୍ଗଜମ୍ପ ଉପରେ ହିଁ ଏକାଗ୍ର ରହିଥିଲେ। ତା'ର ଫଳ ମଧ୍ୟ ତାଙ୍କୁ ମିଳିଛି। ଆଗକୁ ଆସୁଥିବା ଏସିଆନ ଜୁନିୟର ଆଥଲେଟିକ୍ସ ମିଟ୍‌ରେ ପଦକ ଜିତିବା ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

**ପ୍ର: କଳିଙ୍ଗ ଷ୍ଟାଡିୟମରେ ସ୍ୱର୍ଣ୍ଣ ପଦକ ଜିତିବାର ଅନୁଭୂତି କିପରି ରହିଛି ?**
ଉ: କୌଣସି ଜାତୀୟ ପ୍ରତିଯୋଗିତାରେ ପ୍ରଥମଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ବହୁତ ଖୁସି ଲାଗୁଛି। ଏହା ନିଶ୍ଚିତ ସବୁଦିନେ ମନେ ରହିବ। ଷ୍ଟାଡିୟମର ଭିତ୍ତିଭୂମି ବହୁତ ଭଲ।

**ପ୍ର: ପ୍ରତିଦ୍ୱନ୍ଦ୍ୱିତା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା ?**
ଉ: ପ୍ରତିଯୋଗିତା ବହୁତ ଟପ୍ ଥିଲା। ଭଲ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ମୁଁ ପୂର୍ବରୁ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲି, ମାତ୍ର ସ୍ୱର୍ଣ୍ଣ ପଦକ କେବେ ପାଇ ନ ଥିଲି। ଏଠାରେ ସମସ୍ତଙ୍କୁ ପଛରେ ପକାଇ ଦେଇଥିବାରୁ ଖୁସି।

**ପ୍ର: ଟ୍ରେନିଂ କିପରି ଚାଲିଛି ?**
ଉ: ମୁଁ ଏବେ ଖେଲୋ ଇଣ୍ଡିଆ ଏକାଡେମୀ କିଟ୍‌ରେ ରହୁଛି। ସେଠାରେ ସଞ୍ଜୟ ଗଡ଼ନାୟକଙ୍କଠାରୁ ଟ୍ରେନିଂ ନେଉଛି। ଏଠାରେ ଟ୍ରେନିଂ ନେବାଦ୍ୱାରା ମୋ ପ୍ରଦର୍ଶନରେ ବହୁତ ଉନ୍ନତି ହୋଇଛି।

**ପ୍ର: ଖେଳ ଜୀବନ କେବେ ଆରମ୍ଭ ହୋଇଥିଲା ?**
ଉ: ମୁଁ ୧୩ ବର୍ଷର ହୋଇଥିବାବେଳେ ଖେଳ ଆରମ୍ଭ କରିଥିଲି। ପ୍ରଥମେ ରାଜ୍ୟ ପ୍ରତିଯୋଗିତା ଗୁଡ଼ିକରେ ଭାଗ ନେଇଥିଲି। କଟକରେ ୨୦୧୩ରେ ଅନୁଷ୍ଠିତ ରାଜ୍ୟ ମିଟ୍‌ରେ ଭଲ ପ୍ରଦର୍ଶନ ପାଇଁ ସାଇ ହଷ୍ଟେଲ ଟ୍ରାଏଲରେ ଭାଗନେବାକୁ ମନୋନୀତ ହୋଇଥିଲି। ପ୍ରତିଭା ଚୟନରେ ମନୋନୀତ ହୋଇ ସାଇ ସୁନ୍ଦରଗଡ଼ରେ ରହୁଥିଲି।

**ପ୍ର: ଏଠାରେ କେବଳ ଲଙ୍ଗଜମ୍ପ କାହିଁକି ?**
ଉ: ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅବସରରେ ଡାହାଣ ପାଦରେ ଆଘାତ ଲାଗିଥିଲା। ଫଳରେ ପ୍ରତିଯୋଗିତା ଅଧାରୁ ଛାଡ଼ିବାକୁ ପଡ଼ିଥିଲା। ମୁଁ ଆହତାବସ୍ଥାରୁ ମୁକୁଳି ଥିବାରୁ କେବଳ ଲଙ୍ଗଜମ୍ପ କରିବି ବୋଲି କୋଚ୍‌ଙ୍କୁ ଜଣାଇଥିଲି। କାରଣ ପ୍ରତିଯୋଗିତା ଗୁଡ଼ିକରେ ୧୦୦ ମିଟର ଓ ଲଙ୍ଗଜମ୍ପ ଇଭେଣ୍ଟ ମଧ୍ୟରେ ବେଶି ଦିନ ବ୍ୟବଧାନ ନ ଥାଏ।

**ପ୍ର: ଫେଭରାଇଟ ଇଭେଣ୍ଟ ?**
ଉ: ଲଙ୍ଗଜମ୍ପ ମୋର ଫେଭରାଇଟ। ଏଥିରେ ଆଗକୁ ବଢ଼ିବା ମୋର ଲକ୍ଷ୍ୟ।

**ପ୍ର: ଖେଲୋ ଇଣ୍ଡିଆ ଏକାଡେମୀକୁ ଆସିବାପରେ କ'ଣ ଫାଇଦା ମିଳିଛି ?**
ଉ: ଏଠାରେ ସଞ୍ଜୟ ଗଡ଼ନାୟକଙ୍କ ନିକଟରେ ପ୍ରଶିକ୍ଷଣ ନେବାପରେ ଯାଇ ମୁଁ ସ୍ୱର୍ଣ୍ଣ ପଦକ ଜିତିବା ସମ୍ଭବ ହୋଇଛି। ତେଣୁ ସଞ୍ଜୟ ସାର୍‌ଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି।

**ପ୍ର: ଘରୁ କେମିତି ସମର୍ଥନ ମିଳିଛି ?**
ଉ: ମା' ପାନା ମେରେଲ, ବାପା ତୁଙ୍ଗାଲ ମେରେଲ ମୋତେ ବହୁତ ସମର୍ଥନ କରିଛନ୍ତି। ବାପା ଜଣେ ଚାଷୀ ହୋଇଥିଲେ ହେଁ କେବେ ମୋତେ ନିରାଶ କରିନାହାନ୍ତି। ତେଣୁ ମା' ବାପାଙ୍କୁ ଏହି ଅବସରରେ ମୁଁ ଧନ୍ୟବାଦ ଜଣାଉଛି।

**ପ୍ର: ପୂର୍ବରୁ କାହା ନିକଟରୁ କୋଚିଂ ନେଉଥିଲେ ?**
ଉ: ପୂର୍ବରୁ ମୁଁ ସାଇ ହଷ୍ଟେଲରେ ସନ୍ତୋଷ କୁମାର ମହନ୍ତଙ୍କଠାରୁ କୋଚିଂ ନେଉଥିଲି। ପୁଣି ଉମା ପ୍ରସାଦ ରାଓ, ବରୁଣ କୁମାର ଗୁହା, ସୁରଜ ସାର୍‌ଙ୍କଠାରୁ ମୁଁ ଟ୍ରେନିଂ ନେଇଛି।

**ପ୍ର: ଆଗାମୀ ଲକ୍ଷ୍ୟ କ'ଣ ?**
ଉ: ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ମେ ୧୪ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ଜୁନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ପଦକ ଜିତିବା ମୋର ପରବର୍ତ୍ତୀ ଲକ୍ଷ୍ୟ। ଏଥିପାଇଁ ମୁଁ କଠିନ ପରିଶ୍ରମ କରିବି।

–ସାକ୍ଷାତ: ତପନ ସ୍ୱାଇଁ

# ରେକର୍ଡ ଭାଙ୍ଗିବା ଆଶା ଥିଲା

ମୁଁ ଏଠାରେ ରେକର୍ଡ ଭାଙ୍ଗିବା ପାଇଁ ଆଶା ରଖିଥିଲି । ମାତ୍ର ବେଳେବେଳେ ଯାହା ଆଶା ଥାଏ ସେପରି ଫଳ ମିଳି ନ ଥାଏ ବୋଲି ଖେଲୋ ଇଣ୍ଡିଆ ସ୍କୋଲାର ତାଲିକାରେ ଥିବା ମନୀଷା ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ବହୁତ ଟପ୍ ଥିଲା। ତେଣୁ ମୁଁ ମୋ ପ୍ରଦର୍ଶନରେ ବହୁତ ଖୁସି ବୋଲି କହିଛନ୍ତି ଏହି ୧୯ ବର୍ଷୀୟା ରାଜନୀତି ବିଜ୍ଞାନ ଛାତ୍ରୀ। କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ତଡୁଆବାଲ ଗ୍ରାମରେ ୨୦୦୧ ଜୁଲାଇ ୫ରେ ମନୀଷାଙ୍କ ଜନ୍ମ। ସେ ନିଜ ପରିବାରର ୬ ଜଣଙ୍କ ମଧ୍ୟରୁ ୫ମ ସନ୍ତାନ। ଛୋଟବେଳରୁ ସେ ଖେଳ ସହ ଜଡ଼ିତ ରହି ଆସିଛନ୍ତି। ଫୁଟବଲ ଓ ଖୋ ଖୋର ସ୍ୱାଦ ଚାଖିବା ପରେ ସେ ଶେଷରେ ଆଥଲେଟିକ୍ସକୁ ହିଁ କ୍ୟାରିୟର କରିଥିଲେ। ବିଭିନ୍ନ ସ୍ତରରେ ଏକାଧିକ କୋଚଙ୍କ ଦ୍ୱାରା ତାଙ୍କ ପ୍ରତିଭାକୁ ଚିହ୍ନଟ କରାଯାଇ ସୁନ୍ଦରଗଡ଼ ସାଇ ଏକାଡେମୀରେ ଟ୍ରେନିଂ ପାଇଁ ବ୍ୟବସ୍ଥା କରାଯାଇଥିଲା। ୧୩ ବର୍ଷର ହୋଇଥିବାବେଳେ ସେ ଲଙ୍ଗଜମ୍ପ କରିଆସୁଛନ୍ତି। ମୁଁ ୧୦୦ ମିଟର ରେସ୍ ମଧ୍ୟ କରିଥାଏ। ମାତ୍ର କୋଚ୍‌ମାନେ ଲଙ୍ଗଜମ୍ପରେ ମୁଁ ଭଲ କରିପାରିବି ବୋଲି କହିବାପରେ ମୁଁ ଏଥିରେ ଧ୍ୟାନ କେନ୍ଦ୍ରିତ କରୁଛି ଏବଂ ପ୍ରତିଯୋଗିତାଗୁଡ଼ିକରେ ଏହି ଇଭେଣ୍ଟରେ ହିଁ ଭାଗ ନେଉଛି ବୋଲି ମନୀଷା କହିଛନ୍ତି। ନିଜ ପ୍ରତିଭା ଯୋଗୁ ମନୀଷା ୨୦୧୯ରେ ଖେଲୋ ଇଣ୍ଡିଆ ସ୍କେଲାରଶିପ୍ ସ୍କିମ୍‌ରେ ସାମିଲ ହୋଇଛନ୍ତି। ସେହି ଦିନଠାରୁ ସେ କିଟ୍‌ରେ ଥିବା ଖେଲୋ ଇଣ୍ଡିଆ ଏକାଡେମୀରେ କୋଚ୍ ସଞ୍ଜୟ ଗଡ଼ନାୟକଙ୍କଠାରୁ ଟ୍ରେନିଂ କରିଆସୁଛନ୍ତି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିସାରିଥିବାରୁ ମେରେଲ ଚଳିତ ବର୍ଷ ଶେଷଭାଗରେ ହେବାକୁଥିବା ଏସିଆନ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଉପରେ ନଜର ପକାଇଛନ୍ତି।

ଲଙ୍ଗଜମ୍ପ ଇଭେଣ୍ଟ ଅବସରରେ ମନୀଷା ମେରେଲ। (ଫଟୋ: ବିକାଶ ନାୟକ)



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୭ମ ଦିବସରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ମିଳିଛି। ଆଥଲେଟିକ୍ସ ଇଭେଣ୍ଟର ପ୍ରଥମ ଦିବସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମନୀଷା ମେରେଲ ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଏହି ବିଶ୍ୱବିଦ୍ୟାଳୟର ମହିଳା ହକି ଦଳ ରୌପ୍ୟ ପଦକ ହାସଲ କରିଛି। ମହିଳା ରଗ୍‌ବୀରେ କିଟ୍ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ପାଇଥିବାବେଳେ ପୁରୁଷ ଦଳକୁ ବ୍ରୋଞ୍ଜ ପଦକ ମିଳିଛି।

## 'ଭବିଷ୍ୟତ ଉଜ୍ଜ୍ୱଳ'



"ମନୀଷାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ତେବେ ହଠାତ୍ ଅଧିକ କିଛି ଆଶା କରିବା ମଧ୍ୟ କ୍ଷତିକାରକ ହୋଇପାରେ। ସେ ଜଣେ ଯୁବପ୍ରତିଭା। ତାଙ୍କ ପ୍ରତିଭାର ବିକାଶ ପର୍ଯ୍ୟାୟକ୍ରମେ ହେବ। ଗତ ୧ ବର୍ଷ ମଧ୍ୟରେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରେ ୧୦ରୁ ୧୪ ସେଣ୍ଟିମିଟର ଉନ୍ନତି ହୋଇଛି। ଏବେ ସେ ଲଙ୍ଗଜମ୍ପରେ ଫୋକସ କରିବା ଉଚିତ ଏବଂ ନିୟମିତ ପ୍ରତିଯୋଗିତାଗୁଡ଼ିକରେ ଭାଗନେବା ଦ୍ୱାରା ପ୍ରଦର୍ଶନରେ ଆପେ ଉନ୍ନତି ହେବ" ବୋଲି ଖେଲୋ ଇଣ୍ଡିଆ ଏକାଡେମୀ କୋଚ୍ ସଞ୍ଜୟ ଗଡ଼ନାୟକ ପ୍ରକାଶ କରିଛନ୍ତି।

## ଖେଲୋ ଇଣ୍ଡିଆ ଟିଟି

କଟକ ଅଫିସ, ୨୮।୨–ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଶୁକ୍ରବାର ଟେବୁଲ ଟେନିସ୍ ଇଭେଣ୍ଟର ଦ୍ୱିତୀୟ ଦିବସ ଖେଳ ଶେଷହୋଇଛି। ଏଠାରେ ଖେଳାଯାଇଥିବା ପୁରୁଷ ବର୍ଗର ଦୁଇଟି ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଥିଲା। ଟେବୁଲ ୪ରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ମହାରାଜ ଗଙ୍ଗ ସିଂ ବିଶ୍ୱବିଦ୍ୟାଳୟ ୩–୨ ସେଟ୍‌ରେ ଓସ୍‌ମାନିଆ ବିଶ୍ୱବିଦ୍ୟାଳୟକୁ ହରାଇଛି। ଟେବୁଲ ୧ରେ ଖେଳାଯାଇଥିବା ଅନ୍ୟ ଏକ ରୋମାଞ୍ଚକର ମ୍ୟାଚ୍‌ରେ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ ୩–୨ ସେଟ୍‌ରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ହରାଇଛି ।

ମହିଳା ବର୍ଗରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ୩–୧ ସେଟ୍‌ରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟକୁ, ବମ୍ବେ ୩–୦ କାଲିକଟ୍‌କୁ, ଓସମାନିଆ ୩–୦ ସେଟ୍‌ରେ ରାଜସ୍ଥାନ, ନର୍ଥ ବେଙ୍ଗଲ ୩–୦ ସେଟ୍‌ରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ, ମାଡ୍ରାସ୍ ୩–୦ ସେଟ୍‌ରେ ଏଲ୍‌ଏନ୍‌ଆଇପିଇକୁ, କାଲିକଟ୍ ୩–୦ ସେଟ୍‌ରେ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ, ଏ. ଫୁଲେ ବିଶ୍ୱବିଦ୍ୟାଳୟ ୩–୧ ସେଟ୍‌ରେ ଯାଦବପୁରକୁ, ଏସ୍‌ଆର୍‌ଏମ୍ ୩–୦ ସେଟ୍ କୁମାଉନ୍ ବିଶ୍ୱବିଦ୍ୟାଳୟକୁ ହରାଇଛି । ସେହିପରି ପୁରୁଷ ବର୍ଗରେ ବର୍ଦ୍ଧମାନ ୩–୧ସେଟ୍‌ରେ ମହାରାଜା କ୍ରିଷ୍ଣ କୁମାର ସିଂଜୀ ବିଶ୍ୱବିଦ୍ୟାଳୟକୁ, ସାବିତ୍ରୀ ବାଇ ଫୁଲେ ୩–୦ସେଟ୍‌ରେ ମିଜୋରାମକୁ, ଦିଲ୍ଲୀ ୩–୧ ସେଟ୍‌ରେ ମହାରାଜା ଗଙ୍ଗସିଂ, ଚିତ୍କାର ବିଶ୍ୱବିଦ୍ୟାଳୟ ୩–୦ ସେଟ୍‌ରେ ମାଡ୍ରାସ, ମହାରାଜା କ୍ରିଷ୍ଣ କୁମାର ସିଂଜୀ ୩–୦ସେଟ୍‌ରେ କୁରୁକ୍ଷେତ୍ର, ଓସମାନିଆ ୩–୧ ସେଟ୍‌ରେ କଲିକତା, ଏସ୍‌ଆର୍‌ଏମ୍ ୩–୦ ସେଟ୍‌ରେ ବର୍ଦ୍ଧମାନ, ଆହିଲ୍ୟ ୩–୧ସେଟ୍‌ରେ କର୍ନାଟକ , ଦିଲ୍ଲୀ ବିଶ୍ୱବିଦ୍ୟାଳୟ ୩–୦ ସେଟ୍‌ରେ କଲିକତା ବିଶ୍ୱବିଦ୍ୟାଳୟକୁ ହରାଇଛି।



ମହିଳା ୧୫୦୦ ମିଟର ରେସ୍ ଅବସରରେ ହର୍ମିଲାନ ବେନ୍ସ

# କିଟ୍ ମହିଳା ରଗ୍‌ବୀ ଦଳକୁ ସ୍ୱର୍ଣ୍ଣ ପଦକ



ସମର୍ଥକଙ୍କ ଗହଣରେ ସ୍ୱର୍ଣ୍ଣ ବିଜୟୀ କିଟ୍ ମହିଳା ରଗ୍‌ବି ଦଳ।

ଭୁବନେଶ୍ୱର, ୨୮।୨(କ୍ରୀଡ଼ା ପ୍ରତିନିଧି) ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ରଗ୍‌ବୀରେ ଆୟୋଜକ କିଟ୍ ବାଜି ମାରିଛି। କିଟ୍ ମହିଳା ଦଳ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ କିଟ୍ ୩୧–୭ ଗୋଲରେ ପାଟଳିପୁତ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କିଟ୍ ପକ୍ଷରୁ ପ୍ରଥମାର୍ଦ୍ଧରେ ରଜନୀ ଓ ବାସନ୍ତି ୫ଟି ଲେଖାଏ ଏବଂ ଦୁମିନି ୨ଟି ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ କିଟ୍ ୧୨–୭ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ ବିଜୟୀ ଦଳ ପକ୍ଷରୁ ହୁପି ମାଝି ୧୦(୫+୫) ଏବଂ ଦୁମିନି ୯(୨+୫+୨) ଗୋଲ ସ୍କୋର କରିଥିଲେ। ଟାଇଟଲ ଜିତିବାପରେ ମହିଳା ଖେଳାଳିମାନେ କିଟ୍‌ର ଅନ୍ୟ ପିଲାଙ୍କ ସହ ଖୁସି ମନାଇଥିଲେ। ଲଭ୍‌ଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟକୁ ବ୍ରୋଞ୍ଜ ପଦକ ମିଳିଥିଲା।

## ପୁରୁଷ ଦଳକୁ ବ୍ରୋଞ୍ଜ

କିଟ୍ ପୁରୁଷ ଦଳ କିନ୍ତୁ ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେ–ଅଫ୍‌ରେ କିଟ୍ ଦଳ ୩୨–୦ ଗୋଲରେ ଏଲପିୟୁ ଫଗୱାରାକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ପ୍ରଥମାର୍ଦ୍ଧରେ ଅଜିତ କୁମାର, ସୁଗୁଦା ୫ ଓ ଗୌରାଙ୍ଗ ୫ଟି ଲେଖାଏ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ଗୌରାଙ୍ଗ ୫ ଏବଂ ଅଜିତ କୁମାର ୧୨(୫+୫+୨) ଗୋଲ ସ୍କୋର କରିଥିଲେ। ଫାଇନାଲରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟକୁ ୨୪– ୧୯ ଗୋଲରେ ହରାଇ ଶିବାଜୀ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା।

**ପଦକ ତାଲିକା (ଟପ୍–୧୦)**

| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|
| ସାବିତ୍ରୀ ଫୁଲେ ପୁନେ | ୧୫ | ୭ | ୭ | ୨୯ |
| ପଞ୍ଜାବ | ୧୧ | ୧୩ | ୮ | ୩୨ |
| ଜୈନ | ୮ | ୬ | ୨ | ୧୬ |
| ପଞ୍ଜାବୀ | ୮ | ୫ | ୯ | ୨୨ |
| ଏମଡିୟୁ | ୭ | ୬ | ୫ | ୧୮ |
| ଗୁରୁ ନାନକ ଦେବ | ୬ | ୪ | ୭ | ୧୭ |
| ମୁମ୍ବାଇ | ୫ | ୭ | ୭ | ୧୯ |
| ଦିଲ୍ଲୀ | ୫ | ୫ | ୯ | ୧୯ |
| ଲଭ୍‌ଲି ପ୍ରଫେଶନାଲ | ୫ | ୨ | ୪ | ୧୧ |
| ଶିବାଜୀ | ୪ | ୪ | ୬ | ୧୪ |
| କିଟ୍ | ୨ | ୧ | ୨ | ୫ |
| ସମ୍ବଲପୁର | ୧ | ୧ | ୦ | ୨ |
| ବ୍ରହ୍ମପୁର | ୧ | ୧ | ୦ | ୨ |

# ରେକର୍ଡ ଭାଙ୍ଗିଲେ ହର୍ମିଲାନ



ପଞ୍ଜାବୀ ବିଶ୍ୱବିଦ୍ୟାଳୟର ହର୍ମିଲାନ ବେନ୍ସ ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ୧୫୦୦ ମିଟର ଇଭେଣ୍ଟରେ ନୂଆ ରେକର୍ଡର ଅଧିକାରିଣୀ ହୋଇଛନ୍ତି। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରେସ୍‌ରେ ସେ ୪:୧୬.୬୮ ସେକେଣ୍ଡ ସମୟ ନେଇ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରେକର୍ଡ ଭାଙ୍ଗିଛନ୍ତି। ପୂର୍ବରୁ ଏହି ରେକର୍ଡ କାଲିକଟ ବିଶ୍ୱବିଦ୍ୟାଳୟର ପି.ୟୁ. ଚିତ୍ରା(୪:୨୪.୮୭ ସେକେଣ୍ଡ)ଙ୍କ ନାମରେ ଥିଲା। ଏହି ଇଭେଣ୍ଟରେ ସାବିତ୍ରୀବେନ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର ଦୁର୍ଗା ପ୍ରମୋଦ ଦେଓରେ(୪:୨୪.୨୬) ରୌପ୍ୟ ଓ ଏମଜେପି ରୋହିଖଣ୍ଡ ବିଶ୍ୱବିଦ୍ୟାଳୟର ଉଜାଲା(୪:୨୬.୪୦) ବ୍ରୋଞ୍ଜ ପଦକ ପାଇଥିଲେ।

## ସଂକ୍ଷେପରେ

### ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ୮ବର୍ଷ ବାସନ୍ଦ

ଲାଉସାନେ, ୨୮।୨ (ଏଏଫ୍‌ପି)- ଚାଇନାର ୩ଥର ଅଲିମ୍ପିକ ସୁଇମିଂ ସ୍ୱର୍ଣ୍ଣ ପଦକ ବିଜୟୀ ସନ୍ ୟାଙ୍ଗ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ଡୋପିଂ ସାମ୍ପଲ ଦେବାକୁ ମନା କରି ଦେଇଥିବାରୁ ତାଙ୍କୁ ୮ବର୍ଷ ବାସନ୍ଦ ଦଣ୍ଡ ଭୋଗିବାକୁ ପଡ଼ିବ। କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍) ଶୁକ୍ରବାର ବହୁ ପ୍ରତୀକ୍ଷିତ ରାୟ ପ୍ରଦାନ ପରେ ଏହା ସ୍ପଷ୍ଟ ହୋଇଛି। ସନ୍ ହେଉଛନ୍ତି ଚାଇନାର ଜଣେ ଜଣାଶୁଣା ଆଥ୍‌ଲେଟ। ପୂର୍ବରୁ ଥରେ ୨୦୧୪ରେ ଡୋପିଂ ପାଇଁ ଥରେ ବାସନ୍ଦ ହୋଇସାରିଛନ୍ତି। ୨୦୧୮ରେ ଏକ ଟେଷ୍ଟିଂ ସେସନରେ ସନ୍ ନିଜର ରକ୍ତ ସାମ୍ପଲକୁ ଏକ ହାମରରେ ପିଟି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଆବଶ୍ୟକ ପ୍ରମାଣ ନ ଥିବା ଦର୍ଶାଇ ଇଣ୍ଟରନ୍ୟାଶନାଲ ସୁଇମିଂ ଫେଡେରେଶନ (ଫିନା) ଏହି ଚାଇନିଜ ଆଥଲେଟଙ୍କୁ ଆଣ୍ଟି ଡୋପିଂ ନିୟମ ଉଲ୍ଲଂଘନ ଅଭିଯୋଗରୁ ଦୋଷମୁକ୍ତ ବୋଲି ଘୋଷଣା କରିଥିଲା। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଏଥିରେ ସନ୍ତୁଷ୍ଟ ନ ଥିଲା, ବରଂ ଫିନାର ଏହି ରୁଲିଂକୁ କାସ୍‌ରେ ଚ୍ୟାଲେଞ୍ଜ କରିଥିଲା। ପ୍ରତିଯୋଗିତା ବାହାରେ ଅନୁଷ୍ଠିତ ଡୋପ୍ ଟେଷ୍ଟରୁ ନିଜକୁ ଦୂରେଇ ରଖିଥିବାରୁ ସନ୍‌ଙ୍କୁ ୨ରୁ ସର୍ବାଧିକ ୮ ବର୍ଷ ପର୍ଯ୍ୟନ୍ତ ବାସନ୍ଦ କରିବା ଲାଗି କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲା। ଚାଇନାର ଏହି ଷ୍ଟାର ସନ୍ତରଣକାରୀ ଡୋପିଂ ନିୟମ ଉଲ୍ଲଂଘନ କରି ପୂର୍ବରୁ ଥରେ ଦଣ୍ଡିତ ହୋଇସାରିଛନ୍ତି। ସେ ଆଉଥରେ ଏହି ଅପରାଧ କରିଥିବାରୁ ତାଙ୍କୁ କଠୋର ଦଣ୍ଡ ଦିଆଯିବା ଉଚିତ ବୋଲି ୱାଡା କହିଥିଲା। ସନ୍ କିନ୍ତୁ ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଇବା ସହ କାସ୍‌ର ଏହି ରୁଲିଂ ବିରୋଧରେ ସୁଇସ୍ ଫେଡେରାଲ କୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି।

### ଶୁଟିଂ ବିଶ୍ୱକପ୍‌ରେ ଭାଗ ନେବ ନାହିଁ ଭାରତ

ନୂଆଦିଲ୍ଲୀ, ୨୮।୨(ପି.ଟି.): କରୋନା ଭାଇରସ ସଂକ୍ରମଣର ଆଶଙ୍କା ଦର୍ଶାଇ ଆସନ୍ତା ମାସରେ ସାଇପ୍ରସରେ ହେବାକୁଥିବା ଶୁଟିଂ ବିଶ୍ୱକପ୍‌ରୁ ଭାରତ ଓହରିଯାଇଛି। ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ଶଟ୍‌ଗନ୍ ବିଶ୍ୱକପ୍ ସାଇପ୍ରସ ରାଜଧାନୀ ନିକୋସିଆରେ ମାର୍ଚ୍ଚ ୪ରୁ ୧୩ ପର୍ଯ୍ୟନ୍ତ ହେବ। ସରକାରଙ୍କ ପରାମର୍ଶକ୍ରମେ ଭାରତୀୟ ଦଳ ଟୁର୍ନାମେଣ୍ଟରୁ ଓହରି ଯାଇଥିବା ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ସୂତ୍ରରୁ ପ୍ରକାଶ। ଚାଇନାର ଉହାନ ସହର ହେଉଛି ଘାତକ କରୋନା ଭାଇରସ୍‌ର ଉତ୍ପତ୍ତି ସ୍ଥଳ। ଏହି ଭାଇରସ ଦ୍ୱାରା ପ୍ରାୟ ୩୦୦୦ ଲୋକ ପ୍ରାଣ ହରାଇଥିବାବେଳେ ସମଗ୍ର ବିଶ୍ୱରେ ୮୦,୦୦୦ ପାଖାପାଖି ଲୋକ ଆକ୍ରାନ୍ତ ହୋଇଛନ୍ତି।।

# ପରୀକ୍ଷାରେ ଭାରତୀୟ ବ୍ୟାଟିଂ

**ଖ୍ରୀଷ୍ଟଚର୍ଚ୍ଚ,୨୮।୨ (ପି.ଟି.)**

ସ୍ଥାନୀୟ ହାଗ୍‌ଲି ଓଭାଲ ଗ୍ରାଉଣ୍ଡରେ ଶନିବାରଠାରୁ ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଆରମ୍ଭ ହେବ। ପ୍ରଥମ ଟେଷ୍ଟରେ ଭାରତୀୟ ବ୍ୟାଟ୍ସମ୍ୟାନ ସାଂଘାତିକ ଭାବେ ବିଫଳ ହୋଇଥିଲେ। ଫଳରେ ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରଙ୍କୁ ସମ୍ମୁଖୀନ ହେବାରେ ଭାରତୀୟ ବ୍ୟାଟ୍ସମ୍ୟାନ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ପ୍ରତିକୂଳ ପରିସ୍ଥିତିରେ ଭାରତୀୟ ବ୍ୟାଟିଂର ଦୁର୍ବଳତା ପଦାରେ ପଡ଼ିଛି। ବ୍ୟାଟ୍ସମ୍ୟାନଙ୍କ ଟେକ୍‌ନିକରେ ମଧ୍ୟ ତ୍ରୁଟି ପରିଲକ୍ଷିତ ହୋଇଛି। ଘରୋଇ ବୋଲରଙ୍କ ଶର୍ଟବଲ୍ ରଣନୀତିକୁ ଭାରତୀୟ ବ୍ୟାଟ୍ସମ୍ୟାନ ବୁଝିବାରେ ସମର୍ଥ ହୋଇନାହାନ୍ତି।

ପ୍ରଥମ ମ୍ୟାଚ୍‌ରେ ଭାରତ ମାତ୍ର ୩ ଦିନ ମଧ୍ୟରେ ପରାସ୍ତ ହୋଇଥିଲା। ଭାରତୀୟ ବ୍ୟାଟିଂ କଥାକୁ କୋଚ୍ ରବି ଶାସ୍ତ୍ରୀ ସ୍ୱୀକାର କରିଥିଲେ। ଏହା ଅବଶ୍ୟ ଭଲ କଥା। ଖ୍ରୀଷ୍ଟଚର୍ଚ୍ଚର ସବୁଜ ଉଇକେଟରେ ଶନିବାର ଅଧିନାୟକ ବିରାଟ କୋହଲି, ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ପରୀକ୍ଷାର ସମ୍ମୁଖୀନ ହେବେ। ଏହି ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡର ରେକର୍ଡ ବେଶ୍ ଉଚ୍ଚକୋଟୀର ରହିଛି।

ଦ୍ରୁତ ବୋଲର ଟିମ୍ ସୌଦି, ଟ୍ରେଣ୍ଟ ବୋଲ୍ଟ ଓ କାଏଲ ଜେମିସନ ସହ ବୋଲିଂ ବିଭାଗରେ ଏବେ ନିଲ ୱାଗନର ଯୋଗଦେବେ। ଫଳରେ ଭାରତର ସମସ୍ୟା ଆହୁରି ବୃଦ୍ଧି ପାଇବ। ବ୍ୟାଟିଂରେ ଭାରତ ପକ୍ଷରୁ ରାହାନେ, ହନୁମା ବିହାରୀ ଓ ଚେତେଶ୍ୱର ପୂଜାରା ଘରୋଇ ବୋଲରଙ୍କୁ ସମ୍ମୁଖୀନ ହେବାରେ ସାମାନ୍ୟ ସାହସ ଦେଖାଇଛନ୍ତି। ଏହା ଅବଶ୍ୟ କୋହଲିଙ୍କ ଉପରେ ଚାପ ପ୍ରୟୋଗ କରିବ। ଯୁବ ଓପନର ପୃଥ୍ୱୀ ଶ ନେଟ୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୋଚ୍ ଓ ଅଧିନାୟକ ତାଙ୍କୁ କେତେକ ମୂଲ୍ୟବାନ ଟିପ୍ସ ପ୍ରଦାନ କରୁଥିବାର ଦେଖାଯାଇଛି। ଏହା ଭାରତ ପାଇଁ ଏଭ ଭଲ ଖବର ସାବ୍ୟସ୍ତ ହୋଇଛି। ପୃଥ୍ୱୀ ଏବେ ଓପନିଂ କରିବାକୁ ପୂରା ଫିଟ୍ ବୋଲି ଶାସ୍ତ୍ରୀ ଘୋଷଣା କରିସାରିଛନ୍ତି। ତେବେ ସିନିୟର ଦ୍ରୁତ ବୋଲର ଈଶାନ୍ତ ଶର୍ମା ଆହତ ହୋଇ ଦଳରୁ ବଦ୍ ପଡିବା ଦଳ ପାଇଁ ଚିନ୍ତା ସୃଷ୍ଟି କରିଛି। ଗତମାସ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବା ଅବସରରେ ସେ ଡାହାଣ ଗୋଇଠିରେ ଆଘାତ ପାଇଥିଲେ। ଭାରତୀୟ ଦଳରେ ଦୁଇଟ ପରିବର୍ତ୍ତନ ହେବା ଆଶା କରାଯାଉଛି। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବଦଳରେ ରବୀନ୍ଦ୍ର ଜାଡେଜା ଓ ଈଶାନ୍ତଙ୍କ ସ୍ଥାନରେ ଉମେଶ ଯାଦବ କିମ୍ବା ନବଦୀପ ସଇନି ଖେଳିବା ସମ୍ଭାବନା ରହିଛି। ଜାଡେଜା ଓ ଅଶ୍ୱିନଙ୍କ ସଂକ୍ରାନ୍ତରେ ମ୍ୟାଚ୍ ପୂର୍ବରୁ ନିଷ୍ପତ୍ତି ନିଆଯିବ ବୋଲି ଶାସ୍ତ୍ରୀ କହିଛନ୍ତି। ଜାଡେଜା ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ ପରୋକ୍ଷରେ ସୂଚନା ଦେଇଛନ୍ତି। ଅଶ୍ୱିନ ଜଣେ ବିଶ୍ୱସ୍ତରୀୟ ବୋଲର ହୋଇଥିଲେ ମଧ୍ୟ ତାଙ୍କ ବ୍ୟାଟିଂ ଆଶାନୁରୂପ ହୋଇପାରିନାହିଁ ବୋଲି ଶାସ୍ତ୍ରୀ କହିଛନ୍ତି।



ଅଭ୍ୟାସ ଅବସରରେ ଉମେଶ ଯାଦବ ଓ ଯଶପ୍ରୀତ ବୁମରା।

**ଦ୍ୱିତୀୟ ଟେଷ୍ଟ ଆଜିଠାରୁ**
- ମ୍ୟାଚ୍ ଆରମ୍ଭ: ଭୋର ୪ଟା
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇବ ବୋଲି ଆଶା କରାଯାଉଛି। ସ୍ପେଶାଲିଷ୍ଟ ବାମହାତୀ ସ୍ପିନର ଅଜାଜ ପଟେଲ ଏହି ଗ୍ରାଉଣ୍ଡରେ ବୋଧହୁଏ ସେତେଟା ପ୍ରଭାବୀ ସାବ୍ୟସ୍ତ ହେବେ ନାହିଁ। ୱାଗନର ଦଳକୁ ଫେରିବା ନିଶ୍ଚିତ ହୋଇଛି। ତେବେ ପଦାର୍ପଣ ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିବା କାଏଲ ଜେମିସନଙ୍କୁ ବେଞ୍ଚ୍ ବସାଇବାକୁ ନ୍ୟୁଜିଲାଣ୍ଡ ଟିମ୍ ମ୍ୟାନେଜମେଣ୍ଟ ଚାହିଁବ ନାହିଁ। ଜେମିସନ ଓ ପଟେଲଙ୍କୁ ଖେଳାଇବା ନେଇ ନ୍ୟୁଜିଲାଣ୍ଡ ଦ୍ୱିଧାରେ ରହିବ। ଏହି ସବୁଜ ଉଇକେଟରେ ବଲ୍ ବାଉନ୍ସ ହେବା ସହିତ କ୍ୟାରି ହେବ ବୋଲି କ୍ୟୁରେଟର କହିଛନ୍ତି। ବୋଲ୍ଟ ମଧ୍ୟ ଏହା ଚାହାନ୍ତି। ଆକାଶରେ ବାଦଲ ଥିବା ବେଳେ ଏଭଳି ଉଇକେଟରେ ବଲ ସିମ୍ ହେବା ସହ ସୁଇଙ୍ଗ କରିବ ବୋଲି ବୋଲ୍ଟ କହିଛନ୍ତି।

ଭାରତ ବ୍ୟାଟିଂ ନେଇ ଚିନ୍ତିତ ରହିଛି। ଏଥି ସହିତ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କ ପ୍ରଦର୍ଶନ ନେଇ ମଧ୍ୟ ମ୍ୟାନେଜମେଣ୍ଟ ବେଶ୍ ଚିନ୍ତାରେ ପଡିଛି। ଟେଲଏଣ୍ଡରଙ୍କୁ ଆଉଟ କରିବାରେ ଏହି ଦୁଇ ବୋଲର ସଫଳ ହୋଇପାରି ନ ଥିଲେ। ଖାସ୍ କରି ବୁମ୍‌ରାଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ଗତ ୫ବର୍ଷର କ୍ୟାରିୟରରେ ସେ ପ୍ରଥମଥର ପାଇଁ ଏଭଳି ଖରାପ ସମୟର ସମ୍ମୁଖୀନ ହୋଇଛନ୍ତି। ତେବେ ଏହି ମ୍ୟାଚ୍‌ରେ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରି ୫ ରୁ ୬ ଉଇକେଟ ହାସଲ କରିବେ।

**ଭାରତୀୟ ଦଳ (୧୬):** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ କିପର), ଈଶାନ୍ତ ଶର୍ମା, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଶୁବମନ ଗିଲ୍, ଉମେଶ ଯାଦବ, ନବଦୀପ ସଇନି ଓ ଋଦ୍ଧିମାନ ଶାହା।

**ନ୍ୟୁଜିଲାଣ୍ଡ ଦଳ (୧୨)–** କେନ୍ ୱିଲିୟମସନ (ଅଧିନାୟକ), ଟମ୍ ବ୍ଲଣ୍ଡେଲ, ଟମ୍ ଲଥାମ, ହେନରୀ ନିକୋଲ୍ସ, ରସ୍ ଟେଲର, କଲିନ ଡି ଗ୍ରାଣ୍ଡହୋମ, ବିଜେ ୱାଟଲିଂ (ଉଇକେଟକିପର), କାଏଲ ଜେମିସନ, ଟିମ୍ ସୌଦି, ଟ୍ରେଣ୍ଟ ବୋଲ୍ଟ, ନିଲ ୱାଗନର ଓ ଅଜାଜ ପଟେଲ।

Happy Wedding



Mohini
Weds
Kiron
Daughter of B.Anand Rao, Golapalli Street, BAM, (GM)
-:Best WishesFrom:-
Dharitri Parivar, BAM
D-66636

### ରେକର୍ଡ ଭାଙ୍ଗିଲା ଦକ୍ଷିଣ ଆଫ୍ରିକା

**କାନ୍‌ବେରା,୨୮।୨**

ଦକ୍ଷିଣ ଆଫ୍ରିକା ମହିଳା ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ଦଳଗତ ସ୍କୋର କରିଛି। ଅପେକ୍ଷାକୃତ ଦୁର୍ବଳ ଥାଇଲାଣ୍ଡକୁ ୧୧୩ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୯୫ ରନ୍ କରିଥିଲା। ଓପନର ଲିଜେଲ ଲି ୧୦୧ ରନ୍‌ର ଶତକୀୟ ଇନିଂସ ଖେଳିଥିଲେ। ଜବାବରେ ଥାଇଲାଣ୍ଡ ମାତ୍ର ୮୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ଲାଗି ଶାବନିମ ଇସମାଇଲ ହ୍ୟାଟ୍ରିକ ଉଇକେଟ ହାସଲ କରିଥିଲେ। ଏହା ଟୁର୍ନାମେଣ୍ଟ ଇତିହାସର ସର୍ବବୃହତ୍ ଦଳଗତ ସ୍କୋର। ଏଥିପୂର୍ବରୁ ଏହି ରେକର୍ଡ ଭାରତ ନାମରେ ଥିଲା। ୨୦୦୮ ସଂସ୍କରଣରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୫ ଉଇକେଟ ହରାଇ ୧୯୪ ରନ୍ କରିଥିଲା।

## ଦୁବାଇରେ ଏସିଆ କପ୍: ଭାରତ,ପାକିସ୍ତାନ ଖେଳିବେ

**କୋଲକାତା, ୨୮।୨ (ପି.ଟି.)**

ପରବର୍ତ୍ତୀ ଏସିଆ କପ୍ କ୍ରିକେଟ ଦୁବାଇରେ ହେବ। ଏହି ମହାଦେଶୀୟ ଟୁର୍ନାମେଣ୍ଟରେ ଉଭୟ ଭାରତ ଓ ପାକିସ୍ତାନ ଅଂଶଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ। ଦୁବାଇରେ ଏସିଆନ କ୍ରିକେଟ କାଉନ୍‌ସିଲ ବୈଠକ ମାର୍ଚ୍ଚ ୩ରେ ହେବ। ଏଥିରେ ଯୋଗଦେବା ଲାଗି ଯିବା ପୂର୍ବରୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଶୁକ୍ରବାର ଏକଥା ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତା ପ୍ରକୃତରେ ସେପ୍ଟେମ୍ବରରେ ପାକିସ୍ତାନରେ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସୁରକ୍ଷାଜନିତ କାରଣରୁ ଭାରତୀୟ ଦଳ ପଡୋଶୀ ପାକିସ୍ତାନ ଗସ୍ତ କରିବାକୁ ରାଜି ହୋଇ ନ ଥିଲା। ବର୍ତ୍ତମାନ ଏହି ଇଭେଣ୍ଟ ନିରପେକ୍ଷ ଭେନ୍ୟୁ ଦୁବାଇକୁ ସ୍ଥାନାନ୍ତର ହୋଇଛି। ସୂଚନାଯୋଗ୍ୟ, ୨୦୧୨–୧୩ରେ ଏକ ଦିନିକିଆ ସିରିଜ ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ ଖେଳାଯାଇ ପାରିନାହିଁ। ଦୁଇ ଦେଶ ମଧ୍ୟରେ ରାଜନୈତିକ ଉତ୍ତେଜନା ଯୋଗୁ ଭାରତ ଓ ପାକିସ୍ତାନ ୨୦୧୩ ପ୍ରଥମ ଭାଗରେ ଏକମାତ୍ର ପ୍ରମୁଖ ଆଇସିସି ପ୍ରତିଯୋଗିତାରେ ପରସ୍ପରକୁ ଭେଟିଛନ୍ତି।

## ଓଡ଼ିଶା କବାଡ଼ି ଦଳ ଘୋଷିତ

**କଟକ ଅଫିସ,୨୮।୨**

ମାର୍ଚ୍ଚ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଜୟପୁରଠାରେ ୬୭ତମ ଜାତୀୟ ସିନିୟର କବାଡ଼ି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ରାଜ୍ୟର ଉଭୟ ମହିଳା ଓ ପୁରୁଷ ଦଳ ଶୁକ୍ରବାର ଜୟପୁର ଗସ୍ତ କରିଛନ୍ତି। ବସନ୍ତ କୁମାର ସାହୁଙ୍କୁ ପୁରୁଷ ଦଳର ଅଧିନାୟକ କରାଯାଇଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ସୁଶାନ୍ତ ରାୟ, ଅନନ୍ତ ଚରଣ ନାଥ, ଦ୍ୱିଜରାଜ ପ୍ରଧାନ, ରବି ମୁଖୀ, ଜୀବନଜ୍ୟୋତି ଦାସ, ବିନୋଦ କୁମାର ସତନାମୀ, ଏମ୍. ଶ୍ରୀନିବାସ ଡୋରା, ପ୍ରିୟବ୍ରତ ସାମଲ, ଅନୁଜ ଅଗ୍ରୱାଲ, ଲକ୍ଷ୍ମୀଧର ଜେନା ଓ ଶିବ କୁମାର ଜେନା। ଦୀପକ କୁମାର ମଲିକ ଏହି ଦଳର କୋଚ୍ ଥିବାବେଳେ ମନୋଜ କୁମାର ଦାସ ମ୍ୟାନେଜର ଓ ପ୍ରଦୀପ ସାହୁ ଟିମ୍ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିଛନ୍ତି। ଘୋଷିତ ମହିଳା ଦଳର ଅଧିନାୟିକା ଅଛନ୍ତି ଫୁଲ ବିଶ୍ୱାଳ। ଏହି ଦଳରେ ସସ୍ମିତା ସାହୁ, ସୁମିତ୍ରା ଓରାମ୍, ରିଙ୍କି ବେହେରା, ନିତୁ ଦେବୀ, ଲିଜାରାଣୀ ମହାନ୍ତି, ଝୁନୁବାଳା ବିନ୍ଧାଣୀ, ଗାୟତ୍ରୀପ୍ରଭା ସେଠୀ, ଦେବଯାନୀ ମାଝି, ସ୍ୱପ୍ନା ପାଣ୍ଡେ, କାଫି, ମିତ୍ରାଣୀ ମଲିକ ରହିଛନ୍ତି। ଶୁଭାଙ୍ଗୀ ରାୟ ରାଜ୍ୟ ମହିଳା ଦଳର କୋଚ୍ ଦାୟିତ୍ୱରେ ଅଛନ୍ତି। କେ. ମାଧବ ରାୟ ମ୍ୟାନେଜର ଓ ମନସ୍ୱିନୀ ସାହୁ ଟିମ୍ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିଛନ୍ତି।

## ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ




ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଦଳ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ନବ ଦାସ ମେମୋରିଆଲ କ୍ରିକେଟ**

**ଭୁବନେଶ୍ୱର, ୨୮।୨(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ବିଜେବି କଲେଜ ପଡ଼ିଆରେ ଅନୁଷ୍ଠିତ ନବ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଫାଇନାଲରେ ରାମେଶ୍ୱର କଟକର ସୋଲାର ସ୍ପୋର୍ଟିଂକୁ ହରାଇ ଟାଇଟଲ ହାସଲ କରିଛି। ଗୋଟିଏ ଦିନରେ ରାମେଶ୍ୱର ତିନୋଟି ମ୍ୟାଚ ଖେଳି ବିଜୟ ହାସଲ କରିଛି। ପ୍ରଥମେ କ୍ୱାର୍ଟର ଫାଇନାଲରେ ଏହି ଦଳ ପୁରୀର ପାୟୋନିୟରକୁ ପରାସ୍ତ କରିଥିଲା। ରାମେଶ୍ୱର ୧୫ ଓଭରରେ ୬ ଉଇକେଟ ହରାଇ ୧୫୩ ରନ କରିଥିବାବେଳେ ପାୟୋନିୟର ୧୦୫ ରନ କରି ଅଲଆଉଟ ହୋଇ ଯାଇଥିଲା। ପରେ ଦ୍ୱିତୀୟ ସେମିଫାଇନାଲରେ ରାମେଶ୍ୱର ସୁପର ଓଭରରେ ସ୍କାନ ସ୍ପୋର୍ଟିଂକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସ୍କାନ ୧୪ ଓଭରରେ ୯୪ ରନ କରି ଅଲଆଉଟ ହୋଇଥିବାବେଳେ ରାମେଶ୍ୱର ୧୫ ଓଭରରେ ୫ ଉଇକେଟ ହରାଇ ସେହି ୯୪ ରନ କରିପାରିଥିଲା। ମ୍ୟାଚ ଟାଇ ରହିବାରୁ ସୁପର ଓଭରର ସହାୟତା ନିଆ ଯାଇଥିଲା। ଏଥିରେ ଉଭୟ ଦଳ ୧୦ ରନ ଲେଖାଏ କରିବାରୁ ପୁଣି ଏକ ସୁପର ଓଭର ଖେଳାଯାଇଥିଲା। ଏଥିରେ ସ୍କାନ ୩ ରନ କରିବାକୁ ସକ୍ଷମ ହୋଇଥିବାବେଳେ ରାମେଶ୍ୱର ୮ ରନ କରି ଫାଇନାଲରେ ପ୍ରବେଶ କରିଥିଲା।

ସମୟ ଅଭାବରୁ ଫାଇନାଲକୁ ୫ ଓଭର ବିଶିଷ୍ଟ କରାଯାଇଥିଲା। ରାମେଶ୍ୱର ୩ ଉଇକେଟ ହରାଇ ୮୮ ରନ କରିଥିଲା। ଅରବିନ୍ଦ ସିଂ ୧୩ ବଲ୍‌ରୁ ୪୩ ଓ ୱାଲଟନ ଟପ୍ପୋ ୧୦ ବଲ୍‌ରୁ ୩୨ ରନ କରିଥିଲେ। ଜବାବରେ ସୋଲାର ୫ ଓଭରରେ ୧ ଉଇକେଟ ହରାଇ ୫୯ ରନ କରିବାକୁ ସକ୍ଷମ ହୋଇଥିଲା। ଅରବିନ୍ଦ ମ୍ୟାନ ଅଫ ଦି ମ୍ୟାଚ ଏବଂ ବିଶ୍ୱଜିତ ଭୂୟାଁ ଓ ୱାଲଟର ଟପ୍ପୋ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ। ଚାମ୍ପିୟନ ରାମେଶ୍ୱର ଟ୍ରଫି ସହ ୩୦,୦୦୦ ଓ ରନର୍ସଅପ୍ ସୋଲାର ଟ୍ରଫି ଏବଂ ୨୫୦୦୦ଟଙ୍କା ପୁରସ୍କାର ଆକାରରେ ପାଇଥିଲା।

## ରୋମାଞ୍ଚକ ହେବ

**ବାଇଚୁଙ୍ଗ୍ ଭୂଟିଆ**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ପ୍ରତିଯୋଗିତାରେ ଏବେ ଶ୍ରେଷ୍ଠ ଦଳଗୁଡିକ ବାକି ରହିଛନ୍ତି। ଏବେ ଡବଲ୍- ଲେଗ୍ ସେମିଫାଇନାଲ ବେଶ୍ ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ହେବା ନିଶ୍ଚିତ ମନେହେଉଛି। ଚେନ୍ନାଇନ୍ ଏଫ୍‌ସି ଓ ଗୋଆ ଏଫ୍‌ସି ମଧ୍ୟରେ ମୁକାବିଲା ବେଶ୍ ଉପଭୋଗ୍ୟ ହେବ। ଗୋଆ ତା'ର ଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ସେହିପରି ଚେନ୍ନାଇନ୍ ଗତ ୮ଟି ମୁକାବିଲାରୁ ୬ଟିରେ ବିଜୟୀ ହୋଇଥିବା ବେଳେ ଦୁଇଟି ମ୍ୟାଚ୍ ଡ୍ର ରଖିଛି। ଏହି ମୁକାବିଲା ଫାଇନାଲ ସଦୃଶ ହେବ।

ଗୋଆ କୋଚ୍ ପଦରୁ ସର୍ଗିଓ ଲୋବେରା ବିଦା ହେବା ପରେ କ୍ଲିଫର୍ଡ ମିରାଣ୍ଡା କାମଚଳା ଦାୟିତ୍ୱରେ ରହିଛନ୍ତି। ଏହାପରେ ଗୋଆ ଅବଶ୍ୟ ଉନ୍ନତ ପ୍ରଦର୍ଶନ କରିଛି। ତେବେ ଦଳର ଭଲ ପ୍ରଦର୍ଶନ ପାଇଁ ତାଙ୍କୁ ସେପରି ଶ୍ରେୟ ଦିଆଯାଇ ନାହିଁ। ଗୋଆ ତା'ର ବିଜୟଧାରା ବଜାୟ ରଖିବାକୁ ଚାହିଁବ। ଭଲ ଖେଳି ଗୋଆ ଏସିଆନ ଚାମ୍ପିୟନ୍ସ ଲିଗ (ଏସିଏଲ୍) ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଏଟିକେ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ଚାହିଁବେ। ଘରୋଇ ପରିବେଶରେ ଏହି ଦୁଇ ଦଳ ଖେଳିବାକୁ ଯାଉଥିବାରୁ ପଏଣ୍ଟ ଅର୍ଜନ କରିବାକୁ ଚାହିଁବେ।

ଚେନ୍ନାଇନ୍ ଏଫ୍‌ସି ଗୋଆ ବଦଳରେ ଫାଇନାଲରେ ଏଟିକେକୁ ଭେଟିବାକୁ ଚାହିଁବ। ଚେନ୍ନାଇନ୍‌ର ମିଡ୍‌ଫିଲ୍ଡ ବେଶ୍ ଶକ୍ତିଶାଳୀ ମନେହେଉଛି। ଡିଫେନ୍ସରେ ମଧ୍ୟ ଚେନ୍ନାଇନ ପଛରେ ପଡିନାହିଁ। ଦଳ ମଧ୍ୟ ବହୁସଂଖ୍ୟାକ ଗୋଲ ସ୍କୋର କରିଛି। ଅନ୍ୟପଟେ ଗୋଆ ଡିଫେନ୍ସରେ ଅସ୍ଥିରତା ପରିଲକ୍ଷିତ ହୋଇଛି। ଚେନ୍ନାଇନ୍ ଏକାଧିକ ସୁଯୋଗ ହାସଲ କରିବ ବୋଲି ଭାବୁଛି।

ବେଙ୍ଗାଲୁରୁ ଏଫ୍‌ସି ଓ ଏଟିକେ ମଧ୍ୟରେ ଖେଳ ବେଶ୍ ରୋମାଞ୍ଚକ ହେବ। ଉଭୟ ଦଳ ସୁପର ଫର୍ମରେ ରହିଛନ୍ତି। ଉଭୟ ଦଳରେ କେତୋଟି ଦୁର୍ବଳତା ଓ ସବଳତା ରହିଛି। ସୁନୀଲ ଛେତ୍ରୀ ଫ୍ୟାକ୍ଟର ଏହି ମ୍ୟାଚ୍‌ରେ ପ୍ରଭାବ ପକାଇବ। ତେବେ ଛେତ୍ରୀ ସମ୍ପୂର୍ଣ୍ଣ ରୂପେ ଫିଟ୍ ହେବା ଆବଶ୍ୟକ। ଛେତ୍ରୀଙ୍କ ବିନା ବେଙ୍ଗାଲୁରୁ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଛି। ଯଦି ସେ ଫିଟ୍ ହୁଅନ୍ତି ତେବେ ଦଳ ପାଇଁ ଏହା ଏକ ବଡ଼ ସୁଯୋଗ ସୃଷ୍ଟି କରିବ। ତେଣୁ ବେଙ୍ଗାଲୁରୁ ପାଇଁ ଛେତ୍ରୀ ଅପରିହାର୍ଯ୍ୟ ହୋଇପଡିଛନ୍ତି। ୩ ପଏଣ୍ଟ ସହ ବେଙ୍ଗାଲୁରୁ ସେକେଣ୍ଡ ଲେଗ୍ ମ୍ୟାଚ ପାଇଁ କୋଲକାତା ଯାତ୍ରା କରିବ। ବେଙ୍ଗାଲୁରୁ ଯେଉଁଭଳି ଛେତ୍ରୀଙ୍କ ଉପରେ ନିର୍ଭରଶୀଳ, ଠିକ୍ ସେହିପରି ଏଟିକେ ପାଇଁ ଷ୍ଟ୍ରାଇକର ରଏ କ୍ରିଷ୍ଣାଙ୍କ ଗୁରୁତ୍ୱ ରହିଛି। ଛେତ୍ରୀଙ୍କ ଭଳି କ୍ରିଷ୍ଣା ମଧ୍ୟ ନିଜ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ମ୍ୟାଚ୍‌ର ମୋଡ଼ ବଦଳାଇପାରନ୍ତି। ଏସିଏଲ୍‌ରେ ସ୍ଥାନ ହାସଲ କରିପାରି ନ ଥିବାରୁ ଏଟିକେ ତ୍ରୁଟି ସୁଧାରି ଭଲ ପ୍ରଦର୍ଶନ କରିବାକୁ ଚାହିଁବ।

(ଗେମ୍‌ପ୍ଲାନ)

#WhatDrivesYou
EXIDE

### ଅଲିମ୍ପିକ୍ ଜାଭେଲିନ ଥ୍ରୋୟରଙ୍କ ମୃତ୍ୟୁ

ବୁଏନ୍ସଏରିଜ,୨୮।୨- ଟୋକିଓ ଅଲିମ୍ପିକ୍ସକୁ ମାତ୍ର ୫ ମାସ ବାକିଥିବାବେଳେ ଆର୍ଜେଣ୍ଟିନାର ୨୬ ବର୍ଷୀୟ ଜାଭେଲିନ ଥ୍ରୋୟର ବ୍ରାଏନ ଟୋଲେଡୋ ଏକ ବାଇକ୍ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ରାଜଧାନୀ ବୁଏନ୍ସଏରିଜ ନିକଟସ୍ଥ ମାର୍କୋସ ପାଜଠାରେ ଦୁର୍ଘଟଣା ହୋଇଥିଲା। ଆମେ ଜଣେ ଭଲ ଆଥ୍‌ଲେଟଙ୍କୁ ହରାଇଛୁ ବୋଲି ଆର୍ଜେଣ୍ଟିନା ଅଲିମ୍ପିକ୍ କମିଟି ସଭାପତି ଗେରାର୍ଡ ୱାର୍ଥନ କହିଛନ୍ତି। ସେ ୧୮ ବର୍ଷ ବୟସରେ ୨୦୧୨ରେ ଲଣ୍ଡନ ଅଲିମ୍ପିକ୍ସରେ ଖେଳିଥିଲେ। ସେଠାରେ ସେ ୩୦ତମ ସ୍ଥାନରେ ରହିଥିଲେ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଜଗନ୍ନାଥ ଦାଶ
ଅବସରପ୍ରାପ୍ତ ଓ.ଆଇ.ଏସ୍.
E2, BJB Nagar, Bhubaneswar
ଆବିର୍ଭାବ: ୦୨।୦୧।୧୯୩୧
ତିରୋଧାନ: ୧୯।୦୨।୨୦୨୦
ଆପଣଙ୍କର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କର ସେ ଶ୍ରଦ୍ଧା, ଆଶୀର୍ବାଦ ଆମପାଇଁ ଚିର ପାଥେୟ ହେଉ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛୁ।
-:ଆପଣଙ୍କ ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ: ଆଲୋକ ରଞ୍ଜନ-ନିରୁପମା, ସନ୍ଦୀପ-ଶାରଦା, କନ୍ୟା-ଜାମାତା: ଶିପ୍ରା-ଡ଼ଃ. ଲୋକନାଥ ମିଶ୍ର, ନାତି-ନାତୁଣୀ: ସୁବ୍ରତ, ସୁଜିତ, ଅମିତାଂଶୁ, ଅବିନାଶ, ଆଦିତି, ଆକାଂକ୍ଷା, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୨୯୫

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଲକ୍ଷ୍ମୀବାଳା ମହାନ୍ତି
ସ୍ୱାମୀ: ବାଙ୍କନିଧି ମହାନ୍ତି
କୁଦିଆରୀ, ଜଟଣୀ
ଆବିର୍ଭାବ: ୦୭।୦୧।୧୯୩୬
ତିରୋଧାନ: ୨୦।୦୨।୨୦୨୦
ଚାହୁଁ ଚାହୁଁ ଦଶଦିନ ବିତିଗଲାଣି। ତଥାପି ଲାଗୁଛି ବୋଉ ତୁମେ ଆମମାନଙ୍କ ଗହଣରେ ରହିଛ। ତୁମର ସ୍ନେହ, ତ୍ୟାଗ, ଉତ୍ସର୍ଗୀକୃତ ମନୋଭାବ ଆମକୁ ସବୁଦିନ ପ୍ରେରଣା ଦେଉ। ତୁମ ଅମର ଆତ୍ମା ସଦା ଈଶ୍ୱରଙ୍କଠାରେ ଶାନ୍ତିରେ ରହୁ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର: ଶିବ, ଗୁଲୁ, ଟିଲୁ, ପୁତ୍ରବଧୂ, ନାତି, ନାତୁଣୀ, ଝିଅ-ଜ୍ୱାଇଁ ଓ ଆତ୍ମୀୟସ୍ୱଜନ।
ଧ-୬୭୯୪୩



ମହିଳା ୧୦୦ ମିଟର ହର୍ଡଲ୍ସର କୃତୀ ପ୍ରତିଯୋଗୀମାନେ ଅତିଥି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ରାଜ୍ୟ କ୍ରୀଡା ବିଭାଗ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପାଣିଙ୍କ ସହ।

### ମହିଳା ହକିରେ ସମ୍ବଲପୁରକୁ ରୌପ୍ୟ

**ଭୁବନେଶ୍ୱର, ୨୮।୨(କ୍ରୀଡ଼ା ପ୍ରତିନିଧି)**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରୌପ୍ୟ ପଦକ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସମ୍ବଲପୁର ୧-୪ ଗୋଲରେ ଆଇଟିଏମ୍ ବିଶ୍ୱବିଦ୍ୟାଳୟଠାରୁ ହାରି ଯାଇଛି। ଏହି ଇଭେଣ୍ଟରେ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ବ୍ରୋଞ୍ଜ ପଦକ ପାଇଛି।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨୯/୨୦୨୦ Bhubaneswar, Saturday, February 29/2020

# ବାଲ୍ୟ ବିବାହ ରୋକିଲା ଚାଇଲ୍ଡ ଲାଇନ

ଆଠଗଡ଼,୨୮।୨(ସ୍ୱ.ପ୍ର.)

କଟକ ଜିଲା ଆଠଗଡ଼ ଥାନା ଅଧୀନ ରାଜନଗର ଗ୍ରାମରେ ମାଟ୍ରିକ ପରୀକ୍ଷା ଦେଉଥିବା ଜଣେ ନାବାଳିକାଙ୍କ ବାହାଘରକୁ ରୋକିଛି ଚାଇଲ୍ଡ ଲାଇନ। ଶୁକ୍ରବାର ଛାତ୍ରୀଙ୍କ ପରୀକ୍ଷା ସରିବା ପରେ ମଧ୍ୟାହ୍ନରେ ତାଙ୍କ ବିବାହ ଢେଙ୍କାନାଳ ଜିଲାରେ ହେବାକୁ ପ୍ରସ୍ତୁତି ଶେଷ ହୋଇଥିଲା। ଏସମ୍ପର୍କରେ ପୂର୍ବରୁ କେହି କଟକ ଚାଇଲ୍ଡ ଲାଇନ ସଂସ୍ଥାକୁ ଟେଲିଫୋନ ଯୋଗେ ଜଣାଇଥିଲେ। ସଂସ୍ଥା ପକ୍ଷରୁ ଏ ସମ୍ପର୍କରେ ଆଠଗଡ଼ ଥାନାରେ ସୂଚନା ଦିଆଯାଇଥିଲା। ବିବାହ ପାଇଁ ଯୋଜନା ହେଉଥିବା ବେଳେ ଚାଇଲ୍ଡ ଲାଇନର ଜୁଲିନା ବେହେରା, ଆର୍ ଡୋନାଲ୍ଡ ବେହେରା ଓ ଆଠଗଡ଼ ଦାୟିତ୍ୱପ୍ରାପ୍ତ ମହିଳା ଓ ଶିଶୁ ପ୍ରକଳ୍ପ ଅଧିକାରୀ ଭାଗ୍ୟଲତା ସେଠୀଙ୍କ ସମେତ ଆଠଗଡ଼ ପୋଲିସ ପହଞ୍ଚି ଛାନଭିନ କରିଥିଲା। ମାତ୍ର ପରିବାର ପକ୍ଷରୁ ପ୍ରଥମେ ବିବାହକୁ ଅସ୍ୱୀକାର କରାଯାଉଥିଲେ ହେଁ ପରବର୍ତ୍ତୀ ସମୟରେ ସ୍ୱୀକାର କରାଯାଇଥିଲା। ନାବାଳିକାଙ୍କ ମା' ଝିଅ ପ୍ରାପ୍ତ ବୟସ୍କ ହେଲେ ବିବାହ ଦେବେ ଓ ମାଟ୍ରିକ ପରୀକ୍ଷା ପରେ ଝିଅ ସହ ଚାଇଲ୍ଡ ଲାଇନ ସଂସ୍ଥାର ଅଧିକାରୀଙ୍କୁ ସାକ୍ଷାତ କରିବେ ବୋଲି ଲିଖିତ ଭାବେ ଜଣାଇଥିଲେ। ଏହାପରେ ଚାଇଲ୍ଡ ଲାଇନ ସଦସ୍ୟ ଫେରି ଆସିଥିଲେ।

## ଘୋଷଣା

**୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ**

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | – | ଭୁବନେଶ୍ୱର |
| ୨. | ପ୍ରକାଶ ସମୟ | – | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | – | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | – | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର–୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି ।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୯।୨।୨୦୨୦




# ଓକିଲଙ୍କୁ ବିଏମ୍‌ସି କମିଶନରଙ୍କ ଦୁର୍ବ୍ୟବହାର

## କୋର୍ଟରେ ମାମଲା ପରେ ଅଭିଯୋଗକାରୀଙ୍କ ବୟାନ ରେକର୍ଡ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଜଣେ ଓକିଲଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ କରିଛନ୍ତି ବରିଷ୍ଠ ଆଇନଜୀବୀ ଆତ୍ମପ୍ରକାଶ ମହାନ୍ତି। ଏ ନେଇ ଶୁକ୍ରବାର କୋର୍ଟରେ ଆତ୍ମପ୍ରକାଶଙ୍କ ବୟାନ ରେକର୍ଡ କରାଯାଇଛି। ସୋମବାର କୋର୍ଟ ଏହି ଅଭିଯୋଗ ଭିତ୍ତିରେ କମିଶନରଙ୍କ ନାମରେ ସମନ ଜାରି ସହ ମାମଲା ରୁଜୁ କରିପାରନ୍ତି।

ଆତ୍ମପ୍ରକାଶଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଭୁବନେଶ୍ୱର ବାର୍‌ର ସମ୍ପାଦକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଓକିଲ ନିର୍ମାଣ ହେଉଥିବା ବିଲ୍ଡିଂର କାର୍ଯ୍ୟକୁ ତଦାରଖ କରୁଥିଲେ। ଓକିଲମାନେ କାମ ଦେଖୁଥିବା ସମୟରେ ବାର୍‌ର ୭ ନମ୍ବର ଗେଟ ଦେଇ ବିଏମ୍‌ସି କମିଶନର ପ୍ରବେଶ କରିଥିଲେ। ଏଠାରେ କାହିଁକି ଟା ପିଉଛ ବୋଲି କହି ସେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଓକିଲମାନେ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ସେଠାରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଏବଂ ପୋଲିସ ଉପସ୍ଥିତ ଥିଲେ। ଏ ନେଇ ବରଗଡ ଥାନାରେ ଓକିଲମାନେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏହି ଅଭିଯୋଗ ଗ୍ରହଣ ନ କରିବାରୁ ଡିସିପିଙ୍କୁ ଦେଖା କରିବା ପାଇଁ ଯାଇଥିଲେ। ଡିସିପି ତାଙ୍କ କାର୍ଯ୍ୟାଳୟରେ ନ ଥିବାରୁ ଶେଷରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଅଭିଯୋଗରେ ବଡଗଡ ପୋଲିସ ଏବଂ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏ ନେଇ ବିଏମ୍‌ସି କମିଶନର ଚୌଧାରୀ କହିଛନ୍ତି, ମୁଁ ଜାଣିନି ସେମାନେ କ'ଣ କରିଛନ୍ତି। ମୁଁ ଦେଖିଲା ପରେ କହିବି। ଦୁର୍ବ୍ୟବହାର କିଏ କରିଛି ସେମାନେ ଭଲରେ କହିପାରିବେ। ଆମେ କେବଳ ଉଚ୍ଛେଦ କାର୍ଯ୍ୟ କରୁଛୁ। ସେମାନେ କେସ୍ ଫାଇଲ୍ କରିଛନ୍ତି। ମୁଁ ଆଇନ ଅନୁଯାୟୀ ଫାଇଟ୍ କରିବି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି, ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ।
-ଗୌତମ ବୁଦ୍ଧ



## ସଂକ୍ଷେପରେ

### ମାର୍ଚ୍ଚ ୧୩ରେ ରେଭେନ୍‌ଶାରେ ୟୁଥ୍ ଫେଷ୍ଟିଭାଲ 'ରଙ୍ଗିଜ'

କଟକ ଅଫିସ,୨୮।୨: ଆସନ୍ତା ମାର୍ଚ୍ଚ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃ ବିଶ୍ୱବିଦ୍ୟାଳୟ ୟୁଥ୍ ଫେଷ୍ଟିଭାଲ 'ରଙ୍ଗିଜ' ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ପ୍ରମୁଖ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ବକ୍ତୃତା, ଅଭିନୟ, ଫଟୋଗ୍ରାଫି, ରଙ୍ଗୋଲି, ଫ୍ୟାଶନ ଶୋ, ନୃତ୍ୟ, ପ୍ରଥପ୍ରାନ୍ତ ନାଟକ ଆଦି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦକ, ପ୍ରମାଣପତ୍ର ଏବଂ ଆର୍ଥିକ ରାଶି ପ୍ରଦାନ କରାଯିବ। ଶ୍ରେଷ୍ଠ ୨୦ ପ୍ରତିଯୋଗୀ ମିଷ୍ଟର ଓ ମିସ୍ ରଙ୍ଗିଜ ପ୍ରତିଯୋଗିତାରେ ଭାଗନେଇପାରିବେ। ଏହାବ୍ୟତୀତ ଫୁଡ୍ ଫେଷ୍ଟିଭାଲ, ଦୁଃସାହସିକ କ୍ରୀଡାର ମଜା ମଧ୍ୟ ଛାତ୍ରୀଛାତ୍ର ନେବେ। ରେଭେନ୍‌ଶା ପଥ ଉତ୍ସବ ଏହି ଫେଷ୍ଟିଭାଲର ଆକର୍ଷଣ ହେବ ବୋଲି କୁଳପତି ଇଶାନ କୁମାର ପାତ୍ର କହିଛନ୍ତି।

### ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଚେୟାରମ୍ୟାନଙ୍କ ଆଇଟିଆଇ ପରିଦର୍ଶନ

କଟକ ଅଫିସ, ୨୮।୨: ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଚେୟାରମ୍ୟାନ ସୁବ୍ରତ ଦାସ ଖପୁରିଆସ୍ଥିତ ସରକାରୀ ଆଇଟିଆଇ ପରିଦର୍ଶନ କରିଛନ୍ତି। ସେ ଆଇଟିଆଇ ପରିସରରେ କାରପେଣ୍ଟିଂ ବିଭାଗ, ଗାଡି ମରାମତି କୌଶଳ ବୃଦ୍ଧି କେନ୍ଦ୍ର ଏବଂ ଦକ୍ଷତା ସଂଗ୍ରହାଳୟ ବୁଲି ଦେଖିଥିଲେ। ଏହି ପରିଦର୍ଶନ ବେଳେ ରାଜ୍ୟ ବୈଷୟିକ ଶିକ୍ଷା ନିର୍ଦ୍ଦେଶାଳୟ ମାନବ ସମ୍ବଳ ଯୋଜନାର ଉପନିର୍ଦ୍ଦେଶକ ଅକ୍ଷୟ କୁମାର ପଣ୍ଡା, ଆଇଟିଆଇର ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି ଉପସ୍ଥିତ ଥିଲେ।

### ନିର୍ବାଚନ ତାରିଖ ଘୁଞ୍ଚାଇବା ଲାଗି ଜିଲାପାଳଙ୍କ ଚିଠି

କଟକ ସଦର,୨୮।୨(ଡି.ଏନ୍.ଏ.): କଟକ ଜିଲା ପରିଷଦ ୭ନଂ. ଜୋନର ଉପନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ଥିଲା। କିନ୍ତୁ କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନ ଥିବାରୁ ବିଜେଡିରୁ ବିଲାସ ଚନ୍ଦ୍ର ମଲ୍ଲିକ, ଭାଜପାର ନାରାୟଣ ଚନ୍ଦ୍ର ମଲ୍ଲିକ, କଂଗ୍ରେସର ନାରାୟଣ ଚନ୍ଦ୍ର ମଲ୍ଲିକ ଓ ସ୍ୱାଧୀନ ପ୍ରାର୍ଥୀ ଭାଗୀରଥି ଭୋଇ ନିର୍ବାଚନ ଲଢିବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ଆସନ୍ତା ମାର୍ଚ୍ଚ ୨୦ତାରିଖ ନିର୍ବାଚନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ବାର୍ଷିକ ପରୀକ୍ଷା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମାର୍ଚ୍ଚ ୧୭ରୁ ୩୦ତାରିଖ ପର୍ଯ୍ୟନ୍ତ ଘୋଷଣା କରାଯାଇଛି। ତେବେ ପରୀକ୍ଷା ଦୃଷ୍ଟିରୁ ନିର୍ବାଚନ ତାରିଖ ଘୁଞ୍ଚାଇବା ପାଇଁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୁରୁବାର ରାଜ୍ୟ ନିର୍ବାଚନ କମିଶନଙ୍କୁ ଚିଠି ଲେଖିଛନ୍ତି। ୮ଟି ପଞ୍ଚାୟତର ଅଧିକାଂଶ ବୁଥ ପ୍ରାଥମିକ ବିଦ୍ୟାଳୟରେ କରାଯିବାକୁ ଥିବାରୁ ଜିଲା ପ୍ରଶାସନ ଏଭଳି ଆଗୁଆ ପଦକ୍ଷେପ ନେଇଛି। ଏପ୍ରିଲ ପ୍ରଥମ ସପ୍ତାହରେ ନିର୍ବାଚନ କରାଯିବାର ସମ୍ଭାବନା ରହିଛି। ଫଳରେ ଆଦର୍ଶ ଆଚରଣବିଧିର ଅବଧି ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି।

### ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କଟକ ଅଫିସ,୨୮।୨: କଟକ ଜିଲା ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ନୂଆପାଟଣାସ୍ଥିତ ଶହୀଦ ପାର୍କଠାରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଗଜେନ୍ଦ୍ର କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଫିରିଙ୍ଗୀମାନଙ୍କ ବିରୋଧରେ ବିଦ୍ରୋହ କରି ଦେଶକୁ ସ୍ୱାଧୀନ କରିବା ନିମନ୍ତେ ନିଜ ଜୀବନକୁ ସାଏ ବାଜି ଲଗାଇଥିଲେ ବୋଲି ବକ୍ତାମାନେ କହିଥିଲେ। ଗୋପାଳ ଚନ୍ଦ୍ର ମିଶ୍ର, ଆଇନଜୀବୀ ଗଗନ ଚନ୍ଦ୍ର ମେହେର, ପ୍ରଶାନ୍ତ ନାୟକ, ଅରୁଣା ସାମନ୍ତରାୟ, ବିଦ୍ୟୁତ୍ ଲାଲା, ବୈଷ୍ଣବ ପରିଡ଼ା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ମାଧବ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

## ପୋଲିସ ଗୁଳି ବଦଳାଇଦେଲା ସୁନୀଲଙ୍କ ଜୀବନ

# ମେଡିକାଲରେ ରୋଜଗାରିଆ ପୁଅ, ଘରେ ଜଳୁନି ଚୁଲି

କଟକ ଅଫିସ,୨୮।୨- ମେଡିକାଲ ବେଡ୍‌ରେ ଛଟପଟ ହେଉଛନ୍ତି କଟକ ସୂତାହାଟ ତନ୍ତିସାହିର କେ.ସୁନୀଲ(୨୫)। ଗତ ମଙ୍ଗଳବାର ପୋଲିସ କର୍ମଚାରୀଙ୍କ ଖାମଖିଆଲି ନୀତି ଯୋଗୁ ତାଙ୍କ ଡାହାଣପାର୍ଶ୍ୱ ଜଙ୍ଘରେ ଗୁଳି ବାଜିଥିଲା। ଅସ୍ତ୍ରୋପଚାର କରାଯାଇ ଶୁକ୍ରବାର ଗୁଳିକୁ ବାହାର କରାଯାଇଛି ସତ, ହେଲେ ଏହି କ୍ଷତ ଏବେ ସମଗ୍ର ପରିବାରକୁ ଯନ୍ତ୍ରଣା ଦେଉଛି। ଏକମାତ୍ର ରୋଜଗାରକ୍ଷମ ପୁଅ ୪ଦିନ ହେବ ମେଡିକାଲରେ ପଡ଼ିଥିବାରୁ ଘରେ ଚୁଲି ଜଳୁନି। ବିନା ଦୋଷରେ ଏହି ଅଭାବୀ ପରିବାରକୁ ଦଣ୍ଡ ଭୋଗିବାକୁ ପଡୁଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କନଷ୍ଟେବଲ ଟିକେଶ୍ୱର ମହନ୍ତ ଓ ତାଙ୍କ ସହଯୋଗୀଙ୍କୁ ପୋଲିସ ଗିରଫ କରି ସାରିଛି। ହେଲେ ସୁନୀଲଙ୍କ ପ୍ରତି କାହାରି ଦୃଷ୍ଟି ନାହିଁ। ନାଁ ମିଳିଛି କୌଣସି ସରକାରୀ ସହାୟତା ନା ପୋଲିସ ପ୍ରଶାସନ ସହଯୋଗର ହାତ ବଢାଇଛି।

ସୁନୀଲ ବିଭିନ୍ନ ଭୋଜିରେ ଫାୟାର୍ ପାନ ଷ୍ଟଲ ପକାନ୍ତି। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ସୁଦ୍ଧା ନିଜର ମେଳାପୀ ଓ ଶାଳୀନ ଆଚରଣ ବଳରେ ସେ ଅନେକ ଲୋକଙ୍କ ପ୍ରିୟ ହୋଇପାରିଛନ୍ତି। ଝମେଲା କି ଗଣ୍ଡଗୋଳଠାରୁ ସୁନୀଲ ସବୁବେଳେ ଦୂରରେ ରୁହନ୍ତି ବୋଲି ପରିବାର ଲୋକେ କହିଛନ୍ତି। ବାପା କେ. ଈଶ୍ୱର, ମାଆ ଆର୍. ଉଷାଙ୍କ ପୁଅ ସୁନୀଲ ଭୋଜିରେ ଷ୍ଟଲ ପକାଇ ପରିବାର ପ୍ରତିପୋଷଣ କରନ୍ତି। ସୁନୀଲ ନିଜର ସ୍ୱଳ୍ପ ରୋଜଗାରରେ ଏକମାତ୍ର ଭଉଣୀର ବିବାହ କରିଛନ୍ତି। ଏବେ ବିବାହ ସିଜନ ଚାଲିଥିବାରୁ ଏହି ସମୟରେ କିଛି ଅର୍ଥ ରୋଜଗାର କରିବେ ବୋଲି ସୁନୀଲ ଆଶା କରିଥିଲେ। ଅନେକ ଭୋଜିର ଅର୍ଡର ମଧ୍ୟ ତାଙ୍କ ପାଖରେ ଥିଲା। ହେଲେ ଅକାରଣେ ତାଙ୍କର ଆଶା ନିରାଶାରେ ପରିଣତ ହୋଇଗଲା। ତାଙ୍କ ମୁଣ୍ଡ ପାଖରେ ଉଷା ଦିନରାତି ଜଗି ବସୁଛନ୍ତି। ସୂତାହାଟରେ ଈଶ୍ୱରଙ୍କର ଏକ ଛୋଟ ପାନ ଦୋକାନ ରହିଛି। ସେ ମଧ୍ୟ ଦୋକାନ ଖୋଲି ନ ପାରି ମେଡିକାଲରୁ ଘର ଧାଁଦୌଡ କରୁଛନ୍ତି। ଏଭଳି ଦୁଃଖଦାୟକ ପରିସ୍ଥିତିକୁ ସୁନୀଲଙ୍କ ପରିବାର ଯୁଝୁଥିବାବେଳେ ପୋଲିସ ପ୍ରଶାସନ, ସରକାର ଚୁପ ରହିବା ସାଧାରଣରେ ଲୋକଙ୍କୁ ଚକିତ କରୁଛି।





କାର, ବନ୍ଧୁକ।



ଗୁରୁତର କେ.ସୁନୀଲ।

### ସେଦିନ କ'ଣ ଘଟିଥିଲା

କେନ୍ଦୁଝର ଜିଲା ପୋଲିସରେ କାର୍ଯ୍ୟରତ କନଷ୍ଟେବଲ ଟିକେଶ୍ୱର ମହନ୍ତ ତାଙ୍କର ଅନ୍ୟ ୩ ଜଣ ସାଙ୍ଗଙ୍କ ସହ ମେଡିକାଲ କାମରେ ଗତ ୨୫ ତାରିଖରେ କଟକ ଆସିଥିଲେ। ଚିକିତ୍ସା କାମ ନ ସରିବାରୁ ସେମାନେ କଲେଜ ଛକ ନିକଟସ୍ଥ ଏକ ହୋଟେଲରେ ରହିଥିଲେ। ଏହି ଦିନ ଅପରାହ୍ନରେ ସୁନୀଲ ଉକ୍ତ ହୋଟେଲର ମାଲିକ ରାଜକିଶୋର ମହାନ୍ତିଙ୍କୁ ଭେଟିବାକୁ ଯାଇଥିଲେ। ଏହି ସମୟରେ ଟିକେଶ୍ୱର ସାଙ୍ଗମାନଙ୍କୁ ନିଜ ସର୍ଭିସ ପିସ୍ତଲକୁ ଦେଖାଇବା ସହ ଏହାର ବ୍ୟବହାର ବିଷୟରେ ଶିଖାଉଥିଲେ। ହଠାତ୍ ପିସ୍ତଲରୁ ଗୁଳି ବାହାରି ସୁନୀଲଙ୍କ ଶରୀରରେ ବାଜିଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ମୁଖ୍ୟ ଅଭିଯୁକ୍ତ ଟିକେଶ୍ୱର, ହୋଟେଲ ମାଲିକ ରାଜକିଶୋର ମହାନ୍ତି, ମ୍ୟାନେଜର ଗଗନ ଜେନାଙ୍କ ସମେତ ଅନ୍ୟ ୨ ଜଣଙ୍କୁ ଗିରଫ କରାଯାଇଥିଲା ବୋଲି ପୋଲିସ କହିଛି।

### ଭିଣୋଇ ବଞ୍ଚାଇ ଦେଲେ ଜୀବନ

ପୋଲିସ ଘଟଣାକୁ ଯେପରି ବର୍ଣ୍ଣନା କରୁଛି ତାହା ବାସ୍ତବତାଠୁ ଭିନ୍ନ। ଗୁଳିକାଣ୍ଡ ପରେ ସୁନୀଲଙ୍କୁ ତାଙ୍କ ଭିଣୋଇ କେ. ଶଙ୍କର ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ପୋଲିସ କହୁଛି। ହେଲେ ସୁନୀଲଙ୍କୁ ପାଇବା ପାଇଁ ଶଙ୍କରଙ୍କୁ ଅନେକ କଷ୍ଟ କରିବାକୁ ପଡ଼ିଥିଲା। ଗୁଳିକାଣ୍ଡ ଘଟିଥିବା କଲେଜଛକସ୍ଥିତ ଉକ୍ତ ହୋଟେଲରୁ ସୁନୀଲଙ୍କୁ ଉଦ୍ଧାର କରିନାହାନ୍ତି ଶଙ୍କର। ଶଙ୍କରଙ୍କ କହିବାନୁଯାୟୀ, ସୁନୀଲ ଫୋନ କରି କହିଥିଲେ ଯେ ତାଙ୍କର ଦୁର୍ଘଟଣା ହୋଇଛି। ମୁଁ ଆମ୍ବୁଲାନ୍ସରେ ଯାଉଛି ତୁମେ ଟିକେ ଆସ। ହେଲେ ଅଭିଯୁକ୍ତମାନେ ସୁନୀଲଙ୍କୁ ଗାଡ଼ିରେ କଟକର ବିଭିନ୍ନ ଘରୋଇ ନର୍ସିଂହୋମକୁ ନେଇଥିଲେ ବୋଲି ସୁନୀଲ ପରିବାର ଲୋକଙ୍କୁ କହିଛନ୍ତି। ଘରୋଇ ନର୍ସିଂହୋମଗୁଡ଼ିକ ପକ୍ଷରୁ ମନା କରିଦିଆଯିବା ପରେ ତାଙ୍କୁ କଟକ ବାହାରକୁ ନେଇଯିବା ପାଇଁ ଯୋଜନା କରୁଥିଲେ। ଶଙ୍କରଙ୍କୁ ବାରମ୍ବାର ଫୋନ୍ କରି ଉଦ୍ଧାର କରିବା ପାଇଁ ସୁନୀଲ ଆକୁଳ ନିବେଦନ କରିଥିଲେ। କଲେଜଛକ-ଷ୍ଟେଶନ ନିକଟସ୍ଥ ଓଭରବ୍ରିଜ ପାଖରେ ସୁନୀଲଙ୍କୁ ନିଆଯାଉଥିବା କାର୍‌କୁ ଭିଣୋଇ ଶଙ୍କର ଅଟକାଇଥିଲେ। ପରେ ତାଙ୍କୁ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ହେଲେ ଅଭିଯୁକ୍ତମାନେ ସୁନୀଲଙ୍କୁ କେଉଁଆଡେ ନେବା ପାଇଁ ଯୋଜନା କରୁଥିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯୋବ୍ରାରେ ରହୁଥିବା ଭିଣୋଇ ଶଙ୍କର ଅଭିଯୁକ୍ତଙ୍କ ଗାଡ଼ିକୁ ଅଟକାଇ ନ ଥିଲେ ହୁଏତ ଅନ୍ୟ କିଛି ଘଟଣା ଘଟି ଯାଇଥାନ୍ତା।

### ଗୁଳି ବାଜିଛି ବୋଲି ଡେରିରେ ଜାଣିଲେ

ସୁନୀଲ ଗୁଳିମାଡ଼ର ଶିକାର ହୋଇଛନ୍ତି ବୋଲି ଡେରିରେ ଜାଣିଥିଲେ। ଏପରି କି ହୋଟେଲରୁ ବାହାରି ଆସିବା ପରେ ତାଙ୍କୁ ଅନୁଭବ ହୋଇଥିଲା। ସୁନୀଲ ପରିବାର ଲୋକଙ୍କୁ ଦେଇଥିବା ସୂଚନା ଅନୁଯାୟୀ, ହୋଟେଲ ଭିତରେ ମାଲିକଙ୍କ ସହ କଥା ହୋଇ ଫେରିଥିଲେ। ସେଦିନ ପାଗ କୋହଲା ଥିବାରୁ ସୁନୀଲ ଏକ ଜ୍ୟାକେଟ ପିନ୍ଧିଥିଲେ। ଜ୍ୟାକେଟ ପକେଟରେ ହାତ ଭର୍ତ୍ତି ଥିଲା। ହୋଟେଲ ବାହାରକୁ ଆସି ପକେଟରୁ ହାତ କାଢିବା ବେଳକୁ ହାତ କଣା ହୋଇ ଯାଇଥିବା ଦେଖିବାକୁ ପାଇଥିଲେ। ଜଙ୍ଘ ପାଖରେ ହାତ ମାରିବା ବେଳକୁ ସେଠାରୁ ରକ୍ତ ଝରୁଥିଲା। ରକ୍ତ ଦେଖିବା ପରେ ବିଚଳିତ ହୋଇ ବାଇକ ପାଖେ ବସି ପଡିଥିଲେ। ହେଲେ ଗୁଳି ତାଙ୍କ ଦେହରେ ବାଜିଛି ବୋଲି ଅଭିଯୁକ୍ତମାନେ ଜାଣି ସାରିଥିଲେ। ତାଙ୍କୁ ବାଇକ ପାଖରେ ବସିଥିବା ଦେଖି ସେମାନେ ସେଠାରୁ ନେଇ ଯାଇଥିଲେ।

### ସହାୟତା ଦେବାକୁ ମନାକଲେ ଡିସିପି

ଚଳିତମାସ ଆରମ୍ଭରେ ଭୁବନେଶ୍ୱରରେ ଏକ ଅଘଟଣ ଘଟିଥିଲା। ପ୍ରେମିକଙ୍କ ଗୁଳିରେ ପ୍ରେମିକା ଆହତ ହୋଇଥିଲେ। ଏହି ଘଟଣାରେ କମିଶନରେଟ ପୋଲିସ ପକ୍ଷରୁ ଆହତ ପ୍ରେମିକାଙ୍କୁ ୨୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ହେଲେ ପୋଲିସର ସେହି ସମ୍ବେଦନଶୀଳତା ସୁନୀଲଙ୍କ କ୍ଷେତ୍ରରେ ଦେଖିବାକୁ ମିଳିନାହିଁ। ପୋଲିସ ଗୁଳିରେ ସୁନୀଲ ଆହତ ହୋଇଥିବା ଯୋଗୁ ତାଙ୍କୁ ସହାୟତା ରାଶି ପ୍ରଦାନ କରାଯିବ କି ବୋଲି ଡିସିପି ଅଖିଳେଶ୍ୱର ସିଂଙ୍କୁ ପଚରା ଯାଇଥିଲା। ହେଲେ ସେ ରୋକ୍‌ଠୋକ୍ ଭାବେ ମନା କରିଛନ୍ତି।

### ପୋଲିସକୁ ବିଧାୟକଙ୍କ ସମାଲୋଚନା

ପୋଲିସ ଟାଳଟୁଳ ନୀତି ଆପଣାଉଛି ବୋଲି କହିଛନ୍ତି ବିଧାୟକ ଇଂ. ମହମ୍ମଦ ମୋକିମ୍। ତଦନ୍ତ ହେଉ, ସେଥିରେ ଆପତ୍ତି ନାହିଁ। ହେଲେ ପୋଲିସ ଗୁଳିରେ ଆହତ ସୁନୀଲଙ୍କୁ ସହାୟତା ରାଶି ଦିଆଯିବା ଉଚିତ୍। ଏକ ପ୍ରତିନିଧି ମଣ୍ଡଳୀ ଖୁବ୍‌ଶୀଘ୍ର ସୁନୀଲଙ୍କୁ ମେଡ଼ିକାଲରେ ଭେଟିବା ସହ ତାଙ୍କୁ ସହାୟତା ପ୍ରଦାନ ନେଇ ପୋଲିସ ନିକଟରେ ଦାବିପତ୍ର ଦେବ ବୋଲି ବିଧାୟକ ମୋକିମ କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ





କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବିରେ କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

### ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବିକଲା କଂଗ୍ରେସ

କଟକ ଅଫିସ,୨୮।୨

ନାଗରିକତ୍ୱ ସଂଶୋଧନ ଆଇନକୁ ନେଇ ଦିଲ୍ଲୀରେ ଦଙ୍ଗା ସୃଷ୍ଟି ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅପାରଗତା ଯୋଗୁ ଏହି ଦଙ୍ଗା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏଣୁ ଶାହାଙ୍କ ଇସ୍ତଫା ଦାବିରେ ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନକ୍ରମେ ଶୁକ୍ରବାର କଟକ ନଗର (ଜିଲା) କଂଗ୍ରେସ କମିଟି ସଭାପତି ତଥା ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶାନ୍ତିପ୍ରିୟ ଭାରତର ରାଜଧାନୀ ଦିଲ୍ଲୀରେ ଦଙ୍ଗା ସୃଷ୍ଟି କରି ଅଶାନ୍ତ ବାତାବରଣ ରଚୁଥିବା ଶାହା ଶୁକ୍ରବାର ଓଡ଼ିଶା ଆସିଛନ୍ତି। ତାଙ୍କ ଗସ୍ତକୁ ବିରୋଧ କରିବା ସହିତ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, ବିଶ୍ୱଜିତ୍ ଦାସ, ସୂର୍ଯ୍ୟକାନ୍ତ ରାଉତ, ସତ୍ୟାନନ୍ଦ ରାଉତ, ପ୍ରଦୀପ ପ୍ରଧାନ, ଅରୁଣ ସେଠୀ, ସେକ୍ ସମ୍ମିମ ଉଲ୍ଲା, ଚାରୁଲତା ସାହୁ, ଗୌରୀ ଦାସ, ତୃପ୍ତି ଦାସଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଦେଶର ଶାସନ ତନ୍ତ୍ରକୁ ପରିଚାଳନାରେ ଅପାରଗତାକୁ ଜନମାନସରୁ ହଟାଇବା ପାଇଁ କେନ୍ଦ୍ର ସରକାର ଦେଶରେ ଦଙ୍ଗା ସୃଷ୍ଟି କରି ଅସ୍ଥିରତାକୁ ଆପଣାଉଛି ବୋଲି ଦଳର ନେତୃବୃନ୍ଦମାନେ ଅଭିଯୋଗ କରିଥିଲେ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

କଟକ ଅଫିସ, ୨୮।୨

ଜଗତ୍‌ପୁରସ୍ଥିତ ଭାରତୀୟ ଜଳବାୟୁ କଂଗ୍ରେସ ଓ ଜଗନ୍ନାଥ ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଫେସର ସଞ୍ଜୟ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଜ୍ଞାନରେ ମହିଳାଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ପଦନ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ରାଜନ ସାହୁ ଯୋଗଦେଇଥିଲେ। ବେଣୁଧର ସ୍ୱାଇଁ, ପ୍ରଫେସର ପ୍ରତିଭା କୁମାରୀ ନନ୍ଦ, ଡ. ସୁଧୀମୟୀ ବେଉରା ଯୋଗଦେଇଥିଲେ। ସେହିପରି ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଡ. ଦେବାଶିଷ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ବିଜ୍ଞାନର ବ୍ୟବହାରିକ ଜ୍ଞାନ ଓ ବର୍ତ୍ତମାନ ସମୟରେ ଏହାର ଅବସ୍ଥା ଉପରେ ଆଲୋକପାତ କରିଥିଲେ। ଡ. ନମିତା ପଣ୍ଡା ଅତିଥି ପରିଚୟ ଓ ଡ. ସନ୍ତୋଷ ସାମଲ ଧନ୍ୟବାଦ ଦେଇଥିଲେ।

# କଟକରେ ଏନ୍‌ପିଆର ଲାଗୁ ପାଇଁ ପ୍ରସ୍ତୁତି

କଟକ ଅଫିସ,୨୮।୨

କଟକ ଜିଲାରେ ୨୦୨୧ ଜନଗଣନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ଏ ସମ୍ପର୍କରେ ଜନଗଣନା ଚାର୍ଜ ଅଧିକାରୀମାନଙ୍କ ଏକ ପ୍ରଶିକ୍ଷଣ ଶିବିର ସିଏମ୍‌ସିର ବିଜୁ ଭବନରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଭବାନୀ ଶଙ୍କର ଚୟନୀ ଏହାକୁ ଉଦ୍‌ଘାଟନ କରିଥିଲେ। ନ୍ୟାଶନାଲ ପପୁଲେସନ ରେଜିଷ୍ଟର (ଏନ୍‌ପିଆର୍)କୁ ପାଥେୟ କରି ଗୃହ ତାଲିକା ଏବଂ ଜନଗଣନା କରାଯିବ। ଏହି ଜନଗଣନା ପାଇଁ ଏକ ମୋବାଇଲ ଆପ୍‌ର ବ୍ୟବହାର କରାଯିବ। ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ସୂଚନା ଉପଲବ୍ଧ ନିମନ୍ତେ ଜନଗଣନା ପରିଚାଳନା ପୋର୍ଟାଲର ବ୍ୟବସ୍ଥା ସହିତ ଏନୁମେରେଟର ଓ ସୁପରଭାଇଜରମାନଙ୍କୁ ନିଯୁକ୍ତି ଦିଆଯିବ। ସେମାନଙ୍କର ତାଲିମ ବ୍ୟବସ୍ଥା ଏବଂ ସମୟସୀମା ମଧ୍ୟରେ ଜନଗଣନା ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଜନଗଣନା ପାଇଁ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ପ୍ରମୁଖ ଚାର୍ଜ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଜିଲାରେ ୨୪ ଜଣ ଚାର୍ଜ ଅଧିକାରୀ ରହିବା ସହିତ ୧୫ ଜଣ ଅତିରିକ୍ତ ଚାର୍ଜ ଅଧିକାରୀ ଓ ଜଣେ ସିଟି ଜନଗଣନା ଅଧିକାରୀ ନିଯୁକ୍ତି ପାଇଛନ୍ତି। ଏହି ଶିବିରରେ ରାଜ୍ୟ ଜନଗଣନା ନିର୍ଦ୍ଦେଶକ ପ୍ରେମାନନ୍ଦ ଖୁଣ୍ଟିଆ, ସିଏମ୍‌ସି କମିଶନର ଅନନ୍ୟା ଦାସ, କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଉପନିର୍ଦ୍ଦେଶକ ଜନଗଣନା ହାରାଧନ କର୍ମୀ, ଅଭୟ ନାୟକ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଡେପୁଟି କଲେକ୍ଟର ଅଳକାରାଣୀ ଦେବତା, ଜନଗଣନା ନିର୍ଦ୍ଦେଶାଳୟର ଅଧିକାରୀଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଯୋଗଦେଇଥିଲେ ।



ଶିବିରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟମାନେ।

# ନେତାଜୀ ମାର୍କେଟ୍‌ରେ ଜବରଦଖଲ ଉଚ୍ଛେଦ

କଟକ ଅଫିସ,୨୮।୨

ଦରଘାବାଜାରସ୍ଥିତ ନେତାଜୀ ମାର୍କେଟରେ ଶୁକ୍ରବାର ଜବରଦଖଲ ଉଚ୍ଛେଦ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟକ ମହାନଗର ନିଗମ(ସିଏମ୍‌ସି), ସିଡିଏ କର୍ମଚାରୀ ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ରାସ୍ତା ଅବରୋଧ କରୁଥିବା ଦୋକାନ ଓ ଘର ଭଙ୍ଗାଯାଇଥିଲା। ସହରର ଜନଗହଳି ସ୍ଥାନ ମଧ୍ୟରୁ ଏଠାରେ ଅଧିକ ସମୟ ଭିଡ ରହିଥାଏ। ଏପରି କି ଏହି ମାର୍କେଟ ନିକଟରେ ସିଟି ହସ୍ପିଟାଲ ଥିବାରୁ ଅନେକ ସମୟରେ ଆମ୍ବୁଲାନ୍ସଗୁଡ଼ିକୁ ରୋଗୀ ନେବା ଆଣିବାରେ ଅସୁବିଧା ହୋଇଥାଏ। ଯାହାକୁ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ପରେ ହାଇକୋର୍ଟ ଏହି ମାର୍କେଟ୍‌କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସିଟି ହସ୍ପିଟାଲକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ଅବରୋଧ କରୁଥିବା ଗୃହ ଓ ଦୋକାନ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଶୁକ୍ରବାର ୫୦ରୁ ଊର୍ଦ୍ଧ୍ୱ ଦୋକାନ ଓ ଗୃହ ଉଚ୍ଛେଦ ହୋଇଥିଲା। ବେଆଇନ ଭାବେ ରାସ୍ତା ଉପରେ ବାଲିଗୋଡି ଜମା କରିଥିବା ଲୋକଙ୍କଠାରୁ ୧୧,୫୦୦ ଟଙ୍କା ଜରିମାନା ମଧ୍ୟ ଆଦାୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୋନ୍ ଏସିପି ଏସ୍. ସରିଫ୍‌ଉଦ୍ଦିନ୍, ଦରଘାବଜାର ଥାନା ଅଧିକାରୀ ପ୍ରଦୀପ ଜେନା, ସିଏମ୍‌ସି ଡେପୁଟି କମିଶନର ଡ. ଅବିନାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଡୋଜରରେ ଜବରଦଖଲ ଉଚ୍ଛେଦ କରାଯାଉଛି।

# ବିଏଡ୍ କଲେଜ ଭିତ୍ତିଭୂମି ସଜାଡ଼ିବା ପାଇଁ ଦାବି

କଟକ ଅଫିସ, ୨୮।୨



ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ୍ କମିଟି କର୍ମକର୍ତ୍ତା।

### ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର

ରାଜ୍ୟର ୧୪ଟି ବି.ଏଡ୍ କଲେଜକୁ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନିଯୁକ୍ତି ଓ ଭିତ୍ତିଭୂମି ସଜାଡିବା ସହ ବ୍ଲକ୍‌ଗ୍ରାଣ୍ଟ ସ୍କୁଲ୍‌ଗୁଡିକୁ ସରକାରୀ ସ୍କୁଲ ସହିତ ମିଶ୍ରଣ ବନ୍ଦ କରିବା ପାଇଁ ଦାବି ହୋଇଛି। ଏ ନେଇ ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ୍ କମିଟି (ଏଆଇଏସ୍‌ଇସି) କଟକ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କ ନିକଟକୁ ସ୍ମାରକପତ୍ର ପଠାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ଆର୍‌ଏନ୍‌ଆଇଏଏସ୍‌ଇର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ପାଣି, ଅବସରପ୍ରାପ୍ତ ପ୍ରାଧ୍ୟାପକ ମିନାକ୍ଷୀ ପଣ୍ଡା, ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତି, ପ୍ରଶାନ୍ତ ଦାସ, ଆଇନଜୀବୀ ସୁକାନ୍ତ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ବିଶ୍ୱାଳ, ଅବସରପ୍ରାପ୍ତ ବ୍ୟାଙ୍କ୍ ଅଫିସର କଲ୍ୟାଣ ଦତ୍ତ, ସଙ୍ଗଠନର ସମ୍ପାଦକ ବବି ବଳବନ୍ତରାୟ ଓ କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟର ବି.ଏଡ୍ କଲେଜଗୁଡିକରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ, କର୍ମଚାରୀ ନ ଥିବା ଓ ଭିତ୍ତିଭୂମିର ଅଭାବ ଦର୍ଶାଇ ଏନ୍‌ସିଟିଇ ରାଜ୍ୟର ୧୪ଟି ବି.ଏଡ୍ କଲେଜରୁ ବି.ଏଡ୍ କୋର୍ସକୁ ଆସନ୍ତା ଶିକ୍ଷାବର୍ଷରୁ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ଏନ୍‌ସିଟିଇ ବାରମ୍ବାର କାରଣ ଦର୍ଶାଅ ନୋଟିସ୍ ପଠାଇଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଅଣଦେଖା କରିଆସିଛନ୍ତି। ଏହାଦ୍ୱାରା ଆଗାମୀ ଦିନରେ ରାଜ୍ୟରେ ଉପଯୁକ୍ତ ଯୋଗ୍ୟତାପ୍ରାପ୍ତ ଶିକ୍ଷକ ଅଭାବ ଦେଖାଦେବ ଏବଂ ଶିକ୍ଷାଦାନ ପ୍ରକ୍ରିୟା ଉପରେ ହେଉଥିବା ଗବେଷଣା କାର୍ଯ୍ୟ ବାଧାପ୍ରାପ୍ତ ହେବ। ସେହିଭଳି ଯାତାୟାତର ଅସୁବିଧା, ଦାରିଦ୍ର୍ୟ ତଥା ଆବଶ୍ୟକ ସଂଖ୍ୟକ ସ୍କୁଲ ନ ଥିବାରୁ ବିଭିନ୍ନ ସ୍ଥାନରେ ଲୋକେ ସେମାନଙ୍କ ବ୍ୟକ୍ତିଗତ ଉଦ୍ୟୋଗରେ ଏହି ବ୍ଲକ୍‌ଗ୍ରାଣ୍ଟ ସ୍କୁଲଗୁଡ଼ିକୁ ପ୍ରତିଷ୍ଠା କରିଛନ୍ତି। ହେଲେ ସରକାର ସେଗୁଡ଼ିକୁ ପୂର୍ଣ୍ଣ ଅନୁଦାନ ଦେବା ବଦଳରେ ବନ୍ଦ କରିବାର ଘୋଷଣା କରିଛନ୍ତି। ତୁରନ୍ତ ଉଭୟ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି ହୋଇଛି।



ନିଜର ପାପ କର୍ମ ପାଇଁ ମନୁଷ୍ୟକୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡେ।

- ମହାବୀର ଜୈନ



## ସଂକ୍ଷେପରେ

### ଜଳିଗଲା ୨ ବାଇକ

ନରାଜ,୨୮।୨(ଡି.ଏନ.ଏ.): ବାରଙ୍ଗ ଥାନା ଅଧୀନ ମୁଣ୍ଡଳିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସର ଏକ କ୍ୱାର୍ଟର୍ସରେ ଥିବା ୨ ବାଇକ୍ ଗୁରୁବାର ବିଳମ୍ବିତ ରାତିରେ ଜଳିଯାଇଛି। ଏନେଇ ଗୋଡିସାହି ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଦୀପ ପଣ୍ଡାଙ୍କ କ୍ୱାର୍ଟରରେ ଥିବା ବାଇକ୍ ୨ଟିକୁ କେହି ଦୁର୍ବୃତ୍ତ ଜାଳି ଦେଇଛନ୍ତି। ପରୀକ୍ଷା ଥିବାରୁ ରାତିରେ ପଣ୍ଡାଙ୍କ ପୁଅ ପଢୁଥିଲେ। ଏହି ସମୟରେ ପୋଡ଼ାବାସ୍ନା ହେବାରୁ ସେ ବାହାରକୁ ଆସି ଦେଖିବାରୁ ତାଙ୍କର ଦୁଇଟି ବାଇକ ଜଳୁଥିଲା। ଏହାଦେଖି ସେ ତାଙ୍କ ବାପାଙ୍କୁ ଡାକିଥିଲେ। ପଣ୍ଡା ଏହା ଦେଖି ପାଟି କରିବାରୁ ଲୋକେ ଆସି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେତେବେଳକୁ ବାଇକ ଜଳି ପାଉଁଶ ହୋଇଯାଇଥିଲା। ଏ ସମ୍ପର୍କରେ ପଣ୍ଡା ଶୁକ୍ରବାର ସକାଳେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଫାଣ୍ଡି ଏସ୍‌ଆଇ ସମୀର କୁମାର ମହାପାତ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟ ଭିତରକୁ ପ୍ରବେଶ ପାଇଁ ସମସ୍ତଙ୍କୁ ଅନୁମତି ଦିଆଯାଇ ନ ଥାଏ। ଏଠାରେ ରାଜ୍ୟର ବହୁ ଛାତୀଛାତ୍ର ରହି ପାଠ ପଢୁଥିବାରୁ ଭିତରକୁ ପ୍ରବେଶ କରୁଥିବା ସମୟରେ ବହୁ ନୀତିନିୟମ ପାଳନ କରିବାକୁ ପଡିଥାଏ। ଏତେ କଡ଼ା ସୁରକ୍ଷା ଥିବା ସତ୍ତ୍ୱେ କିପରି ଏହିଭଳି ଘଟଣା ଘଟିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ, ଘଟଣାର ତଦନ୍ତ ଜାରିରହିଛି ବୋଲି କହିଛନ୍ତି।

### ଗ୍ୟାରେଜରୁ ଚୋରି

ନିଶ୍ଚିନ୍ତକୋଇଲି,୨୮।୨(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବଜାରରେ ଥିବା ଏକ ଗ୍ୟାରେଜରୁ ଦୁର୍ବୃତ୍ତ ତାଲା ଭାଙ୍ଗି କିଛି ମୋବିଲ ଓ ୩୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ନିଶ୍ଚିନ୍ତକୋଇଲି ଥାନାରେ ଗ୍ୟାରେଜ ମାଲିକ କମଳାକାନ୍ତ ସେନାପତି ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ ୨୮/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା ପ୍ରକାଶ କରିଛନ୍ତି। ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

### ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବଡମ୍ବା,୨୮।୨(ଡି.ଏନ.ଏ.): ବଡ଼ମ୍ବା ଗାନ୍ଧୀ ଛକଠାରେ ନୂତନ ତାରିଣୀ ମନ୍ଦିରର ଶୁକ୍ରବାର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବଡ଼ମ୍ବା ରାଜା ତ୍ରିବିକ୍ରମଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର ଓ କୁମାର ସାହେବ ତ୍ରିଭୁବନଚନ୍ଦ୍ର ଦେବ ଯୋଗ ଦେଇଥିଲେ। ଏଠାରେ ଦୀର୍ଘବର୍ଷ ଧରି ମା'ଙ୍କୁ ଗଛମୂଳେ ପୂଜା କରାଯାଉଥିଲା। ଗାନ୍ଧୀ ଛକ ବଜାର କମିଟିର କିଛି ଉଦ୍ୟୋଗୀ କର୍ମକର୍ତ୍ତା ଓ କିଛି ଶ୍ରଦ୍ଧାଳୁଙ୍କ ସହଯୋଗରେ ଉକ୍ତ ମନ୍ଦିର ପ୍ରତିଷ୍ଠା ହୋଇ ପାରିଛି। ପ୍ରତିଷ୍ଠା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକିଶୋର ମହାନ୍ତି, ବିରଜା ଚରଣ ପଟ୍ଟନାୟକ, ପ୍ରସନ୍ନ ମହାପାତ୍ରଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନରସିଂହପୁର ବାଲିସାହିସ୍ଥିତ ଜୟ ମା'ମଙ୍ଗଳା ଦିବ୍ୟାଙ୍ଗ ଭଜନ ସନ୍ଧ୍ୟା ଗ୍ରୁପ୍ ତରଫରୁ ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗାନ୍ଧୀ ଛକସ୍ଥିତ ସମସ୍ତ ବଜାର କର୍ମକର୍ତ୍ତା ପରିଚାଳନା କରିଥିଲେ।

### ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ବାଙ୍କୀ,୨୮।୨(ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ତୁଳସୀପୁର ସ୍ୱାସ୍ଥ୍ୟକେନ୍ଦ୍ରଠାରେ ତମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭେଷଜ ବିଶେଷଜ୍ଞ ଡ. ନୃସିଂହ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ତମାଖୁ କିପରି ମଣିଷ ସମାଜର କ୍ଷତି କରୁଛି ଓ କିପରି ଭାବେ ମୃତ୍ୟୁ ଆଡ଼କୁ ନେଇଯାଏ ସେ ସମ୍ପର୍କରେ ବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା। ତମାଖୁ ବର୍ଜନ ପାଇଁ ସମସ୍ତ ଆଶା ଓ ସ୍ୱାସ୍ଥ୍ୟ କର୍ମୀମାନେ ଘରେଘରେ ସଚେତନତା କରାଇବା ଆବଶ୍ୟକ ବୋଲି ଡ. ବେହେରା ମତପ୍ରକାଶ କରିଥିଲେ।

# ଚାଷୀଙ୍କ ମାର୍ଗଦର୍ଶକ ସାଜିବ 'ଆମ କୃଷି'

କଟକ ଅଫିସ,୨୮।୨

କଟକ ଜିଲା ପରିଷଦର କୃଷି ସମ୍ବନ୍ଧୀୟ ସ୍ୱତନ୍ତ୍ର ବୈଠକ ଶୁକ୍ରବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲାରେ କୃଷି ଓ କୃଷକ ସଶକ୍ତୀକରଣ ପାଇଁ 'ଆମ କୃଷି' ସେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ସେବା ଫଳରେ କୃଷକମାନେ ଚାଷ ସମ୍ବନ୍ଧୀୟ ସମସ୍ତ ପରାମର୍ଶ ମାଗଣାରେ ମୋବାଇଲ ମାଧ୍ୟମରେ ପାଇପାରୁଛନ୍ତି। ଆଗାମୀ ଦିନରେ ଏହି ସେବା ଚାଷୀଙ୍କ ମାର୍ଗଦର୍ଶକ ସାଜିବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି।

ଫସଲ ଉପଯୋଗୀ କୃଷି ଉପଦେଶ ଯଥା–ଉନ୍ନତ ବିହନ ଏବଂ ଆଧୁନିକ କୃଷି ପ୍ରଣାଳୀ ବିଷୟରେ ସୂଚନା, ଜମି ପ୍ରସ୍ତୁତି, ଅନୁମୋଦିତ ସାର ପ୍ରୟୋଗ ବିଧି ଏବଂ ରୋଗ ପୋକ ଚିହ୍ନଟ ବିଷୟରେ ସୂଚନା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ୦୬୭୪–୬୬୬୭୧୭୧ ପ୍ରଚଳିତ ହୋଇଛି। ଏତଦ୍‌ବ୍ୟତୀତ ଚାଷୀ ମୋବାଇଲ ମାଧ୍ୟମରେ କୃଷି ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ଶୁଣିବା ପାଇଁ ପ୍ରତି ସପ୍ତାହର ସୋମବାରରୁ ଶୁକ୍ରବାର ମଧ୍ୟାହ୍ନ ୧୨ଟାରୁ ରାତି ୮ଟା ପର୍ଯ୍ୟନ୍ତ କଲ୍ ସେଣ୍ଟର ନମ୍ବର ୧୮୦୦ ୧୦୨୫ ୧୬୬କୁ ଯୋଗାଯୋଗ କରିପାରିବେ। ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ ଚାଷୀଙ୍କ ସାମଗ୍ରିକ ବିକାଶ ହୋଇପାରିବ ଓ ସାଧାରଣ ଲୋକଙ୍କ ଜୀବନ ଧାରଣର ମାନ ବୃଦ୍ଧି ପାଇବ ବୋଲି ଜିଲାପାଳ ଚୟନୀ ବୈଠକରେ ଆଶା ପ୍ରକାଶ କରିଥିଲେ। ବୈଠକରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ, ପଶୁପାଳନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ସମବାୟ ସମିତି ଓ କୋଲ୍ଡ ଷ୍ଟୋରେଜ୍ ସ୍ଥାପନ ଆଦି ବିଷୟରେ ଆଲୋଚନା ହୋଇଥିଲା। ଜିଲାରେ ଧାନ ଚାଷ ପାଇଁ ୧ ଲକ୍ଷ ୩୬ହଜାର ହେକ୍ଟର ଏବଂ ଅଣଧାନ ଚାଷ ପାଇଁ ୫୨,୧୫୦ ହେକ୍ଟର ଚାଷ ଜମି ରହିଛି। ସେହିପରି ୨୦୧୯–୨୦ ଆର୍ଥିକ ବର୍ଷରେ ଉଦ୍ୟାନ କୃଷି ବିଭାଗ ଦ୍ୱାରା ନୂତନ ଫଳ ବଗିଚା ସୃଷ୍ଟି କରାଯାଇଛି। ଆମ୍ବ ଚାଷ ପାଇଁ ୧୪୦ ହେକ୍ଟର, ସଙ୍କର ଜାତୀୟ ପନିପରିବା ଚାଷ ପାଇଁ ୪୫୦ ହେକ୍ଟର, ମିଶନ ଶକ୍ତି ମାଧ୍ୟମରେ ଜିଲାରେ ୧୦୦ ଜଣ ଛତୁ ଚାଷ କରୁଛନ୍ତି। ଜିଲାରେ ଚଳିତ ଆର୍ଥିକ ବର୍ଷରେ ମତ୍ସ୍ୟ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ମତ୍ସ୍ୟ ଉତ୍ପାଦନ ପାଇଁ ୧୬୩୫୦.୧୭ ଟନ୍ ଲକ୍ଷ୍ୟ ହାସଲ, ମତ୍ସ୍ୟ ପୋଖରୀ ଯୋଜନା ମାଧ୍ୟମରେ ୧୬.୨ ହେକ୍ଟର ନୂତନ ପୋଖରୀ ଖନନ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୫୬ ହଜାର ମତ୍ସ୍ୟଜୀବୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଅଂଶୁପାରେ ଆବଦ୍ଧ ଘେରି ମଧ୍ୟରେ ୧୩ ଏକର ମତ୍ସ୍ୟଚାଷ ହୋଇପାରିଛି। ଗୋ–ପାଳନ ଓ କୁକୁଡ଼ା ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି। ୨୦୧୯–୨୦ ବର୍ଷରେ ୧୧ଟି ଡାଇରୀ ଫାର୍ମ ଓ ୭୫ଟି କୁକୁଡ଼ା ଫାର୍ମ କରିବା ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ସମସ୍ତ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ଜିଲା ଉଦ୍ୟାନ ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରିବା ବ୍ୟବସ୍ଥା କରାଯାଉଥିବା, ଚାଷ ଜମିର ଦଣ୍ଡା ପ୍ରଶସ୍ତୀକରଣ, ପାଣି ପଞ୍ଚାୟତକୁ ସଙ୍ଗଠିତ କରିବା ଓ ଅଧିକ ଶୀତଳଭଣ୍ଡାର ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ହୋଇଥିଲା।

ଏହି ବୈଠକରେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବ୍‌ଦଲ ଅଖତର, ଜିଲା ପରିଷଦ ଉପସଭାପତି ସୁନୀଲ ପରିଡାଙ୍କ ସମେତ ସମସ୍ତ ଜିଲା ପରିଷଦ ସଦସ୍ୟାସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷାଅଧ୍ୟକ୍ଷ, ଜିଲାସ୍ତରୀୟ ପଦାଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନେ ଯୋଗଦେଇଥିଲେ।

**କଟକ ଜିଲା ପରିଷଦର ସ୍ୱତନ୍ତ୍ର ବୈଠକ**




ଜିଲାପରିଷଦ ସ୍ୱତନ୍ତ ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟମାନେ।

- ମୋବାଇଲ୍‌ରେ ମିଳିବ ଚାଷ ସମ୍ପର୍କିତ ପରାମର୍ଶ
- ମତ୍ସ୍ୟ, ଗୋପାଳନ, କୁକୁଡ଼ା ଚାଷକୁ ଗୁରୁତ୍ୱ

## ହବ୍‌ରେ ପହଞ୍ଚିଲା ଯୁକ୍ତ ୨ ପ୍ରଶ୍ନପତ୍ର

ଆଠଗଡ଼,୨୮।୨(ସ୍ୱ.ପ୍ର.)

ଚଳିତ ଯୁକ୍ତ ୨ ପରୀକ୍ଷା ଲାଗି ଆଠଗଡ଼ସ୍ଥିତ ଗୋପବନ୍ଧୁ ବିଜ୍ଞାନ କଲେଜ ହବ୍‌ରେ ଶୁକ୍ରବାର ସକାଳେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚିଛି। ମାର୍ଚ୍ଚ ୩ରୁ ବିଜ୍ଞାନ ଏବଂ ୪ରୁ କଳା ଓ ବାଣିଜ୍ୟ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ଚାଲିବ। ହବ୍‌ରେ ଏହି କଲେଜକୁ ମିଶାଇ ମୋଟ ୬ କଲେଜର ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ରହିଛି ବୋଲି ହବ୍ ସୁପରଭାଇଜର ତଥା ଅଧ୍ୟକ୍ଷ ହରେକୃଷ୍ଣ ପରିଡା ସୂଚନା ଦେଇଛନ୍ତି। ଗୋପବନ୍ଧୁ ବିଜ୍ଞାନ କଲେଜର କଳାରେ ୨୬୩, ବିଜ୍ଞାନରେ ୧୯୫ ଓ ବାଣିଜ୍ୟରେ ୨୨ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ଗୋପବନ୍ଧୁ ମହିଳା କଲେଜର କଳାରେ ୧୭୯, କଖଡି କଲେଜରେ କଳାରେ ୩୦୮, ସରଣ୍ଡାସ୍ଥିତ ଅଂଶୁପା କଲେଜର କଳାରେ ୧୯୨, ତିଗିରିଆର ପିପି ଦେବ କଲେଜରେ କଳାରେ ୨୬୯ ଓ ବିଜ୍ଞାନରେ ୪୩ ଏବଂ କଳିଙ୍ଗ ମହିଳା କଲେଜରେ କଳାରେ ୧୬୮ ପରୀକ୍ଷାର୍ଥୀଙ୍କୁ ମିଶାଇ ମୋଟ ୧୬୩୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସମସ୍ତଙ୍କ ଲାଗି ପ୍ରଶ୍ନପତ୍ର ଏହି ହବ୍‌ରୁ ପଠାଯିବ।

## ରାଣୀ ଶୁକଦେଈ ଛାତ୍ରୀନିବାସର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଙ୍କୀ,୨୮।୨(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଣୀ ଶୁକଦେଈ ଛାତ୍ରୀ ନିବାସର ବାର୍ଷିକ ଉତ୍ସବ ଗୁରୁବାର ରାତିରେ ପାଳିତ ହୋଇଯାଇଛି। ଉପାଧ୍ୟକ୍ଷ ଡ. ଅରୁଣ କୁମାର ବେହେରା ଆୟୋଜିତ ଉତ୍ସବରେ ସଭାପତିତ୍ୱ କରିଥିଲେ। ଛାତ୍ରୀନିବାସ ତତ୍ତ୍ୱାବଧାରିକା ଅଧ୍ୟାପିକା ଗାୟତ୍ରୀ ନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ବରିଷ୍ଠ ଐତିହାସିକା ଅବସରପ୍ରାପ୍ତ ପ୍ରଧାପିକା ଡ.ବିଜୟଲକ୍ଷ୍ମୀ ପ୍ରହରାଜ ଯୋଗଦାନ କରି ଆଜିର ଛାତ୍ରୀମାନେ ଦେଶର ଭବିଷ୍ୟତ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଆଇଆଇଟି ଅରୁଗୁଳ ପ୍ରଫେସର ଡ.ରାଜୀବ ଲୋଚନ ମିଶ୍ର ଯୋଗଦାନ କରି ବିଭିନ୍ନ ଉପାଦେୟ ତଥ୍ୟ ମାଧ୍ୟମରେ ଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଛାତ୍ରୀନିବାସ ସାଧାରଣ ସମ୍ପାଦିକା ସାସ୍ୱତୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ ତତ୍ତ୍ୱାବଧାରିକା ଅଧ୍ୟାପିକା ଦେବସ୍ମିତା ରାଉତ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀନିବାସ ତରଫରୁ ଡ.ବିଜୟ ଲକ୍ଷ୍ମୀ ପ୍ରହରାଜ ଓ ଡ.ରାଜୀବ ଲୋଚନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଦାଲତ ପରିସରରେ ତ୍ରିନାଥ ଦେବଙ୍କ ବିଗ୍ରହ ପ୍ରତିଷ୍ଠା

ଆଠଗଡ଼,୨୮।୨(ସ୍ୱ.ପ୍ର.)

ଆଠଗଡ଼ ଅଦାଲତ ପରିସରରେ ଶୁକ୍ରବାର ତ୍ରିନାଥ ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଦାଲତ ସମ୍ମୁଖରେ ଥିବା ବଟବୃକ୍ଷ ମୂଳରେ ତ୍ରିନାଥ ଦେବଙ୍କ ଜରାଜୀର୍ଣ୍ଣ ମନ୍ଦିରଥିଲା। ଆଇନଜୀବୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ନୂତନ ବିଗ୍ରହ ସହ ମନ୍ଦିର ମଧ୍ୟ ପ୍ରତିଷ୍ଠା ହୋଇଥିଲା। ଗୁରୁବାର ଅଧିବାସରେ ଔପଚାରିକ ପୂଜା ସହ ବିଗ୍ରହଙ୍କୁ ଧାନ ମଧ୍ୟରେ ଭର୍ତ୍ତି କରି ରଖାଯାଇଥିଲା। ଶୁକ୍ରବାର ସକାଳୁ ଘଟ ପୂଜା, ସୂର୍ଯ୍ୟ ପୂଜା, ଗୋପୂଜା ଓ ବିଭିନ୍ନ ପାରମ୍ପରିକ ପୂଜା ସହିତ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ପଣ୍ଡିତଙ୍କ ଦ୍ୱାରା ଯଜ୍ଞ ଆହୁତି ହୋଇ ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। ଆଇନଜୀବୀ ଦୀପାଳି ଦାଶ ଓ ତାଙ୍କ ସ୍ୱାମୀ କର୍ତ୍ତାଭାବେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ସଭାପତି ପ୍ରସନ୍ନ ରାଉତ, ମନୋରଞ୍ଜନ ମହାନ୍ତି, ବିନୟ ଶୁକ୍ଳା, ଜ୍ଞାନପ୍ରକାଶ ଧଳସାମନ୍ତ, ସୁଜିତ ପଟ୍ଟନାୟକ, ସଞ୍ଜୟ ମହାନ୍ତିଙ୍କ ସମେତ ଆଇନଜୀବୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା

ବାଙ୍କୀ,୨୮।୨(ସ୍ୱ.ପ୍ର.)

ବାଙ୍କୀ ତାଲୁକ ଆଇନ ସେବା କମିଟି ପକ୍ଷରୁ ସମ୍ବିଧାନରେ ନାଗରକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଏକ ସଚେତନତା ଶିବିର ଶୁକ୍ରବାର ବାଙ୍କୀ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ସିନିୟର ଡିଭିଜନ୍ ସିଭିଲଜଜ୍ ଦୀପଙ୍କର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ସମ୍ବିଧାନରେ ନାଗରକଙ୍କ କର୍ତ୍ତବ୍ୟ, ସେମାନଙ୍କ ମୌଳିକ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ନାଗରିକଙ୍କ ମଧ୍ୟ ରାଷ୍ଟ୍ରପ୍ରୀତି କର୍ତ୍ତବ୍ୟ ରହିଛି। ସମସ୍ତ ଅଧିକାରକୁ ଲକ୍ଷ୍ମଣରେଖା ମଧ୍ୟରେ ରହି ପାଳନ କରିବାକୁ ପଡିବ। ପ୍ରତ୍ୟେକ ନାଗରିକଙ୍କ ବଞ୍ଚିବା, କହିବା ଅଧିକାର ପ୍ରଦାନ କରାଯାଇଥିବା ବେଳେ ରାଷ୍ଟ୍ରର କ୍ଷତି ଘଟିବା ଏବଂ ସୁରକ୍ଷା ବିପନ୍ନଭଳି କୌଣସି କାର୍ଯ୍ୟ କରାଯାଇ ପାରିବ ନାହିଁ। ଏହି ଅଧିକାର ବଳରେ ଜନସାଧାରଣ ନିଜର ଜୀବନକୁ ସୁନ୍ଦର ଭାବରେ ଗଢ଼ି ପାରିବେ। ବର୍ତ୍ତମାନ ଦେଶର ସମସ୍ତ ଜନସାଧାରଣ ବସବାସ କିରବା ପାଇଁ ସେମାନଙ୍କୁ ସମ୍ବିଧାନରେ ଅଧିକାର ଦିଆଯାଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରି ସାମ୍ବିଧାନିକ ବିଧି ବ୍ୟବସ୍ଥା ଉପରେ ମତପ୍ରକାଶ କରିଥିଲେ। ଆଇନଜୀବୀ ବିନୋଦିନୀ ପାଣିଗ୍ରାହୀ, ପ୍ରଦୀପ ମହାପାତ୍ର, ପୃଥ୍ୱୀରାଜ ଜୟନାରାୟଣ ପଣ୍ଡା, ରାଜକିଶୋର ମହାପାତ୍ର, ପାରାଲିଗାଲ ମହିଳା ସ୍ୱେଚ୍ଛାସେବୀ ପୁଷ୍ପଲତା ଦେବତା, ନିରୁପମା ଦେବତା, ସ୍ୱର୍ଣ୍ଣଲତା ମହାରଣା ଓ ରେଣୁବାଳା ପ୍ରଧାନଙ୍କ ସମେତ ବହୁ ଓକିଲ ଏବଂ କର୍ମଚାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ଚୌଦ୍ୱାର,୨୮।୨(ଡି.ଏନ୍.ଏ.)

ଚୌଦ୍ୱାରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ଚୌଦ୍ୱାର ମହାବିଦ୍ୟାଳୟର ବିଜ୍ଞାନ ସମାଜ ପକ୍ଷରୁ ଏକ ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ସବିତା କର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ବହୁତଳ ପ୍ରାସାଦର ଉଚ୍ଚତା ମାପକ ଯନ୍ତ୍ର, ଅନ୍ଧକାର ଗୃହରେ ସୂର୍ଯ୍ୟଙ୍କ ବର୍ଣ୍ଣାଳୀ ନିରୂପଣ ପ୍ରକଳ୍ପ, ହର୍ବାଲ ବିୟୁଟି, ପ୍ରାଣୀ ବିଜ୍ଞାନ ବିଭାଗର ମୁକ୍ତା ପ୍ରସ୍ତୁତି ପ୍ରଣାଳୀ, ହୃତ୍‌ପିଣ୍ଡର ଦ୍ୱିସ୍ତରୀୟ ରକ୍ତ ସଞ୍ଚାଳନ ପ୍ରକଳ୍ପ, ରସାୟନ ବିଜ୍ଞାନ ବିଭାଗର ପ୍ଲାଷ୍ଟିକ ଓ ସମୁଦ୍ର ଜଳରୁ ଇନ୍ଧନ ପ୍ରସ୍ତୁତି ଓ ଗଣିତ ବିଭାଗ ପକ୍ଷରୁ ବେଦରୁ ଗଣିତର ଉତ୍ପତ୍ତି ସହିତ ମୋଟ ୩୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଟାଙ୍ଗୀ–ଚୌଦ୍ୱାର ବ୍ଲକ ବଡସାମନ୍ତରାପୁର ନୋଡାଲ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ଜଟ୍ଟଙ୍କ ପୌରୋହିତ୍ୟରେ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ କିଶୋର ମହାନ୍ତି, ଶିକ୍ଷାବିତ୍ ଅକ୍ଷୟ ମିଶ୍ର, କଖଡି ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଶିବ ପ୍ରସାଦ ପତି ଓ ବିଜ୍ଞାନ ଶିକ୍ଷକ ଗୌତମ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପ୍ରଧାନ ଆଚାର୍ଯ୍ୟା କବିତା ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଛାତ୍ରୀ ଶିଳ୍ପା ଶ୍ରେୟାନ ଅତିଥି ପରିଚୟ, ପ୍ରିୟଦର୍ଶିନୀ ଜାନୀ ଧନ୍ୟବାଦ ଦେଇଥିଲେ।

## ବିଜେଡି ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ,୨୮।୨

ବିଜୁ ଛାତ୍ର ଜନତା ଦଳର ରାଜ୍ୟ ମହାସଚିବ ହରିଶଙ୍କର ରାଉତଙ୍କ ନେତୃତ୍ୱରେ ଶତାଧିକ ଛାତ୍ର ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି। ଶୁକ୍ରବାର କଟକ ଜିଲା ସଭାପତିଙ୍କ ବାସଭବନରେ କଟକ ବିଭିନ୍ନ କଲେଜର ଛାତ୍ର ନେତାମାନେ ସାମନ୍ତରାୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଛାତ୍ର, ଯୁବକ, ମହିଳା ସଙ୍ଗଠନକୁ ଆହୁରି ସୁଦୃଢ଼ କରାଯିବା ପାଇଁ ସମସ୍ତେ ଶୁଭକାମନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ଆଶୁତୋଷ ସାହୁ, ଅଭିଜିତ ମହାପାତ୍ର, ସନ୍ତୋଷ ନିମାଇଁ, ମୃତ୍ୟୁଞ୍ଜୟ ମହାନ୍ତି, ବିଭୁ ପ୍ରସାଦ ରାଉତ, ଖାନ୍‌ନଗର ଯୁବକ ସଂଘ ସଭାପତି ପ୍ରତାପ ସାହୁ, ସୂର୍ଯ୍ୟକାନ୍ତ ସାହୁ, ସଂଗ୍ରାମ ସ୍ୱାଇଁ, ଚିନ୍ମୟ ବରାଳ, ଶୁଭେନ୍ଦୁ ରାଉତ, ଅଭିଷେକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବାଙ୍କୀ,୨୮।୨(ସ୍ୱ.ପ୍ର.)

**ବାଙ୍କୀ ଡବଲ ମର୍ଡର ଘଟଣା**

ବାଙ୍କୀ ଡବଲ ମର୍ଡର ଘଟଣାରେ ଖଜୁରୀପଦା(ନୂଆଗାଁ) ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖବରଦାତା ଆଦିତ୍ୟ ରଣସିଂହଙ୍କ ମୃତ୍ୟୁ ହୋଇଥିଲା। ଉଭୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖଜୁରୀପଦାଠାରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହେବା ସହ ସେମାନଙ୍କ ସ୍ମୃତିଚାରଣ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଜୟଦେବ ଜେନା, ବରିଷ୍ଠ ନେତା ପଞ୍ଚାନନ କାନୁନଗୋ, ଦୀନେଶ ଦାଶ, ମିଲି ପଣ୍ଡା, ନିଶିକାନ୍ତ ମହାପାତ୍ର, ସରିତା ବିଶ୍ୱାଳ, ପ୍ରତୀମା ମଣି, ପ୍ରଦେଶ କଂଗ୍ରେସ ମୁଖପାତ୍ର ଜ୍ଞାନ ପ୍ରଧାନ ପ୍ରମୁଖ ଯୋଗଦେଇ ମୃତକ ପରିବାରବର୍ଗଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ବର୍ବରୋଚିତ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହିତ ଘଟଣାର ପ୍ରଚ୍ଛଦ ପଟରେ ଥିବା ନେତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ନେତାମାନେ ଦାବି କରିଥିଲେ। ବାଙ୍କୀ ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ଡ. ଦେବାଶିଷ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ହତ୍ୟାକାଣ୍ଡର ପ୍ରତିବାଦ କରାଯାଇ ଶନିବାର ବାଙ୍କୀ ନିର୍ବାଚନମଣ୍ଡଳୀରେ ବନ୍ଦ ପାଳନ କରାଯାଉଥିବାରୁ ସମସ୍ତେ ସହଯୋଗ କରିବା ପାଇଁ ପଟ୍ଟନାୟକ ନିବେଦନ କରିଥିଲେ। ଶେଷରେ ବାଙ୍କୀ ଉପଖଣ୍ଡ ଯୁବ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି।

# ମଧ୍ୟାହ୍ନଭୋଜନ ଦୁର୍ନୀତିର ତଦନ୍ତ ଆରମ୍ଭ

ନିଶ୍ଚିନ୍ତକୋଇଲି,୨୮।୨(ସ୍ୱ.ପ୍ର.)

- ରାଜ୍ୟ ନୋଡାଲ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା ଶୀର୍ଷକ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା
- ସିଆରସିସି ଓ ପରିଚାଳନା କମିଟି ଉପସଭାପତିଙ୍କ ବୟାନ ରେକର୍ଡ
- ଚିଠି ମିଳି ନ ଥିବାରୁ ତଦନ୍ତ ହୋଇ ନ ଥିଲା: ବ୍ଲକ ଶିକ୍ଷାଧିକାରୀ



ପିଇଓଙ୍କ ଅଫିସରେ ତଦନ୍ତକାରୀ ଅଧିକାରୀ।

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ ଥିବା ଖଣ୍ଡାୟତ ପଟିକିରା ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ବ୍ଲକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) ରାଜ୍ୟ ମଧ୍ୟାହ୍ନଭୋଜନ ନୋଡାଲ ଅଧିକାରୀଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ତେଣୁ ଏହାର ନିରପେକ୍ଷ ତଦନ୍ତ ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ରାଜ୍ୟ ନୋଡାଲ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବ୍ଲକ ଶିକ୍ଷାଧିକାରୀ ନିର୍ଦ୍ଦେଶ ପାଇବା ପରେ ମଧ୍ୟ ତଦନ୍ତରେ ବିଳମ୍ବ କରିଥିଲେ। ଏନେଇ 'ଧରିତ୍ରୀ'ରେ ରାଜ୍ୟ ନୋଡାଲ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରେ ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ବ୍ଲକର ଦୁଇ ଏବିଇଓ ଲକ୍ଷ୍ମଣ ଲେଙ୍କା ଓ ନିକୁଞ୍ଜ ବିହାରୀ ମହାନ୍ତି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସିଆର୍‌ସିସି ଗତିକୃଷ୍ଣ ରାଉତ ଓ ସିଆର୍‌ସିସିଙ୍କୁ ଅଭିଯୋଗ କରିଥିବା ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି କାହ୍ନୁଚରଣ ରାଉତଙ୍କୁ ବିଇଓଙ୍କ କାର୍ଯ୍ୟାଳୟକୁ ଡାକି ଅଭିଯୋଗର ସତ୍ୟାସତ୍ୟ ଉପରେ ଦୁଇ ଅଧିକାରୀ ତଦନ୍ତ କରିଛନ୍ତି। ସିଆରସିସି ତଦନ୍ତ ସମୟରେ ସମସ୍ତ ଦସ୍ତାବିଜ ଓ ତଦନ୍ତ ରିପୋର୍ଟ ଅଧିକାରୀଙ୍କ ଆଗରେ ଉପସ୍ଥାପନ କରିଥିବା ସୂଚନା ମିଳିଛି।

ପ୍ରକାଶଯୋଗ୍ୟ, ଏହି ବିଦ୍ୟାଳୟର ମଧ୍ୟାହ୍ନଭୋଜନରେ ବହୁ ଅନିୟମିତତା ହୋଇଥିବା ନେଇ ପରିଚାଳନା କମିଟି ଉପସଭାପତି କାହ୍ନୁଚରଣ ରାଉତ ୨୭/୧/୨୦ରେ ସିଆରସିସି ରାଉତଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସିଆରସିସି ୨୮/୧/୨୦ରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସମ୍ପୃକ୍ତ ସିଆରସିସି ୩୧/୧/୨୦ରେ ମଧ୍ୟାହ୍ନଭୋଜନ ରାଜ୍ୟ ନୋଡାଲ ଅଧିକାରୀ ଗଙ୍ଗାଧର ସାହୁଙ୍କୁ ଲିଖିତ ଭାବେ ଜଣାଇଥିଲେ। ରିପୋର୍ଟକୁ ଗୁରୁତର ଭାବେ ନେଇ ରାଜ୍ୟ ନୋଡାଲ ଅଫିସର ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପତ୍ର ନଂ–୧୨୮/ ତା:୧୫/୨/୨୦ରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଜିଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଥିଲେ। ବ୍ଲକ ଶିକ୍ଷାଧିକାରୀ ଏହି ତଦନ୍ତକୁ ନିଜେ ନ କରି ଏବିଇଓ ଲେଙ୍କା ଓ ମହାନ୍ତିଙ୍କୁ ଦାୟିତ୍ୱ ଦେଇଛନ୍ତି। ବିଦ୍ୟାଳୟରେ ହୋଇଥିବା ମଧ୍ୟାହ୍ନଭୋଜନ ଦୁର୍ନୀତି ସମ୍ପର୍କରେ ସିଆରସିସି ଦେଇଥିବା ରିପୋର୍ଟକୁ ବ୍ଲକ ଶିକ୍ଷାଧିକାରୀ କାହିଁକି ଗୁରୁତର ସହ ନେଇ ନ ଥିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଉକ୍ତ ରିପୋର୍ଟକୁ ଗୁରୁତ୍ୱ ଦେଇ ନ ଥିବା ବିଇଓଙ୍କୁ ରାଜ୍ୟ ନୋଡାଲ ଅଧିକାରୀ ପୁନର୍ବାର ତଦନ୍ତ ପାଇଁ ଚିଠି କରିବା ଘଟଣା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ତେଣୁ ଜିଲାସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଏହାର ସତ୍ୟାସତ୍ୟ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକଙ୍କୁ ପଚାରିବାରେ ସେ କହିଛନ୍ତି, ରାଜ୍ୟ ନୋଡାଲ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଚିଠି ଆମେ ପାଇ ନ ଥିଲୁ। ଜିଲା ଶିକ୍ଷା ଅଧିକାରୀଙ୍କ ହ୍ୱାଟସଆପ୍ ଯୋଗେ ୨ ଦିନ ତଳେ ଚିଠି ମିଳିଛି। ସେହି ଅନୁସାରେ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ତୁମ କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି,
ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମୋବାଇଲ ଚୋରି କରି ମାଡ଼ ଖାଇଲେ ଯୁବକ

**ଭୁବନେଶ୍ୱର,୨୮।୨(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ସତ୍ୟବିହାର ଅଞ୍ଚଳରେ ଘରେ ପଶି ମୋବାଇଲ ଚୋରି କରୁଥିବା ବେଳେ ଜଣେ ଯୁବକଙ୍କୁ ଲୋକେ ଧରି ନିସ୍ତୁକ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ଶୁକ୍ରବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ପାଣ୍ଡରା ନିକଟସ୍ଥ ଗଙ୍ଗୁଆ ବସ୍ତି ଅଞ୍ଚଳର କୁନା ସେଠୀ। ସୂଚନା ମୁତାବକ, ପ୍ରଗତି ପ୍ରଜ୍ଞା ପରିଜା ସତ୍ୟବିହାର ଅଞ୍ଚଳରେ ରୁହନ୍ତି। ଗୁରୁବାର ରାତିରେ ପ୍ରଗତିପ୍ରଜ୍ଞାଙ୍କ ଘରେ ପଶି କୁନା ମୋବାଇଲ ଚୋରି କରି ଦୌଡ଼ିବା ବେଳେ ତାଙ୍କର ନଜର ପଡିଥିଲା। ସେ କୁନାଙ୍କ ପଛେ ପଛେ ଧାଇଁ ପାଟି କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ନେଇଥିଲେ। ତାଙ୍କୁ ମାଡ ମାରି ପୋଲିସ ଜିମା ଦେଇଥିଲେ। ପୋଲିସ ଏକ କେସ୍ (ନଂ. ୮୯/୨୦) ରୁଜୁ କରିଛି।

### ବାଇକ୍ ଚୋରି ଅଭିଯୋଗରେ ୩ ଗିରଫ

**କଟକ ରୋଡ,୨୮।୨(ଡି.ଏନ୍.ଏ.):** ବାଇକ୍ ଚୋରି ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଶୁକ୍ରବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଝାରପଡ଼ା ଅଞ୍ଚଳର ସାଜିଦ ଖାନ, ଜଟଣୀ ରଥିପୁରର ମହମ୍ମଦ ଫଏଜ ଓ ସେକ ରମଜାନ। ପୋଲିସ ସୂଚନା ଅନୁଯାୟୀ, ଗତ ୨୫ତାରିଖ ମଧ୍ୟାହ୍ନରେ ନୟାଗଡ ଅଞ୍ଚଳର ଟୁନା ନାୟକ ତାଙ୍କ ସ୍ତ୍ରୀଙ୍କ ସହ ବାଇକ୍(ଓଆର ୨୫ସି ୬୬୯୭)ରେ ଲକ୍ଷ୍ମୀସାଗର ଅଞ୍ଚଳକୁ ଆସିଥିବା ବେଳେ ସାଜିଦ୍ ତାଙ୍କ ସ୍ତ୍ରୀଙ୍କୁ ଧକ୍କା ମାରି ବାଇକ୍ ଛଡାଇ ନେଇ ଫେରାର ହୋଇଯାଇଥିଲେ। ପରେ ଉକ୍ତ ବାଇକ୍‌କୁ ସେ ରମଜାନ ଓ ଫଏଜଙ୍କୁ ବିକ୍ରି କରିଥିଲେ। ପୋଲିସ ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ଅଭିଯୁକ୍ତମାନଙ୍କୁ ଧରିଥିଲା। ଏମାନଙ୍କ ଠାରୁ ଚୋରି ବାଇକ୍ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୬୩/୨୦) ରୁଜୁ ହୋଇଥିଲା।

### ବେଆଇନ ବାଲିଉଠାଇ ଧରାପଡ଼ିଲା ୨ ଟ୍ରାକ୍ଟର

**ବାରଙ୍ଗ,୨୮।୨(ଡି.ଏନ.ଏ):** କଲ୍ୟାଣପୁର କୁଆଖାଇ ନଦୀପଠାରୁ ବେଆଇନ ଭାବେ ବାଲିଉଠାଇ ବିକ୍ରି କରୁଥିବା ଅଭିଯୋଗରେ ଶୁକ୍ରବାର ନନ୍ଦନକାନନ ଥାନା ପୋଲିସ ଦୁଇଟି ଟ୍ରାକ୍ଟରକୁ ଜବତ କରିଛି। ଜବତ ଟ୍ରାକ୍ଟର ଦୁଇଟି ହେଲା ନଂ.ଓଡି୦୨ଏମ-୬୫୧୯ ଓ ଓଡି୦୨ଏମ-୬୨୦୫। ଗତ କିଛିମାସ ହେବ ବାଲିପଡ଼ା ରାଜସ୍ୱ ନିରୀକ୍ଷକଙ୍କ ନିୟନ୍ତ୍ରଣରେ ଥିବା ଏହି କୁଆଖାଇ ଅଞ୍ଚଳରୁ ବେଆଇନ ଭାବେ ସ୍ଥାନୀୟ ଗ୍ରାମର ଜଣେ ଯୁବକ ବାଲିଉଠାଇ ବିକ୍ରି କରୁଥିଲା। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀ ଜାଣିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲେ। ବାଲି ଉଠାଇ ବିକ୍ରି କରିବା ସହ ବାଲିପଠା ପାଖରେ ଥିବା ସ୍ୱସ୍ତିବନରେ ୭୦/୮୦ଟ୍ରିପ ଟ୍ରାକ୍ଟର ବାଲି ଗଚ୍ଛିତ ରଖାଯାଇଥିବା ବିଷୟରେ ଗ୍ରାମବାସୀ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳେ ନନ୍ଦନକାନନ ଥାନା ପୋଲିସ ଚଢ଼ାଉ କରି ବେଆଇନ ବାଲିଘାଟରୁ ୨ ଟ୍ରାକରକୁ ଜବତ କରିଥିଲେ।

## ବାପା, ୨ ମଧ୍ୟସ୍ଥ ସହ କ୍ରେତା ଗିରଫ

### ଶିଶୁପୁତ୍ର ବିକ୍ରି ଘଟଣା

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଧୀନ ଭରତପୁରରେ ଜଣେ ମା' ନିଜ ୧୯ ଦିନର ଶିଶୁକୁ ୧୦ ହଜାର ଟଙ୍କାରେ ବିକ୍ରି କରିଥିବା ଖବର ଗୁରୁବାର ପଦାକୁ ଆସିଥିଲା। ଏ ନେଇ ଖଣ୍ଡଗିରି ଥାନାରେ ଚାଇଲ୍ଡଲାଇନ୍ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଆଇପିସି ଦଫା ୩୭୦, ୩୪ ଏବଂ ଜେଜେ ଆକ୍ଟ ଧାରା ୮୧ ଅନୁଯାୟୀ ଏକ କେସ୍ (ନଂ-୧୪୬/୧୯) ରୁଜୁ କରି ଘଟଣାର ଖୋଳତାଡ଼ ଚଳାଇଥିଲା। ଶିଶୁକୁ ଉଦ୍ଧାର କରିବା ପାଇଁ ମଧ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଅଭିଯୋଗର ୬ଘଣ୍ଟା ପରେ ପୋଲିସ ମଞ୍ଚେଶ୍ୱର ଥାନା ଅଧୀନ ରଙ୍ଗମାଟିଆ ଅଞ୍ଚଳରୁ ଶିଶୁକୁ ଉଦ୍ଧାର କରିବା ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିଶୁର ବାପା ଦିଲୁ ଦାଶ (୩୨), କ୍ରେତା ରଙ୍ଗମାଟିଆର

### ଉଦ୍ଧାର ଶିଶୁକୁ ନିଜ ହେପାଜତକୁ ନେଲା ଚାଇଲ୍ଡଲାଇନ

ପ୍ରଶାନ୍ତ କୁମାର ଗୋଛାୟତ, ଦୁଇ ଦଲାଲ ଡୁମୁଡୁମାର ମାନସ ରଞ୍ଜନ ମହାପାତ୍ର ଓ ଭରତପୁରର ପଦୁଆ ଦାଶ (୬୫)। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ଝାରପଡ଼ା ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଶିଶୁଟିକୁ ଚାଇଲ୍ଡଲାଇନ ଉଦ୍ଧାର କରିବା ପରେ ଖଣ୍ଡଗିରିରେ ଥିବା ସୁଭଦ୍ରା ମହତାବ ସେବା ସଦନରେ ଛାଡ଼ିଛି।

### କିଭଳି ହୋଇଥିଲା ଡିଲ୍

ମାନସ ରଞ୍ଜନ ଏକ ଇନ୍‌ସୁରାନ୍ସ ସଂସ୍ଥାରେ ଏଜେଣ୍ଟ ଭାବେ କାମ କରନ୍ତି। ସେଠାରେ ଶିଶୁକୁ କିଣିଥିବା ପ୍ରଶାନ୍ତ ତାଙ୍କ କ୍ଲାଏଣ୍ଟ ଥିଲେ। ପ୍ରଶାନ୍ତ ଦୀର୍ଘବର୍ଷ ହେଲା ବିବାହ କରିଥିଲେ ମଧ ତାଙ୍କର ପିଲାପିଲି ହେଉ ନ ଥିଲା। ତେଣୁ ଅନ୍ୟର ପିଲା କୋଳେଇ ନେବା ପାଇଁ ସେ ମାନସଙ୍କୁ କହିଥିଲେ। ମାନସ ଭରତପୁରର ପଦୁଆଙ୍କ ଘରକୁ ଯାଉଥିବାରୁ ସେ ଏ ନେଇ ତାଙ୍କୁ ବି କହିଥିଲେ। ପଦୁଆଙ୍କ ଘରକୁ ଶିଶୁର ବାପା ଦିଲୁ ନିୟମିତ ଯାଆନ୍ତି। ଦିଲୁଙ୍କର ୬ଟି ପିଲା ରହିଥିବାରୁ ସେ ହଇରାଣରେ ଚଳୁଥିଲେ। ପିଲାଙ୍କୁ ମୁଠାଏ ଖାଇବାକୁ ଦେଇ ପାରୁ ନ ଥିଲେ। ତେଣୁ ପିଲା ଦେବାକୁ ପଦୁଆ କହିବା ପରେ ଦିଲୁ ରାଜି ହୋଇଥିଲେ। ଏହାପରେ ଗତ ଶନିବାର ଶିଶୁର ମା' ରାଜି ହେବା ପରେ ଦୁଇ ମଧ୍ୟସ୍ଥଙ୍କ ଉପସ୍ଥିତିରେ ଏକ କୋର୍ଟ କାଗଜରେ ଚୁକ୍ତି ହୋଇ ଶିଶୁକୁ ବିକ୍ରି କରାଯାଇଥିବା ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

### ପିଲା ଯେଉଁଠି ରହୁ ଭଲରେ ରହୁ: ଶିଶୁର ମା'

ଅନ୍ୟପଟେ ପୁଅ ବିକ୍ରି କଥାକୁ ଦିଲୁ ଏଡ଼ାଇ ଯାଇଛନ୍ତି। ସେ କହିଛନ୍ତି ଯେ, ମୁଁ ୪ଟି ଶିଶୁକୁ ଖାଇବାକୁ ଦେଇପାରୁନାହିଁ। ଦେହ ଅସୁସ୍ଥ ହେଲେ ଔଷଧ ଦେଇପାରୁନି। ଏପରିକି ସେମାନଙ୍କୁ ପାଠ ପଢାଇପାରୁନି। ତେଣୁ ସେମାନଙ୍କ ଭବିଷ୍ୟତକୁ ଦେଖି ମୁଁ ଶିଶୁଟିକୁ ବାବୁଙ୍କୁ ଦାନ କରି ଦେଇଥିଲି। ତାଙ୍କ ନିକଟରେ ଶିଶୁଟି ଭଲରେ ରହିବ ଓ ଭଲ ଖାଇବ। ତାଙ୍କ ନିକଟରୁ କିଛି ଟଙ୍କା ନେଇନାହିଁ। ମୋର ଦେହ ଅସୁସ୍ଥ ଥିବାରୁ ଡାକ୍ତର ଦେଖାଇବା ପାଇଁ ୧୦ ହଜାର ଟଙ୍କା ନେଇଥିଲି ବୋଲି ଦିଲୁ ପ୍ରକାଶ କରିଛନ୍ତି। ସେହିପରି ଏବେ ଚାଇଲ୍ଡ ଲାଇନ୍ ଶିଶୁକୁ ନେବା ପରେ ସେ ସେଠାରେ ଭଲରେ ରହୁ ବୋଲି ଶିଶୁର ମା' କହିଛନ୍ତି।

ଏ ନେଇ ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି ଯେ, ଶିଶୁଙ୍କୁ ଆଡପ୍ଟ କରିବା ଭଲ କାର୍ଯ୍ୟ। ତେବେ ଆଇନ ଅନୁସାରେ ଆଡପ୍ଟ କରିବା ଆବଶ୍ୟକ। ଯଦି ବେଆଇନ ଭାବେ ଶିଶୁଙ୍କୁ ଆଡପ୍ଟ କରାଯାଉଛି ତେବେ କିଶୋର ନ୍ୟାୟ ଆଇନର ଧାରା ୮୦ ଅନୁସାରେ ୩ବର୍ଷ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ତେଣୁ ଯେଉଁମାନେ ଶିଶୁଙ୍କୁ ଆଡପ୍ଟ କରିବାକୁ ଚାହୁଁଛନ୍ତି ସେମାନେ ଉପଯୁକ୍ତ ନିୟମ ଅନୁଯାୟୀ ଆଡପ୍ଟ କରନ୍ତୁ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଫଟୋକୁ ପୋଡ଼ାଯାଉଛି।

## ଶାହାଙ୍କ ଓଡ଼ିଶା ଗସ୍ତକୁ ଜିଲା କଂଗ୍ରେସର ବିରୋଧ

### ଇସ୍ତଫା ଦାବି କରି ଫଟୋ ପୋଡ଼ାଗଲା

**ପୁରୀ ଅଫିସ,୨୮।୨**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତକୁ ପୁରୀ ଜିଲା କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ଶୁକ୍ରବାର ଟାଉନ ହଲ୍ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଶାହାଙ୍କ ବିରୋଧରେ ନାରାବାଜି ଦିଆଯିବା ସହ ତାଙ୍କ ଫଟୋଚିତ୍ରକୁ ପୋଡ଼ାଯାଇଥିଲା। ନାଗରିକତ୍ୱ ସଂଶୋଧିତ ଆଇନ(ସିଏଏ)କୁ ନେଇ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହେଉଛି। ଦିଲ୍ଲୀରେ ସ୍ଥିତି ବର୍ତ୍ତମାନ ସଙ୍ଗିନ ହୋଇପଡିଛି। ଦିଲ୍ଲୀ ପୋଲିସର ନିଷ୍କ୍ରିୟତା, କେନ୍ଦ୍ର ସରକାରଙ୍କ ଅପରିପକ୍ୱତା ଯୋଗୁ ଗୋଇନ୍ଦା ବିଫଳତା କାରଣରୁ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ୨୦୦୨ରେ ଶାହା ଗୁଜରାଟର ମନ୍ତ୍ରୀ ଥିବାବେଳେ ରାଜ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ଘଟି ପ୍ରାୟ ୨ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଶାହା କେନ୍ଦ୍ର ଗୃହମନ୍ତ୍ରୀ ଅଛନ୍ତି। ମାତ୍ର ଦିଲ୍ଲୀ ହିଂସାକାଣ୍ଡରେ ପୋଲିସ ଏକପ୍ରକାର ନୀରବଦ୍ରଷ୍ଟା ସାଜିଛି। ଫଳରେ ଦିଲ୍ଲୀ ଆଜି ଅଶାନ୍ତ ହୋଇପଡ଼ିଛି। ଅନେକ ଲୋକଙ୍କ ଜୀବନ ଯାଇଥିବାବେଳେ ବ୍ୟାପକ ମାତ୍ରାରେ ଧନହାନୀ ଘଟିଛି। ଗୋଟିଏ ପଟେ ସିଏଏକୁ ନେଇ ଦିଲ୍ଲୀରେ ହିଂସାକାଣ୍ଡ ଥମୁ ନ ଥିବାବେଳେ ଅନ୍ୟପଟେ ସିଏଏର ଆବଶ୍ୟକତା ବୁଝାଇବା ପାଇଁ ଶାହାଙ୍କ ଓଡ଼ିଶା ଆସୁଥିବାରୁ ଜିଲା କଂଗ୍ରେସ ବିରୋଧ କରୁଛି। ଦିଲ୍ଲୀର ଏହି ସ୍ଥିତି ପାଇଁ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ କଂଗ୍ରେସ ଦାୟୀ କରି ତାଙ୍କର ଇସ୍ତଫା ଦାବି କରିବା ସହ ଶାହଙ୍କ ଫଟୋଚିତ୍ର ଦାହ କରିଥିଲା। ଜିଲା କଂଗ୍ରେସ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ବିଶ୍ୱନାଥ ଦାଶ, ଜୟନାରାୟଣ ପଟ୍ଟନାୟକ, ସ୍ୱାଧୀନ ପଣ୍ଡା, ଆଶୁତୋଷ ମିଶ୍ର, କାହ୍ନୁଚରଣ ପ୍ରଧାନ, ଲାଲାଟେନ୍ଦୁ ଦାଶ, ସ୍ମୃତିରଞ୍ଜନ ପତି, କାଳୀଚରଣ ନାୟକ, ସୁକାନ୍ତ ପ୍ରଧାନ, ଉମାପଦ ମିଶ୍ର, ଆରତି ସାହୁ, ଅମରେନ୍ଦ୍ର ପାଇକରାୟ, ରଜତ ସାହୁ, ସେକ୍ ଅଇନୁଲ ହକ୍ ପ୍ରମୁଖ ଉପସ୍ଥିତ ଥିଲେ।



ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ଶୁକ୍ରବାର ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

### ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

**ଭୁବନେଶ୍ୱର,୨୮।୨(ବ୍ୟୁରୋ):** ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସ୍ୱାମୀଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ବାନମ୍ବର ମଲ୍ଲିକ ଓରଫ ବାନା। ବୁଧବାର ରାତିରେ ବାନାମ୍ବର ସାମାନ୍ୟ କଥାକୁ ନେଇ ସ୍ତ୍ରୀ ମୀନାଙ୍କ ମୁଣ୍ଡ ଫଟାଇ ଫେରାର ହୋଇଯାଇଥିଲେ।

## ଚିଲିକାରୁ ବାହୁଡ଼ିଲେ ବିଦେଶାଗତ ପକ୍ଷୀ

**ବାଲୁଗାଁ, ୨୮।୨ (ଡି.ଏନ.ଏ.):** ଶୀତର ପ୍ରକୋପ କମି ଆସିବାରୁ ଚିଲିକାରୁ ବିଦେଶାଗତ ପକ୍ଷୀ ଏବେ ଘର ମୁହାଁ ହେବାରେ ଲାଗିଛନ୍ତି। ପ୍ରତ୍ୟାବର୍ତ୍ତନ ପୂର୍ବରୁ ଚିଲିକା ମଧ୍ୟସ୍ଥ ନଳବଣ ଆକାଶରେ ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ ଏକତ୍ରିତ ହୋଇ ସ୍ୱଦେଶକୁ ଫେରିବା ଆରମ୍ଭ କରିଛନ୍ତି।



୨୦୧୯ ନଭେମ୍ବର ପହିଲାରୁ ଶୀତ ପଡ଼ିବା ମାତ୍ରେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଥିଲା। ଖାଦ୍ୟ ଓ ନିରାପଦ ବାସସ୍ଥାନ ଅନ୍ୱେଷଣରେ ବିଭିନ୍ନ ପ୍ରଜାତିର ପକ୍ଷୀ ସବୁ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକାକୁ ଆସିଥାଆନ୍ତି। ଏଥିସହ ଅଭୟାରଣ୍ୟ ନଳବଣକୁ ପକ୍ଷୀମାନେ ନିରାପଦ ବାସସ୍ଥାନ ରୂପେ ଗ୍ରହଣ କରି ନେବା ସହ ଏଠାରେ ୩ ମାସ ରହଣିକାଳ ମଧ୍ୟରେ ପକ୍ଷୀମାନେ ଅଣ୍ଡା ଦେଇ ବଂଶ ବିସ୍ତାର କରିଥାଆନ୍ତି। ପୁନର୍ବାର ଫେବୃୟାରୀ ମଧ ଭାଗରେ ଧରାପୃଷ୍ଠକୁ ଗ୍ରୀଷ୍ମ ଛୁଇଁବା ମାତ୍ରେ ପକ୍ଷୀ ସବୁ ଶାବକ ଛୁଆଙ୍କ ସହ ନିଜ ନିଜର ଭିଟାମାଟିକୁ ଫେରିବା ଆରମ୍ଭ କରିଥାଆନ୍ତି। ଚଳିତବର୍ଷ ଚିଲିକାରେ ମୋଟ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିଲା। ସେମାନଙ୍କ ମଧ୍ୟରୁ ୟୁରାସିଆନ୍ ୟୁଜିଅନ୍, ପିଣ୍ଟେଲ୍, ଗଡ଼ୱିଟ୍, ସୋଭଲର, ଗଡ଼ୱାଲ୍ ଆଦି ପ୍ରଜାତି ସର୍ବାଧିକ ଥିଲେ। ତାତି ବଢ଼ିବା ସଙ୍ଗେ ସଙ୍ଗେ ଗତ ଏକ ସପ୍ତାହ ମଧ୍ୟରେ ଚିଲିକାରୁ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ପର୍ଯ୍ୟାୟକ୍ରମେ ସ୍ୱଦେଶକୁ ଫେରିଯାଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡ଼ିଏଫ୍‌ଓ ଆଲୋକ ରଞ୍ଜନ ହୋତା ସୂଚନା ଦେଇଛନ୍ତି।

## ନ୍ୟାୟ ପାଇଁ ପୀଡ଼ିତା ହାଇକୋର୍ଟଙ୍କ ଦ୍ୱାରସ୍ଥ

■ ଶିକ୍ଷକଙ୍କୁ ଲଣ୍ଡା, ଶିକ୍ଷୟିତ୍ରୀଙ୍କୁ ଉଲଗ୍ନ କରି ବୁଲାଇବା ଘଟଣା
■ ଭିଡିଓ ଭାଇରାଲ କରିଥିବା ଯୁବକଙ୍କୁ ଚିହ୍ନଟ କରିନି ପୋଲିସ

**ଭୁବନେଶ୍ୱର,୨୮।୨(ବ୍ୟୁରୋ)**

ଜଣେ ଶିକ୍ଷକଙ୍କୁ କେତେକ ଲୋକ ଲଣ୍ଡା କରିବା ସହ ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀଙ୍କୁ ଉଲଗ୍ନ କରି ବୁଲାଇଲେ। ଏପରି କି ଏହାର ଭିଡିଓ ମୋବାଇଲ୍‌ରେ ରେକର୍ଡିଂ କରି ଭାଇରାଲ କଲେ। ଏ ନେଇ ଶିକ୍ଷୟିତ୍ରୀ ଜଣକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କୋହଳ ଦଫା ଲଗାଇ ଚୁପ୍ ବସିଛି। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଚାପ ପଡ଼ିବାରୁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କୁ ଗିରଫ ତ ଦୂରର କଥା ଏପର୍ଯ୍ୟନ୍ତ ପୋଲିସ ଚିହ୍ନଟ କରିପାରିଲା ନାହିଁ। ଏହି ଘଟଣାକୁ ୯ ମାସ ବିତିଯାଇଥିଲେ ସୁଦ୍ଧା ପୀଡ଼ିତା ନ୍ୟାୟ ପାଇପାରି ନାହାନ୍ତି। ଡିସିପି, ପୋଲିସ କମିଶନର ଏବଂ ଡିଜିପିଙ୍କୁ ଭେଟି ଅଭିଯୋଗ ଜଣାଇ ନିରାଶ ହେବା ପରେ ଶେଷରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବାକୁ କୋର୍ଟଙ୍କୁ ଗୁହାରି ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ନିଜ ବସ୍ତିରେ କୋଚିଂ ସେଣ୍ଟର ଖୋଲି ପିଲାଙ୍କୁ ପାଠ ପଢାଉଥିଲେ। ଜଣେ ବ୍ୟକ୍ତି ତାଙ୍କର ଦୁଇ ପିଲାଙ୍କୁ ସେଠାକୁ ପଠାଉଥିଲେ। ତାଙ୍କର ଟିଉସନ୍ ଫିସ୍ ୭ହଜାର ଟଙ୍କା ବାକି ଥିଲା। ଶିକ୍ଷକ ଜଣଙ୍କ ଟଙ୍କା ମାଗିଥିଲେ ମଧ ସମ୍ପୃକ୍ତ ବ୍ୟକ୍ତି ଦେଇ ନ ଥିଲେ। ୨୦୧୯ ମେ ୨୮ ତାରିଖରେ ୧୦ ଜଣଙ୍କ ସହ ସମ୍ପୃକ୍ତ ବ୍ୟକ୍ତି ସେଠାକୁ ଆସିଥିଲେ। ସମ୍ପୃକ୍ତ ବ୍ୟକ୍ତି ଆଲୋଚନା କରିବା ପାଇଁ କହି ଶିକ୍ଷକ ଜଣଙ୍କୁ ନିଜ ଘରକୁ ଡାକି ନେଇଥିଲେ। ତାଙ୍କ ଝିଅକୁ ଅସଦାଚରଣ କରିଥିବା ମିଛ ଅଭିଯୋଗ ଲଗାଇ ମାଡ ମାରିଲେ। ସାହି ମଝିରେ ତାଙ୍କୁ ଲଣ୍ଡା କରିଥିଲେ। ଏହାକୁ ଶିକ୍ଷୟିତ୍ରୀ ସ୍ତ୍ରୀ ବିରୋଧ କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ମଧ ଉଲଗ୍ନ କରି ବୁଲାଇଥିଲେ। ଖବର ପାଇ ମଞ୍ଚେଶ୍ୱର ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପୋଲିସ ଅସଦାଚରଣ ମାମଲାରେ ଶିକ୍ଷୟିତ୍ରୀଙ୍କ ସ୍ୱାମୀକୁ ଗିରଫ କରିଥିଲା। ଏ ନେଇ ମଞ୍ଚେଶ୍ୱର ଥାନା ଅଧିକାରୀ ଜୀତେନ୍ଦ୍ରନାଥ ସେଠୀ କହିଛନ୍ତି, ପ୍ରଥମେ ମହିଳା ଯେଉଁ ଅଭିଯୋଗ କଲେ ସେହି ଆଧାରରେ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଥିଲା। ହେଲେ ପରେ ସେମାନେ ଭାବି ଭାବି ଏଭଳି ଭିଡିଓ ଭାଇରାଲ କରି ଅଭିଯୋଗ କଲେ ପୁଣି ମାମଲା ହେବ କି। ଉକ୍ତ ଭିଡିଓକୁ ଆମେ ଯାଞ୍ଚ କରିଥିଲୁ, ସେଥିରେ ନଗ୍ନତା ଦେଖିବାକୁ ମିଳି ନ ଥିଲା।

## ଗାନ୍ଧୀ ବିଶେଷାଙ୍କ ଲୋକାର୍ପିତ କଲେ ରାଜ୍ୟପାଳ

**ପୁରୀ ଅଫିସ,୨୮।୨**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ତ୍ରୈମାସିକ ସାହିତ୍ୟ ପତ୍ରିକା ସୁଲେଖା ପକ୍ଷରୁ ଗାନ୍ଧୀ ବିଶେଷାଙ୍କ ପ୍ରସ୍ତୁତ କରାଯାଇଛି। ଓଡ଼ିଶାର ବିଭିନ୍ନ କବି ଓ ଲେଖକଙ୍କ ଲେଖାରେ ସମୃଦ୍ଧ ସୁଲେଖାର ଏହି ପ୍ରଥମ ସଂଖ୍ୟାକୁ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସର୍କିଟ ହାଉସ୍ ପରିସରରେ ଲୋକାର୍ପଣ କରିଛନ୍ତି। ସୁଲେଖାର ମୁଖ୍ୟ ସମ୍ପାଦକ ସଦାଶିବ ମିଶ୍ର, କବି ରକ୍ଷକ ନାୟକ, ସୁଲେଖା ସମ୍ପାଦନାମଣ୍ଡଳୀ ସଭ୍ୟ ଶିବସୁନ୍ଦର ମିଶ୍ର, ସୁରେଶ ପଟ୍ଟନାୟକ, ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା, କିରଣ ଜ୍ୟୋତି ସଙ୍ଗୀତ ପରିଷଦର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ସିହ୍ନା, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ଗୌରାଙ୍ଗ ପରିଡ଼ାଙ୍କ ମହାତ୍ମାଙ୍କ ମନକଥା ଏବଂ କିରଣ ଜ୍ୟୋତି ସଙ୍ଗୀତ ପରିଷଦର ମୁଖପତ୍ର ତାନପୁରାକୁ ମଧ ଉନ୍ମୋଚିତ କରିଥିଲେ। ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ଏଭଳି ସାରସ୍ୱତ ଶ୍ରଦ୍ଧାଞ୍ଜଳିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ଗାନ୍ଧୀ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

## ବିଏସ୍‌ସିଏଲ୍‌କୁ ସ୍ମାର୍ଟସିଟି ସଶକ୍ତୀକରଣ ପୁରସ୍କାର

### 'ମୁଁ ସେଭିଅର' ଆପ୍ ପାଇଁ ପୁରସ୍କୃତ

**ଭୁବନେଶ୍ୱର, ୨୮।୨ (ବ୍ୟୁରୋ)**

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ (ବିଏସ୍‌ସିଏଲ)କୁ ସ୍ମାର୍ଟସିଟି ସଶକ୍ତୀକରଣ ପୁରସ୍କାର-୨୦୨୦ ସମ୍ମାନ ମିଳିଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ଭୁବନେଶ୍ୱର ସହରରେ ବନ୍ୟା ପରିସ୍ଥିତି ପରିଚାଳନା ପାଇଁ 'ମୁଁ ସେଭିଅର' ଆପ୍ ନିମନ୍ତେ ବିଏସ୍‌ସିଏଲକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

'ମୁଁ ସେଭିଅର' ଆପ୍ ହେଉଛି ସୂଚନା ଓ ପ୍ରଯୁକ୍ତି ବିଦ୍ୟା(ଆଇସିଟି) ଆଧାରିତ ଯାହା ଭବିଷ୍ୟତରେ ସହରରେ ବନ୍ୟା ପରିସ୍ଥିତିକୁ ରୋକିବାରେ ସହାୟକ ହେବ। ୨୦୧୯ ଡିସେମ୍ବରରେ ବିଏସ୍‌ସିଏଲ ଏବଂ ବିଏମ୍‌ସି ଜର୍ମାନ ଡେଭ୍‌ଲପ୍‌ମେଣ୍ଟ କୋପରେଶନ (ଜିଆଇଜେଡ୍) ସହିତ ସହଭାଗିତାରେ ଭୁବନେଶ୍ୱରର ନୟାପଲ୍ଲୀ ଏବଂ ଶତାବ୍ଦୀନଗରରେ ଆରମ୍ଭ କରିଥିଲା। ଏହାଦ୍ୱାରା ନାଗରିକମାନେ ସହରର ଦୁର୍ବଳ ସ୍ଥାନରେ ବନ୍ୟା ପରିସ୍ଥିତି ପ୍ରଭାବକୁ କମ୍ କରିବାରେ ସହାୟକ ହେବେ ବୋଲି ସ୍ମାର୍ଟସିଟି କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ଡିଜିଟାଲ ସମାଧାନ ସ୍ୱରୂପ ଏହି ଆପ୍‌ରେ ନାଗରିକମାନେ ଡ୍ରେନ୍‌ଗୁଡିକରେ ଚିହ୍ନଟ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପଏଣ୍ଟଗୁଡିକର ସ୍ଥିତି ବିଷୟରେ ସୂଚନା ଦେଇପାରିବେ। ଏହି ଆପ୍ ନାଗରିକମାନଙ୍କ ଠାରୁ ୩ଟି ସୂଚନା ଯଥା ଡ୍ରେନରେ ପଡ଼ିରହିଥିବା ଅଳିଆ, ଡ୍ରେନର ଜଳ ପ୍ରବାହ ଏବଂ ଜଳସ୍ତରର ସୂଚନା ଗ୍ରହଣ କରିବ। ଏହି ସୂଚନା ସିଧାସଳଖ ବିଏସ୍‌ସିଏଲର ଆନାଲିଟିକାଲ ସିଷ୍ଟମକୁ ଯିବ। ଫଳରେ ବିଏସ୍‌ସିଏଲ ସମସ୍ୟା ବିଶ୍ଳେଷଣ କରି ତା'ର ସମାଧାନ ପାଇଁ କାର୍ଯ୍ୟ କରିବ। ଏହି ସୂଚନା ଆଧାରରେ ସହରରେ ବିଭିନ୍ନ କାର୍ଯ୍ୟ ପାଇଁ ଥିବା ଅଧିକାରୀମାନଙ୍କୁ ସୂଚିତ କରାଯିବ। ନିର୍ଦ୍ଦେଶ ଅନୁଯାୟୀ ଅଧିକାରୀମାନେ ବନ୍ୟା ପରିସ୍ଥିତି ଏବଂ ଡ୍ରେନ ସଫା କରିବା ପାଇଁ କାର୍ଯ୍ୟ କରିବେ।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରରେ ବିଶେଷକରି ଡ୍ରେନ ମାଧ୍ୟମରେ ଆଳିଆ ଆବର୍ଜନା ନିଷ୍କାସନ ହୋଇଥାଏ। ଫଳରେ ବର୍ଷାଦିନେ ଡ୍ରେନରେ ଅଳିଆ ଆବର୍ଜନା ଜମିରହି ପାଣି ନିଷ୍କାସନ ହୋଇ ପାରି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ତେଣୁ ବର୍ଷା ସମୟରେ ଡ୍ରେନ୍‌ରୁ ଜଳ ନିଷ୍କାସନ କରିବା ଏହି ଆପ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଏହି ଆପ୍‌ର କାର୍ଯ୍ୟପ୍ରଣାଳୀ ଅନୁଯାୟୀ ଲୋକଙ୍କୁ ଡ୍ରେନ୍‌ରେ ପଡ଼ିରହିଥିବା ଆବର୍ଜନା, ଫାଟିଥିବା ସ୍ଥାନ ଆଦିକୁ ଚିତ୍ର ଦେଖି ଚିହ୍ନଟ କରିବାକୁ ହେବ। ଆପ୍‌ରେ



ଡ୍ରେନର ଅସୁବିଧା ସମ୍ବନ୍ଧିତ ଚିତ୍ର ଥିବା ବେଳେ ଲୋକେ ଦେଖୁଥିବା ସମସ୍ୟାର ଅବିକଳ ଚିତ୍ରକୁ ଚିହ୍ନଟ କରିବାକୁ ପଡ଼ିବ। ଏହି ସୂଚନା ବିଏସ୍‌ସିଏଲ ପାଖକୁ ଆସିବା ପରେ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରାଯିବ।

ସ୍ମାର୍ଟସିଟି ସଶକ୍ତୀକରଣ ଭାରତ ପୁରସ୍କାର-୨୦୨୦ ସହ ବିଏସ୍‌ସିଏଲ ବହୁ ପୁରସ୍କାର ପାଇଛି। ୨୦୧୭ରେ ବାର୍ସିଲୋନାରେ ଅନୁଷ୍ଠିତ କାନାଡୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାନ୍ସ ଦ୍ୱାରା ପ୍ଲାନିଂ ଏକ୍ସିଲେନ୍ସ ମେରିଟ୍ ପୁରସ୍କାର, ସ୍ମାର୍ଟସିଟି ଏକ୍ସପୋ ୱାର୍ଲ୍ଡ କଂଗ୍ରେସ ଫାଇନାଲିଷ୍ଟ, ୨୦୧୭-୧୮ରେ ହୁଡ୍‌କୋ ଦ୍ୱାରା ସର୍ବୋତ୍ତମ ଆଭାସ ପୁରସ୍କାର, ସାମାଜିକ ସ୍ମାର୍ଟ ଭୁବନେଶ୍ୱର ପ୍ରକଳ୍ପ ପାଇଁ ୨୦୧୮ରେ ସ୍ମାର୍ଟସିଟି ଏକ୍ସପୋ ଇଣ୍ଡିଆ ପୁରସ୍କାର, ୨୦୧୯ରେ ନେତୃତ୍ୱ ପୁରସ୍କାର, ଜିଓପାଜିଆଲ ଏକ୍ସଲେନ୍ସ ପୁରସ୍କାର, ବି-ଆକ୍ଟିଭ ପ୍ରୋଜେକ୍ଟ ପାଇଁ ସିଆଇଟିଆଇଆଇଏସ୍ ପୁରସ୍କାର ଏବଂ ସାଧାରଣ ପେମେଣ୍ଟ କାର୍ଡ ପାଇଁ ଡିଜିଟାଲ ଇନୋଭେଟର ପୁରସ୍କାର ପାଇଛି। ଆଗକୁ ମଧ ବିଏସ୍‌ସିଏଲ ଅତ୍ୟାଧୁନିକ କାର୍ଯ୍ୟଶୈଳୀ ପାଇଁ ପୁରସ୍କାର ପାଇବ ବୋଲି ପରିଚାଳନା ଅଧିକାରୀ ପ୍ରେମଚନ୍ଦ୍ର ଚୌଧୁରୀ ଆଶା ପ୍ରକାଶ କରିଛନ୍ତି।

## ୨ ପକ୍ଷୀ ଶିକାରୀ ଗିରଫ

ଟାଙ୍ଗୀ (ଖୋର୍ଦ୍ଧା), (ଡି.ଏନ.ଏ) : ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଖବରପାଇ ବଉଳାବନ୍ଧ ନିକଟସ୍ଥ କାଙ୍କଣକୁଦଠାରେ ୨ ପକ୍ଷୀ ଶିକାରୀଙ୍କୁ ଶୁକ୍ରବାର ଗିରଫ କରିଛନ୍ତି। ପକ୍ଷୀ ଶିକାରୀ ଦ୍ୱୟ ହେଲେ ବଉଳାବନ୍ଧ ଗ୍ରାମର ଜିତେନ୍ଦ୍ର ଘଡାଇ ଓ ସୁରେଶ ଘଡାଇ। ସେମାନଙ୍କଠାରୁ ୩ଟି ମୃତ ବିଦେଶୀ ପକ୍ଷୀ, ଏକ କାଠଡଙ୍ଗା ଜବତ କରାଯାଇଛି। ଏହି ଚଢାଉରେ ବନପାଳ ତ୍ରିନାଥ ବାରିକ ଓ ବନରକ୍ଷୀ ସୁଶ୍ରୀ ଲିପିନା ପାଇକରାୟ ପ୍ରମୁଖ ସାମିଲ ଥିଲେ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସଂକ୍ଷେପରେ

## ବାଇକ୍ ଧକ୍କାରେ ଛାତ୍ରୀ ଆହତ

ଖୋର୍ଦ୍ଧା ଅଫିସ,୨୮।୨ :ବାଇକ୍ ଧକ୍କାରେ ଶୁକ୍ରବାର ଜଣେ ଛାତ୍ରୀ ଆହତ ହୋଇଛନ୍ତି। ସେ ହେଲେ ଜଙ୍କିଆ ଥାନା ନିଧିପୁର ଗ୍ରାମର ରମେଶ ଚନ୍ଦ୍ର ପଲେଇଙ୍କ ଝିଅ ଶୁଭସ୍ମିତା (୧୧)। ଶୁଭସ୍ମିତା ପୂର୍ବାହ୍ନ ୧୦ଟାରେ ନିଜ ସାଙ୍ଗମାନଙ୍କ ସହ ପାଠ ପଢିବା ପାଇଁ ସ୍କୁଲକୁ ଯାଉଥିଲେ। ବିପରୀତ ଦିଗରୁ ଏକ ବାଇକ୍ ଆସି ହଠାତ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଶରୀରରେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ହଜ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଭର୍ତ୍ତି କରିଥିଲେ। ସୂଚନାଥାଉ କି ଶୁଭସ୍ମିତା ନିଧିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛନ୍ତି।

## ମହିଳା କଲେଜରେ ପାଠଚକ୍ର



ଜଟଣୀ,୨୮।୨(ଡି.ଏନ.ଏ.): ଜଟଣୀ କନ୍ତିଆସ୍ଥିତ ଶ୍ରୀସୋମନାଥ ବାଲୁଲେଙ୍କଶ୍ୱର ଦେବ ମହିଳା ଡିଗ୍ରୀ କଲେଜରେ ଓଡ଼ିଆ ବିଭାଗ ପକ୍ଷରୁ ଶୁକ୍ରବାର ପାଠଚକ୍ର ଆୟୋଜିତ ହୋଇଥିଲା। ବିଶ୍ୱ ଚେତନାରେ ଶ୍ରୀଜଗନ୍ନାଥ ବିଷୟ ଉପରେ ଆୟୋଜିତ ପାଠଚକ୍ରରେ ଡ. ସିଦ୍ଧେଶ୍ୱର ମହାପାତ୍ର, ପ୍ରାଧାପକ ଡ. ସନ୍ତୋଷ କୁମାର ତ୍ରିପାଠୀ, ଡ. ଶରତ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ଯୁକ୍ତ ୩ ଅଧକ୍ଷା ସୁକାନ୍ତି ମହାପାତ୍ରଙ୍କ ପୌରୋହିତ୍ୟରେ ଏହା ଆୟୋଜିତ ହୋଇଥିଲା। ବକ୍ତାଭାବେ ଯୁକ୍ତ ୨ ଶ୍ରେଣୀର ଅଧକ୍ଷ ସତ୍ୟବ୍ରତ ମହାନ୍ତି, ସୁଶାନ୍ତ ରାଉତ, ଅଧାପିକା ସୌଦାମିନୀ ବେହେରା, ଡ. ରଜନୀ ରଣସିଂହ ଓ ଅନ୍ୟମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସ୍ୱାଧୀନତା ସଂଗ୍ରାମୀ ବିନାୟକ ମହାପାତ୍ରଙ୍କ ଜୟନ୍ତୀ

ଯାଁଳା,୨୮।୨(ଡି.ଏନ.ଏ.):ଯାଁଳା ପଞ୍ଚାୟତର ରାଧାଚରଣପୁରସ୍ଥିତ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିନାୟକ ମହାପାତ୍ରଙ୍କ ୧୦୦ତମ ଜୟନ୍ତୀ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଥିଲା। ଉତ୍କଳ ସେବା ଅନୁଷ୍ଠାନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଆଇନଜୀବୀ ଦାଦାରାମ ଅଶୋକ କୁମାର ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅରୁଣ କୁମାର ଜେନା, ରମାକାନ୍ତ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ବିନାୟକ ମହାପାତ୍ର ମାତ୍ର ୧୦ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ କିପରି ଇଂରେଜଙ୍କ ବିରୋଧରେ ସଂଗ୍ରାମ କରିଥିଲେ ତାହା ଉପରେ ଆଲୋକପାତ କରିଥିଲେ। ଲବଣ ସତ୍ୟାଗ୍ରହରେ ଅଂଶଗ୍ରହଣ କରିବାଠାରୁ ଜେଲ୍ ଯିବା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମରେ ଅନେକ ଅବଦାନ ଉପରେ କହିଥିଲେ। ଆୟୋଜକ ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ଶ୍ରୀମନ୍ତ ସାମନ୍ତରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ରାଜଧାନୀର ଏକ ରାସ୍ତାକୁ ବିନାୟକ ମହାପାତ୍ରଙ୍କ ନାମରେ ନାମିତ କରିବାକୁ ଏଥିରେ ଦାବି କରାଯାଇଥିଲା। ଏଥିରେ ଯାଁଳା ଧରିତ୍ରୀ ଖବରଦାତା ବୁଲା ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବସନ୍ତ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଡାକ୍ତର ଅଭାବ, ପ୍ରସୂତି ହୀନସ୍ତା

### ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ

ଖୋର୍ଦ୍ଧା ଅଫିସ, ୨୮।୨

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେବି ରୋଗୀଙ୍କୁ ମିଳୁନି ଉପଯୁକ୍ତ ସୁବିଧା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁଧୁରୁନି ଅନେକ ସମସ୍ୟା। ପ୍ରସୂତିଙ୍କୁ ମିଳୁନି ଉପଯୁକ୍ତ ସେବା। ନାନା ସମୟରେ ସେମାନେ ଭୋଗୁଛନ୍ତି ହୀନସ୍ତା। ଡାକ୍ତରମାନେ ଫନ୍ଦିଫିକର କରି ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ବେଳେ ପ୍ରସୂତିଙ୍କୁ ଉପେକ୍ଷିତ କରାଯାଉଥିବା ଅଭିଯୋଗ ହେଉଛି। ସପ୍ତାହକୁ ଜଣେ ଡାକ୍ତର ୪୮ ଘଣ୍ଟା କାର୍ଯ୍ୟ କରିବାର ନିୟମ ରହିଥିବା ବେଳେ ସମୟରେ କୌଣସି ନିର୍ଦ୍ଦିଷ୍ଟତା ରହୁନି। କେତେବେଳେ ୨୪ଘଣ୍ଟା ଡ୍ୟୁଟିରେ କାର୍ଯ୍ୟ ଶେଷ କରି ଦିଆଯାଉଛି। ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ଏଠାରେ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଅନ୍ୟ ଜଣେ ଚୁକ୍ତି ଭିତ୍ତିକ ଡାକ୍ତର କାର୍ଯ୍ୟ ଚଳାଉଛନ୍ତି। ସ୍ତ୍ରୀ ରୋଗ ବିଶେଷଜ୍ଞ ଜଣକ ପୁଣି ଏଠାକୁ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡେପୁଟେଶନରେ ଆସିଛନ୍ତି। ଅନେକ ସମୟରେ ମଧ ଡାକ୍ତରମାନଙ୍କୁ ଦେଖିବାକୁ ମିଳେ ନାହିଁ। ପାଳିରେ ଚାଲିଛି ଡାକ୍ତରଙ୍କ ରୋଗୀ ସେବା। କିଏ ଦିନ ବେଳା ତ ଆଉ କିଏ ରାତି ବେଳା ଡ୍ୟୁଟିକୁ ଭାଗ ବସାଇ ଦେଉଛନ୍ତି। ସବୁଠୁ ଗୁରୁତର ସମସ୍ୟା ହେଲା ସ୍ତ୍ରୀ ରୋଗ ବିଶେଷଜ୍ଞ ଜଣକ ଛୁଟିରେ ରହିଲେ ସେହିଦିନ ଏଠାକୁ ଆସିଥିବା ପ୍ରସୂତି ମହିଳାଙ୍କ କଥା ସରିଲା। ସେମାନଙ୍କୁ ଅନ୍ୟ ଘରୋଇ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି। ଅନେକ ସମୟରେ ମଧ ଜିଲାର ବିଭିନ୍ନ ଡାକ୍ତରଖାନାରୁ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ଆଣି ଚିକିତ୍ସା କରାଯାଉଛି। ବୋତଲମା ଅନ୍ୟପକ୍ଷରେ ସରକାରଙ୍କ ୫-ଟି ଯୋଜନା ଏହି ଚିକିତ୍ସାଳୟରେ କାମ ଦେଉନି। ଅନେକ ସମୟରେ ଡାକ୍ତର ଓ କର୍ମଚାରୀ ଏଠାକୁ ଧାର୍ଯ୍ୟ ସମୟରେ ଆସୁ ନ ଥିବା ବେଳେ ରୋଗୀଙ୍କଠାରୁ ଦଲାଲଙ୍କ ମାଧ୍ୟମରେ ହାତଗୁଞ୍ଜା ନେଉଥିବା ଅଭିଯୋଗ ହେଉଛି। ପଦକ୍ଷେପ ତୁଳନାରେ ଅଧିକାରୀମାନେ ଚୁପ୍ ହୋଇ ବସୁଥିବା ନଜିର ରହିଛି।

### ଅସ୍ତ୍ରୋପଚାର ବନ୍ଦ ରହିଲେ ଦଲାଲଙ୍କ ଫାଇଦା

ଏହି ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁ ଏବେ ଅନେକ ସମୟରେ ଅସ୍ତ୍ରୋପ୍ରଚାର ବନ୍ଦ ରହୁଛି। ବିଶେଷକରି ରବିବାର ଅସ୍ତ୍ରୋପ୍ରଚାର ବନ୍ଦ ରହୁଛି। ଏ ସମ୍ପର୍କରେ ଜାଣି ନ ଥିବା ପ୍ରସୂତି ମହିଳା ଏଠାକୁ ଆସି ନାନା ହୀନସ୍ତା ଭୋଗୁଛନ୍ତି। ସେମାନଙ୍କୁ କଟକ, ଭୁବନେଶ୍ୱର ଡାକ୍ତରଖାନାକୁ ରେଫର କରିବା ପାଇଁ ସ୍ଥିରୀକୃତ କରାଯାଉଛି। ଦୂରଦୂରନ୍ତକୁ ଯିବା ପାଇଁ ରୋଗୀଙ୍କ ଅନିଚ୍ଛା ସତ୍ତ୍ୱେ ସେମାନଙ୍କୁ ସ୍ଥାନୀୟ ଘରୋଇ ଚିକିତ୍ସାଳୟ ସହ କେତେଗୋଟି କ୍ଲିନିକ୍‌କୁ ପଠାଇ ଦିଆଯାଉଛି। ଏହାର ଫାଇଦା ନେଇଥାନ୍ତି ଦଲାଲ ଓ ଆଶା କର୍ମୀ। ଘରୋଇ ଚିକିତ୍ସାଳୟକୁ ପଠାଇବା ସମୟରେ ହାତ ଗୁଞ୍ଜା କାରବାର କରାଯାଉଛି। କେସ୍ ଗୋଟାକେ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଛିଡୁଛି। ଏହାକୁ ନେଇ ରୋଗୀ ଅସନ୍ତୋଷ ଦିନକୁଦିନ ବଢିବାକୁ ଲାଗିଛି।

### ଅଭିଯୋଗକୁ ନାହିଁ ଗୁରୁତ୍ୱ

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ସର୍ବଦା ଡାକ୍ତରଙ୍କୁ ଫାଇଦା ଦିଆଯାଇ ରୋଗୀଙ୍କୁ ହଟହଟା କରାଯାଉଥିବା ବାରମ୍ବାର ଅଭିଯୋଗ ଉଠୁଛି। ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ନିକଟରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଆଇନଜୀବୀ, ଜନପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ସମସ୍ୟାକୁ ସୁଧାରିବା କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ଦାବି କରି ଆସୁଛନ୍ତି। ଏ ନେଇ ମଧ ଅନେକ ସମୟରେ ରୋଗୀଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଛି। ତେବେ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଞ୍ଚଳର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱରଞ୍ଜନ ପତିଙ୍କୁ ପଚାରିବାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁଳ ସମସ୍ୟା ଥିବା ଜାଣି ଆମେ ରାଜ୍ୟ ସରକାରଙ୍କୁ ଅବଗତ କରାଇଛୁ। ସମସ୍ୟା ସୁଧାରିବା ପାଇଁ କ୍ରମାଗତ ଭାବେ ଉଦ୍ୟମ ଜାରି ରହିଛି।



ଋଣ ମେଳାରେ ଯୋଗ ଦେଇଥିବା ମହିଳାମାନେ।

## ସମନ୍ୱୟ ମେଳାରେ ୩୧ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ

ବୋଲଗଡ,୨୮।୨(ଡି.ଏନ.ଏ.)

ଓଡ଼ିଶା ଜୀବିକା ମିଶନର ବୋଲଗଡ ବ୍ଲକ ଫାସିଓଦା ପଞ୍ଚାୟତସ୍ତରୀୟ ମହିଳା ସଂଘ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଛି। ମେଳାରେ ପଞ୍ଚାୟତ ଅଞ୍ଚଳର ୩୧ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ବ୍ୟାଙ୍କ ପକ୍ଷରୁ ମୋଟ ୫୪ ଲକ୍ଷ ୬୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ଏଥିସହ ଋଣ ଟଙ୍କାକୁ କିପରି ପରିଶୋଧ କରିହେବ ସେଥିପ୍ରତି ମଧ ଉକ୍ତ କାର୍ଯ୍ୟକ୍ରମରେ ସଚେତନତା କରାଯାଇଛି। ମହିଳାମାନେ ଆତ୍ମ ନିର୍ଭରଶୀଳ ହେବା ସେମାନଙ୍କୁ ବ୍ୟାଙ୍କ ପକ୍ଷରୁ ଋଣ ସହାୟତା ଯୋଗାଇ ଦିଆଯାଉ ଥିବାର ବ୍ଲକ ବିପିଏମ ପ୍ରକାଶ ବଳିୟାରସିଂହ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବୋଲଗଡ ଏବିଡିଓ ରତିକାନ୍ତ ମିଶ୍ର, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଭୀମପାଡା ଶାଖାର ପରିଚାଳକ ଶୁଭ୍ରକାନ୍ତ ସାହୁ, ମିଶନ ଶକ୍ତି ସଂଯୋଜିକା ସୁରୁଚି ସୁପ୍ରୀତି ସାହୁ ଏବଂ ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ଜୟପ୍ରସାଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କିଭଳି ନିଜ ନିଜର ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି କରି ପାରିବେ ସେ ବିଷୟରେ ଆଲୋକପାତ କରିଥିଲେ।

# ଆମ ପୋଲିସ କାର୍ଯ୍ୟକ୍ରମ

ବାଲୁଗାଁ, ୨୮।୨ (ଡି.ଏନ.ଏ.) :




ଆମ ପୋଲିସ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ବାଲୁଗାଁ ଥାନା ପରିସରରେ ଶୁକ୍ରବାର ଅପରାହ୍ନରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମହାଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସଡିପିଓ ସୁରେଶ ଚନ୍ଦ୍ର ଦାସ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅଗ୍ନିଶମ ନିର୍ବାହୀ ଅଧିକାରୀ ନିତ୍ୟାନନ୍ଦ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ବିଶେଷତଃ ବାଲୁଗାଁରେ ଟ୍ରାଫିକ୍ ସମସ୍ୟା ଯୋଗୁ ସମ୍ପ୍ରତି ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୂର କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନେବା ସହ ଟ୍ରାଫିକ୍ ସମସ୍ୟା ଉପୁଜାଉଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏଥିସହ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ରୋକିବାକୁ ବଜାରର ବିଭିନ୍ନ ସ୍ଥାନ, ଚିଲିକା କୂଳ, ବାଣପୁର ରୋଡ୍ ଆଦିରେ ସିସିଟିଭି କ୍ୟାମେରା ଲଗାଯିବା ସହ ନିଶା କାରବାରକୁ ରୋକିବା, ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ଏବଂ ବେଆଇନ ଭାବେ ଶବ୍ଦ ପ୍ରଦୂଷଣ କରୁଥିବା ଡିଜେ ଶୋଭାଯାତ୍ରାକୁ ନିଷିଦ୍ଧ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବଜାର ଅଞ୍ଚଳରେ ଗୋରୁଙ୍କ ପ୍ରାଦୁର୍ଭାବ ଯୋଗୁ ଟ୍ରାଫିକ୍ ସମସ୍ୟା ମଧ ଉପୁଜିଛି। ଏ ଦିଗରେ ମଧ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଆମ ପୋଲିସ୍ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସଚେତନ ନାଗରିକମାନଙ୍କୁ ନେଇ ସଭ୍ୟ କମିଟିରେ ସଭାପତି ରୂପେ ବିଭୂତି ଭୂଷଣ ସାମନ୍ତରାୟଙ୍କୁ ଚୟନ କରାଯାଇଥିଲା।

## ସମିତି ସଭ୍ୟା, ୱାର୍ଡ ସଭ୍ୟ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

### ଅସରଳା ଦଳ ପଞ୍ଚାୟତ ଉପନିର୍ବାଚନ

ବୋଲଗଡ,୨୮।୨(ଡି.ଏନ.ଏ.)– ବୋଲଗଡ ବ୍ଲକ ଅସରଳାଦଳ ପଞ୍ଚାୟତର ସମିତିସଭ୍ୟା ପଦବୀ ନିମନ୍ତେ ମାର୍ଚ୍ଚ ୨୦ରେ ହେବାକୁ ଥିବା ପଞ୍ଚାୟତ ଉପନିର୍ବାଚନ ପାଇଁ ଶୁକ୍ରବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି। ଏଥିରେ ପଞ୍ଚାୟତର ସମିତିସଭ୍ୟା ପଦବୀ ପାଇଁ ୩ ପ୍ରାର୍ଥିନୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡିଛି। ବ୍ଲକ ଜିପିଓ ତ୍ରିନାଥ ରାଉଳଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ସମିତିସଭ୍ୟା ପ୍ରାର୍ଥିନୀମାନଙ୍କ ମଧ୍ୟରେ ନିରୁପମା ପାଣ୍ଡେଙ୍କୁ କେଟିଲ ଚିହ୍ନ, ମଞ୍ଜୁଲତା ବରାଡଙ୍କୁ ଷ୍ଟୁଲ ଚିହ୍ନ ଏବଂ ସ୍ୱର୍ଣ୍ଣଲତା ମିଶ୍ରଙ୍କୁ ବସ ଚିହ୍ନ ମିଳିଛି। ଅନ୍ୟପକ୍ଷରେ ଉକ୍ତ ପଞ୍ଚାୟତର ୪ ନଂ. ୱାର୍ଡ ପାଇଁ ମଧ ୱାର୍ଡ ସଭ୍ୟ ଉପନିର୍ବାଚନ ପାଇଁ ୨ ଜଣ ଚୂଡାନ୍ତ ପ୍ରାର୍ଥୀ ତାଲିକାରେ ନାମ ରହିଛି। ଏଠାରେ ୱାର୍ଡ ସଭ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରେ ଗୋପୀନାଥ ଡାଲୁଆଙ୍କୁ ଶଗଡଗାଡି, ଦୀପକ କୁମାର ମାଝିଙ୍କୁ ନିକିତି ଚିହ୍ନ ଉପନିର୍ବାଚନ ଲଢିବା ପାଇଁ ମିଳିଛି। ସେହିପରି ବଳକ ଅଞ୍ଚଳର ଖଙ୍ଗୁରିଆ ପଞ୍ଚାୟତର ୨୦ ନଂ. ୱାର୍ଡ ପାଇଁ ପଦ୍ମଚରଣ ନାୟକ ଏକମାତ୍ର ପ୍ରାର୍ଥୀ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ

ଭୁବନେଶ୍ୱର, ୨୮।୨(ବ୍ୟୁରୋ): ଏୟାରଫିଲ୍ଡ ଥାନା ଅଧୀନ ପାଞ୍ଚଗାଁ ଅଞ୍ଚଳରେ ଗୁରୁବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖାରବେଳନଗର ଥାନା ଅଧୀନ ମସଜିଦ କଲୋନୀ ଅଞ୍ଚଳର ଶରତ କୁମାର ସାହୁ।

## ବୀମାରୁ ବଞ୍ଚିତ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ

### କୃଷ୍ଣପ୍ରସାଦ ବ୍ଲକର ୩ ପଞ୍ଚାୟତ

କୃଷ୍ଣପ୍ରସାଦ,୨୮।୨(ଡି.ଏନ.ଏ.) : ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ୨୦୧୯ ରେ ସ୍ୱାଭାବିକ ବର୍ଷାର ଅଭାବରୁ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ବୀମା କରି ମଧ ସହାୟତାରୁ ୩ଟି ପଞ୍ଚାୟତର ଚାଷୀ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ବ୍ଲକକୁ ୩ ପାର୍ଶ୍ୱରୁ ଚିଲିକା ଏବଂ ଗୋଟିଏ ପାର୍ଶ୍ୱରୁ ବଙ୍ଗୋପସାଗରର ଲୁଣା ପାଣି ଘେରି ରହିଛି। ଏଠାରେ ଜଳସେଚନ ପାଇଁ କୌଣସି ସୁବିଧା ନାହିଁ। ଚାଷୀମାନେ ବର୍ଷା ଜଳକୁ ଭରସା କରି ଚାଷ କରିଥାନ୍ତି। ଚାଷ କରି ଫସଲ ପାଇବା ଆଶା ନ ଥିବା ଯୋଗୁ ପ୍ରାୟ ସମସ୍ତ ଚାଷୀ ବୀମା କରିଥାନ୍ତି। ପ୍ରତିବର୍ଷ ଭଳି ୨୦୧୯ରେ ମଧ ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ଘରୋଇ ଭାବେ ଋଣ କରି ଚାଷ ଏବଂ କୃଷି ବୀମା କରିଥିଲେ। ସ୍ୱାଭାବିକ ବର୍ଷା ବ୍ଲକ ଅଞ୍ଚଳରେ ନ ହେବା ଯୋଗୁ ଫସଲ ଉଜୁଡିଯାଇଥିଲା। ଏ ନେଇ ଅଭିଯୋଗ ପରେ ବୀମା ସଂସ୍ଥା ଏଚଡିଏଫସି ଏରଗୋ ବିଭାଗୀୟ କୃଷି କର୍ମଚାରୀ ଏବଂ ଚାଷୀମାନଙ୍କ ଉପସ୍ଥିତିରେ ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲା। ବ୍ଲକର କୃଷ୍ଣପ୍ରସାଦ, ବଡଅଁଳ ଏବଂ ବଜ୍ରକୋଟ ପଞ୍ଚାୟତରେ କ୍ଷତି ହୋଇଥିବା ଆକଳନ କରି ଜିଲାପାଳଙ୍କ ନିକଟକୁ ପଠାଇଥିଲେ। ତେବେ ବୀମା କମ୍ପାନୀ ଚଞ୍ଚକତା କରି ଚାଷୀମାନଙ୍କୁ ବୀମା ସହାୟତା ଦେଇ ନ ଥିଲେ। ଯାହାଦ୍ୱାରା ଚାଷୀମାନେ ଋଣ ଭାରରେ ବୁଡିଛନ୍ତି। ଚାଷୀଙ୍କ ସାମନାରେ ଫସଲ କ୍ଷତି ହୋଇଥିବା ଆକଳନ କରାଯାଇଥିଲା। ହେଲେ ପରେ କିଭଳି ୩ ପଞ୍ଚାୟତ ଜମିରେ ଉତ୍ତମ ଫସଲ ହୋଇଥିବା ରିପୋର୍ଟ ଦିଆଯାଇ ବୀମା ସହାୟତାରୁ ଚାଷୀଙ୍କୁ ବଞ୍ଚିତ କରାଯାଇଛି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବୀମା ସହାୟତାରୁ ବଞ୍ଚିତ ହୋଇଥିବା ଚାଷୀମାନେ ଏକତ୍ରିତ ହୋଇ ଏକ ଆନ୍ଦୋଳନ ଆରମ୍ଭ କରିଥିବା ଜଣାଯାଇଛି। ଚଳିତମାସ ୨୦ ତାରିଖରେ ଚାଷୀମାନଙ୍କର ଏକ ମହାସମାବେଶ ହୋଇ କୃଷ୍ଣପ୍ରସାଦ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଜିଲାପାଳଙ୍କ ନିକଟକୁ ମଧ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ କରିବାକୁ ୮ ଦିନ ବିତିଯାଇଥିଲେ ମଧ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି। ଚାଷୀ ଋଣ କରି ବୀମା ଟଙ୍କା ପଇଠ କରିଥିଲେ। ଫସଲ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ବୀମା କମ୍ପାନୀରୁ କୌଣସି କ୍ଷତିପୂରଣ ମିଳିପାରିଲାନାହିଁ। ବୀମା କ୍ଷତି ପୂରଣ ଅର୍ଥ ପାଇବା ହକ୍ ଦାବି କରି ଚାଷୀ ଆନ୍ଦୋଳନ କୁହୁଳିବାରେ ଲାଗିଛି। ସରକାର ଯଦି ଚାଷୀମାନଙ୍କୁ ଫସଲ କ୍ଷତିପୂରଣ ଦେବାରେ ସହାୟକ ନ ହୁଅନ୍ତି ତେବେ ଖୁବ୍‌ଶୀଘ୍ର ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କୃଷ୍ଣପ୍ରସାଦ ସେବା ସମବାୟ ସମିତିର ପୂର୍ବତନ ସଭାପତି ରାମଚନ୍ଦ୍ର ସେଠୀ, କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, କ୍ଷେତ୍ରବାସୀ ପଲେଇ, ରାଜ କିଶୋର ପ୍ରଧାନ, ହରମୋହନ ମାନସିଂହ, ଅଶୋକ କୁମାର ବେହେରା, ଜଗଦେଶ୍ୱର ପ୍ରଧାନ, ଲକ୍ଷ୍ମୀକାନ୍ତ ସିଂହ, ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି। ବ୍ଲକ ସହକାରୀ କୃଷି ଅଧିକାରୀ ରବୀନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରେ ବୀମା କମ୍ପାନୀ ୩ ପଞ୍ଚାୟତର ଜମିରେ ପଶି କ୍ଷତି ପୂରଣ ଅଟକଳ କରିଥିଲା। ଉକ୍ତ ଅଟକଳକୁ ଜିଲାପାଳଙ୍କ ନିକଟକୁ ପଠାଯାଇଥିଲା। ତେବେ ଚାଷୀମାନଙ୍କୁ କେଉଁ ନୀତି ନିୟମରେ ଦିଆଯିବ ଏବଂ କଟାଯିବ ସେ ନିଷ୍ପତ୍ତି ଜିଲାପାଳଙ୍କଠାରେ ଥାଏ। ତେଣୁ ଏ ସମ୍ପର୍କରେ କିଛି କହିପାରିବି ନାହିଁ ବୋଲି ସେ କହିଥିଲେ।

## ଦୁଇବର୍ଷ ହେଲା ଅଟକିଛି ପୋଖରୀ ପୁନରୁଦ୍ଧାର

ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୮।୨ (ଡି.ଏନ.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ କୋଲୁହାପାଟଣା ଗାଁରେ ଥିବା ନୂଆ ପୋଖରୀ ପୁନରଦ୍ଧାର କାର୍ଯ୍ୟରେ ଜାଲିଆତି ହୋଇଥିବା ଅଭିଯୋଗ କରାଯାଇଛି। ଦୁଇବର୍ଷ ହେଲା ଉକ୍ତ ପୋଖରୀ ପୁନରୁଦ୍ଧାର କରା ନ ଯାଇ କେବଳ ଫଳକରେ ଅଟକି ରହିଛି। ତେବେ ଅନୁଦାନ ଅର୍ଥ କୁଆଡେ ଗଲା ବୋଲି ଗ୍ରାମବାସୀଙ୍କ ପକ୍ଷରୁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ପ୍ରସନ୍ନ କରାଯାଇଛି।

ଉକ୍ତ ପଖୋରୀ ଦୀର୍ଘବର୍ଷ ହେଲା ପୁନରୁଦ୍ଧାର କରା ନ ଯିବାରୁ ଜଳ ଅପରିଷ୍କାର ହୋଇଯାଇଛି। ଉକ୍ତ ପାଣିରେ ସ୍ନାନ କଲେ ଲୋକଙ୍କ ଶରୀରରେ ବିଭିନ୍ନ ରୋଗ ଦେଖାଯାଉଥିଲା। ଏହାକୁ ନେଇ ଉକ୍ତ ପୋଖରୀ ଜଳ ନିଷ୍କାସନ କରି ପଙ୍କ ପୁନରୁଦ୍ଧାର କରାଯିବ ବୋଲି ପଞ୍ଚାୟତ ବୈଠକରେ ସ୍ଥିରୀକୃତ ହୋଇଥିଲା। ଏ ନେଇ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ୨୦୧୭-୧୮ ଆର୍ଥିକ ବର୍ଷରେ ୧ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିଥିଲା। ତେବେ ପୁନରୁଦ୍ଧାର କରା ନ ଯାଇ ପଞ୍ଚାୟତ ପକ୍ଷରୁ ବିଭିନ୍ନ ସମୟରେ ଲୋକଙ୍କୁ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି। କେତେବେଳେ ପୋଖରୀରେ ଜଳ ଭରି ହୋଇରହିଛି ତ ଆଉ କେତେବେଳେ ପାଣ୍ଠିରେ ଟଙ୍କା ନାହିଁ ବୋଲି ଲୋକଙ୍କୁ ଭୂଆଁ ବୁଲାଯାଉଛି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ଦାସଙ୍କୁ ପଚାରିବାରେ ମୁଁ ଏବେ ନୂଆ କରି ଏଠାରେ କାର୍ଯ୍ୟରେ ଯୋଗଦେଇଛି। ତଦନ୍ତ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ।




କାମ ପାଇଁ ଲଗାଯାଇଥିବା ଫଳକ।

## ରାଧାମୋହନ ମନ୍ଦିରରେ ପ୍ରତିଷ୍ଠା ଉତ୍ସବ

ଖୋର୍ଦ୍ଧା ଅଫିସ, ୨୮।୨ :

ବୈଦେଶ୍ୱର ଥାନା ଅଧୀନ କଳାପଥର ଗ୍ରାମସ୍ଥିତ ରାଧାମୋହନଦେବଙ୍କ ପୀଠ ପରିସରରେ ଦୁଇଦିନ ହେଲା ଆଧ୍ୟାତ୍ମିକ ପରିବେଶ ଦେଖା ଦେଇଥିଲା। ଏ ନେଇ ମନ୍ଦିର ପରିସରରେ ଥିବା ବଜରଙ୍ଗବାଲିଙ୍କ ମୁଖାକୁ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଶାନ୍ତି ମହାଯଜ୍ଞର ଆୟୋଜନ ହୋଇଥିଲା। ସେଥିପାଇଁ ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଯଜ୍ଞ ବିଧି ମୁତାବକ ଶାଳା ମଣ୍ଡନ, ଗୋପୂଜା, ସୂର୍ଯ୍ୟପୂଜା ପରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।



ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯଜ୍ଞମଣ୍ଡପକୁ ଆସୁଛନ୍ତି।

# ବଢୁଛି ଲୁଟ୍: ପୋଲିସ ହାତ ଖାଲି

ଜଟଣୀ,୨୮।୨(ଡି.ଏନ.ଏ) କମିଶନରେଟ୍ ପୋଲିସ ଅଞ୍ଚଳରେ ଯାଉଥିବା ଜଟଣୀ ଥାନା ଅଞ୍ଚଳରେ ଗୁରୁବାର ୬ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ଶୁକ୍ରବାର ସୁଦ୍ଧା ପୋଲିସ ଲୁଟେରାଙ୍କୁ ଧରି ପାରିନାହିଁ। ଥାନା ଅଞ୍ଚଳରେ ଲୁଟ ସଂଖ୍ୟା ଦିନକୁଦିନ ବଢି ଚାଲିଛି। ଏପରି ଅପରାଧକୁ ରୋକିବାରେ ପୋଲିସ ବିଫଳ ହୋଇଛି। ବିଶେଷକରି ଲୁଟେରାଙ୍କ ଟାର୍ଗେଟରେ ମହିଳା ଓ ଟଙ୍କା ଧରିଯାଉଥିବା ବ୍ୟକ୍ତି ରହୁଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ଅଳଙ୍କାର ପିନ୍ଧିବାକୁ ଭୟ କଲେଣି ମହିଳା

ଅଳଙ୍କାର ପରିଧାନ କରିବା ମହିଳାମାନଙ୍କର ଦୁର୍ବଳତା। ହେଲେ ଲୁଟେରାଙ୍କ ଆତଙ୍କରାଜ ଯୋଗୁ ଥାନା ଅଞ୍ଚଳର ମହିଳା ଅଳଙ୍କାର ପିନ୍ଧିବାକୁ ଭୟ କରୁଛନ୍ତି। ଅନେକ ସମୟରେ ମହିଳାମାନେ ଲୁଟର ଶିକାର ହେଉଛନ୍ତି। ଜନଗହଳିପୂର୍ଣ୍ଣ ରାସ୍ତା ହେଉ କି ସାହି, କଲୋନୀ ମଧ୍ୟରୁ ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟେରା ଝାମ୍ପି ନେଉଛନ୍ତି। ଅନେକ ସମୟରେ ଆକ୍ରମଣ ମଧ କରୁଛନ୍ତି। ଏଥିପାଇଁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବା ସହ ସବୁ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା କରାଯାଉ ବୋଲି ନାରୀ ଶକ୍ତି ସଙ୍ଗଠନର ସମ୍ପାଦିକା ନମିତା ପାଲ କହିଛନ୍ତି।

### ଟାର୍ଗେଟରେ ବ୍ୟାଙ୍କ

ସଞ୍ଚିତ ଧନର ସୁରକ୍ଷା କେନ୍ଦ୍ର ହେଉଛି ବ୍ୟାଙ୍କ। ହେଲେ ଏଠାରୁ ଟଙ୍କା ଉଠାଇ ଘର ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ପହଞ୍ଚିବା ନେଇ ଲୋକେ ଦ୍ୱିଧାରେ ରହୁଛନ୍ତି। ଅନେକ ଲୁଟ୍ ଘଟଣାରୁ ଏହା ଜଣାପଡୁଛି। ବ୍ୟାଙ୍କ ବା ଏଟିଏମ୍‌ରୁ ଟଙ୍କା ଉଠାଇ ଗନ୍ତବ୍ୟସ୍ଥଳକୁ ଯିବା ବାଟରେ ଦୁର୍ବୃତ୍ତଙ୍କ ଦ୍ୱାରା ଲୋକେ ଲୁଟ୍‌ର ଶିକାର ହେଉଛନ୍ତି। ଏହାଦ୍ୱାରା କିଏ କେଉଁ ବ୍ୟାଙ୍କରୁ କେତେ ଟଙ୍କା ଉଠେଇଲେ ଦୁର୍ବୃତ୍ତଙ୍କ ନିକଟରେ ସୂଚନା ରହୁଥିବା ଏଥିରୁ ପ୍ରତୀୟମାନ ହେଉଛି ବୋଲି ଆଇନଜୀବୀ ବାଉରିବନ୍ଧୁ ସାହୁ କହିଛନ୍ତି। ଏଣୁ ବ୍ୟାଙ୍କଗୁଡିକରେ ପୂର୍ବପରି ପୋଲିସ ବ୍ୟବସ୍ଥା କରାଗଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି।

### ଲୁଟ୍ ପଛରେ ପାଉ

ବ୍ରାଉନସୁଗାର ତଥା କୋଡ୍ ୱାର୍ଡରେ କୁହାଯାଉଥିବା ପାଉ ଯୋଗୁ ଲୁଟ୍ ବଢୁଥିବା ଆଇନଜୀବୀ ରାଜକିଶୋର ସାହୁ କହିଛନ୍ତି। କେତେଜଣ ବେକାର ଯୁବପିଢି ଏହି ନିଶାରେ ଅଭ୍ୟସ୍ତ ହୋଇପଡିଛନ୍ତି। ସେବନ ପାଇଁ ଆବଶ୍ୟକ ଅର୍ଥ ନିମନ୍ତେ ଏପରି ଅପରାଧ ପନ୍ଥାକୁ ସେମାନେ ଆପଣେଇ ନେଉଥିବା ସେ କହିଛନ୍ତି। ପାଉ ଓ ନିଶା କାରବାରକୁ ରୋକାଯାଇପାରିଲେ ଲୁଟ୍ ସଂଖ୍ୟା ହ୍ରାସ ପାଇପାରନ୍ତା ବୋଲି ସେ କହିଛନ୍ତି। ଏହାଛଡ଼ା ସ୍ୱତନ୍ତ୍ର ସଙ୍ଗଠିତ ଗ୍ୟାଙ୍ଗ ଦ୍ୱାରା ଏପରି ଅପରାଧ ସଙ୍ଗଠିତ ହେଉଥିବା ସନ୍ଦେହ ହେଉଛି। ଯାହାର ଚେର ଜଟଣୀ ବାହାରେ ରହୁଛି। ପୋଲିସକୁ ସେହି ଚେର ପର୍ଯ୍ୟନ୍ତ ପହଞ୍ଚିବା ନିହାତି ଦରକାର ବୋଲି ସେ କହିଛନ୍ତି। ସୋର୍ସର ଅଭାବ ଓ ବିଫଳ ରଣନୀତି ଯୋଗୁ ଲୁଟେରାମାନଙ୍କ ନିକଟରେ ପୋଲିସ ପହଞ୍ଚି ପାରୁନାହିଁ। କେଉଁ ବ୍ୟାଙ୍କରୁ କିଏ ଟଙ୍କା ଉଠାଇଲେ, ଅଳଙ୍କାର ପିନ୍ଧି ମହିଳା କେଉଁ ରାସ୍ତାରେ ଯାଉଛନ୍ତି ଲୁଟେରା ସୂଚନା ସଂଗ୍ରହ କରି ପାରୁଛନ୍ତି। ହେଲେ ପୋଲିସ ଲୁଟେରାଙ୍କ ସଂକ୍ରାନ୍ତରେ ସୁରାକ ନ ପାଇବା ଏଥିରୁ ଜଣାପଡୁଛି ବୋଲି ରାଜକିଶୋର କହିଛନ୍ତି।

### ସିସିଟିଭି କ୍ୟାମେରା

କେତେକ ମାମଲାରେ ସିସିଟିଭି ଫୁଟେଜରେ କଏଦ ଅପରାଧୀଙ୍କୁ ଧରିବାରେ ପୋଲିସ ବିଫଳ ହେଉଛି। ହେଲେ ଅନେକ ଆପରାଧିକ ଘଟଣାରେ ଅପରାଧୀ ନିକଟରେ ପହଞ୍ଚିବାକୁ ଏହି ଫୁଟେଜ ପୋଲିସକୁ ସହାୟତା ଯୋଗାଉଛି। ଏଣୁ ବ୍ୟବସାୟିକ ପ୍ରତିଷ୍ଠାନ ଓ ଘରଗୁଡିକରେ ସିସିଟିଭି କ୍ୟାମେରା ଲଗାଇବା ଉପରେ ପୋଲିସ ସଚେତନ କରିବା ଆବଶ୍ୟକ। ଏହାଛଡ଼ା ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ପକ୍ଷରୁ ସିସିଟିଭି ବ୍ୟବସ୍ଥା କରାଯିବା ଉଚିତ୍ ବୋଲି ଆଇନଜୀବୀ ଶିବ ପ୍ରସାଦ ରଥ କହିଛନ୍ତି।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି,
ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ନିଖୋଜ ଛାତ୍ର ନୟାଗଡ଼ରୁ ଉଦ୍ଧାର

**କୋଣାର୍କ,୨୮।୨(ଡି.ଏନ୍.ଏ.):** କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟରୁ ନିଖୋଜ ଥିବା ଦୁଇଜଣ ଛାତ୍ର ଶୁକ୍ରବାର ନୟାଗଡ ଅଞ୍ଚଳରୁ ଉଦ୍ଧାର ହୋଇଥିବା ଜଣାପଡିଛି। ଛାତ୍ରଦ୍ୱୟ ହେଲେ ସଞ୍ଜୟ ଦାସ ଓ ମିଥୁନ ଦାସ। ସୂଚନା ଅନୁଯାୟୀ, କୋଣାର୍କ ଥାନା ଅଧୀନ ନଣକଣ (କେଲାସାହି)ଗ୍ରାମର ବସନ୍ତ ଦାସଙ୍କ ପୁଅ ସଞ୍ଜୟ ଓ ବ୍ରହ୍ମଗିରି ଅଞ୍ଚଳର ବେଣ୍ଟପୁର ଗ୍ରାମର ଦାମ ଦାସଙ୍କ ପୁଅ ମିଥୁନ ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ଗତ ଗୁରୁବାର ସନ୍ଧ୍ୟାରେ ବସନ୍ତ ତାଙ୍କ ପୁଅଙ୍କୁ ଦେଖା କରିବାକୁ ଯାଇଥିଲେ। କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ପୁଅକୁ ଡାକି ନ ଥିଲେ। ଏହା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସଞ୍ଜୟ ନିଖୋଜ ଥିବା କହିବାରୁ ବସନ୍ତ ଏ ନେଇ କୋଣାର୍କ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଅଭିଭାବକମାନେ ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିଖୋଜ ଛାତ୍ର ଦ୍ୱୟଙ୍କୁ ପୁରୀ ଜିଲା ମଙ୍ଗଳ ଅଧିକାରୀଙ୍କ ଚେଷ୍ଟାରେ ନୟାଗଡ ଅଞ୍ଚଳରୁ ଉଦ୍ଧାର କରାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ପୁରୀ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ କୁହନ୍ତି, କେଉଁ ପରିସ୍ଥିତିରେ ଛାତ୍ର ଦ୍ୱୟ ନିଖୋଜ ହୋଇଥିଲେ ଏହାର ତଦନ୍ତ କରାଯିବା ସହ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଦୋକାନ ଜଳିଗଲା

**ଗୋପ,୨୮।୨(ଡି.ଏନ୍.ଏ.):** ନୟାହାଟ ବଜାରରେ ଶୁକ୍ରବାର ସକାଳ ପ୍ରାୟ ୯ଟା ରେ ଅଗ୍ନିକାଣ୍ଡ ଘଟି ଜ୍ୟୋତିରଞ୍ଜନ ସ୍ୱାଇଁଙ୍କ ପାର୍ଟସ ଦୋକାନ ଜଳିଯାଇଛି। ଖବରପାଇ ଗୋପ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଶର୍ଟସର୍କିଟ ଯୋଗୁ ଦୋକାନରେ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ସୁକାନ୍ତ କୁମାର ଜେନା କହିଛନ୍ତି।

### ଜାତୀୟ ବିଜ୍ଞାନ ଦିବସ ପାଳିତ

**ପୁରୀ ଅଫିସ,୨୮।୨:** ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୈଜ୍ଞାନିକ ସି.ଭି.ରମଣଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରଫେସର ରଘୁନାଥ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ କ୍ଷେତ୍ରରେ ରମଣଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମଧରେ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶେଷରେ ପିପିଲି ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ପ୍ରଭାସ ଚନ୍ଦ୍ର ମିଶ୍ର ଅନ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। ଏଥିସହିତ ଶିଶୁ ବାଟିକା ପକ୍ଷରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଗଦାଧର ନନ୍ଦ ମୁଖ୍ୟଅତିଥି, କୃଷ୍ଣଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ଗୋଲକ ବିହାରୀ ରାଉତରାୟ, ଶିକ୍ଷୟିତ୍ରୀ ଦୀପ୍ତିମୟୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନାଚାର୍ଯ୍ୟ ସୁରେଶ ମିଶ୍ର ସଭାପତିତ୍ୱ କରିଥିଲେ। ଆଚାର୍ଯ୍ୟା ନମିତାରାଣୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁ ଭାଇଭଉଣୀମାନେ ଏକ କ୍ଷୁଦ୍ର ନାଟକ ମିସାଇଲ ମ୍ୟାନ ପରିବେଷଣ କରିଥିଲେ। ବିଜ୍ଞାନ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ମାରୁତୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ପିଲାଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମହେଶ୍ୱର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନର ଉପକାରିତା ସମ୍ପର୍କରେ କହିଥିଲେ। ଡ.ଶୁଭେନ୍ଦୁ ଦାଶ, ସାମାଜିକ କର୍ମୀ କିରଣ ତ୍ରିପାଠୀ, ପ୍ରଧାନାଚାର୍ଯ୍ୟ ବିନୋଦ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଆଚାର୍ଯ୍ୟ ଲକ୍ଷ୍ମୀପ୍ରିୟା ରଥ, ସ୍ନେହଲତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍ପନ୍ନ ହେଲା ନନ୍ଦୀଶ୍ୱରଙ୍କ ବିବାହୋତ୍ସବ

**ପୁରୀ ଅଫିସ,୨୮।୨**

ଭାରତୀୟ ଗୋବଂଶ ଭାରତର ଆରୋଗ୍ୟ, ପର୍ଯ୍ୟାବରଣ, ଅର୍ଥ ଓ ବାତ୍ସଲ୍ୟ ଶାସ୍ତ୍ର ଅଟେ। ଗୋମାତା ହେଉଛନ୍ତି ଦେବାଳୟ ସୃଷ୍ଟିର ଗାୟତ୍ରୀ। ଗୋମାତାର ଦେହରେ ସୂର୍ଯ୍ୟକେତୁ ନାଡି ରହିଛି। ଏହାର ପ୍ରଭାବରେ ଗୋଦୁଗ୍ଧ ଅମୃତ ତୁଲ୍ୟ ହୋଇଥାଏ। ଏଭଳି କ୍ଷେତ୍ରରେ ଗୋମାତାକୁ ପଶୁ କହୁଥିବା ବ୍ୟକ୍ତି ପଶୁ ତୁଲ୍ୟ। ମୋର ଅନୁଭବ ହେଉଛି ସମୟ ଆସିବ, ତ୍ରିରଙ୍ଗା ଓ ମୁଦ୍ରାରେ କାମଧେନୁ ଚିହ୍ନ ରହିବ। ନନ୍ଦୀ ହେଉଛି ଶିବଙ୍କର ଅଂଶ ଏବଂ ନନ୍ଦିନୀ ହେଉଛନ୍ତି ପୃଥିବୀମାତା। ନନ୍ଦୀ ଓ ନନ୍ଦିନୀର ମିଳନ ହେଉଛି ନର ଓ ନାରାୟଣଙ୍କ ମିଳନ। ଏହି ମିଳନ ଏକ ଅପୂର୍ବ ଓ ଆନନ୍ଦଦାୟକ ମୁହୂର୍ତ୍ତ। ଏଭଳି ଏକ ଉତ୍ସବ ଆୟୋଜନ କରିଥିବାରୁ ଲୋକଙ୍କ ଗହଣରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇପାରିଛି ବୋଲି ସୂର୍ଯ୍ୟାୟନ ଗୋ ଆଶ୍ରମ ପକ୍ଷରୁ ଶରଧାବାଲିଠାରେ ଆୟୋଜିତ ନନ୍ଦୀଶ୍ୱରଙ୍କ ବ୍ରତୋପନୟନ ଓ ବିବାହ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଛନ୍ତି। ଆହୁରି ସେ କହିଛନ୍ତି, ରାସାୟନିକ ସାର ପ୍ରୟୋଗ ଲାଗି ପ୍ରତିବର୍ଷ ଦେଶରେ ହାରାହାରି ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ଗୋ ଆଧାରିତ ଜୈବିକ କୃଷି ଦ୍ୱାରା ଏହି ଟଙ୍କା ସଞ୍ଚୟ ହୋଇପାରିବ। ଗୋମୂତ୍ର, ଗୋବରକୁ ବ୍ୟବହାର କରି ପ୍ରତ୍ୟେକ ଚାଷୀ ବର୍ଷକୁ ହାରାହାରି ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭାନ୍ୱିତ ହୋଇପାରିବେ ବୋଲି ସେ କହିଥିଲେ। ଆଶ୍ରମ ପ୍ରତିଷ୍ଠାତା ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶଙ୍କ ସଭାପତିତ୍ୱରେ ରାଜ୍ୟପାଳ ଲାଲ ଗୋବଂଶର ପୃଷ୍ଠଭୂମି, ବୈଦିକ ପରମ୍ପରାରେ ଗୋବଂଶର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଗୋ ଆଶ୍ରମ ଲାଗି ୨ଲକ୍ଷ ଟଙ୍କା ଉପହାର ପ୍ରଦାନ କରିଥିଲେ।

ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ କହିଲେ ଯେ, ନନ୍ଦୀ ଓ ନନ୍ଦିନୀର ବିବାହ ଉତ୍ସବ ଭାରତୀୟ ପ୍ରାଚୀନ ବୈଦିକ ପରମ୍ପରାର ଏକ ଆଧାର। ଶ୍ରୀମନ୍ଦିର ପ୍ରଶାସନ ଶ୍ରୀମନ୍ଦିରରେ ଦୈନନ୍ଦିନ ରୀତିନୀତି ଲାଗି ବ୍ୟବହୃତ ଘୃତ ଓ ଗୋଦୁଗ୍ଧ ସକାଶେ ଏକ ଆଦର୍ଶ ଗୋଶାଳା ନିର୍ମାଣ କରନ୍ତୁ। ସେଠାରୁ ଉତ୍ପନ୍ନ ଗୋଘୃତକୁ ଦୀପ ପ୍ରଜ୍ୱଳନରେ ବ୍ୟବହାର ଲାଗି ପ୍ରସ୍ତାବ ଦେଇଥିଲେ। ଗୋ ଆଧାରିତ ଜୈବିକ କୃଷି, ପଞ୍ଚଗବ୍ୟର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ସ୍ତମ୍ଭକାର ଅରୁଣ ପଣ୍ଡା, ମହନ୍ତ ସଚ୍ଚିଦାନନ୍ଦ ଦାସଜୀ ମହାରାଜ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥ ମଞ୍ଚାସୀନ ଥିଲେ।

ପୂର୍ବାହ୍ନରେ ଶରଧାବାଲିରେ ଆୟୋଜିତ ଭବ୍ୟ ମଣ୍ଡପରେ ନନ୍ଦୀର ବ୍ରତୋପନୟନ, ଅପରାହ୍ନରେ ବର ବେଶରେ ସଜ୍ଜିତ ହୋଇ ଗୁଣ୍ଡିଚା ମନ୍ଦିରଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଶୋଭାଯାତ୍ରାରେ ବହୁ ସାଧୁସନ୍ଥ, ଗୋଭକ୍ତ ପ୍ରମୁଖ ଯୋଗଦେଇଥିଲେ। ପରେ ନନ୍ଦୀ ଏବଂ ହରିହରାନନ୍ଦ ଗୁରୁକୁଳମ ଗୋଶାଳାର ନନ୍ଦିନୀ(ସୁରଭି) ସହିତ ଶୁଭବିବାହ ବୈଦିକ ରୀତିନୀତିରେ ସମ୍ପନ୍ନ ହୋଇଥିଲା। ପରିଚାଳନାରେ ଶ୍ୟାମା ଶୁଭଦର୍ଶିନୀ ମିଶ୍ର, ତତ୍ତ୍ୱପ୍ରକାଶ ରଥ, ମାନସ ମିଶ୍ର, ଶରତ ଜୟସିଂ, ସଂଗ୍ରାମ ଶତପଥୀ, ଅନିଲ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟ ଅତିଥିମାନେ।

- ଗୋମାତା ହେଉଛନ୍ତି ଦେବାଳୟ ସୃଷ୍ଟିର ଗାୟତ୍ରୀ
- ଆଶ୍ରମକୁ ୨ଲକ୍ଷ ଟଙ୍କା ଉପହାର
- ଶ୍ରୀମନ୍ଦିର ପ୍ରଶାସନ କରୁ ଆଦର୍ଶ ଗୋଶାଳା



ବିବାହ ଉତ୍ସବ ଉପଲକ୍ଷେ ବାହାରିଥିବା ଶୋଭାଯାତ୍ରା।



ନନ୍ଦୀ ଏବଂ ନନ୍ଦିନୀ (ସୁରଭି)।

## ଭିଜିଲାନ୍ସ, ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ

### ଫାଇଲିନ୍ ବିପନ୍ନ ମତ୍ସ୍ୟଜୀବୀଙ୍କ ୧.୫ଲକ୍ଷ ଟଙ୍କା ଆତ୍ମସାତ ଘଟଣା

**ପୁରୀ ଅଫିସ,୨୮।୨**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମିର୍ଜାପୁର ପାଟଣା ଗ୍ରାମର ଫାଇଲିନ୍ ବିପନ୍ନ ମତ୍ସ୍ୟଜୀବୀ ରବି ଜାଲିଙ୍କ ଅଗୋଚରରେ ୧.୫ଲକ୍ଷ ଟଙ୍କା ଆତ୍ମସାତ ଘଟଣାରେ ସଚେତନ ନାଗରିକ ମଞ୍ଚ ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଗୁରୁବାର ପୁରୀ ଭିଜିଲାନ୍ସ ଅଧୀକ୍ଷକ(ଏସପି) ଏବଂ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୂର୍ବରୁ ଏହି ଘଟଣାରେ ଜିଲାପାଳଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁଣି ଲୋକାୟୁକ୍ତଙ୍କଠାରେ ଅଭିଯୋଗ କରିଥିବା ଆଇନଜୀବୀ ଦାଶ କହିଛନ୍ତି। ଏହି ଘଟଣାରେ ଭିଜିଲାନ୍ସ ତଦନ୍ତ କରାଯାଇ ସମ୍ପୃକ୍ତି ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ଫାଇଲିନ ପରେ କୃଷ୍ଣପ୍ରସାଦ ବ୍ଲକର କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ସରକାରୀ ସହାୟତା ୧.୫ଲକ୍ଷ ଟଙ୍କା ଋଣ ମିଳିଥିଲା। କିନ୍ତୁ ଏହି ସହାୟତା ପାଇବାରୁ ମତ୍ସ୍ୟଜୀବୀ ରବି ବଞ୍ଚିତ ଥିଲେ। ଏ ନେଇ ସେ ସ୍ଥାନୀୟ ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ ସୁଫଳ ପାଇ ନ ଥିଲେ। ୨୦୧୯ ଡିସେମ୍ବର ୧୮ରେ ପୁରୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପକ୍ଷରୁ ଋଣ ଟଙ୍କା ଫେରସ୍ତ ନେଇ ତାଙ୍କ ନିକଟକୁ ଏକ ନୋଟିସ ଆସିଥିଲା। ପୁଣି ୨୦୨୦ ଜାନୁୟାରୀ ୧୦ରେ ବକେୟା ରାଶି ଜମା କରିବା ଲାଗି ଏକ ନୋଟିସ ପାଇଥିଲେ। ଉକ୍ତ ବ୍ୟାଙ୍କରେ ଏହି ନମ୍ବରରେ ତାଙ୍କ ନାମ ଓ ଠିକଣାରେ ଏକ ଆକାଉଣ୍ଟ ଥିବା ଜାଣି ନ ଥିବାବେଳେ କିପରି ତାଙ୍କ ନାମରେ ଋଣ ଟଙ୍କା ଉଠିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାରେ କେଉଁମାନଙ୍କ ହାତ ରହିଛି, ତଦନ୍ତ ହେଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ଆଇନଜୀବୀ ପ୍ରସନ୍ନ ଦାଶ କହିଛନ୍ତି।

## ପିଲାଙ୍କ ବୌଦ୍ଧିକ ବିକାଶରେ ସହାୟକ ହେବ ସ୍କୁଲ

### ସାଇ ସ୍ମାର୍ଟ ସ୍କୁଲର ନୂତନ ଗୃହ ଉଦ୍‌ଘାଟିତ

**ପୁରୀ ଅଫିସ,୨୮।୨**

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ ନିକଟସ୍ଥ ସାଇସ୍ମାର୍ଟ ସ୍କୁଲର ନୂତନ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୁରୀରେ ଏପରି ଏକ ଅତ୍ୟାଧୁନିକ ସ୍କୁଲ ପିଲାମାନଙ୍କ ବୌଦ୍ଧିକ ଏବଂ ମାନସିକସ୍ତରରେ ବିକାଶ ଘଟାଇବାରେ ସହାୟକ ହେବ ବୋଲି ମୁଖ୍ୟଅତିଥି ଆଶା ପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ସୁମନ୍ତ କୁମାର କର, ନାଲ୍‌କୋର ପୂର୍ବତନ ନିର୍ଦ୍ଦେଶକ କାଶୀନାଥ ମିଶ୍ର, ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର, କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ଡାଇରେକ୍ଟର ଡ. ଭକ୍ତିଭୂଷଣ ବାରିକ, ଅଧକ୍ଷ ଡ. ଅମୀୟକାନ୍ତ ମିଶ୍ର, ସାଇ ସ୍ମାର୍ଟ ସ୍କୁଲ ସଭାପତି ଅନିମା ଦାଶ ଏବଂ ଗ୍ଲୋବାଲ କିଡ୍‌ସ ସ୍କୁଲ ଅଧକ୍ଷା ସୁଶ୍ରୀ ପ୍ରିୟଦର୍ଶିନୀ ପାଣି ପ୍ରମୁଖ ଯୋଗଦେଇଥିଲେ। ସାଇ ସ୍ମାର୍ଟ ସ୍କୁଲର ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଫାର୍ମାସୀ କଲେଜ ସମ୍ପାଦକ ଇଂ. ରୋଜା ପ୍ରିୟଦର୍ଶିଙ୍କ ଉଦ୍ୟମରେ ଏହି ସ୍ମାର୍ଟ ସ୍କୁଲ ଶିଶୁମାନଙ୍କ ଶିକ୍ଷାର ବିକାଶ ନିମନ୍ତେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ ବୋଲି ରଥ କହିଥିଲେ । ପିଲାଙ୍କ ଖେଳକୁଦ ନିମନ୍ତେ ଅନୁଷ୍ଠାନରେ ନବନିର୍ମିତ ପାର୍କକୁ ସମ୍ମାନିତ ଅତିଥି ପୁଷ୍କର ମହାପାତ୍ର ଏବଂ ସୁମନ୍ତ କୁମାର କର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ମହାପାତ୍ର ଧନ୍ୟବାଦ ଦେଇଥିବା ବେଳେ ଅଧାପିକା ସୁନୀତା ମିଶ୍ର, ଅଧାପକ ସିଦ୍ଧେଶ୍ୱର ପାଢଯୋଶୀ, ଶିକ୍ଷୟିତ୍ରୀ ଶୁଭଶ୍ରୀ ମଲ୍ଲିକ ଓ ଜେନିଫର ବାରି ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ

**ଗୋପ,୨୮।୨(ଡି.ଏନ୍.ଏ.)**

ଗୋପ ଥାନା ଅଧୀନ ବେଦପୁର ଗ୍ରାମର ପ୍ରଭାତୀ ବେହେରାଙ୍କ ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପାରିବାରିକ କଳହକୁ ନେଇ ବେଦପୁର ଗ୍ରାମର ପବନା ବେହେରାଙ୍କ ସ୍ତ୍ରୀ ପ୍ରଭାତୀ ଗୁରୁବାର ସନ୍ଧ୍ୟାରେ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଥିବା ପରିବାରଲୋକ କହିଛନ୍ତି। ଏହା ପରେ ପରିବାର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏ ନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ନେପାଳ ଯାତ୍ରୀନିବାସ ଉଚ୍ଛେଦ



ନେପାଳ ଯାତ୍ରୀନିବାସ ଭଙ୍ଗାଯାଉଛି।

**ପୁରୀ ଅଫିସ,୨୮।୨**

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଚାଲିଛି ଉଚ୍ଛେଦ ଅଭିଯାନ। ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧରେ ଥିବା ନିର୍ମାଣ ଭଙ୍ଗାଯାଉଛି। ଏହିକ୍ରମରେ ଶୁକ୍ରବାର ପଶ୍ଚିମଦ୍ୱାର ନିକଟରେ ଥିବା ନେପାଳ ଯାତ୍ରୀନିବାସ ଉଚ୍ଛେଦ କରାଯାଇଛି। ୧ ପ୍ଲାଟୁନ ପୋଲିସ ଫୋର୍ସ ଓ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହାକୁ ଉଚ୍ଛେଦ କରାଯାଇଛି। ଶନିବାର ମଧ ଏହି ଯାତ୍ରୀନିବାସର ଅଧା ଥିବା ଅଂଶ ଭଙ୍ଗାଯିବ ବୋଲି ଜଣାପଡିଛି। ଉପଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି।



କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ପୁରୀ ଜିଲାପାଳ ବଲୱନ୍ତ ସିଂ ସ୍ୱାଗତ ଜଣାଉଛନ୍ତି।

## ପୁରୀରେ ଅମିତ ଶାହା

### ଆଜି ମହାପ୍ରଭୁଙ୍କୁ ଦର୍ଶନ କରିବେ

**ପୁରୀ ଅଫିସ,୨୮।୨**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପୁରୀ ଗସ୍ତରେ ଆସିଛନ୍ତି। ଭୁବନେଶ୍ୱରରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେଇ ଶୁକ୍ରବାର ରାତି ପ୍ରାୟ ୯ଟା ୧୦ରେ ଶାହା ପୁରୀରେ ପହଞ୍ଚିଥିଲେ । ତାଙ୍କୁ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଜିଲାସ୍ତରୀୟ ଦଳୀୟ ନେତୃତ୍ୱମାନେ ଶାହାଙ୍କୁ ସ୍ୱାଗତ କରିବା ସହ ସାକ୍ଷାତ୍ କରିଥିଲେ। ହୋଟେଲ ମେ ଫେୟାରରେ ସେ ରାତ୍ରିଯାପନ କରିଛନ୍ତି। ଏଥିପାଇଁ ହୋଟେଲରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଶନିବାର ସକାଳେ ଶାହା ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହାପରେ ସେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି।

## ପ୍ରକଳ୍ପ କାର୍ଯ୍ୟ ହେଉ ନ ଥିବାରୁ ହୋହଲ୍ଲା

### ୭ମ ପଞ୍ଚାୟତ ସମିତି ବୈଠକ

**କାକଟପୁର,୨୮।୨(ଡି.ଏନ୍.ଏ.)**

କାକଟପୁର ପଞ୍ଚାୟତ ସମିତିର ୭ମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକକୁ ଆସିଥିବା କୋଟି କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ହେଉ ନ ଥିବାରୁ ବୈଠକ ଆରମ୍ଭରୁ ଲୋକପ୍ରତିନିଧିମାନେ ହୋହଲ୍ଲା କରିଥିଲେ।

ସାମୁଦ୍ରିକ ଝଡ ତିତ୍‌ଲି ଅନୁଦାନ ଅର୍ଥରେ ଅନୁମୋଦନ ଲାଭ କରିଥିବା ୨୦୬ଟି ପ୍ରକଳ୍ପ ମଧ୍ୟରୁ ୧୦୪ଟି ପ୍ରକଳ୍ପ, ଆମ ଗାଁ ଆମ ବିକାଶ ଯୋଜନାରେ ୧୬୦ଟି ପ୍ରକଳ୍ପ ମଧ୍ୟରୁ ୧୧୦ଟି ପ୍ରକଳ୍ପ କାର୍ଯ୍ୟରେ ଶୁଭାରମ୍ଭ ହୋଇ ନ ଥିବା ଜଣାପଡିଛି। ସେହିପରି ବ୍ଲକ ଅଞ୍ଚଳରେ ୧୪୮ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୪୦ଟି ପୂର୍ଣ୍ଣାଙ୍ଗ, ୨୫ଟି ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ ୯୩ଟି ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇ ନ ଥିବାରୁ ଗୃହ ନିର୍ମାଣ ହୋଇପାରୁ ନାହିଁ। ସିଏଫସି ଓ ଓଏସଏଫସି ଅନୁଦାନ ଅର୍ଥରେ ଆଶାନୁରୂପକ ଭାବେ କାର୍ଯ୍ୟ ଆଗେଇପାରୁ ନ ଥିବା ମଧ ଅଭିଯୋଗ ହୋଇଥିଲା। ବ୍ଲକରେ ଅବସ୍ଥାପିତ ଆକାଉଣ୍ଟସ ଅଫିସର ସରକାରୀ ଗାଇଡଲାଇନ ଅନୁସାରେ ବିଲ୍ ପାସ୍ ପାଇଁ କହୁଥିବା ବେଳେ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟମାନେ ପୂର୍ବରୁ ପ୍ରଚଳିତ ନିୟମ ଅନୁସାରେ ବିଲ୍ ପାସ ପାଇଁ ଅଡି ବସିଥିଲେ। ଏପରିକି ସମସ୍ତ ବିଲ ଆକାଉଣ୍ଟସ ଅଫିସରଙ୍କ ବିନା ଅନୁମୋଦନରେ ବିଡିଓ ପାସ କରନ୍ତୁ ବୋଲି ସଭ୍ୟମାନେ କହିଥିଲେ। ସେହିପରି କାକଟପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧିଙ୍କୁ ଅବଗତ କରାଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସମନ୍ୱିତ ଶିଶୁ ବିକାଶ ବିଭାଗର ସିଡିପିଓ, ସୁପରଭାଇଜରମାନେ ନିର୍ଦ୍ଦିଷ୍ଟ କେତେକ ମହିଳା ସ୍ୱୟଂ ସହାୟକା ଗୋଷ୍ଠୀକୁ ୨୨ଟି ବିଦ୍ୟାଳୟର ମଧାହ୍ନ ଭୋଜନ ଦାୟିତ୍ୱ ଦେବା ପାଇଁ ଉଦ୍ୟମ କରିବା ସହ ବତକ, କୁକୁଡା,ମାଛ ଚାଷରେ କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଯୋଗାଇ ଦେଉଥିବା କୁରୁଜଙ୍ଗ ସରପଞ୍ଚ ନିଗମାନନ୍ଦ ପରିଡା, କୁଣ୍ଢେଇ ସରପଞ୍ଚ ଶୁଭ୍ରଜିତ୍ ମଲ୍ଲ, ପାଟସୁନ୍ଦରପୁର ସରପଞ୍ଚ ପ୍ରଦୀପ୍ତ କୁମାର ଦଳାଇ, ଲତାହରଣ ସମିତି ସଭ୍ୟ ଗୋଲାମ ରସୁଲ ଖାଁ ପ୍ରମୁଖ କହିଥିଲେ। ଏହି ବୈଠକରେ କାକଟପୁର ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା ମନୋରମା ସ୍ୱାଇଁ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧରେ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ଜିଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ, ବିଡିଓ ସୁଧୀର ନାୟକ, କବିରାଜ ବିଶ୍ୱାଳ, ଜିପିଓ ଶିବଚରଣ ସେଠୀ, ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ, କନିଷ୍ଠଯନ୍ତ୍ରୀ ସୁଶାନ୍ତ ମହାପାତ୍ର, ସୁବ୍ରତ ବାରିକଙ୍କ ସମେତ ୧୬ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।




ପଞ୍ଚାୟତ ସମିତି ବୈଠକରେ ଏମ୍‌ପି ଡା. ରାଜଶ୍ରୀ ମଲିକ ଏବଂ ଅନ୍ୟମାନେ।



ନିଜର ପାପ କର୍ମ ପାଇଁ ମନୁଷ୍ୟକୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡେ।
-ମହାବୀର ଜୈନ



## ସଂକ୍ଷେପରେ

### ଜାତୀୟ ବିଜ୍ଞାନ ଦିବସ ପାଳିତ

ନିମାପଡ଼ା,୨୮।୨(ଡି.ଏନ୍.ଏ.): ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ରମାକାନ୍ତ ସ୍ୱାଇଁ, ପ୍ରତାପ ଚନ୍ଦ୍ର ସାବୁତ, ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ପ୍ରମୁଖ ଯୋଗଦେଇ ବିଜ୍ଞାନର ଉପାଦେୟତା ସମ୍ପର୍କରେ ପିଲାଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତୀ ପ୍ରତିଯୋଗୀ ଲିପ୍‌ସା ପ୍ରିୟଦର୍ଶିନୀ ସାହୁ, ଚନ୍ଦ୍ରକାନ୍ତ ବେହେରା, ସୁନୀଲ ଦାଶଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଲିଟିଲ ଷ୍ଟାର ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା ଉତ୍ସବର ସଂଯୋଜନା କରିବା ସହ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

### ଚିଲିକାରୁ ବାହୁଡ଼ିଲେ ବିଦେଶାଗତ ପକ୍ଷୀ

ବାଲୁଗାଁ, ୨୮।୨ (ଡ଼ି.ଏନ.ଏ.) : ଶୀତର ପ୍ରକୋପ ଦିନକୁଦିନ କମି ଆସୁଥିବା ବେଳେ ଚିଲିକାରୁ ବିଦେଶାଗତ ପକ୍ଷୀ ଏବେ ଘର ମୁହାଁ ହେବାରେ ଲାଗିଛନ୍ତି। ପ୍ରତ୍ୟାବର୍ତ୍ତନ ପୂର୍ବରୁ ଚିଲିକା ମଧ୍ୟସ୍ଥ ନଳବଣ ଆକାଶରେ ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ ସବୁ ଏକତ୍ରିତ ହୋଇ ପର୍ଯ୍ୟାୟକ୍ରମେ ସ୍ୱଦେଶକୁ ଫେରିବା ଆରମ୍ଭ କରିଛନ୍ତି। ପକ୍ଷୀ ସମୂହ ଚକ୍କର କାଟି ଇଂଲିଶ ଅକ୍ଷର ୟୁ ଓ ଭି ସଦୃଶ୍ୟ ଦଳ ଦଳ ହୋଇ ଫେରୟାଉଥିବା ଦୃଶ୍ୟ ଯେତିକି ମନ ମୁଗ୍ଧକର ପକ୍ଷୀ ପ୍ରେମିକଙ୍କ ପାଇଁ ସେତିକି ହୃଦୟ ବିଦାରକ ହୋଇପଡିଛି। ୨୦୧୯ ନଭେମ୍ବର ପହିଲାରୁ ଶୀତ ପଡ଼ିବା ମାତ୍ରେ ଚିଲିକାକୁ ବିଦେଶାଗତ ରଙ୍ଗବେରଙ୍ଗ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଥିଲା। ସୁଦୂର ବରଫାବୃତ ରାଷ୍ଟ୍ରାଞ୍ଚଳରେ ଶୀତ ଋତୁରେ ଅତ୍ୟଧିକ ହିମପ୍ରବାହ ହୋଇଥାଏ। ଏଥିରୁ ରକ୍ଷା ପାଇବା ସହ ଉପଯୁକ୍ତ ଖାଦ୍ୟ ଓ ନିରାପଦ ବାସସ୍ଥାନ ଅନ୍ୱେଷଣରେ ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ ସବୁ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକା ବକ୍ଷକୁ ଆଦରି ନେଇଥାଆନ୍ତି। ବର୍ଷା ଦିନେ ଜନ୍ମ ନେଇଥିବା ଗୁଳ୍ମ ଜାତୀୟ ଉଦ୍ଭିଦ ଓ ଛୋଟ ଛୋଟ ମାଛ, କଙ୍କଡ଼ା, ଜଳଚର କୀଟପତଙ୍ଗ ଆଦି ଏହି ପକ୍ଷୀଙ୍କ ପ୍ରଧାନ ଆହାର ପାଲଟିଥାଏ। ଏଥିସହ ଅଭୟାରଣ୍ୟ ନଳବଣକୁ ପକ୍ଷୀମାନେ ନିରାପଦ ବାସସ୍ଥାନ ରୂପେ ଗ୍ରହଣ କରି ନେବା ସହ ଏଠାରେ ୩ ମାସ ରହଣିକାଳ ମଧ୍ୟରେ ପକ୍ଷୀମାନେ ଅଣ୍ଡା ଦେଇ ବଂଶ ବିସ୍ତାର କରିଥାଆନ୍ତି। ପୁନର୍ବାର ଫେବୃୟାରୀ ମଧ୍ୟ ଭାଗରେ ଧରାପୃଷ୍ଠକୁ ଗ୍ରୀଷ୍ମ ଛୁଇଁବା ମାତ୍ରେ ପକ୍ଷୀ ସବୁ ଶାବକ ଛୁଆଙ୍କ ସହ ନିଜ ନିଜର ଭିଟାମାଟିକୁ ଫେରିବା ଆରମ୍ଭ କରିଥାଆନ୍ତି। ଚଳିତବର୍ଷ ଚିଲିକାରେ ମୋଟ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିଲା। ସେମାନଙ୍କ ମଧ୍ୟରୁ ୟୁରାସିଆନ୍ ୱୁଜିଅନ୍, ପିଣ୍ଟେଲ୍, ଗଡ଼ୱିଟ୍, ସୋଭଲର, ଗଡ଼ୱାଲ୍ ଆଦି ପ୍ରଜାତି ସର୍ବାଧିକ ଥିଲେ। ତାତି ବଢିବା ସଙ୍ଗେ ସଙ୍ଗେ ଗତ ଏକ ସପ୍ତାହ ମଧ୍ୟରେ ଚିଲିକାରୁ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ପର୍ଯ୍ୟାୟକ୍ରମେ ସ୍ୱଦେଶକୁ ଫେରିଯାଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡ଼ିଏଫ୍‌ଓ ଆଲୋକ ରଞ୍ଜନ ହୋତା ସୂଚନା ଦେଇଛନ୍ତି।

# ନଦୀ, ପୋଖରୀ ପାଣି ପିଉଛନ୍ତି ଲୋକେ

## ନଳକୂପରୁ ବାହାରୁଛି ଲୁଣି ପାଣି

ପୁରୀ ଅଫିସ,୨୮।୨:

ଗାଁରେ ଏକାଧିକ ନଳକୂପ ଅଛି। ଏହି ନଳକୂପଗୁଡ଼ିକରୁ ପାଣି ବି ବାହାରୁଛି। କିନ୍ତୁ ଏହି ପାଣି ପିଇବା ଯୋଗ୍ୟ ହେଉ ନାହିଁ । କାରଣ ନଳକୂପରୁ ବାହାରୁଛି ଲୁଣିପାଣି। ତେଣୁ ପିଇବା ପାଣିର ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଗାଁ ଲୋକେ ବାଧ ହୋଇ ନଦୀ ଓ ପୋଖରୀ ପାଣି ପିଉଛନ୍ତି। ଏହା କୌଣସି ଉପାନ୍ତ କି ଦୁର୍ଗମ ଅଞ୍ଚଳର କଥା ନୁହେଁ ରାଜଧାନୀଠାରୁ ମାତ୍ର ୬୦ କିମି ଦୂର ପୁରୀ ଜିଲାରେ ଦେଖିବାକୁ ମିଳିଛି ଏଭଳି ଚିତ୍ର। ଗାଁର ମହିଳାମାନେ ପୋଖରୀ, ନଦୀରୁ ପାଣି ନେଇ ତାକୁ ଫୁଟାଇ ପିଉଛନ୍ତି। ଏ ନେଇ ବାରମ୍ବାର ପ୍ରଶାସନ ଏବଂ ଜନପ୍ରତିନିଧିଙ୍କୁ ଅବଗତ କରାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରି ନାହିଁ। ଆସନ୍ତା ୧ ତାରିଖରୁ ଗାଁକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ବ୍ଲକ ପକ୍ଷରୁ ମିଳିଥିବା ଆଶ୍ୱାସନା କେବେ ବାସ୍ତବତାର ରୂପ ନେଉଛି ତାହାକୁ ଚାହିଁ ରହିଛନ୍ତି ପୁରୀ ସଦର ବ୍ଲକ ଚାଳିଶିବାଟିଆ ପଞ୍ଚାୟତ ନହଡ଼ିଆ ଗ୍ରାମବାସୀ ।

ସଦର ବ୍ଲକର ଏକ ରାଜସ୍ୱ ଗାଁ ନହଡ଼ିଆ। ଏଠାରେ ପ୍ରାୟ ୬୦ପରିବାର ରହୁଥିବାବେଳେ ଲୋକସଂଖ୍ୟା ୩୫୦ରୁ ଊର୍ଦ୍ଧ୍ୱ ହେବ। କିନ୍ତୁ ଗତ କିଛିବର୍ଷ ହେବ ପିଇବା ପାଣି ପାଇଁ ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ଗାଁରେ ଥିବା ନଳକୂପଗୁଡ଼ିକରୁ ଲୁଣିପାଣି ବାହାରୁଥିବାରୁ ଏହାକୁ ପିଇ ପାରୁନାହାନ୍ତି। ଏ ନେଇ ବିଗତ ୩/୪ ବର୍ଷ ମଧ୍ୟରେ ବହୁବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ କରାଯାଇପାରି ନାହିଁ। ମଝିରେ ମଝିରେ ସେହି ନଳକୂପରୁ ମଧୁର ପାଣି ବାହାରୁ ଥିବାରୁ ଗାଁ ଲୋକେ ଚଳାଇ ଦେଉଛନ୍ତି । କିନ୍ତୁ ପ୍ରାୟ ବର୍ଷେ ହେବ ନଳକୂପଗୁଡ଼ିକରୁ ଲୁଣିପାଣି ବାହାରୁଛି। ତେଣୁ ଗାଁର କେତେଜଣ ନିକଟସ୍ଥ ଭାର୍ଗବୀ ନଦୀର ପାଣି ଆଣି ଏହାକୁ ଘରେ ଫୁଟାଇ ପିଉଥିବା ବେଳେ ଆଉ କେତେଜଣ ଗାଁରେ ଥିବା ପୋଖରୀକୁ ହିଁ ଭରସା କରିଛନ୍ତି। କିନ୍ତୁ ଏହାକୁ ନେଇ ବିଭିନ୍ନ ସମୟରେ ଲୋକେ ଝାଡ଼ାବାନ୍ତି, ଚର୍ମ ରୋଗରେ ପଡୁଥିବା କହିଛନ୍ତି ଗ୍ରାମର ସୋମନାଥ ଜେନା। ତାଙ୍କ ସୂଚନା ମୁତାବକ, ବର୍ତ୍ତମାନ ନଳକୂପଗୁଡ଼ିକରୁ ଲୁଣିପାଣି ବାହାରୁଛି। ଗୋଟିଏ ନଳକୂପରୁ ବେଳେ ବେଳେ ମଧୁର ପାଣି ବାହାରିଥାଏ। କିନ୍ତୁ ଏହା ସବୁ ସମୟରେ ନୁହେଁ । ତେଣୁ ଗାଁର ପ୍ରାୟ ୨୫ ପ୍ରତିଶତ ଲୋକେ ଭାର୍ଗବୀ ନଦୀର ପାଣି ୭୫ ପ୍ରତିଶତ ଲୋକେ ଗାଁ ପୋଖରୀ ପାଣିକୁ ଫୁଟାଇ ପିଇବାକୁ ବାଧ ହେଉଛନ୍ତି । ଏ ନେଇ ଆରଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀଙ୍କୁ ଜଣାଇବା ସହ ସ୍ଥାନୀୟ ବିଧାୟକଙ୍କର ବି ଦୃଷ୍ଟି ଆକର୍ଷଣ କରାଯାଇଛି। ଆଗକୁ ଖରାଦିନ ଆସୁଛି। ତେଣୁ ପୋଖରୀ, ନଦୀ ବି ଧୀରେ ଧୀରେ ଶୁଖିଯିବ। ତେଣୁ ଏହି ଜଳକଷ୍ଟର କିପରି ସ୍ଥାୟୀ ସମାଧାନ ହୋଇପାରିବ ସେ ନେଇ ଗୁରୁବାର ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟକୁ ଯାଇ ଏ ବିଷୟରେ ଜଣାଇଥିଲେ। ଆସନ୍ତା ୧ ତାରିଖରୁ ଗାଁକୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ବ୍ଲକ ପକ୍ଷରୁ ଆଶ୍ୱାସନା ଦିଆଯାଇଥିବା କହିଛନ୍ତି ସୋମନାଥ । ତେବେ କେବଳ ଟ୍ୟାଙ୍କର ଯୋଗେ ଚଳିତବର୍ଷ ପାଣି ଯୋଗାଣ କରିଦେବେ ହେବ ନାହିଁ । ଏହାର ସ୍ଥାୟୀ ସମାଧାନ କରାଯିବା ଦରକାର। ନହଡ଼ିଆ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।



ମହିଳାମାନେ ପୋଖରୀରୁ ପାଣି ନେଉଛନ୍ତି ।

# ଗାନ୍ଧୀ ବିଶେଷାଙ୍କ ଲୋକାର୍ପିତ କଲେ ରାଜ୍ୟପାଳ



ଗାନ୍ଧୀ ବିଶେଷାଙ୍କକୁ ରାଜ୍ୟପାଳ ପ୍ରଫେଶର ଗଣେଶୀ ଲାଲ ଲୋକାର୍ପଣ କରୁଛନ୍ତି ।

ପୁରୀ ଅଫିସ,୨୮।୨:

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ତ୍ରୈମାସିକ ସାହିତ୍ୟ ପତ୍ରିକା ସୁଲେଖା ପକ୍ଷରୁ ଗାନ୍ଧୀ ବିଶେଷାଙ୍କ ପ୍ରସ୍ତୁତ କରାଯାଇଛି। ଓଡ଼ିଶାର ବିଭିନ୍ନ କବି ଓ ଲେଖକଙ୍କ ଲେଖାରେ ସମୃଦ୍ଧ ସୁଲେଖାର ଏହି ପ୍ରଥମ ସଂଖ୍ୟାକୁ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସର୍କିଟ ହାଉସ୍ ପରିସରରେ ଲୋକାର୍ପଣ କରିଛନ୍ତି । ସୁଲେଖାର ମୁଖ୍ୟ ସମ୍ପାଦକ ସଦାଶିବ ମିଶ୍ର, କବି ରକ୍ଷକ ନାୟକ, ସୁଲେଖା ସମ୍ପାଦନାମଣ୍ଡଳୀ ସଭ୍ୟ ଶିବସୁନ୍ଦର ମିଶ୍ର, ସୁରେଶ ପଟ୍ଟନାୟକ, ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା, କିରଣ ଜ୍ୟୋତି ସଙ୍ଗୀତ ପରିଷଦର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ସିହ୍ନା, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ଗୌରାଙ୍ଗ ପରିଡ଼ାଙ୍କ ମହାତ୍ମାଙ୍କ ମନକଥା ଏବଂ କିରଣ ଜ୍ୟୋତି ସଙ୍ଗୀତ ପରିଷଦର ମୁଖପତ୍ର ତାନପୁରାକୁ ମଧ୍ୟ ଉନ୍ମୋଚିତ କରିଥିଲେ। ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ଏଭଳି ସାରସ୍ୱତ ଶ୍ରଦ୍ଧାଞ୍ଜଳିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

# ଉଚ୍ଚ ଅଧିକାରୀଙ୍କ ଡାକଘର ପରିଦର୍ଶନ

ସାକ୍ଷୀଗୋପାଳ,୨୮।୨(ଡି.ଏନ୍.ଏ):

ନୂଆଦିଲ୍ଲୀରୁ ଆସିଥିବା ଡାକ ବିଭାଗର ଉଚ୍ଚ ଅଧିକାରୀ ଶକ୍ରବାର ସାକ୍ଷୀଗୋପାଳ ଉପ ଡାକଘର ଅଧୀନ ଡାହଣ ଗ୍ରାମୀଣ ଡାକଘର ପରିଦର୍ଶନ କରିଛନ୍ତି। ଡେପୁଟି ଡିରେକ୍ଟର ଜେନେରାଲ (ପିବିଆଇ) ମନୀଷା ସିହ୍ନାଙ୍କ ନେତୃତ୍ୱରେ ଆସିଥିବା ଏହି ଟିମରେ ପୁରୀ ଡାକ ମଣ୍ଡଳ ଅଧୀକ୍ଷକ ଆଦିତ୍ୟ ନାୟକ, ଉପ ଅଧୀକ୍ଷକ ମାନସ ପରିଡା, ପ୍ରଣବ ମିଶ୍ର ଓ ଅବିନାଶ ପାଣି ପ୍ରମୁଖ ସାମିଲ ହୋଇଥିଲେ। ପୁରୀ ଡାକମଣ୍ଡଳରେ ଡାହଣ ପୋଷ୍ଟମାଷ୍ଟର ସହଦେବ ମହାରଣା ଅଧିକ ସଂଖ୍ୟକ ଆଇପିପିବି ଖାତା ଖୋଲି ପୁରୀ ଡାକମଣ୍ଡଳ ପ୍ରତିଷ୍ଠା ଦିବସରେ ପୁରସ୍କୃତ ହୋଇଥିବା ଜାଣିବା ପରେ ପ୍ରଶଂସା କରିଥିଲେ। ଏହି ଅବସରରେ ବାଲିପଡା, ଓଲ ଏବଂ ଶୁକଳ ଡାକଘର କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



ଡାକଘର ପରିଦର୍ଶନ ଅବସରରେ ଉପସ୍ଥିତ ବିଭାଗୀୟ ଉଚ୍ଚ ଅଧିକାରୀମାନେ ।

# ଭଗ୍ନାବସ୍ଥାରେ କର୍ମଚାରୀ ଆବାସସ୍ଥଳୀ

କଣାସ ,୨୮।୨(ଡି.ଏନ.ଏ)

କଣାସ ବ୍ଲକ କଲୋନୀର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଛି। ସେଠାରେ ଥିବା କର୍ମଚାରୀ ଆବାସସ୍ଥଳିଗୁଡ଼ିକ ମରାମତି ନ ହୋଇ ଦୀର୍ଘବର୍ଷ ଧରି ଭଗ୍ନ ଅବସ୍ଥାରେ ପଡିରହିଛି। ନୂତନ ଆବାସ ଗୃହ ନିର୍ମାଣ ହେବା ପାଇଁ ଅର୍ଥ ଆସିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ ରାଜନୈତିକ ନେତୃମଣ୍ଡଳିଙ୍କ ତାଳମେଳ ରହୁ ନ ଥିବାରୁ ତାହା ଖର୍ଚ୍ଚ ହୋଇ ପାରୁ ନାହିଁ । ଆବାସଗୁଡିକ ନିର୍ମାଣ ହୋଇ ନ ଥିବାରୁ କର୍ମଚାରୀମାନେ ରହିବାକୁ ଇଚ୍ଛାପ୍ରକାଶ କରୁ ନାହାନ୍ତି। ଅଧିକାଂଶ କର୍ମଚାରୀମାନେ ବାହାରୁ ଯିବାଆସିବା କରୁଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ଜନସାଧାରଣଙ୍କର କାର୍ଯ୍ୟଗୁଡିକ ସହଜରେ ହୋଇପାରନ୍ତା। ସେପଟେ ବିଡିଓଙ୍କ କ୍ୱାର୍ଟର ସହିତ ୨ଟି ଷ୍ଟାପ କ୍ୱାର୍ଟର ପାଇଁ ୨/୩ ବର୍ଷ ହେଲା ଅର୍ଥ ଆସିଥିଲେ ମଧ୍ୟ ତାହା ଖର୍ଚ୍ଚ ହୋଇପାରୁନି। ୨ଟି ଷ୍ଟାପ କ୍ୱାର୍ଟର ପାଇଁ ୧୮ ଲକ୍ଷ ଓ ବିଡିଓଙ୍କ କ୍ୱାର୍ଟର ପାଇଁ ୧୪ ଲକ୍ଷ ସମୁଦାୟ ୩୨ ଲକ୍ଷ ଟଙ୍କା ଆସିଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରୁ ନ ଥିବା ବ୍ଲକ ସରକାରୀ ଯନ୍ତୀ ଚନ୍ଦ୍ରମଣୀ ଖଟାଇ କହିଛନ୍ତି।



ଜରାଜୀର୍ଣ୍ଣ ହୋଇପଡିଥିବା ସରକାରୀ କର୍ମଚାରୀଙ୍କ ଆବାସସ୍ଥଳୀ ।

# କଣାସରେ ବେଧଡ଼କ ଚୋରା ମଦ କାରବାର

କଣାସ,୨୮।୨(ସ୍ୱ.ପ୍ର.):

କଣାସ ବ୍ଲକରେ ଗତ କିଛିଦିନ ହେବ ବ୍ୟାପକ ଚୋରାମଦ କାରବାର ହେଉଥିବା ଜଣାପଡ଼ିଛି। ଏ ନେଇ ଗ୍ରାମବାସୀ ଅବକାରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଚୋରା ମଦକୁ ରୋକିବା ପାଇଁ କୌଣସି ପଦକ୍ଷେପ ନ ନେବାରୁ ଜନସାଧାରଣରେ ତୀବ୍ରଅସନ୍ତୋଷ ଦେଖାଦେଇଛି। ଖବର ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ କଣାସରେ ଗୋଟିଏ ସରକାରୀ ଦେଶୀ ଏବଂ ବିଦେଶୀ ମଦଦୋକାନ ଖୋଲାଯାଇଥିବାବେଳେ ବିଜିପୁର ବଜାରରେ ଗୋଟିଏ ବିଦେଶୀ ମଦଦୋକାନ, ଟୁପୁରିଙ୍ଗିରେ ଗୋଟିଏ ଦେଶୀ, ମନ୍ଦାରବସ୍ତଠାରେ ଗୋଟିଏ ସରକାରୀ ବିଦେଶୀ ମଦଦୋକାନ ଖୋଲାଯାଇଛି। ଏହି ଦୋକାନ ଅପେକ୍ଷା ଚା ଦୋକାନ, ପାନ ଦୋକାନ, ଜଳଖିଆ ଦୋକାନରେ କମ ମୂଲ୍ୟରେ ଚୋରା ମଦ କାରବାର ହେଉଛି। ଯାହାଫଳରେ ଲୋକେ ତାହାକୁ ପିଇ ବେଶି ଅସୁସ୍ଥ ହୋଇପଡୁଛନ୍ତି। ପ୍ରାୟ ସମୟରେ ଏହି ଦୋକାନଗୁଡ଼ିକରେ ନିଶାଗ୍ରସ୍ତ ବ୍ୟକ୍ତିଙ୍କ ଆଡ୍ଡା ଜମୁଥିବାରୁ ଯୁବତୀ, ମହିଳାମାନେ ଯିବାଆସିବା କରିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ଅନେକ ବିଦ୍ୟାଳୟ ମଠମନ୍ଦିର ନିକଟରେ ମାଦକ ଦ୍ରବ୍ୟ ବିକ୍ରି ହେଉଥିବାରୁ କୋମଳମତି ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁପ୍ରଭାବ ପଡୁଛି। ଏ ନେଇ ଗ୍ରାମର କେତେଜଣ ମହିଳା ଓ ପୁରୁଷ ଅବକାରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଯଥାଶୀଘ୍ର ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ଦେଉଛି।

# ‘ପୋଷ୍ଟ କାର୍ଡରେ ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ’



ମନ୍ତ୍ରୀ ପ୍ରତାପ ଜେନା ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ।

ଗୋପ,୨୮।୨(ଡି.ଏନ୍.ଏ.):

ଗୋପ ବ୍ଲକ୍ ପରିସରରେ ଗୁରୁବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଞ୍ଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ନବୀନ ସରକାର ସମୟରେ ଯେକୌଣସି ପଞ୍ଚାୟତ ବିଭାଗର ଦୁର୍ନୀତି ବିଷୟରେ ପଞ୍ଚାୟତରାଜ ବିଭାଗକୁ ପୋଷ୍ଟ କାର୍ଡ ମାଧ୍ୟମରେ ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ନିମାପଡ଼ା ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ଓ ଯୁବ ବ୍ୟାପାର ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଆଗାମୀ ମାର୍ଚ୍ଚ ୫ତାରିଖ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପୂର୍ବରୁ ଆବାସ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭତ୍ତା ବଣ୍ଟନ ଉତ୍ସବରେ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତାରେ ୧୪୩୦ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିବାବେଳେ ମଧୁବାବୁ ବିଧବା ଭତ୍ତା ୧୦୪ ଜଣଙ୍କୁ ପ୍ରଦାନ କରିଥିଲେ। ସେହିଭଳି ୪୬ଜଣ ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରାଯାଇଥିବାବେଳେ ୩୨ଜଣଙ୍କୁ ବିଧବା ଭତ୍ତା, ୭୯ ଜଣ ଅବିବାହିତା ମହିଳାଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଗୋପ ବିଡିଓ ଦୀପ୍ତିରାଣୀ ଦାସ, ସୁକାନ୍ତ ମହାନ୍ତି, ଅତିରିକ୍ତ ତହସିଲଦାର ବିବେକାନନ୍ଦ ସାହୁ, ଗୋପ ବ୍ଲକ୍ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଜିଲା ପରିଷଦ ସଭ୍ୟା ସରୋଜିନୀ ନାୟକ, ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ୟୋତ୍ସ୍ନାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ଅକ୍ଷୟ କୁମାର ନିଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୀମାରୁ ବଞ୍ଚିତ ଚାଷୀ, ରାଜରାସ୍ତାକୁ ଓହ୍ଲାଇବେ

## କୃଷ୍ଣପ୍ରସାଦ ବ୍ଲକର ୩ ପଞ୍ଚାୟତ

କୃଷ୍ଣପ୍ରସାଦ,୨୮।୨(ଡି.ଏନ.ଏ.) :

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ୨୦୧୯ ରେ ସ୍ୱାଭାବିକ ବର୍ଷାର ଅଭାବରୁ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ବୀମା କରି ମଧ୍ୟ ସହାୟତାରୁ ୩ଟି ପଞ୍ଚାୟତର ଚାଷୀ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

ବ୍ଲକକୁ ୩ ପାର୍ଶ୍ୱରୁ ଚିଲିକା ଏବଂ ଗୋଟିଏ ପାର୍ଶ୍ୱରୁ ବଙ୍ଗୋପସାଗରର ଲୁଣା ପାଣି ଘେରି ରହିଛି। ଏଠାରେ ଜଳସେଚନ ପାଇଁ କୌଣସି ସୁବିଧା ନାହିଁ। ଚାଷୀମାନେ ବର୍ଷା ଜଳକୁ ଭରସା କରି ଚାଷ କରିଥାନ୍ତି। ଚାଷ କରି ଫସଲ ପାଇବା ଆଶା ନ ଥିବା ଯୋଗୁ ପ୍ରାୟ ସମସ୍ତ ଚାଷୀ ବୀମା କରିଥାନ୍ତି। ପ୍ରତିବର୍ଷ ଭଳି ୨୦୧୯ରେ ମଧ୍ୟ ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ଘରୋଇ ଭାବେ ଋଣ କରି ଚାଷ ଏବଂ କୃଷି ବୀମା କରିଥିଲେ। ସ୍ୱାଭାବିକ ବର୍ଷା ବ୍ଲକ ଅଞ୍ଚଳରେ ନ ହେବା ଯୋଗୁ ଫସଲ ଉଜୁଡିଯାଇଥିଲା। ଏ ନେଇ ଅଭିଯୋଗ ପରେ ବୀମା ସଂସ୍ଥା ଏଚଡିଏଫସି ଏରଗୋ ବିଭାଗୀୟ କୃଷି କର୍ମଚାରୀ ଏବଂ ଚାଷୀମାନଙ୍କ ଉପସ୍ଥିତିରେ ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲା। ବ୍ଲକର କୃଷ୍ଣପ୍ରସାଦ, ବଡଅଁଳ ଏବଂ ବଜ୍ରକୋଟ ପଞ୍ଚାୟତରେ କ୍ଷତି ହୋଇଥିବା ଆକଳନ କରି ଜିଲାପାଳଙ୍କ ନିକଟକୁ ପଠାଇଥିଲେ। ତେବେ ବୀମା କମ୍ପାନୀ ଚଞ୍ଚକତା କରି ଚାଷୀମାନଙ୍କୁ ବୀମା ସହାୟତା ଦେଇ ନ ଥିଲେ। ଯାହାଦ୍ୱାରା ଚାଷୀମାନେ ଋଣ ଭାରରେ ବୁଡିଛନ୍ତି। ଚାଷୀଙ୍କ ସାମନାରେ ଫସଲ କ୍ଷତି ହୋଇଥିବା ଆକଳନ କରାଯାଇଥିଲା। ହେଲେ ପରେ କିଭଳି ୩ ପଞ୍ଚାୟତ ଜମିରେ ଉତ୍ତମ ଫସଲ ହୋଇଥିବା ରିପୋର୍ଟ ଦିଆଯାଇ ବୀମା ସହାୟତାରୁ ଚାଷୀଙ୍କୁ ବଞ୍ଚିତ କରାଯାଇଛି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବୀମା ସହାୟତାରୁ ବଞ୍ଚିତ ହୋଇଥିବା ଚାଷୀମାନେ ଏକତ୍ରିତ ହୋଇ ଏକ ଆନ୍ଦୋଳନ ଆରମ୍ଭ କରିଥିବା ଜଣାଯାଇଛି। ଚଳିତମାସ ୨୦ ତାରିଖରେ ଚାଷୀମାନଙ୍କର ଏକ ମହାସମାବେଶ ହୋଇ କୃଷ୍ଣପ୍ରସାଦ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଜିଲାପାଳଙ୍କ ନିକଟକୁ ମଧ୍ୟ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ କରିବାକୁ ୮ ଦିନ ବିତିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି। ଚାଷୀ ଋଣ କରି ବୀମା ଟଙ୍କା ପଇଠ କରିଥିଲେ। ଫସଲ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ବୀମା କମ୍ପାନୀରୁ କୌଣସି କ୍ଷତିପୂରଣ ମିଳିପାରିଲାନାହିଁ। ବୀମା କ୍ଷତି ପୂରଣ ଅର୍ଥ ପାଇବା ହକ୍ ଦାବି କରି ଚାଷୀ ଆନ୍ଦୋଳନ କୁହୁଳିବାରେ ଲାଗିଛି। ସରକାର ଯଦି ଚାଷୀମାନଙ୍କୁ ଫସଲ କ୍ଷତିପୂରଣ ଦେବାରେ ସହାୟକ ନ ହୁଅନ୍ତି ତେବେ ଖୁବ୍‌ଶୀଘ୍ର ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କୃଷ୍ଣପ୍ରସାଦ ସେବା ସମବାୟ ସମିତିର ପୂର୍ବତନ ସଭାପତି ରାମଚନ୍ଦ୍ର ସେଠୀ, କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, କ୍ଷେତ୍ରବାସୀ ପଲେଇ, ରାଜ କିଶୋର ପ୍ରଧାନ, ହରମୋହନ ମାନସିଂହ, ଅଶୋକ କୁମାର ବେହେରା, ଜଗତେଶ୍ୱର ପ୍ରଧାନ, ଲକ୍ଷ୍ମୀକାନ୍ତ ସିଂହ, ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି। ବ୍ଲକ ସହକାରୀ କୃଷି ଅଧିକାରୀ ରବୀନ୍ଦ୍ର କୁମାର ମହାପାତ୍ର କହିଛନ୍ତିବୀମା କମ୍ପାନୀ ୩ ପଞ୍ଚାୟତର ଜମିରେ ପଶି କ୍ଷତି ପୂରଣ ଅଟକଳ କରିଥିଲା। ଉକ୍ତ ଅଟକଳକୁ ଜିଲାପାଳଙ୍କ ନିକଟକୁ ପଠାଯାଇଥିଲା। ତେବେ ଚାଷୀମାନଙ୍କୁ କେଉଁ ନୀତି ନିୟମରେ ଦିଆଯିବ ଏବଂ କଟାଯିବ ସେ ନିଷ୍ପତ୍ତି ଜିଲାପାଳ ନେଇଥାନ୍ତି।

# ଶାହାଙ୍କ ଓଡ଼ିଶା ଗସ୍ତକୁ ଜିଲା କଂଗ୍ରେସର ବିରୋଧ

ପୁରୀ ଅଫିସ,୨୮।୨:

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତକୁ ପୁରୀ ଜିଲା କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ଶୁକ୍ରବାର ଟାଉନ ହଲ୍ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଶାହାଙ୍କ ବିରୋଧରେ ନାରାବାଜି ଦିଆଯିବା ସହ ତାଙ୍କ ଫଟୋଚିତ୍ରକୁ ପୋଡ଼ାଯାଇଥିଲା। ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ନେଇ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହେଉଛି। ଦିଲ୍ଲୀରେ ସ୍ଥିତି ବର୍ତ୍ତମାନ ସଙ୍ଗିନ ହୋଇପଡିଛି। ଦିଲ୍ଲୀ ପୋଲିସର ନିଷ୍କ୍ରିୟତା, କେନ୍ଦ୍ର ସରକାରଙ୍କ ଅପରିପକ୍ୱତା ଯୋଗୁ ଗୋଇନ୍ଦା ବିଫଳତା କାରଣରୁ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ୨୦୦୨ରେ ଶାହା ଗୁଜରାଟର ମନ୍ତ୍ରୀ ଥିବାବେଳେ ରାଜ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ଘଟି ପ୍ରାୟ ୨ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଶାହା କେନ୍ଦ୍ର ଗୃହମନ୍ତ୍ରୀ ଅଛନ୍ତି। ମାତ୍ର ଦିଲ୍ଲୀ ହିଂସାକାଣ୍ଡରେ ପୋଲିସ ଏକପ୍ରକାର ନୀରବଦ୍ରଷ୍ଟା ସାଜିଛି। ଫଳରେ ଦିଲ୍ଲୀ ଆଜି ଅଶାନ୍ତ ହୋଇପଡ଼ିଛି। ଅନେକ ଲୋକଙ୍କ ଜୀବନ ଯାଇଥିବାବେଳେ ବ୍ୟାପକ ମାତ୍ରାରେ ଧନହାନି ଘଟିଛି। ଗୋଟିଏପଟେ ସିଏଏକୁ ନେଇ ଦିଲ୍ଲୀରେ ହିଂସାକାଣ୍ଡ ଥମୁ ନ ଥିବାବେଳେ ଅନ୍ୟପଟେ ସିଏଏର ଆବଶ୍ୟକତା ବୁଝାଇବା ପାଇଁ ଶାହା ଓଡ଼ିଶା ଆସୁଥିବାରୁ ଜିଲା କଂଗ୍ରେସ ବିରୋଧ କରୁଛି। ଦିଲ୍ଲୀର ଏହି ସ୍ଥିତି ପାଇଁ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ କଂଗ୍ରେସ ଦାୟୀ କରି ତାଙ୍କର ଇସ୍ତଫା ଦାବି କରିବା ସହ ଶାହାଙ୍କ ଫଟୋଚିତ୍ର ଦାହ କରିଥିଲା। ଜିଲା କଂଗ୍ରେସ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ବିଶ୍ୱନାଥ ଦାଶ, ଜୟନାରାୟଣ ପଟ୍ଟନାୟକ, ସ୍ୱାଧୀନ ପଣ୍ଡା, ଆଶୁତୋଷ ମିଶ୍ର, କାହ୍ନୁଚରଣ ପ୍ରଧାନ, ଲାଲାଟେନ୍ଦୁ ଦାଶ, ସ୍ମୃତିରଞ୍ଜନ ପତି, କାଳୀଚରଣ ନାୟକ, ସୁକାନ୍ତ ପ୍ରଧାନ, ଉମାପଦ ମିଶ୍ର, ଆରତି ସାହୁ, ଅମରେନ୍ଦ୍ର ପାଇକରାୟ, ରଜତ ସାହୁ, ସେକ୍ ଅଇନୁଲ ହକ୍ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଇସ୍ତଫା ଦାବି କରି ଫଟୋ ପୋଡ଼ାଗଲା